# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, July 5/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 220 | ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
KP GROUP
Quality Since 1965
पान मसाला
Anokha Swad
Watch at: f YouTube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ | Bhubaneswar, Wednesday, July 5/2023 | ପୃଷ୍ଠା-୧



## ଦୀପ୍ ଗ୍ରେସ୍ ଉପ ଅଧିନାୟିକା

ୟୁରୋପ ଗସ୍ତ ପାଇଁ ୨୦ ଜଣିଆ ମହିଳା ହକି ଦଳ ଉପ-ଅଧିନାୟିକା ଭାବେ ମନୋନୀତ ହୋଇଛନ୍ତି ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା।

୧୪

୧୧

## ପ୍ରଥମ ଥର ପାଇଁ ଭୋଗ୍‌ରେ ରେଖା

ଆମେରିକାର ମାସିକ ଫ୍ୟାଶନ ଏବଂ ଜୀବନଶୈଳୀ ପତ୍ରିକା ଭୋଗ୍‌ର କଭରପେଜ୍‌ରେ ଭେଟେରାନ ଅଭିନେତ୍ରୀ ରେଖା ପ୍ରଥମ ଥର ପାଇଁ ସ୍ଥାନ ପାଇଛନ୍ତି।



# ଗ୍ରାମାଞ୍ଚଳରେ ବେକାରି ହାର ବୃଦ୍ଧି

## ଜୁନ୍‌ରେ ୮.୭୩%, ୨ ବର୍ଷରେ ସର୍ବାଧିକ

**ଗତ ମାର୍ଚ୍ଚଠାରୁ ଭାରତରେ ବେକାରି ହାର ୮%ରୁ ଅଧିକ ରହିଛି। ଜୁନ୍‌ରେ ମଧ୍ୟ ଏହି ଧାରା ଦେଖିବାକୁ ମିଳିଥିବାବେଳେ ଗ୍ରାମାଞ୍ଚଳରେ ବେରୋଜଗାରି ଗତ ୨ ବର୍ଷରେ ସର୍ବାଧିକ ସ୍ତରକୁ ଉଠିଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ)ର ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ଶେଷ ସୁଦ୍ଧା ୧୦ ଲକ୍ଷ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇଥିବାବେଳେ ମଝିରେ କିଛି କିଛି ନିଯୁକ୍ତିପତ୍ର ବାଣ୍ଟି ଦେଶବିଦେଶରେ ନିଜ ସରକାରର ପିଠି ଥାପୁଡ଼ାଉଛନ୍ତି। ଏଭଳି ସମୟରେ ପସିଲି ଥିଙ୍କ୍‌ଟ୍ୟାଙ୍କ୍ ସିଆଇଏମ୍‌ଇର ରିପୋର୍ଟ ଦର୍ଶାଉଛି ଯେ, ମୋଦି ସରକାର ନିଯୁକ୍ତିକୁ ନେଇ କହୁଛନ୍ତି ବେଶି, କରୁଛନ୍ତି କମ୍।**

ନୂଆଦିଲ୍ଲୀ,୪।୭ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୯ ମାସ ପରେ ଦେଶରେ ବହୁପ୍ରତୀକ୍ଷିତ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀମାନେ ବୁଲି ବୁଲି ମୋଦି ସରକାରଙ୍କ ୯ ବର୍ଷ ଶାସନର ସଫଳତା ବଖାଣୁଛନ୍ତି। ୟଙ୍ଗ୍ ଇଣ୍ଡିଆ (ଯୁବ ଭାରତ) ବର୍ତ୍ତମାନ ବିଶ୍ୱର ଦ୍ରୁତତମ ଅର୍ଥନୀତି ଏବଂ ଖୁବ୍‌ଶୀଘ୍ର ଏହା ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଯାଇ ଭାଷଣ ଦେଉଛନ୍ତି। କିନ୍ତୁ ଦେଶର ଏହି ତଥାକଥିତ ଅଭିବୃଦ୍ଧି ବେକାରି ସମସ୍ୟାର ସମାଧାନ ବାଟ ଫିଟାଇପାରି ନାହିଁ। ନୀତି ପ୍ରଣୟନକାରୀଙ୍କ ଦୂରଦୃଷ୍ଟିହୀନତା ଯୋଗୁ ସହରାଞ୍ଚଳର ପାଠୁଆ ଆଶାୟୀଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ବ୍ଲକ୍ ଅଫିସ୍‌ଠୁ ନେଇ ସେନା ପର୍ଯ୍ୟନ୍ତ ଅନେକ ଲକ୍ଷ ପଦବୀ ଖାଲି ପଡ଼ିଛି। ସେଗୁଡ଼ିକୁ ପୂରଣ କରିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଗ୍ରାମାଞ୍ଚଳର ଶ୍ରମିକମାନେ ମଧ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଏ) ଅଧୀନରେ ଗ୍ୟାରେଣ୍ଟି ମୁତାବକ ୧୦୦ ଦିନ କାମ ପାଉନାହାନ୍ତି। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ଅମଳରେ କରାଯାଇଥିବା ଏହି ଯୋଜନା ପାଇଁ ମୋଦି ସରକାର ବଜେଟରେ ଅର୍ଥ ଆବଣ୍ଟନ ଲଗାତର ଭାବେ ହ୍ରାସ କରିଚାଲିଥିବାରୁ ଏପରି ଅବସ୍ଥା ହୋଇଥିବା କୁହାଯାଉଛି। ଦେଶରେ ଅନେକ କୋଟି ଯୁବ ଆଶାୟୀ ନିଯୁକ୍ତି ନ ପାଇ ହତାଶ ହେବା ପରେ ଚାକିରି ଖୋଜିବା ଛାଡ଼ିଦେଲେଣି। ବିଭିନ୍ନ ରାଜ୍ୟର ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକମାନେ ବିଦେଶକୁ ଯାଇ ମୂଳ ଲାଗୁଛନ୍ତି। ଦଲାଲ ଓ ଶ୍ରମିକ ଚାଲାଣ ରାକେଟ୍ ହାବୁଡ଼ରେ ପଡ଼ି ଖର୍ଚ୍ଚାନ୍ତ ଓ ହଇରାଣ ମଧ୍ୟ ହେଉଛନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ଚଳିତବର୍ଷ ଦେଶର ବେରୋଜଗାରି ହାର ତୃତୀୟ ଥର ପାଇଁ ୮%ରୁ ଉପରକୁ ଉଠିଛି। ମେ'ରେ ବେରୋଜଗାରି ୭.୬୮% ଥିବାବେଳେ ଜୁନ୍‌ରେ ଏହା ୮.୪୫%କୁ ଛୁଇଁଛି। ଏହି ଅବଧି ମଧ୍ୟରେ ସହରାଞ୍ଚଳରେ ବେକାରି ହାର ୭.୮୭% ଥିବାବେଳେ ଗ୍ରାମାଞ୍ଚଳରେ ୨ ବର୍ଷର ରେକର୍ଡ ଭାଙ୍ଗି ୮.୭୩%କୁ ଉଠିଛି। ସାଧାରଣତଃ ଜୁନ୍‌ରେ ଚାଷକାର୍ଯ୍ୟ ଆରମ୍ଭ ହେଉଥିବାରୁ କୃଷି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାସ। କାରଣ ଗ୍ରାମାଞ୍ଚଳର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି। ମେ'ରେ ଅମଳ ଶେଷ ହେବା ପରେ ଜୁନ୍‌ରେ ଗାଁଗୁଡ଼ିକରେ ବେରୋଜଗାରି ବଢ଼ିଥାଏ। ଜୁଲାଇରେ ମୌସୁମୀ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇ ଭଲ ବୃଷ୍ଟିପାତ ହେଲେ ନୂଆ ବିହନ ବୁଣା ଆଗକୁ ବଢ଼ିଥାଏ। କିନ୍ତୁ ଏଥର ମୌସୁମୀ ବି ଧୋକା ଦେଲାଣି। ସ୍ୱଳ୍ପବୃଷ୍ଟି ଓ ଅନାବୃଷ୍ଟି ଦେଶର ବିଭିନ୍ନ ଭାଗରେ ମରୁଡ଼ି ସ୍ଥିତି ଉପୁଜାଇଲାଣି। ଏହା ଉଭୟ କୃଷି ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଭାରତର ଦୁଇ-ତୃତୀୟାଂଶ ଜନସଂଖ୍ୟା ବସବାସ କରୁଥିବା ଗ୍ରାମାଞ୍ଚଳର ଦୁର୍ବଳ ଶ୍ରମ ☞ପୃଷ୍ଠା-୨

## ରେଳ ସୁରକ୍ଷାରେ ସାଲିସ କରିଛି କେନ୍ଦ୍ର

### ବାଲେଶ୍ୱର ଦୁର୍ଘଟଣାର ସିଆର୍‌ଏସ୍ ରିପୋର୍ଟ ଉପରେ କଂଗ୍ରେସର ଅଭିଯୋଗ

**ନୂଆଦିଲ୍ଲୀ, ୪।୭(ପି.ଟି.):** ମନୁଷ୍ୟକୃତ ତ୍ରୁଟି ଯୋଗୁ ବାଲେଶ୍ୱରର ବାହାନଗାରେ ଟ୍ରେନ୍ ଦୁର୍ଘଟଣା ଘଟିଥିବା ନେଇ ରେଲ୍‌ୱେ ସୁରକ୍ଷା କମିଶନର (ସିଆର୍‌ଏସ୍) ରିପୋର୍ଟ ଦେବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ନରେନ୍ଦ୍ର ମୋଦି ସରକାର ରେଲ୍‌ୱେ ସୁରକ୍ଷାର ମୌଳିକ ପ୍ରସଙ୍ଗ ସହ ସାଲିସ କରିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହାର ମୂଳରେ ପରିଚାଳନା ଏବଂ ରାଜନୈତିକ ନେତୃତ୍ୱର ବିଫଳତା ବୋଲି କଂଗ୍ରେସ କହିଛି। ବାଲେଶ୍ୱର ଦୁର୍ଘଟଣାର ମୁଖ୍ୟ କାରଣ ଭୁଲ୍ ସିଗ୍‌ନାଲିଂ ବୋଲି ଉଚ୍ଚସ୍ତରୀୟ ତଦନ୍ତରୁ ଜଣାପଡ଼ିଛି। ସିଗ୍‌ନାଲିଂ ଓ ଟେଲିକମ୍ୟୁନିକେଶନ ବିଭାଗର ବିଭିନ୍ନ ସ୍ତରରେ ତ୍ରୁଟି ରହିଥିଲା। ଯଦି ପୂର୍ବରୁ ରେଡ୍ ଫ୍ଲାଗ ଦେଖାଯାଇଥାନ୍ତା, ତେବେ ଦୁର୍ଘଟଣାକୁ ଏଡ଼ାଇଦିଆଯାଇ ପାରିଥାନ୍ତା ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି କେନ୍ଦ୍ର ଯାତ୍ରୀ ସୁରକ୍ଷା ଅପେକ୍ଷା ଜନସମ୍ପର୍କକୁ ଅଧିକ ପ୍ରାଥମିକତା ଦେଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ' ବ୍ରାଏନ୍ କହିଛନ୍ତି। ଦେଶର ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ 'ଭ୍ରାମ୍ୟମାଣ ଶବାଗାର'ରେ ପରିଣତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ବିରୋଧୀ ଦଳ ପାର୍ଲାମେଣ୍ଟରେ ଏକାଧିକ ପ୍ରସଙ୍ଗ ଉଠାଇବା ସହ ଗଠନମୂଳକ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯାତ୍ରୀ ସୁରକ୍ଷା ଅପେକ୍ଷା ଜନସମ୍ପର୍କକୁ ପ୍ରାଥମିକତା ଦିଆଯାଉଥିବାରୁ ତାହାକୁ କେହି ଶୁଣି ନ ଥିଲେ ବୋଲି ଟିଏମ୍‌ସି ନେତା କହିଛନ୍ତି।






ଶିଖରଚଣ୍ଡୀରେ ଗଛକଟାର ପୂର୍ବ ଏବଂ ପରର ଦୃଶ୍ୟ।

# ବିନା ଅନୁମତିରେ ଗଛ କାଟିଛି ୱାଟ୍‌କୋ

## ଶିଖରଚଣ୍ଡୀ ଜଳ ପ୍ରକଳ୍ପ ବିବାଦ: ଏନ୍‌ଜିଟିରେ ରିପୋର୍ଟ ଦାଖଲକଲା ଯାଞ୍ଚ କମିଟି

- ୩ ଏକର ବଦଳରେ ଇଡ୍‌କୋ ଦେଇଛି ୪ ଏକର
- ସାଢ଼େ ୭ଏକର ଜଙ୍ଗଲ ଜମି ନଷ୍ଟ ହୋଇଛି
- ଏନ୍‌ଜିଟିରେ ଆଜି ଶୁଣାଣି

ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ରେ ଗଛକାଟି ପ୍ରକଳ୍ପ ନିର୍ମାଣ ମାମଲାରେ ମଙ୍ଗଳବାର ଯାଞ୍ଚ କମିଟି ପକ୍ଷରୁ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରାଯାଇଛି। ପାହାଡ଼ ଉପରେ ହୋଇଥିବା ଗଛକଟା ପାଇଁ ଡିଏଫ୍‌ଓଙ୍କଠାରୁ କୌଣସି ଅନୁମତି ନିଆଯାଇ ନ ଥିବା ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଏଥିସହ ସମ୍ପୃକ୍ତ ପାଣିଟାଙ୍କି ନିର୍ମାଣ ପାଇଁ ୩ ଏକର ଜମି ଆବଶ୍ୟକ ଥିବାବେଳେ ଇଡ୍‌କୋ ପକ୍ଷରୁ ୱାଟ୍‌କୋକୁ ୪ ଏକର ଜମି ପ୍ରଦାନ କରାଯାଇଛି। ପ୍ରକଳ୍ପ ପାଇଁ ୩ ଏକର ଓ ଆଉ ଗୋଟିଏ ଏକରକୁ ବନୀକରଣ ପାଇଁ ଦିଆଯାଇଛି। କିନ୍ତୁ ୱାଟ୍‌କୋ ଏହି ୪ ଏକର ବାଦ୍ ଆଉ ସାଢ଼େ ୩ ଏକର ଅର୍ଥାତ୍ ମୋଟ୍ ସାଢ଼େ ୭ଏକର ଜମିରେ ଥିବା ଜଙ୍ଗଲକୁ କାଟି ପଦା କରିଦେଇଛି। ତେବେ ୩ ଏକର ଜମିରେ ପାଣି ଟାଙ୍କି ନିର୍ମାଣ ପ୍ରକଳ୍ପକୁ ଅନୁମତି ଦିଆଯିବା ସହ ବାକି ୧ ଏକର ଜମିରେ ପୁନଃ ବନୀକରଣ କରିବା ପାଇଁ କମିଟି ପକ୍ଷରୁ ରିପୋର୍ଟରେ ସୁପାରିସ କରାଯାଇଥିବା ଜଣାପଡ଼ିଛି। ବୁଧବାର ଏନ୍‌ଜିଟି ପକ୍ଷରୁ ଶୁଣାଣି ହେବାକୁ ଥିବାବେଳେ ପ୍ରଥମେ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଓ ଏବେ ତଦନ୍ତକାରୀ କମିଟି ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଛି। ଆଗକୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିବ କି ନାହିଁ ଏବଂ ବିନା ଅନୁମତିରେ ଗଛ କଟା ହୋଇଥିବାରୁ ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ହେବ କି ନାହିଁ ତାହା ଶୁଣାଣି ସମୟରେ ଜଣାପଡ଼ିବ।

ତେବେ ଘଟଣା ସମ୍ପର୍କରେ ଚନ୍ଦକା ଏସିଏଫ୍ ଶରତ ମିଶ୍ର କହିଛନ୍ତି, ପାଣିଟାଙ୍କି ନିର୍ମାଣ ପାଇଁ ଶିଖରଚଣ୍ଡୀ ପାହାଡ଼ରୁ ଡିଏଫ୍‌ଓଙ୍କ ବିନା ଅନୁମତିରେ ଗଛକଟା ହୋଇଛି। ଅନୁମତି ନେଇ ନ ଥିବାରୁ କେତେ ପରିମାଣର କେଉଁ କେଉଁ ଗଛ ସେଠାରୁ କଟାଯାଇଛି ତାହାର ସୂଚନା ଏବେସୁଦ୍ଧା ଆମ ପାଖରେ ନାହିଁ। ଏନ୍‌ଜିଟି ନିର୍ଦ୍ଦେଶ ଦେବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିଏଫ୍ ମିଶ୍ର କହିଛନ୍ତି। ସେହିପରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତିର ସଚିନ ମହାପାତ୍ର କହିଛନ୍ତି, ଶିଖରଚଣ୍ଡୀ ପାହାଡ଼ ପାଇକମାନଙ୍କର ସ୍ମୃତିପୀଠ। ମାତ୍ର ଉନ୍ନତି ନାମରେ ଏହାକୁ ନଷ୍ଟ କରାଯାଉଛି। ଶିଖରଚଣ୍ଡୀ ମା'ଙ୍କ ନାମରେ ଥିବା ୨୧୨ଏକର ଏବେ ଇଡ୍‌କୋ ନାମରେ ରହିଛି। ☞ପୃଷ୍ଠା-୨

## ଆମେରିକାରେ ଶୁଟିଂବେଳେ ଶାହରୁଖ ଆହତ



**ୱାଶିଂଟନ,୪।୭:** ନିକଟରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କର ଲସ୍‌ଆଞ୍ଜେଲ୍ସରେ ଏକ ଅସ୍ତ୍ରୋପଚାର ହୋଇଛି। ଅପ୍‌କମିଂ ଫିଲ୍ମ 'ଯବାନ'ର ଶୁଟିଂ ସମୟରେ ଏକ ଦୁର୍ଘଟଣା ଘଟିବାରୁ ତାଙ୍କ ନାକରେ ଆଘାତ ଲାଗିଥିଲା। ରକ୍ତସ୍ରାବ ହେବା କାରଣରୁ ସେଠାରେ ଶାହରୁଖଙ୍କ ଏକ ମାଇନର ଅପରେଶନ୍ କରିବାକୁ ପଡ଼ିଥିଲା ବୋଲି କୁହାଯାଉଛି। ତେବେ ଶାହରୁଖ ଏବେ ଘରେ ବିଶ୍ରାମ କରୁଛନ୍ତି। ନିକଟରେ ସେ ଦର୍ଶକଙ୍କୁ ସୁପରହିଟ୍ ଫିଲ୍ମ 'ପଠାନ୍' ଭେଟି ଦେବା ପରେ ଚଳିତ ବର୍ଷ ତାଙ୍କ ଅଭିନୀତ ଆଉ ଦୁଇଟି ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି।

**ଆଜିର ସମ୍ପାଦକୀୟ**

ଉପେକ୍ଷିତ ସେନା

# ୨ ମେଡିକାଲ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ

## ଭିମ୍‌ସାରରେ ୟୁଫୋରିଆ କାର୍ଯ୍ୟକ୍ରମ

ସମ୍ବଲପୁର/ ବ୍ରହ୍ମପୁର, ୪।୭ (ଶୁଭାଶିଷ ପାଢ଼ୀ/ ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତବର୍ଷ ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ ଆନ୍ତଃ ମେଡିକାଲ କଲେଜ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ (ୟୁଫୋରିଆ) ଆୟୋଜିତ ହେଉଥିବା ବେଳେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବୁର୍ଲା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏମ୍‌କେସିଜି ମେଡିକାଲ କଲେଜ ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରାଯାଇଛି। ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଭିଡିଓ ଭାଇରାଲ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବୁର୍ଲା ମେଡିକାଲ କଲେଜ ଛାତ୍ରମାନେ ବସ୍‌ର କାଚ ବନ୍ଦ କରି ଭିତରକୁ ଫାୟାର ଏକ୍ସଟିଙ୍ଗୁଇସର ଗ୍ୟାସ୍ ଛାଡିଦେବାରୁ ୯ଜଣ ଏମ୍‌କେସିଜି ଛାତ୍ର ଅସୁସ୍ଥ ହୋଇଥିବା ବେଳେ ଏମ୍‌ବିବିଏସ୍ ୨ୟ ବର୍ଷ ଛାତ୍ର ଏମ୍ ଶୁଭାଶିଷ ଗୁରୁତର ହୋଇ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଏହି ଘଟଣାକୁ ନେଇ ଏମ୍‌କେସିଜି ଓ ବୁର୍ଲା ମେଡିକାଲ କଲେଜ ବିଦ୍ୟାର୍ଥୀଙ୍କ ଭିତରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।

ପ୍ରତିବର୍ଷ 'ୟୁଫୋରିଆ' ଅନୁଷ୍ଠିତ ହୋଇଥାଏ। ଭିନ୍ନ ଭିନ୍ନ କଲେଜ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥାନ୍ତି। ଗତବର୍ଷ ବ୍ରହ୍ମପୁର ମେଡିକାଲ କଲେଜରେ 'ୟୁଫୋରିଆ' ଆୟୋଜିତ ହୋଇଥିଲା। ଚଳିତବର୍ଷ ଭିମ୍‌ସାରରେ ଏହାର ଆୟୋଜନ ହୋଇଥିଲା ବେଳେ ପ୍ରଥମେ ଆଥଲେଟ୍ ମିଟ୍ ଥିବାରୁ ଏମ୍‌କେସିଜିରୁ ପ୍ରାୟ ୧୫୦ ଛାତ୍ରୀଛାତ୍ର ଯୋଗଦେବାକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଏମ୍‌କେସିଜି ବିଦ୍ୟାର୍ଥୀମାନେ ବୁର୍ଲାରେ ପହଞ୍ଚିଥିଲେ। ଗୋଟିଏ ବସ୍‌ରେ ୪୪ଜଣ ପୁଅ ଓ ୬ଜଣ ଝିଅ ଥିଲେ। ବସ୍ ସେଠାରେ ପହଞ୍ଚିବା ପରେ ବୁର୍ଲା ଛାତ୍ରୀଛାତ୍ରମାନେ ପଥର ଫିଙ୍ଗି ସ୍ୱାଗତ କରିଥିଲେ। ପରେ ବସ୍‌ର ସବୁ ଡୋର ବନ୍ଦ କରିଦେଇଥିଲେ ଏବଂ କିଛି ଛାତ୍ର ବସ୍ ☞ପୃଷ୍ଠା-୨

# ୧୮ ଜିଲାରେ ନିଅଣ୍ଟିଆ ବର୍ଷା

## ୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୪।୭(ଅନିଲ ଦାସ)

ରାଜ୍ୟରେ ବର୍ଷାଭାବ ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ବଢ଼ିଗଲାଣି। ଜୁନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ସାଙ୍ଗକୁ ୧୧ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୨୨ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ପ୍ରବେଶ କରିଥିଲା। ଦୁଇ ତିନି ଦିନ ପରେ ମୌସୁମୀଜନିତ ବର୍ଷା ଏକପ୍ରକାର ବନ୍ଦ ହୋଇଯାଇଛି। ମୌସୁମୀ ଦୁର୍ବଳ ରହିବା ସାଙ୍ଗକୁ ଲଘୁଚାପ ନ ଥିବାରୁ ବର୍ଷା ପରିମାଣ ବହୁମାତ୍ରାରେ ହ୍ରାସପାଇଛି। ଏପରି କି ରାଜ୍ୟର ୩ ଜିଲା ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ସ୍ଥିତି ସଙ୍ଗିନ ରହିଥିବା ବେଳେ ୧୮ ଜିଲାରେ ଭୟଙ୍କର ବର୍ଷାଭାବ ଦେଖାଦେଇଛି।

ମୌସୁମୀ ବାୟୁ ଦୁର୍ବଳ ଥିବାରୁ ବର୍ଷା ପରିମାଣ ହ୍ରାସ ପାଇଛି। ଜୁନ୍ ପହିଲାରୁ ଜୁଲାଇ ୪ ତାରିଖ ମଧ୍ୟରେ ରାଜ୍ୟରେ ୩୧ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୨୪୭.୪ ମିଲିମିଟର ବର୍ଷା ହେବା ସ୍ଥାନରେ ହୋଇଛି ୧୭୧.୭ ମିଲିମିଟର। ସେହିପରି ରାଜ୍ୟରେ ☞ପୃଷ୍ଠା-୨

# ଚବ୍ରି ନଦୀରେ ପଶି ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର

ଦଶମନ୍ତପୁର,୪।୭(ଅରବିନ୍ଦ ନାୟକ)

କୋରାପୁଟ ଜିଲାରେ ଏପରି କେତେକ ଗ୍ରାମ ରହିଛି ଯେଉଁଠିକୁ ଏଯାଏ ପ୍ରଶାସନ ପହଞ୍ଚିପାରିନାହିଁ। ନଦୀନାଳ, ବଣଜଙ୍ଗଲ ଓ ପାହାଡ଼ ଘେରା ପରିବେଶରେ ଥିବା ଗ୍ରାମଗୁଡ଼ିକୁ ଏଯାଏ ଗ୍ରାମବାସୀଙ୍କ ପାଇଁ ପ୍ରଶାସନ ରାସ୍ତାଟିଏ କରିପାରିନାହିଁ। ଖରା ଓ ଶୀତଦିନେ ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନଦୀରେ କମ୍ ପାଣି ଥିବାରୁ ଚଲିଯାଉଥିବା ବେଳେ ବର୍ଷା ଦିନେ ସେମାନଙ୍କ ପାଇଁ ଚଲିବା କଷ୍ଟକର ହେଉଛି। ବିଶେଷକରି ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ନଦୀପାର ହୋଇ ବିଦ୍ୟାଳୟକୁ ପାଠପଢ଼ି ଯାଉଥିବା ଦେଖିବାକୁ ମିଳେ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ।



ଛାତ୍ରୀଛାତ୍ରମାନେ ନଦୀ ଭିତରେ ପଶି ବିଦ୍ୟାଳୟକୁ ଯାଉଛନ୍ତି।

ବ୍ଲକରେ ପ୍ରବାହିତ ଚବ୍ରି ନଦୀ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ବିକାଶରେ ବାଧକ ସାଜିଛି।

୧୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଦଶମନ୍ତପୁର ବ୍ଲକ ଏ.ମାଲକାନଗିରି ପଞ୍ଚାୟତର ରାଉତପୁଟ ଗ୍ରାମର ଚବ୍ରି ନଦୀ ପାଇଁ ହୋଇପାରୁନାହିଁ କୌଣସି ଉନ୍ନତି। ୯ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମକୁ ରାସ୍ତାଟିଏ ନାହିଁ। ପ୍ରବାହିତ ଚବ୍ରି ନଦୀ ଉପରେ ଭରସାକରି ଚଳନ୍ତି ଗ୍ରାମବାସୀ। ବର୍ଷସାରା ନଦୀ ପାରହୋଇ ଯାତାୟାତ କରନ୍ତି। ବର୍ଷା ୪ମାସ ସେମାନେ ନାହିଁ ନ ଥିବା ହଇରାଣ ହେଉଥିବା କହନ୍ତି ଗ୍ରାମର ରାମଚନ୍ଦ୍ର ଗୌଡ଼, ଅମିର ଟାକ୍ରି, କୁନ୍ତି ଖରା, ଲକ୍ଷ୍ମଣ ଗୌଡ଼। ବର୍ଷାଦିନେ ସେମାନେ ଜଳବନ୍ଦୀ ଜୀବନ କାଟନ୍ତି। ଅଧିକ ବର୍ଷାରେ ନଦୀ ବଢ଼ିଲେ ପିଲାଙ୍କ ପାଠପଢ଼ା ବିଶେଷ ☞ପୃଷ୍ଠା-୨

# ରାତିରେ ଦାନ୍ତ ନ ଘସିଲେ ହୋଇପାରେ ହୃଦ୍‌ରୋଗ

ୱାଶିଂଟନ,୪।୭

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଅସ୍ୱାସ୍ଥ୍ୟକର ପରିବେଶ, ବାୟୁ ପ୍ରଦୂଷଣ, ମାଦକ ଦ୍ରବ୍ୟ ସେବନ, ଶରୀରର ଯତ୍ନ ନ ନେଲେ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ବର୍ତ୍ତମାନ ସମୟରେ ମଧୁମେହ ଏବଂ ହୃଦ୍‌ଜନିତ ରୋଗ ସହିତ ଅନେକ ଲୋକ ସଂଘର୍ଷ କରୁଛନ୍ତି। ଆମେରିକାର ନେଚର ଜର୍ନାଲସ୍ ସାଇଣ୍ଟିଫିକ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ରାତିବେଳା ଦାନ୍ତ ନ ଘସିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

ଜାପାନର ଓସାକା ୟୁନିଭର୍ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୨୦ ବର୍ଷ ଏବଂ ଏହାଠାରୁ ଉର୍ଦ୍ଧ୍ୱ ବୟସ ବର୍ଗର ୧,୬୭୫ ଜଣଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ଷ୍ଟଡି ପାଇଁ ଉକ୍ତ ରୋଗୀଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ ଏମ୍‌ଏନ୍‌ର ୪୦୯ ରୋଗୀ ସକାଳେ ଓ ରାତିରେ ଦାନ୍ତ ଘସୁଥିଲେ। ସେହିପରି ଗ୍ରୁପ୍ ନାଇଟ୍‌ର ୭୫୧ ଜଣ କେବଳ ରାତିରେ ଦାନ୍ତ ଘସୁଥିବାବେଳେ ଗ୍ରୁପ୍ ଏମ୍‌ର ୧୬୪ ରୋଗୀ କେବଳ ସକାଳବେଳା ଶୋଇକି ଉଠିବା ପରେ ଦାନ୍ତ ଘସୁଥିଲେ ଏବଂ ଗ୍ରୁପ୍ ନନ୍‌ର ୨୫୯ ଜଣ ରୋଗୀଙ୍କୁ ଆଦୌ ଦାନ୍ତ ଘସିବାକୁ ଦିଆଯାଉ ନ ଥିଲା। ଦାନ୍ତ ନ ଘସିବା ଯୋଗୁ ବ୍ୟାକ୍ଟେରିଆ ରକ୍ତରେ ମିଶି ଶରୀରସାରା ବ୍ୟାପିଯାନ୍ତି, ଯାହାଫଳରେ ଶରୀରରେ ବିଭିନ୍ନ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଆତଙ୍କବାଦ କାର୍ଯ୍ୟକଳାପ ରୋକିବାରେ ଦୋମୁହାଁ ନୀତି ରଖିବା ଅନୁଚିତ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ନେଲେ କିଛି ଯାଏ,**
**ଘର ପୋଡ଼ିଲେ ସବୁ ଯାଏ।**

ଚୋର ଟଙ୍କା, ସୁନା ଗହଣା ଆଦି ସମ୍ପଦରୁ ଆଂଶିକ ଭାଗ ଚୋରିକରି ନେଇଥାଏ। ପରନ୍ତୁ ଘର ପୋଡ଼ିଗଲେ ସକଳ ସମ୍ପଦ ପୋଡ଼ି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିରା ଦରବାରେ ନ ଲୁଚେ ଆଣ୍ଠୁ**
**ଧନ ଯାକ ନେଇ ଭୂଇଁରେ ପୋତୁ।**

ସାଧାରଣତଃ କୃପଣ ବ୍ୟକ୍ତି ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ କଞ୍ଜୁସି ଦେଖାଇଥାନ୍ତି। ଏପରିକି ଭଲରେ ଖାଇବା ଓ ପିନ୍ଧିବାରେ ମଧ୍ୟ ଅନେକ କାଟ୍‌ଛାଣ୍ଟ କରିଥାନ୍ତି। ଧନ ଥାଇ ମଧ୍ୟ କୃପଣ ସ୍ୱଭାବ ବ୍ୟକ୍ତି ନିଜକୁ ସର୍ବଦା ନିର୍ଦ୍ଧନ ବୋଲି ଦେଖେଇ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଉଷୁନା ନୁହେଁ, ଅରୁଆ ନେବ ଏଫ୍‌ସିଆଇ

## ବଳକା ଚାଉଳ ଉଠାଣ ପ୍ରସଙ୍ଗ

### ୨.୫ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବାକୁ ଡିଭିଜନାଲ ମ୍ୟାନେଜରଙ୍କୁ ଚିଠି

ଭୁବନେଶ୍ୱର,୪।୭(ଅନିଲ ଦାସ)

ରାଜ୍ୟର ବଳକା ଉଷୁନା ଚାଉଳକୁ ନେଇ ରାଜ୍ୟ ସରକାର ଚିନ୍ତାରେ ଥିବାବେଳେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଷୁନା ବଦଳରେ ଅରୁଆ ଚାଉଳ ନେବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛି। ଏ ସମସ୍ତ ଚାଉଳ ଇଥାନଲ ପ୍ରସ୍ତୁତିରେ ବ୍ୟବହୃତ ହେବ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଥିବା ଇଥାନଲ ଶିଳ୍ପକୁ ସମସ୍ତ ଅରୁଆ ଚାଉଳ ଯୋଗାଣ କରାଯିବ। ଏଥିପାଇଁ ଓଡ଼ିଶାରୁ ଅରୁଆ ଚାଉଳ ସଂଗ୍ରହ କରିବାକୁ ଏଫ୍‌ସିଆଇ ଆଗ୍ରହ ଦେଖାଇଛି। ଅରୁଆ ଚାଉଳ ସଂଗ୍ରହ କରିବାକୁ ଓଡ଼ିଶାରେ ଥିବା ସମ୍ବଲପୁର, ଟିଟିଲାଗଡ଼, ଜୟପୁର, ବ୍ରହ୍ମପୁର, କଟକ, ବାଲେଶ୍ୱର ଏବଂ ଭୁବନେଶ୍ୱର ଏଫ୍‌ସିଆଇ ଡିଭିଜନାଲ ମ୍ୟାନେଜରଙ୍କୁ ଏଫ୍‌ସିଆଇ ଚିଠି ଲେଖିଛି। ୨୦୨୩ ଅକ୍ଟୋବର ମଧ୍ୟରେ ୨.୫ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ସଂଗ୍ରହ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଫ୍‌ସିଆଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ମଧ୍ୟ ଏ ନେଇ ସୂଚନା ଦେଇଛି। ଅରୁଆ ଚାଉଳ କରିବାକୁ ରାଜ୍ୟ ସରକାର ମିଲରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉଷୁନା ଚାଉଳ କରୁଥିବା ମିଲରଙ୍କୁ ଅରୁଆ ଚାଉଳ କରିବାକୁ ହେଲେ ଆହୁରି ୩୦ରୁ ୪୦ ଲକ୍ଷ ଟଙ୍କା ପୁଞ୍ଜିବିନିଯୋଗ କରିବାକୁ ହେବ। ଆଗାମୀ ଦିନରେ ଉଷୁନା ବଦଳରେ ଅରୁଆ ଚାଉଳ କରିବାକୁ ମିଲରମାନଙ୍କୁ କୁହାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪୪ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଯାଇଛି। ଏହି ଚାଉଳକୁ ଏଫ୍‌ସିଆଇ ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ବଳକା ଉଷୁନା ଚାଉଳ ଉଠାଇବା ପାଇଁ ଗତ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ ଯେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୫୪ ଲକ୍ଷ ମେଟ୍ରିକ ଟନ ଧାନ ଅର୍ଥାତ୍ ୪୪ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଜନକଲ୍ୟାଣ କାର୍ଯ୍ୟକ୍ରମରେ ମୋଟ ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଖର୍ଚ୍ଚ ହେଉଛି। ପ୍ରାୟ ୨୦ ଲକ୍ଷ ଟନ୍ ଚାଉଳ ବଳକା ରହିଯାଉଛି। ଏଫ୍‌ସିଆଇ ଚଳିତ ଆର୍ଥିକ ବର୍ଷରେ ୧୦.୩୩ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛି। ତେବେ ବଳକା ଚାଉଳ ରାଜ୍ୟର ଧାନ ସଂଗ୍ରହ ଉପରେ ଗୁରୁତର ପ୍ରଭାବ ପକାଇବ। ଏଥିରେ ହସ୍ତକ୍ଷେପ କରିବା ସହ ଏଫ୍‌ସିଆଇକୁ ଚାଉଳ ଉଠାଇବାକୁ ନିର୍ଦ୍ଦେଶ ଦେବାକୁ ନବୀନ ଚିଠିରେ ଉଲ୍ଲେଖ କରିଥିଲେ। ଏଥିସହିତ ବିଭିନ୍ନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବିଜେଡି ଏମ୍‌ପିମାନେ ମଧ୍ୟ ବଳକା ଉଷୁନା ଚାଉଳ ଉଠାଇବା ନେଇ ପାର୍ଲାମେଣ୍ଟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ଏଫ୍‌ସିଆଇ ବଳକା ଧାନକୁ ଅରୁଆ ଚାଉଳରେ ପରିଣତ କଲେ ନେବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛି।

# ଆଜିଠୁ ମାଟ୍ରିକ୍ ସାର୍ଟିଫିକେଟ୍ ତ୍ରୁଟି ସଂଶୋଧନ

କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ସାର୍ଟିଫିକେଟରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିପାଇଁ ବୁଧବାରଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବୋର୍ଡ ପକ୍ଷରୁ ତ୍ରୁଟି ସଂଶୋଧନ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଏବଂ ଏ ବାବଦରେ ଫି' ଦାଖଲ କରି ସଂଶୋଧିତ ପ୍ରମାଣପତ୍ର ପାଇପାରିବେ। ଅଫ୍‌ଲାଇନ୍ ମାଧ୍ୟମରେ ଏହି ପ୍ରକ୍ରିୟା ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସମସ୍ତ ଜିଲାରେ ବୋର୍ଡ ପକ୍ଷରୁ ଗୋଟିଏ ଲେଖାଏଁ ସେଣ୍ଟର କରାଯାଇଥିଲା। ଜୁନ୍ ୨୪ ଏବଂ ୨୫ ତାରିଖ ଦୁଇଦିନ ମଧ୍ୟରେ ସ୍କୁଲର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କର ସାର୍ଟିଫିକେଟ୍ ନେଇଥିଲେ। ବିଭିନ୍ନ ଜିଲାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଏହି କାର୍ଯ୍ୟର ତଦାରଖ କରିଥିଲେ। ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଏହି ସାର୍ଟିଫିକେଟ ପ୍ରଦାନ କରିବା ସମୟରେ ଅଧିକାଂଶ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା।

# ୨୦୨୪ ମାଟ୍ରିକ ପରୀକ୍ଷାର୍ଥୀଙ୍କ ତଥ୍ୟ ସଂଶୋଧନ ହୋଇପାରିବ

## ୬ରୁ ପ୍ରକ୍ରିୟା ଆରମ୍ଭ

କଟକ,୪।୭(ସୁପ୍ରିୟା ପ୍ରିୟଦର୍ଶିନୀ)

୨୦୨୪ରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କର ପଞ୍ଜୀକରଣ ତଥ୍ୟ ବା ଏନ୍‌ରୋଲ୍‌ମେଣ୍ଟ ଡାଟାରେ କୌଣସି ଭୁଲ ଥିଲେ ଏହାକୁ ସଂଶୋଧନ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସ୍କୁଲଗୁଡ଼ିକୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତା ୬ରୁ ୧୭ ତାରିଖ ପର୍ଯ୍ୟନ୍ତ ବୋର୍ଡ ୱେବ୍‌ସାଇଟ୍‌ରେ ଛାତ୍ରୀଛାତ୍ରଙ୍କର ଏନ୍‌ରୋଲ୍‌ମେଣ୍ଟ ଡାଟାକୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଯିବ। ଛାତ୍ରୀଛାତ୍ରଙ୍କ ନାମ, ଫଟୋ ଏବଂ ଏନ୍‌ରୋଲ୍‌ମେଣ୍ଟ ନମ୍ବର ବ୍ୟତୀତ ଅନ୍ୟ ସମସ୍ତ ତଥ୍ୟ ସଂଶୋଧନ ହୋଇପାରିବ। ଯଦି ତୃତୀୟ ଭାଷା ବିଷୟରେ ଭୁଲ ଥାଏ, ତାହାକୁ ପରିବର୍ତ୍ତନ କରାଯାଇପାରିବ। ଯଦି କୌଣସି ଛାତ୍ରୀଛାତ୍ର ସ୍କୁଲ ପରିବର୍ତ୍ତନ କରିଥିବେ ଏବଂ ସେମାନଙ୍କର ନାମ, ଫଟୋ ଏବଂ ଏନ୍‌ରୋଲ୍‌ମେଣ୍ଟ ନମ୍ବରକୁ ପରିବର୍ତ୍ତନ କରିବାକୁ ପଡେ, ତେବେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ସ୍କୁଲର କାଗଜପତ୍ରକୁ ସ୍ଥାନୀୟ ବୋର୍ଡର ଜୋନ୍ କାର୍ଯ୍ୟାଳୟରେ ଅଫ୍‌ଲାଇନ୍‌ରେ ଦାଖଲ କରିବେ। ୧୭ ତାରିଖ ପରେ କୌଣସି ସଂଶୋଧନ ପ୍ରକ୍ରିୟା ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱସ୍ତରରେ ଭାରତ ଉପରେ ବିଶ୍ୱାସ ବଢ଼ିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)




## 'ସୋସିଆଲ ଏଣ୍ଟରପ୍ରାଇଜ୍ କନ୍‌କ୍ଲେଭ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ବର୍ତ୍ତମାନ ସମୟରେ ଭାରତ ଉପରେ ବିଶ୍ୱର ଭରସା ବଢୁଥିବା ବେଳେ ଦେଶର ଘରେ ଘରେ କୁଶଳୀ ମା' ଭଉଣୀମାନେ ପ୍ରସ୍ତୁତ କରୁଥିବା ସିଲେଇ ଓ ଅନ୍ୟ ଡିଜାଇନକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ଷ୍ଟେକ୍‌ହୋଲ୍‌ଡର ମାନଙ୍କୁ ଉଦ୍ୟମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ 'ସୋସିଆଲ ଏଣ୍ଟରପ୍ରାଇଜ୍ କନ୍‌କ୍ଲେଭ'ର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦ(ଆଇଆର୍‌ଏମ୍‌ଏ) ଓ ଏଲ୍‌ଆଇସି ହାଉସିଂ ଫାଇନାନ୍ସର ମିଳିତ ଭାଗୀଦାରିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅମୃତ କାଳରେ ଭାରତ ନୂଆ ଦିଶା ଓ ଦୃଷ୍ଟିକୋଣ ରଖିଛି। ବିଶ୍ୱସ୍ତରରେ ଭାରତ ଉପରେ ବିଶ୍ୱାସ ବଢ଼ିଛି। ଆମକୁ ଏବେ ଆମର ପାରମ୍ପରିକ ସାମଗ୍ରୀକୁ ବୈଶ୍ୱିକ ବଜାରରେ ଯୋଡ଼ିବାର ଉପାୟ ଅନ୍ୱେଷଣ କରିବାକୁ ହେବ। ଦେଶରେ ପ୍ରଶିକ୍ଷଣ ପାଇ ଘରେ ମାଆ ଓ ଭଉଣୀମାନେ ପ୍ରସ୍ତୁତ କରିଥିବା ସିଲେଇ କିମ୍ବା ଅନ୍ୟାନ୍ୟ ଡିଜାଇନକୁ ବିଶ୍ୱ ବଜାରରେ ଆଣିବା ଆବଶ୍ୟକ। ଏଥିପାଇଁ ଏହା ଉପରେ ଉଦ୍ୟମ କରିବା ଦରକାର। ଆଗାମୀ ଦିନରେ ଦେଶ ଦ୍ରୁତଗତିରେ ଅଭିବୃଦ୍ଧି କରିବ। ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନ ବଢୁଛି। ଏଭଳି ସମୟରେ ସୋସିଆଲ ଏଣ୍ଟରପ୍ରାଇଜ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ଅଛି। ତାହାକୁ ଦୃଷ୍ଟିରେ ରଖି ସରକାରୀ ଫଣ୍ଡ ଉପରେ ନିର୍ଭର ନ ହୋଇ ନିବେଶକଙ୍କ ପ୍ରତି ସଚ୍ଚୋଟପଣ ଦେଖାଇବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ୟୁରୋପୀୟ ଓ ଭାରତୀୟ ବିଚାରଧାରାର ମୂଳ ଅନ୍ତର ରହିଛି। ୟୁରୋପୀୟ ବିଚାର 'ମୁଁ, ମୋର ଦୁନିଆ, ମୋର ଆଇଡିଆକୁ ଦର୍ଶାଉଥିବା ବେଳେ ଭାରତ 'ଆମେ'ରେ ବିଶ୍ୱାସକରେ। ଏହିଭଳି ଭାବେ ଦୁନିଆ ସାମ୍ନାରେ ଅନ୍ୟମାନଙ୍କ ପାଇଁ ବଞ୍ଚିବାର ମଡେଲ ବନାଇବା ପାଇଁ ଉପସ୍ଥିତ ସୋସିଆଲ ଏଣ୍ଟରପ୍ରାଇଜର ଅଂଶୀଦାରମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଗ୍ରାମାଞ୍ଚଳରେ ବେକାରି...

ବଜାର ୨୦୨୪ରେ ପୁଣି ଥରେ କ୍ଷମତାକୁ ଫେରିବାକୁ ଅଣ୍ଟା ଭିଡୁଥିବା ମୋଦି ସରକାରଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହେବାକୁ ଯାଉଛି। ୨୦୧୭ରେ ଭାରତରେ ବେକାରି ହାର ୬% ଥିବାବେଳେ ବର୍ତ୍ତମାନ ୯% ଆଡ଼କୁ ମୁହାଁଇଲାଣି। ଏହା ଐତିହାସିକ ଭାବେ ସର୍ବୋଚ୍ଚ ଥିବାବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆହୁରି ରେକର୍ଡ ସ୍ତରକୁ ଉଠିବ ବୋଲି ଅର୍ଗାନାଇଜେଶନ୍ ଫର୍ ଇକୋନୋମିକ୍ କୋ-ଅପରେଶନ୍ ଆଣ୍ଡ ଡେଭେଲପ୍‌ମେଣ୍ଟ (ଓଇସିଡି) ସତର୍କ କରାଇଛି। ଏକ ଆକଳନ ଅନୁସାରେ ଆସନ୍ତା ୪ ବର୍ଷ ମଧ୍ୟରେ ଭାରତର ଆହୁରି ୧ କୋଟି ଲୋକ ବେକାର ହୋଇଯିବେ।

## ୧୮ ଜିଲାରେ...

ଏବେ ୧୮ଟି ଜିଲାରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଛି। ସେହି ଜିଲାଗୁଡ଼ିକରେ ୨୦ରୁ ୭୦ ପ୍ରତିଶତ କମ୍ ବର୍ଷା ହୋଇଛି। ଆଗାମୀ ଦିନରେ ବର୍ଷା ପରିମାଣ ନ ବଢ଼ିଲେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାୟଗଡ଼ାରେ ସର୍ବାଧିକ ୭୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୭୦, କନ୍ଧମାଳ ୬୭, ନବରଙ୍ଗପୁର ୫୭, ଖୋର୍ଦ୍ଧା ୪୨, ପୁରୀ ୪୦, ସୋନପୁର ୪୦, ବଲାଙ୍ଗୀର ୪୭, ବାଲେଶ୍ୱର ୪୬, କଟକ ୩୯, ଗଞ୍ଜାମ ୪୬, ଜଗତ୍‌ସିଂହପୁର ୪୪, ପୁରୀ ୪୦, ଯାଜପୁର ୩୯, ଗଜପତି ୩୭, ନୂଆପଡ଼ା ୩୭, କୋରାପୁଟ ଜିଲାରେ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ବୌଦ୍ଧ ଏବଂ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

## ବିନା ଅନୁମତିରେ...

ପ୍ରଥମେ ମା'ଙ୍କଠାରୁ ଜମି ଛଡ଼ାଇ ନିଆଯିବା ପରେ ଚକ୍ରାନ୍ତ କରି ଏହାକୁ ନଷ୍ଟ କରାଯାଉଛି। ତେଣୁ ୩ ଏକର ଜାଗା ବଦଳରେ ଇଡ୍‌କୋ ମନଇଚ୍ଛା ୱାଟ୍‌କୋକୁ ୪ଏକର ଜମି ପ୍ରଦାନ କରିଛି। କିନ୍ତୁ ଏଠାରେ ସାଢେ ୭ଏକର ଜଙ୍ଗଲ ଜମି ନଷ୍ଟ ହୋଇଥିବା ଏନ୍‌ଜିଟି କମିଟିଙ୍କ ରିପୋର୍ଟରେ ଉଲ୍ଲେଖ ରହିଥିବାବେଳେ ବାସ୍ତବରେ ଏହା ଆହୁରି ଅଧିକ ବୋଲି ସଚିନ ଅଭିଯୋଗ କରିଛନ୍ତି। ସେହିପରି ପାହାଡ଼ରୁ ପ୍ରାୟ ୨ଶହ ପ୍ରକାରର ଔଷଧୀୟ ବୃକ୍ଷ ନଷ୍ଟ କରାଯାଇଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ନିର୍ମାଣାଧୀନ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ତଦନ୍ତ କରି ରିପୋର୍ଟ ଦେବାକୁ ୪ଜଣିଆ କମିଟି ଗଠନ ହୋଇଥିଲା। ଉକ୍ତ କମିଟିରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଆଞ୍ଚଳିକ କାର୍ଯ୍ୟାଳୟର ଡିଡିଜିଏଫ୍ (ସି) ଏ.ଟି ମିଶ୍ର, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସନ୍ଦୀପ ରାୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ଆଞ୍ଚଳିକ ଅଧିକାରୀ ଡ. ସୋହନ ଗିରି ଓ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରହିଥିଲେ। ଜୁନ୍ ୨୪ରେ ଉକ୍ତ କମିଟି ଘଟଣାସ୍ଥଳ ଅନୁଧ୍ୟାନ କରି ବାସ୍ତବ ସ୍ଥିତି ଦେଖିବା ସହ ସମସ୍ତଙ୍କ ସହ ଆଲୋଚନା କରିବା ପରେ ରିପୋର୍ଟ ପ୍ରଦାନ କରିଛନ୍ତି।

## ଚନ୍ଦ୍ରି ନଦୀରେ ପଶି...

ପ୍ରଭାବିତ ହୋଇଥାଏ। ସେମାନେ ବିପଦସଙ୍କୁଳ ଅବସ୍ଥାରେ ନଦୀପାର ହୋଇ ବିଦ୍ୟାଳୟକୁ ଯାଇଥାନ୍ତି। କେହିକେହି ଅଭିଭାବକ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ି ନ ଥାନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବା, ରାଶନ ଚାଉଳ ଏବଂ ବୃଦ୍ଧାବୃଦ୍ଧ ସେମାନଙ୍କ ଭତ୍ତା ଟଙ୍କା ଆଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ନଦୀ ଉପରେ ବ୍ରିଜ୍‌ଟିଏ ନିର୍ମାଣ ଲାଗି ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏ ବିଭିନ୍ନ ଅଧିକାରୀଙ୍କୁ ଭେଟି ଦୁଃଖ ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନାହିଁ। ପୋଲଟିଏ ନିର୍ମାଣ ହୋଇପାରିଲେ ଗ୍ରାମକୁ ରାସ୍ତା ସହଜରେ ନିର୍ମାଣ ହୋଇପାରନ୍ତା ବୋଲି କହିଛନ୍ତି ସେମାନେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆମେ ସାଧାରଣ ନିର୍ବାଚନ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ରାଉତପୁଟ ଗ୍ରାମବାସୀ।

## ରାତିରେ ଦାନ୍ତ...

ପ୍ରକାର ରୋଗ ସୃଷ୍ଟିହୁଏ। ଦିନକୁ ୨ ଓଳି କିମ୍ବା କେବଳ ରାତିରେ ଦାନ୍ତ ଘସିଲେ ଏ ପ୍ରକାର ସମସ୍ୟାକୁ ଦୂର କରିହେବ ତା' ନୁହେଁ। ଖାଇବା ପରେ ଖାଦ୍ୟର କିଛି ଗୁଣ୍ଡୁଡ଼ା ଦାନ୍ତ ସନ୍ଧିରେ ଜମା ହେବାରୁ ଦାନ୍ତରେ ଏକ ଆସ୍ତରଣ ପଡ଼ିଯାଏ। ଏଥିରୁ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି। ସେଥିପାଇଁ ରାତିରେ ଶୋଇବା ପୂର୍ବରୁ ନିୟମିତ ଦାନ୍ତ ଘସି ପାଟି ସଫା କରିବାର ଆବଶ୍ୟକତା ଅଛି। ଫଳରେ ହୃଦ୍‌ଜନିତ ରୋଗ ସମେତ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଏଡ଼ାଇ ଦିଆଯାଇପାରିବ।

## ୨ ମେଡିକାଲ...

ଭିତରକୁ ଫାୟାର ଏକ୍ସଟିଙ୍ଗୁଇସ ଗ୍ୟାସ୍ ଛାଡ଼ିଥିଲେ। ବସ୍‌ରେ ଥିବା ୫୦ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୯ଜଣ ଗୁରୁତର ହୋଇଥିଲେ। ଏହି ଘଟଣା ପରେ ଏମକେସିଜି ବିଦ୍ୟାର୍ଥୀମାନେ 'ୟୁଫୋରିଆ' କାର୍ଯ୍ୟକ୍ରମ ବର୍ଜନ କରି ବ୍ରହ୍ମପୁର ଫେରିଯାଇଥିଲେ। ଅସୁସ୍ଥ ଥିବା ବିଦ୍ୟାର୍ଥୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ଅଣାଯାଇଥିବା ଏମ୍‌କେସିଜି ଏମ୍‌ବିବିଏସ୍ ଛାତ୍ର ସଂସଦ ସଭାପତି ଦେବିତୋଷ ପଟ୍ଟନାୟକ କହିଛନ୍ତି। ଫାୟାର ଏକ୍ସଟିଙ୍ଗୁଇସରେ କାର୍ବନ୍ ଡାଇଅକ୍ସାଇଡ୍ ରହିଛି। ଯଦି କେହି ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ଥିବେ ଏହି ଗ୍ୟାସ୍ ଦିଆଗଲେ ଜୀବନ ଚାଲିଯିବାର ଆଶଙ୍କା ରହିଛି। ଇଣ୍ଟର କଲେଜ କାର୍ଯ୍ୟକ୍ରମରେ ଥଟ୍ଟାମଜା ହୁଅନ୍ତି। କିନ୍ତୁ ଏଭଳି ଥଟା କାହାର ଜୀବନ ନେଇପାରେ ବୋଲି ପଟ୍ଟନାୟକ କହିଛନ୍ତି। ଅପରପକ୍ଷରେ ଏହି ଗଣ୍ଡଗୋଳ ମାମଲାକୁ ନେଇ ବ୍ରହ୍ମପୁରର ମାନବାଧିକାର କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ ରୁଜୁ କରିଛନ୍ତି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ପିଟିଶନରେ ଉଲ୍ଲେଖ କରିଛନ୍ତି। ତେବେ ଗଣ୍ଡଗୋଳକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷ କିମ୍ବା ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଏମ୍‌କେସିଜି କର୍ତ୍ତୃପକ୍ଷ ଏ ନେଇ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ କହିଛନ୍ତି। ଘଟଣାକୁ ବିଭିନ୍ନ ମେଡିକାଲର ଡାକ୍ତରମାନେ ସାମାଜିକ ଗଣମାଧ୍ୟମରେ ନିନ୍ଦା କରିଛନ୍ତି।

ଭିମ୍‌ସାର୍‌ର ଜଣେ ଛାତ୍ରଙ୍କ କହିବା କଥା, ବ୍ରହ୍ମପୁର ମେଡିକାଲ କଲେଜ ଛାତ୍ରମାନେ ବସ୍‌ରେ ଆସିବା ପରେ ଏଭଳି ଭାବେ ସ୍ୱାଗତ କରାଯାଇଥିଲା। ଏହା କାର୍ଯ୍ୟକ୍ରମ ଭିତରେ ରହିଛି। ଏଭଳି ଭାବେ ସ୍ୱାଗତ କରି ମଜା କରାଯାଇଥାଏ। ସମସ୍ତ ଛାତ୍ରୀଛାତ୍ର ଏହା ଜାଣିକି କରନ୍ତି। ଏଥିରେ କାହାରି ସମସ୍ୟା ହୋଇ ନ ଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଭିମ୍‌ସାର ଅଧୀକ୍ଷକ ଡାକ୍ତର ଜୟଶ୍ରୀ ଡୋରା କହିଛନ୍ତି, ଭିମ୍‌ସାରରେ ଚାଲିଥିବା କାର୍ଯ୍ୟକ୍ରମକୁ ବାହାର ମେଡିକାଲ ଛାତ୍ର ଆସିଛନ୍ତି। ଏଥିରେ କ୍ରୀଡ଼ା, ଖେଳକୁଦ, ସାଂସ୍କୃତିକ, ମନୋରଞ୍ଜନ ଭଳି ଅନେକ କାର୍ଯ୍ୟକ୍ରମ ହୋଇଥାଏ। ମଙ୍ଗଳବାର ଆଥ୍‌ଲେଟିକ୍ ଦିନ ରହିଥିଲା। ଛାତ୍ରମାନେ ପଢ଼ିଆକୁ ଯିବା ପାଇଁ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଗଣ୍ଡଗୋଳ ସମୟର ଏକ ଭିଡିଓ ଆମ ପାଖକୁ ଆସିଛି। ହେଲେ କେହି ଅଭିଯୋଗ କରିନାହାନ୍ତି। ଏହା ସତ୍ତ୍ୱେ ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଗଠନ ହୋଇଥିବା ସେ କହିଥିଲେ। ଘଟଣା ନେଇ ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ କହିଛନ୍ତି, ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି। ହେଲେ ଅଭିଯୋଗ ହୋଇ ନାହିଁ।


ଭିମ୍‌ସାର ପରିସରରେ ବସ୍‌କୁ ଘେରିଥିବା ଛାତ୍ରୀଛାତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଦଶମ ଚନ୍ଦ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆଲୋଚନାରେ ଅଗ୍ରଣୀ ହେବେ। କିନ୍ତୁ ଲ-ନାମାକ୍ଷର ବ୍ୟକ୍ତିମାନେ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ବିବାଦୀୟ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଆକସ୍ମିକ ସାମୟିକ ବିବାଦ ଦେଖାଦେଇ ପଡ଼ିପାରେ।

**ବୃଷ**
ଆଜି ବିଶେଷ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର ସ୍ୱାର୍ଥ ହାସଲ କରିପାରନ୍ତି। ମାତ୍ର ବ-ନାମାକ୍ଷର ବ୍ୟକ୍ତିମାନେ ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଆଜି ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ ହେବେ। କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବା ଦ୍ୱାରା ସେମାନଙ୍କ ସହ ତିକ୍ତତା ସୃଷ୍ଟି ଆଶଙ୍କା ରହିଛି। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଂଗଠନ ମଜଭୁତ ହେବ। କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ସାଧାରଣ କଥାକୁ କେନ୍ଦ୍ରକରି ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପାଟିତୁଣ୍ଡ ସମ୍ଭାବନା ରହିଛି। କିନ୍ତୁ ହ-ନାମାକ୍ଷର ବ୍ୟକ୍ତିମାନେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ମଘା ନକ୍ଷତ୍ର କୌଣସି କଥା ବିଚାର ନ କରି ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ମୂଲ୍ୟହୀନ କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। କଚେରୀ ମାମଲାର ଶୁଣାଣିରୁ ମନ ଖୁସୀ ରହିବ। ପରିବାରବର୍ଗଙ୍କ ସହାୟତା ପାଇବେ ଓ ଖୁସି ମନରେ କାମ କରିବେ।

**କନ୍ୟା**
ଉଦ୍ୟମ ଜାରି ରଖିଲେ ମଧ୍ୟ ସହଜରେ କାମ ହାସଲ କରିବା କଷ୍ଟକର ହୋଇପାରେ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାର କଳ୍ପନା କରି ମାନସିକ ସ୍ଥିତି ଭଲ ରହିବ ନାହିଁ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣ କର୍ମମୁଖର ହୋଇଯିବେ। ସ୍ୱାତୀ ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ହିତୈଷୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରାୟତଃ ମନ୍ଦ ହେବନି। କିନ୍ତୁ ସାମୟିକ ଭାବରେ ଉପକୃତ ବ୍ୟକ୍ତିମାନେ ହିଁ ଅନିଷ୍ଟ ଚିନ୍ତା କରିବେ। ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ପ୍ରଶାସନ ଓ ପରିବହନରେ ସମସ୍ୟା ଦେଖା ଦେଇଥିଲେ ସୁଦ୍ଧା ବିଶେଷ କିଛି ଅସୁବିଧା ହେବନାହିଁ।

**ଧନୁ**
ସମସ୍ୟା ମଧ୍ୟରେ ଚଳିବାକୁ ପଡୁଥିଲେ ମଧ୍ୟ ଆଜି କିଛିଟା ସାନ୍ତ୍ୱନାଦାୟକ ସ୍ଥିତି ଦେଖାଦେବ। କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀ ମାନଙ୍କ ସହ ମିଷ୍ଟାଳାପରେ ମାତି ରହିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର**
କାମ ହାସଲ ସକାଶେ ବିଶ୍ୱାସ ଜନ୍ମାଇ ଜଣେ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ବିଭିନ୍ନ ପ୍ରତିରୋଧର ସାମନା କରି ଦିନଟିକୁ ଅତିବାହିତ କରିବାକୁ ପଡ଼ିପାରେ। ବାଣିଜ୍ୟ ଓ ପରିବହନରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ**
ବୁଝାମଣା ଅଭାବରୁ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି ବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ଜୁଲାଇ ୦୫ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ. ୦୭.୫୪ମି.ଗତେ ଘ.୦୮.୩୩ମି. ମଧ୍ୟେ, ଘ୧୦.୧୨ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୧ମି. ଗତେ ଘ. ୦୧.୧୯ମି. ମଧ୍ୟେ ରାହୁ କାଳ।




# ଗୋଟିଏ ରଶିରେ ଝୁଲିପଡ଼ିଲେ ଦମ୍ପତି

### ଆର୍ଥିକ ଅନଟନରୁ ଆତ୍ମହତ୍ୟା

ତିହିଡ଼ି, ୪।୭(ସଞ୍ଜିତ ବଳ)

ଆର୍ଥିକ ଅନଟନରୁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି ଦମ୍ପତି। ଘର ଭିତରେ ଗୋଟିଏ ରଶିରେ ସ୍ୱାମୀ ସ୍ତ୍ରୀ ଝୁଲିପଡ଼ିଲେ। ମଙ୍ଗଳବାର ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ବାରାଣାକୁଳ ଗ୍ରାମରେ। ଗୋଟିଏ କୋଠରିରେ ଉକ୍ତ ଗ୍ରାମର ଆଶାକର୍ମୀ ଓ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ପୋଲିସ ସେମାନଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଦମ୍ପତି ହେଉଛନ୍ତି ଆଶାକର୍ମୀ ମିନତି ମଲିକ(୪୦) ଏବଂ ତାଙ୍କ ସ୍ୱାମୀ ଉପେନ୍ଦ୍ର ମଲିକ(୪୫)। ମିନତି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କାଁପଡ଼ାରେ ଆଶାକର୍ମୀ ଭାବେ କାର୍ଯ୍ୟରତ ଥିଲେ। ସ୍ୱାମୀ ସ୍ତ୍ରୀ ଘରେ ରହୁଥିବା ବେଳେ ୨ପୁଅ ବାହାରେ ରହି ପାଠ ପଢ଼ୁଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ତାଙ୍କ ଘର କବାଟ ନ ଖୋଲିବାରୁ ପଡ଼ୋଶୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ଝରକା ପଟେ ଘର ଭିତରେ ରଶିରେ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ତିହିଡ଼ି ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ତିହିଡ଼ି ଥାନା ଏଏସ୍ଆଇ ଶ୍ରୀକାନ୍ତ ନାୟକ କହିଛନ୍ତି, ଯୁକ୍ତ ୩ରେ ପଢୁଥିବା ଉକ୍ତ ଦମ୍ପତିଙ୍କ ସାନପୁଅ ରାକେଶ ମଲିକଙ୍କ କହିବା ଅନୁଯାୟୀ, ଘରେ ଆର୍ଥିକ ଅନଟନକୁ ନେଇ ତାଙ୍କ ମା' ବାପା ସବୁବେଳେ ଚିନ୍ତାରେ ରହୁଥିଲେ। ଏହି କାରଣରୁ ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି। ତେବେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# 'ଶାରୀରିକ ସମ୍ପର୍କ ରଖୁଥିଲେ ଶ୍ରୀକାନ୍ତ ସାହୁ'

### ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲାଙ୍କ ବିସ୍ଫୋରକ ବୟାନ

■ ପରିବାର ଲୋକଙ୍କୁ ଲଗାଇ ମିଥ୍ୟା ଅଭିଯୋଗ ଆଣିଥିବା କହିଲେ

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ)

ବିଜେଡି ନେତ୍ରୀ ସଞ୍ଜୁକ୍ତା ମହଲା ମଙ୍ଗଳବାର ବିସ୍ଫୋରକ ବୟାନ ଦେଇଛନ୍ତି। ପୂର୍ବତନ ଶ୍ରମମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ନିର୍ଯାତନା ଦେଉଥିଲେ ବୋଲି ସଞ୍ଜୁକ୍ତା ଗଣମାଧ୍ୟମରେ କହିଛନ୍ତି। ତେବେ ସଞ୍ଜୁକ୍ତାଙ୍କ ଏଭଳି ବୟାନ ପରେ ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଗଣମାଧ୍ୟମ ଜରିଆରେ ସଞ୍ଜୁକ୍ତା ଦେଇଥିବା ବୟାନ ଅନୁଯାୟୀ, ଶ୍ରୀକାନ୍ତ ୨୦୧୫ରୁ ୨୦୨୨ ଡିସେମ୍ବର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆଳ ଦେଖାଇ ତାଙ୍କୁ ନିର୍ଯାତନା ଦେବା ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସ୍ତ୍ରୀ ଭଳି ସେ ତାଙ୍କୁ ରଖୁଥିବାବେଳେ ଘରକୁ ମଧ୍ୟ ଆସୁଥିଲେ। ସଞ୍ଜୁକ୍ତା ମଧ୍ୟ ଶ୍ରୀକାନ୍ତଙ୍କ ଅଞ୍ଚଳକୁ ଯାଆନ୍ତି। ହେଲେ ମନ୍ତ୍ରୀ ପଦ ପାଇଲା ପରେ ଶ୍ରୀକାନ୍ତ ତାଙ୍କୁ ଆଉଟ୍ କରିବାକୁ ବସିଲେ। ସେତେବେଳକୁ ୩୦ ବର୍ଷର ସମ୍ପର୍କରେ ଥିବା ସ୍ୱାମୀଙ୍କ ସହ ଛାଡ଼ପତ୍ର ମଧ୍ୟ କରିସାରିଥିଲେ। ତେବେ ଏନେଇ ସେ ଥାନାରେ ଏଫ୍ଆଇଆର୍ ଦେଇଥିଲେ। ହେଲେ ଚାପରେ ପଡ଼ି ପୋଲିସ କେସ୍ କଲା ନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ଦେବେ ବୋଲି ପୂରା ଭରସା ଥିଲା। ଶ୍ରୀକାନ୍ତଙ୍କ ମନ୍ତ୍ରୀ ପଦ ଗଲା। କିନ୍ତୁ ମୋତେ ପ୍ରକୃତ ନ୍ୟାୟ ମିଳିଲା ନାହିଁ। ଏଥିସହ ସଞ୍ଜୁକ୍ତା ଆହୁରି କହିଛନ୍ତି ଯେ, ସେ ସବୁଆଡ଼େ ଶୁଣିବାକୁ ପାଇଲେ ତାଙ୍କୁ କୁଆଡ଼େ ପଇସା ଦିଆଯାଇଛି, କୋଟିଏ ଟଙ୍କା ଦିଆଯାଇଛି, ଗୋଟିଏ ଆପାର୍ଟମେଣ୍ଟ ଦିଆଯାଇଛି। ତାହାଛଡ଼ା ଦଳରେ ଗୋଟିଏ ପଦବୀ ମଧ୍ୟ ଦିଆଯାଇଛି। ହେଲେ ମୋତେ କୌଣସି ଜିନିଷ ଦିଆଯାଇନାହିଁ ବୋଲି ଆପଣମାନେ ଜାଣିରଖନ୍ତୁ ବୋଲି ସଞ୍ଜୁକ୍ତା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ପରିବାର ଲୋକେ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇ ସଂଯୁକ୍ତାଙ୍କ ନାଁରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏ ସଂକ୍ରାନ୍ତରେ ମଧ୍ୟ ସଞ୍ଜୁକ୍ତା ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ଭିତ୍ତିହୀନ। ଏସବୁ ଘଟଣାରେ ମୁଖ୍ୟ ପୁରୋଧା ଶ୍ରୀକାନ୍ତ ସାହୁ ବୋଲି ସଞ୍ଜୁକ୍ତା କହିଛନ୍ତି। ଏସବୁର ଅନ୍ତ ହେବ। ଏଫ୍ଆଇଆର୍ କପି ପ୍ରସ୍ତୁତ କଲିଣି। ଏଥିରେ ଯଦି ନ୍ୟାୟ ନ ମିଳିବ, ତେବେ ଆଗାମୀ ଦିନରେ ତାଙ୍କ ଦୁଆର ମୁହଁରେ ବସିବେ ବୋଲି ସଞ୍ଜୁକ୍ତା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

# ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଅଚିହ୍ନା ମୃତଦେହକୁ ସ୍ୱର୍ଗଦ୍ୱାରରେ ଦାହ କରାଯାଉ

ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୯୪କୁ ବୃଦ୍ଧି ପାଇଛି। ହେଲେ ଚିହ୍ନଟ ହୋଇପାରୁ ନ ଥିବା ୫୨ ମୃତଦେହକୁ ନେଇ ଚିନ୍ତା ବଢ଼ିଛି। ଏ ପରିସ୍ଥିତିରେ ଚିହ୍ନଟ ହୋଇପାରୁ ନ ଥିବା ମୃତଦେହକୁ ଭୁବନେଶ୍ୱର ବଦଳରେ ପୁରୀକୁ ନିଆଯାଇ ସ୍ୱର୍ଗଦ୍ୱାରରେ ଦାହ କରିବାକୁ ସାମାଜିକ କର୍ମୀ ପ୍ରତାପ ସାହୁ ଦାବି କରିଛନ୍ତି। ଏହାଦ୍ୱାରା ମୃତକଙ୍କ ଆତ୍ମା ଶାନ୍ତି ପାଇପାରିବ। ଯଦି ରାଜ୍ୟ ବା କେନ୍ଦ୍ର ସରକାର ମୃତଦେହଗୁଡ଼ିକୁ ଦାହ ନ କରନ୍ତି, ତେବେ ସାମାଜିକ କର୍ମୀଙ୍କ ମାଧ୍ୟମରେ ସ୍ୱର୍ଗଦ୍ୱାରରେ ଦାହ କରିବା ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ପ୍ରତାପ ସରକାରଙ୍କୁ ଅନୁରୋଧ କରିଛନ୍ତି। ଦୁର୍ଘଟଣା ସମୟରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୨ ମୃତଦେହକୁ ଚିହ୍ନଟ ଲାଗି ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଥିରୁ ୮୧ଟି ମୃତଦେହକୁ ଚିହ୍ନଟ ଲାଗି ଡିଏନ୍ଏ ପରୀକ୍ଷା କରାଯାଇଥିଲା। ଡିଏନ୍ଏ ରିପୋର୍ଟ ଆସିବା ପରେ ୨୯ ମୃତଦେହକୁ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଅବଶିଷ୍ଟ ୫୨ ମୃତଦେହର ଚିହ୍ନଟ ପାଇଁ ଡିଏନ୍ଏ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏଥିରୁ ଅଧିକାଂଶ ମୃତଦେହ ବିକୃତ ହୋଇଯାଇଥିବାବେଳେ ଦାବିଦାର ମଧ୍ୟ କେହି ନାହାନ୍ତି। ସେଗୁଡ଼ିକୁ ଅଧିକ ଦିନ ସଂରକ୍ଷିତ କରି ରଖିବା ମଧ୍ୟ ସମ୍ଭବ ନୁହେଁ।






# ପ୍ରଭାସ ଆଚାର୍ଯ୍ୟ ଲୋକସେବକ ମଣ୍ଡଳର ନୂଆ ସମ୍ପାଦକ



ଭୁବନେଶ୍ୱର, ୪।୭ (ଅନିଲ ଦାସ)

ଡ. ପ୍ରଭାସ ଆଚାର୍ଯ୍ୟ ଲୋକସେବକ ମଣ୍ଡଳର ନୂତନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଲୋକସେବକ ମଣ୍ଡଳ ସମ୍ବିଧାନ ଧାରା-୬ ଅନୁଯାୟୀ ତାଙ୍କୁ ସଭାପତି ରାଜକୁମାର ମନୋନୀତ କରିଛନ୍ତି। ଏହା ପୂର୍ବରୁ ସେ କାର୍ଯ୍ୟନିର୍ବାହୀ ପରିଷଦର ଜଣେ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ସେ ଭୀମସେନଙ୍କ ସ୍ଥାନରେ ଦାୟିତ୍ୱ ତୁଲାଇବେ।

# ଦେଢ଼ମାସର ଶିଶୁକନ୍ୟା ତଣ୍ଟି ଚିପି ହତ୍ୟା କଲେ ମା'

### ଥାନାରେ ଅଭିଯୋଗ କଲେ ଜେଜେମା'

ଆଳି,୪।୭(ବନମାଳୀ ସେନାପତି)

୧୦ ମାସ ୧୦ ଦିନ ଗର୍ଭରେ ରଖି ସନ୍ତାନକୁ ଜନ୍ମ ଦେଇଥିବା ମା' ଅଧରାତିରେ ନିଜ ଦେଢ଼ମାସର ଶିଶୁକନ୍ୟାର ତଣ୍ଟିଚିପି ଚିରନିଦ୍ରାରେ ଶୁଆଇ ଦେଇଛି। ନାତୁଣୀକୁ ତା' ମା ମାରି ଦେଇଥିବା ନେଇ ଜେଜେମା' ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମା'ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ନଦୀନାଳଘେରା ପଦନୀପାଳ ଗାଁରେ। ପଦନୀପାଳ ଗାଁର ବାସନ୍ତୀ ମହାନ୍ତି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ପ୍ରତିଦିନ ପରି ସୋମବାର ରାତିରେ ତାଙ୍କ ଦେଢ଼ମାସର ନାତୁଣୀ ତ୍ରିଶାଖା ଓ ୩ ବର୍ଷର ନାତି ଆୟୁଷ ମା' ରଶ୍ମିତା ପାଖରେ ଶୋଇଥିଲେ। ହେଲେ ମଙ୍ଗଳବାର ସକାଳୁ ସମସ୍ତେ ଉଠିବା ପରେ ଦେଖିଥିଲେ, ଶିଶୁକନ୍ୟା ନାକରୁ ରକ୍ତସ୍ରାବ ହେଉଛି। ସଙ୍ଗେ ସଙ୍ଗେ ଶିଶୁକନ୍ୟାକୁ ଧରି ଜେଜେ ମା' ବାସନ୍ତୀ ଓ ଜେଜେବାପା ରବୀନ୍ଦ୍ର କଣ୍ଡିଆହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ। ଜେଜେ ମା'ଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ. ୫୪୮/୨୩ରେ ମାମଲା ରୁଜୁ କରି ଶିଶୁକନ୍ୟା ମା' ରଶ୍ମିତାଙ୍କୁ ଆଳି ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟା ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରଶ୍ମିତାଙ୍କ ସ୍ୱାମୀ ଅମିୟ ଦିଲ୍ଲୀରେ ପାଣି ପାଇପ କାମ କରୁଥିବାବେଳେ ଘରକୁ ଛୁଟିରେ ଆସିଥିଲେ। ମଙ୍ଗଳବାର ଅମିୟ ଦିଲ୍ଲୀରେ ପହଞ୍ଚି ଥିବା ବେଳେ ସ୍ତ୍ରୀଙ୍କ ଏଭଳି କାଣ୍ଡରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ପୁନର୍ବାର ଘରକୁ ଫେରୁଥିବା ଜଣାପଡ଼ିଛି।

# ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସ, ବିପୁଳ ସାମଗ୍ରୀ ଜବତ

ମାଲକାନଗିରି,୪।୭ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କ ଦ୍ୱାରା ସୋମବାର ଗୋଟିଏ ମାଓବାଦୀ କ୍ୟାମ୍ପ ଧ୍ୱଂସ କରାଯିବା ସହ ବିପୁଳ ପରିମାଣର ମାସଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ ଇସୁଲନାର ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ଖବର ପାଇ ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ତେବେ କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ପରେ ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ଯବାନମାନେ ଉକ୍ତ କ୍ୟାମ୍ପ ଧ୍ୱଂସ କରିବା ସହ ସେଠାରୁ ଟିଫିନ୍ ବୋମା, ତାର, ଡିଟୋନେଟର, ଜିଲୋଟିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଗୁଳ ବିନିମୟ ବେଳେ ୩ରୁ ୪ଜଣ ମାଓବାଦୀ ମୃତାହତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । କିନ୍ତୁ ତାହା ଖବର ଲେଖିବା ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

# ୨ ମାସରେ ସମସ୍ତ ପଦବୀ ପୂରଣ କର: ହାଇକୋର୍ଟ

### ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ସଦସ୍ୟ ପଦବୀ ଖାଲି ମାମଲା

କଟକ,୪।୭ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମସ୍ତ ସଦସ୍ୟ ପଦବୀ ଆଗାମୀ ୨ ମାସ ମଧ୍ୟରେ ପୂରଣ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୨୧ ତାରିଖ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି ପଦବୀ ପୂରଣ କରାଯାଇଥିବା ଓ ଖୁବ୍‌ଶୀଘ୍ର ଅବଶିଷ୍ଟ ୩ଟି ପଦବୀ ପୂରଣ କରାଯିବା ନେଇ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମଙ୍ଗଳବାର ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ପଦବୀ ପୂରଣ ପାଇଁ ୨ ମାସ ସମୟ ଦେବାକୁ ପ୍ରାର୍ଥନା କରିଥିଲେ। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ଆଗାମୀ ୨ ମାସ ମଧ୍ୟରେ ଅବଶିଷ୍ଟ ୩ ପଦବୀ ପୂରଣ କରି ଏକ ପୂର୍ଣ୍ଣାଙ୍ଗ ଆୟୋଗ ଗଠନ ପାଇଁ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା, ଶିଶୁ ଅଧିକାର ସୁରକ୍ଷା ପାଇଁ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ୬ଟି ଯାକ ସଦସ୍ୟ ପଦବୀ ଖାଲି ପଡ଼ିଛି। ଏଥିରେ ଜଣେ ଅଧକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଥିବାବେଳେ ତାହା ପୂରଣ କରାଯାଉନାହିଁ। ସଦସ୍ୟ ପଦବୀ ଖାଲି ହେବାର ୬ ମାସ ମଧ୍ୟରେ ତାହା ପୂରଣ ହେବାର ନିୟମ ଥିଲେ ବି ଏଠାରେ ହୋଇନାହିଁ। ପୁଣି ଆୟୋଗର କୌଣସି ବୈଠକରେ ନିଷ୍ପତ୍ତି ପାଇଁ ଅଧକ୍ଷ ଓ ସଦସ୍ୟଙ୍କୁ ମିଶାଇ ୪ ଜଣଙ୍କ କୋରମ ବାଧ୍ୟତାମୂଳକ ରହିଛି। ସଦସ୍ୟଙ୍କ ଅଭାବରୁ କୌଣସି ବୈଠକର ନିଷ୍ପତ୍ତି ନିଆଯାଇପାରୁନାହିଁ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ମୂଲ୍ୟବାନ ସେବା ଯୋଗାଉଥିବା ଏକ ସଂସ୍ଥା। ଏଥିରେ କୌଣସି କୋର୍ଟ ଫି ଲାଗେନାହିଁ। ଓକିଲଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ମଧ୍ୟ ନାହିଁ। କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାରେ ଅଦାଲତର ମାମଲା ଚାପକୁ ହ୍ରାସ କରିବାରେ ଆୟୋଗର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ସଚିବଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା।

DSPL - 131

ଓଡ଼ିଶା ଶାସନ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡ଼ିଆ ଷଢ଼େଇ, କୋଡୁଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ।
- ଘର ପାଖ ପରିବେଶ ସଫା ରଖନ୍ତୁ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ। ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ।

OIPR-10003/13/0072/2324

❝ ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡ଼କୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। –ଶ୍ରୀଅରବିନ୍ଦ

# ଉପେକ୍ଷିତ ସେନା

ଆଜି ସେନାରେ ପ୍ରବଳ ମାତ୍ରାରେ ମାନବ ସମ୍ବଳର ଅଭାବ ଦେଖାଦେଲାଣି। ମନେପଡ଼େ ଅର୍ଦ୍ଧଶତାବ୍ଦୀର କିଛି ବର୍ଷ ପୂର୍ବେ ଭୁବନେଶ୍ୱର ଭଳି ଜାଗାରେ ଆର୍ମି ରିକ୍ରୁଟ୍‌ମେଣ୍ଟ ପରୀକ୍ଷା ସମୟରେ ଅନେକ ଦିନ ଧରି ଯୁବକମାନଙ୍କ ଭିଡ଼ ଲାଗି ରହୁଥିଲା। ଏପରିକି ସେହି ଆଶାୟୀମାନଙ୍କୁ ଶୃଙ୍ଖଳିତ କରିବାକୁ ଯାଇ ସ୍ଥାନୀୟ ପୋଲିସକୁ ଲାଠିଚାର୍ଜ କରିବାକୁ ପଡୁଥିଲା। ଆଜି ସେହି ପରିସ୍ଥିତିରେ ପରିବର୍ତ୍ତନ ଦେଖାଦେଇଛି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କର 'ଅଗ୍ନିପଥ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯେଉଁଥିରେ କେତୋଟି ନିର୍ବାଚନମୁଖୀ ରାଜ୍ୟରେ ଯୁବକମାନଙ୍କୁ ସେନାରେ ଅସ୍ଥାୟୀ ଭାବେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଥିଲା। ସାଧାରଣରେ ଭାରତରେ ଯୁବପିଢ଼ିକୁ ନିଯୁକ୍ତି ମିଳିଲେ କୌଣସି ରାଜନୈତିକ ଦଳ କେବେହେଲେ ବିରୋଧ କରିବା କଥା ଜଣା ନ ଥିଲା। ହେଲେ ଅଗ୍ନିପଥ ଯୋଜନାକୁ ପ୍ରବଳ ବିରୋଧ ହୋଇଥିଲା। କାରଣ ସମସ୍ତେ ସେତେବେଳେ ବୁଝିଥିଲେ ଯେ, ମୂଳ କାର୍ଯ୍ୟକ୍ରମ ଅଗ୍ନିପଥର ଉଦ୍ଦେଶ୍ୟ ମନ୍ଦ ଥିବାରୁ ମାତ୍ର ୪ ବର୍ଷ ପାଇଁ ଚାକିରି ପାଇଗଲେ ଭାରତର ଅସଂଖ୍ୟ ଗରିବ ଯୁବକଙ୍କର ଅର୍ଥନୀତିରେ ପରିବର୍ତ୍ତନ ଆସିବ ନାହିଁ। ସେହି କାର୍ଯ୍ୟକ୍ରମରେ କୁହାଯାଇଥିଲା ଯେ,ସାଢେ ୧୭ ବର୍ଷରୁ ୨୩ ବର୍ଷ ବୟସ୍କ ଯୁବକ ଅଗ୍ନିବୀର ଭାବେ ସେନାରେ ଯୋଗଦେବାର ସୁଯୋଗ ପାଇପାରିବେ। କିନ୍ତୁ ଏହି କାର୍ଯ୍ୟକ୍ରମ ମାତ୍ର ୪ ବର୍ଷିଆ ଚିକିରିର ହୋଇଥିବାରୁ ଯୁବପିଢ଼ି ମଧ୍ୟରେ, କ୍ରମଶଃ, ଏଥପ୍ରତି ଉତ୍ସାହ ଭାଙ୍ଗିଗଲାଣି। ସେହି ସମୟରେ ପୂର୍ବରୁ ଭାରତୀୟ ସେନା ଏବଂ ବାୟୁସେନାରେ ନିଯୁକ୍ତି ପାଇଁ ଇଚ୍ଛୁକ ଯୁବକମାନଙ୍କର ଯେଉଁସବୁ ପରୀକ୍ଷା କରାଯାଇଥିଲା ସେଗୁଡ଼ିକୁ ଶେଷ କରିବା ପରିବର୍ତ୍ତେ ବାତିଲ କରିଦିଆଯାଇଥିଲା। ଅର୍ଥାତ୍ ନିୟମିତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦିଆଗଲା। କାରଣ କେବଳ ଅଗ୍ନିପଥ ଯୋଜନାରେ ଅଗ୍ନିବୀରମାନଙ୍କୁ ଚାକିରି ଦିଆଯିବ ବୋଲି କୁହାଗଲା। ଉଲ୍ଲେଖଯୋଗ୍ୟ ଯେ, ନିୟମିତ ନିଯୁକ୍ତି ପାଇଁ ଯେଉଁସବୁ ପରୀକ୍ଷା ପୂର୍ବରୁ କରାଯାଇଥିଲା ତାହାର ଫଳାଫଳ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇଲା ନାହିଁ।

ସୁରକ୍ଷାଜନିତ କଠିନ ସ୍ଥିତିରେ ଥିବା ଭାରତ ଭଳି ଦେଶ ପାଇଁ ସେନା ସବୁବେଳେ ଆଶାର ଏକ ଉତ୍ସ ହୋଇରହିଛି। ଏଣୁ ସେନା ଓ ତାହାର ଯବାନମାନଙ୍କୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକ ଉପରେ ଗମ୍ଭୀରତାର ସହ ବିଚାରକରିବା ଉଚିତ। ଅବଶ୍ୟ ଏହା କହିଲାବେଳକୁ ଆମେ ସଚେତନ ଯେ, ଭାରତୀୟ ସେନାର ନକାରାତ୍ମକ ଆଭିମୁଖ୍ୟ ଯୋଗୁ ଦେଶରେ ଅନେକ ସମସ୍ୟା ଉପୁଜିଚାଲିଛି। ବିଶେଷକରି କଶ୍ମୀର ସହିତ ମଣିପୁର ଭଳି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଲାଗୁ ହୋଇଥିବା ଆର୍ମଡ୍ ଫୋର୍ସେସ ସ୍ପେଶାଲ ପାୱାର୍ସ ଆକ୍ଟ, ଏଏଫ୍ଏସ୍‌ପିଏ (ଆଫସ୍‌ପା)ର ଦୁହାଇଦେଇ ଭାରତୀୟ ସୈନିକମାନେ ଅନେକ ଅତ୍ୟାଚାର ଏବଂ ନୃଶଂସ କାର୍ଯ୍ୟ କରୁଛନ୍ତି ଯାହା ଦେଶର ଏକତାକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଉଛି।

ଏହା ବ୍ୟତୀତ ଚାଇନା ଯୁଦ୍ଧର ପାଖାପାଖି ୬୦ ବର୍ଷ ପରେ ଭାରତୀୟ ସେନାର ଯବାନଙ୍କ ପାଇଁ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଉପକରଣ ହୋଇପାରିନାହିଁ। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ସ୍ଥଳସେନାରେ ୮,୧୨୯ ଅଧିକାରୀଙ୍କ ଅଭାବ ଥିବାବେଳେ ବାୟୁସେନାରେ ୭୨୧ ଓ ନୌସେନାରେ ୧,୬୫୩ ଅଧିକାରୀ ପଦ ଖାଲିପଡ଼ିଛି। ୨୦୧୨ ଓ ୨୦୧୭ ରେ ପ୍ରକାଶିତ ରିପୋର୍ଟ ମଧ୍ୟ ଅଧିକାରୀଙ୍କ ଅଭାବକୁ ଦର୍ଶାଇଥିଲା। କେବଳ ଅଧିକାରୀ ନୁହନ୍ତି, ସେନାରେ ନିର୍ଦ୍ଧାରିତ ଯବାନଙ୍କ ସଂଖ୍ୟା ଅନେକ ଦଶନ୍ଧି ହେଲା କମ୍ ରହିଆସିଛି। ୩ ସେନାରେ ଏବେ ୧.୫୫ ଲକ୍ଷ ଯବାନ କମ୍ ରହିଛନ୍ତି ବୋଲି ଏବକାର ରିପୋର୍ଟରୁ ଜଣାପଡ଼ିଛି। କେବଳ ସ୍ଥଳସେନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯବାନ ନାହାନ୍ତି। ଏଥିରୁ ସ୍ପଷ୍ଟ ଯେ, ଅଧିକାରୀ ଓ ଯବାନ ଅଭାବଜନିତ ସମସ୍ୟାରୁ ସେନା ମୁକ୍ତି ପାଇନାହିଁ କି ପାଇପାରୁନାହିଁ। ଏହାର ସମାଧାନ ପାଇଁ ବାଟ ମଧ୍ୟ ବାହାର କରାଯାଉନାହିଁ। ବରଂ ସେନାରେ ମାନବ ଦକ୍ଷତା ମଜଭୁତ କରିବା ପରିବର୍ତ୍ତେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବୃଦ୍ଧି ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ସେଥିରେ ଦୁର୍ନୀତି ପଦାକୁ ଆସିଛି। ବୋଫର୍ସଠାରୁ ଆରମ୍ଭ କରି ନିକଟରେ ଆମେରିକା ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ମୋଦି ଯେଉଁ ଡ୍ରୋନ୍ କିଣିବାର ଚୁକ୍ତି ଦସ୍ତଖତ କରିଛନ୍ତି ସେସବୁରେ ଅଧିକ ଅର୍ଥ ଖର୍ଚ୍ଚ କରାଯାଇ ରାଜନୈତିକ ବ୍ୟକ୍ତିମାନେ ଲାଭବାନ୍ ହୋଇଥିବା ଯେଉଁ ଦାବି କରାଯାଉଛି ତାହା ବିଶ୍ୱାସଯୋଗ୍ୟ ବୋଲି କୁହାଯାଇପାରେ। ଏଭଳି ପରିସ୍ଥିତିରେ 'ସିଆଚେନ୍‌ରେ ଛିଡ଼ା ହୋଇଥିବା ସୈନ୍ୟକୁ ଦେଖ' ଧ୍ୱନି ଉପରଠାଉରିଆ ମନେହେବା ଅଯଥା ନୁହେଁ। ଗୋଟିଏ ଡ୍ରୋନ୍‌କୁ ୮୮୦ କୋଟିରେ ଭାରତ କିଣିଥିବାବେଳେ ଇଂଲଣ୍ଡ ସେହି କମ୍ପାନୀର ସମାନ ପ୍ରକାର ଡ୍ରୋନ୍‌କୁ ୧୦୦ କୋଟିରେ କିଣିଛି। ଏଭଳି ଅଭିଯୋଗ ଓ ପ୍ରତି ଅଭିଯୋଗ ସବୁବେଳେ ଲାଗିରହିବ। ମୂଳ ସମସ୍ୟା ହେଲା ଯେ, ଭାରତର ସଶସ୍ତ୍ର ବାହିନୀ ପ୍ରତି କେନ୍ଦ୍ର ସରକାରଙ୍କର ଅଭିମୁଖ୍ୟ ସ୍ପଷ୍ଟ ହୋଇ ନ ଥିବାରୁ ଅନେକ ସମସ୍ୟା ଉପୁଜୁଛି। ପୂର୍ବରୁ କ୍ଷମତାରେ ଥିବାବେଳେ କଂଗ୍ରେସ ଦଳ ଏହି ଦିଗକୁ ସମ୍ପୂର୍ଣ୍ଣ ଅବହେଳା କରିଆସିଥିବାବେଳେ ଏବକାର ଭାଜପା ସରକାର ବାହୁସ୍ଫୋଟ ମାରିବା ବ୍ୟତୀତ କୌଣସି ଆଖିଦୃଶିଆ ଉନ୍ନତି କରିବାରେ ସଫଳ ହୋଇନାହାନ୍ତି।

# ସଙ୍କଟରେ ସବୁଜିମା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା। ପୃଥିବୀରେ ବାର୍ଷିକ ଲୋପପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶ ନିୟୁତ ହେକ୍ଟର ଅରଣ୍ୟ। ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ। ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନ ଥିଲା ଓ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନ ଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ। ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା। ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ। ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ। ବୃକ୍ଷ ନିଜ ମଥାରେ ରୌଦ୍ରତାପ ସହେ, ଅଥଚ ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏ ବୃକ୍ଷ କେବଳ ଦେଇଚାଲେ ପରଆପଣାର ଭେଦାଭେଦ ନ ରଖି। ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା। ଏପରି କି ଚନ୍ଦନ ତରୁକୁ କର୍ତ୍ତନ କରୁଥିବା କୁଠାର ବି ନିଜେ ସୁରଭିତ ହୋଇଯାଏ ଚନ୍ଦନ ଗନ୍ଧରେ। ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଲାବନ ମନ୍ତ୍ର'। ବୃକ୍ଷକୁ ଦେବ ସଦନ ବୋଲି ଅଭିହିତ କରି ଉପାସନା କରିଥିଲେ, ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣରେ। ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ। ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍‌ଖାତ କରାଯାଉଛି, ତାକୁ ସେମାନେ ଦିନେ ରୋପଣ କରିଥିଲେ ଅତି ଯତ୍ନରେ। ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ। ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି ?

ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ। ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ। ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା। ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ଫୁଟ ଉଚ୍ଚତା ବିଶିଷ୍ଟ ଗଛ। ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚ ଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଓ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ।



ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ। ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥିସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ। ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା। ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା। ଦ୍ରୁତ ଅମ୍ଳଜାନ ସଂଶ୍ଳେଷଣ ଯୋଗୁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ। ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା। ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟେକ ଦେଶର ଅର୍ଥନୀତି। ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ। ଶ୍ରୀମା କହିଥିଲେ, ''ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେ ମର୍ମେ ଏହା ଅନୁଭବ କରିପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟେକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି।'' ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ ରହୁଥିଲେ ଶେଷ ପର୍ଯ୍ୟନ୍ତ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ। ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ। ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ। ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବିଧତାର ଅବକ୍ଷୟ ନୁହେଁ, ଏଥିସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ। ଅର୍ଥାତ୍ ଜଙ୍ଗଲ କିଛି ସମ୍ପଦ ନୁହେଁ, ଏହା ଜୀବଜଗତର ଜୀବନ ନାଟିକା। ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା। ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆତ୍ମାର କୃତଜ୍ଞତା। ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ। ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ଟି ଗଛ ଲାଗିବ। କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ କି ଗଛ ଲାଗିବ? ସେ ଗଛ କେବେ ଧାରଣ କରିବ ଫଳ ଓ ପୁଷ୍ପ? ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ସଂସାରର ନିୟମ। ତେଣୁ ଜଙ୍ଗଲ ହାନିଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ। ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ।

ଏପରି ସ୍ଥଳେ ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଆଗେଇ ଆସିବା ଉଚିତ। ବିଶେଷକରି ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ବେଶି। ବିଜ୍ଞାନ ତଥ୍ୟ ଦିଏ ଏବଂ ତାକୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ। ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକ ତାକୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଉଚିତ। ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା। ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା। ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା। ମାତ୍ର ସାହିତ୍ୟ ନାମରେ ଯେଉଁମାନେ ସାହିତ୍ୟିକ ବାତାବରଣକୁ ବିଗାଡି ଦିଅନ୍ତି, ସେମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା କ'ଣ ସମ୍ଭବ?

ମୋ: ୬୩୭୧୬୪୨୪୬୪

# ଦୁର୍ବଳ ପୁଟିନ



ସୌଭାଗ୍ୟ ରଞ୍ଜନ ମହାନ୍ତି

ନିକଟ ଭବିଷ୍ୟତରେ ରୁଷିଆ-ୟୁକ୍ରେନ ଯୁଦ୍ଧର ଅବସାନ ଘଟିବା ଆଦୌ ସମ୍ଭାବନା ନ ଥିବାବେଳେ ରୁଷିଆର ୱାଗନର ଗ୍ରୁପ ନାମକ ଏକ ଘରୋଇ ସେନାବାହିନୀ ହଠାତ୍ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ଦକ୍ଷିଣାଞ୍ଚଳ ସହର ରୋଷ୍ଟଭଅନ-ଡନକୁ ଦଖଲ କରିବା ସହ ମସ୍କୋ ଦଖଲ ପାଇଁ ଅଗ୍ରସର ହେବା କେବଳ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ନେତୃତ୍ୱ ପ୍ରତି ଶକ୍ତ ଧକ୍କା ହୋଇନାହିଁ, ଗତ ଦୁଇଦଶନ୍ଧି ଧରି ଅକ୍ଷୁଣ୍ଣ ରହିଥିବା ତାଙ୍କର ଶକ୍ତି ଓ କ୍ଷମତାର ସ୍ଥିତିକୁ ଦୁର୍ବଳ କରିଦେଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଦୀର୍ଘ ଦୁଇ ଦଶନ୍ଧିର ଶାସନ କାଳ ମଧ୍ୟରେ ରାଷ୍ଟ୍ରପତି ପୁଟିନ ୟୁକ୍ରେନଠାରୁ ବାହ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିବା ବେଳେ ପ୍ରଥମ ଥର ପାଇଁ ଦେଶ ଭିତରେ ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି, ଯାହା କି ତାଙ୍କର ଦୁଇଦଶନ୍ଧିର ଅଖଣ୍ଡ କ୍ଷମତା, ରାଜନୈତିକ ପ୍ରଭାବ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଚାଲେଞ୍ଜ ସୃଷ୍ଟି କରିଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। କହିବା ଉଚିତ ଯେ, ୨୦୧୨ରେ ପୁଟିନ ପ୍ରଥମ ଥର ପାଇଁ ରୁଷିଆ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଆଉ ପଛକୁ ହଟିନାହାନ୍ତି। ରାଷ୍ଟ୍ରପତି ଭାବେ ଲଗାତର ଅଖଣ୍ଡ କ୍ଷମତା ଉପଭୋଗ କରିଆସୁଛନ୍ତି। ଏବେ ରୁଷିଆର ସଂଶୋଧିତ ସମ୍ବିଧାନ ଅନୁଯାୟୀ ୨୦୩୬ ମସିହା ପର୍ଯ୍ୟନ୍ତ ନିଜର କ୍ଷମତା ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ପୁଟିନ ରୁଷିଆର ଏକାଙ୍ଗବର୍ତ୍ତୀ ଏକଚ୍ଛତ୍ରବାଦୀ ଶାସକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। କିନ୍ତୁ ଏହା ନିଶ୍ଚିତ ଯେ, ପଡ଼ୋଶୀ ୟୁକ୍ରେନ ସହ ଯୁଦ୍ଧ ଏବଂ ଏକଦା ନିଜର ଅନ୍ତରଙ୍ଗ ବନ୍ଧୁ ଭାବେ ପରିଚିତ ତଥା ପୁଟିନଙ୍କ ଛତ୍ରଛାୟା ତଳେ ଛୋଟମୋଟ ଅପରାଧରୁ କୋଟିପତି ବ୍ୟବସାୟୀ ପାଲଟିଥିବା ୱାଗନର ଗ୍ରୁପ ଘରୋଇ ଗୁଣ୍ଡା ତଥା ସେନା ବାହିନୀର ମୁଖ୍ୟ ୟୋଭଗେନି ପ୍ରିଗୋଝିନଙ୍କ ଠାରୁ ଯେପରି ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହେଲେ, ତାହା ତାଙ୍କୁ କିଛି ସମୟ ପାଇଁ ପୁରୁଷ ପୁଙ୍ଗବରୁ ଶୃଗାଳରେ ପରିଣତ କରିଦେବା ସହ ଭାବମୂର୍ତ୍ତିରେ ଯେଉଁ କ୍ଷତି ଘଟାଇଛି, ତାହା ବୋଧହୁଏ ଆଉ ପୂରଣ ହୋଇପାରିବ ନାହିଁ।

ପ୍ରିଗୋଝିନଙ୍କ ସମ୍ପର୍କରେ ଆମେ ଏଠାରେ କିଛି ସୂଚନା ଦେଉଛୁ, ଏଇଥିପାଇଁ ଯେ, ତାଙ୍କ ସମ୍ପର୍କରେ ଜନସାଧାରଣ କିଛି ଜାଣିବା ଦରକାର। ଅତି ଗରିବ ପରିବାରରେ ଜନ୍ମିତ ପ୍ରିଗୋଝିନ ତାଙ୍କ ଯୁବକ ଅବସ୍ଥାରେ ଛୋଟମୋଟ ଚୋରି, ଅପରାଧ କରି ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ଛୋଟ ହୋଟେଲ କରିଥିଲେ। ବର୍ତ୍ତମାନର ରାଷ୍ଟ୍ରପତି ପୁଟିନ ସେଣ୍ଟ ପିଟର୍ସବର୍ଗର ମେୟର ଥିବାବେଳେ ସେହି ହୋଟେଲର ଜଣେ ନିୟମିତ ଗ୍ରାହକ ଥିଲେ। ସେହି ହୋଟେଲରୁ ହିଁ ତାଙ୍କର ବନ୍ଧୁତା ଆରମ୍ଭ ହୋଇଥିଲା। ପୁଟିନ ଦେଶର ସର୍ବୋଚ୍ଚ କର୍ତ୍ତା ହେବା ପରେ ତାଙ୍କର ଛତ୍ରଛାୟାତଳେ ରହି କ୍ୟାଟରିଂ ବ୍ୟବସାୟ କରିଥିଲେ। ଯେଉଁଥିରେ କି ରୁଷିଆର ଜଣେ କୋଟିପତି ବ୍ୟବସାୟୀ ଭାବେ ମାନ୍ୟତାପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ପୁଟିନଙ୍କୁ ସହାୟତା ଦେବା ପାଇଁ ୱାଗନର ଗ୍ରୁପ ନାମରେ ଏକ ଘରୋଇ ସଶସ୍ତ୍ର ସେନା(ଗୁଣ୍ଡା) ବାହିନୀ ଗଠନ କରିଥିଲେ। ଏହି ଗୁଣ୍ଡା ବାହିନୀ ସହାୟତାରେ ପୁଟିନ ତାଙ୍କର ବିରୋଧୀଙ୍କୁ ଦମନ କରିଥିବା ଅଭିଯୋଗ ହୁଏ। ୱାଗନର ଗ୍ରୁପର ବିଦ୍ରୋହ ତଥା ମସ୍କୋ ଦଖଲ ଅଭିଯାନ ଏତେ ତୀବ୍ର ଥିଲା ଯେ, ଦୂରଦର୍ଶନରେ ଉଦ୍‌ବୋଧନ ଦେଇ ସର୍ବଶକ୍ତିମାନ ରାଷ୍ଟ୍ରପତି ପୁଟିନ ବିଦ୍ରୋହୀମାନଙ୍କୁ ଅଟକାଇବା ପାଇଁ ସେନାବାହିନୀକୁ ଅନୁରୋଧ କରିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ପ୍ରିଗୋଝିନଙ୍କୁ ଜନସାଧାରଣ ବାଧା ଦେବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିବା ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ସେନାବାହିନୀ ୱାଗନର ଗ୍ରୁପ ଉପରେ ଗୁଳିଗୋଳା ବର୍ଷଣ କରିବା ପରିବର୍ତ୍ତେ ଯାତ୍ରା ପଥରେ ଥିବା ତୈଳଡିପୋଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରି ଦେଇଥିଲେ, ଯେପରି ବିଦ୍ରୋହୀମାନେ ଅଗ୍ରସର ହୋଇପାରିବେ ନାହିଁ। ଅନ୍ୟପକ୍ଷରେ ମସ୍କୋର ମେୟର ବିବ୍ରତ ହୋଇ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଲେ। ଏଥିରୁ ୱାଗନର ଗ୍ରୁପ କେତେ ଶକ୍ତିଶାଳୀ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ।



ରାଷ୍ଟ୍ରପତି ପୁଟିନ ବିଦ୍ରୋହୀଙ୍କୁ ବିଶ୍ୱାସଘାତକ କହିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରମ୍ବାର ଘୋଷଣା କରିଥିବା ସତ୍ତ୍ୱେ ଶେଷରେ ପ୍ରିଗୋଝିନଙ୍କ ସହ ବୁଝାମଣା କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ବିଦ୍ରୋହର କାରଣ ସ୍ପଷ୍ଟ ହୋଇନାହିଁ। କିନ୍ତୁ ପ୍ରିଗୋଝିନଙ୍କ ଲୋକପ୍ରିୟତା ଦେଶରେ ବୃଦ୍ଧି ପାଇଥିବାବେଳେ ପୁଟିନଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା କୁହାଯାଏ। ଅତୀତ ଇତିହାସରୁ ଜଣାଯାଏ ଯେ, ଖଲିସ୍ତାନୀ ନେତା ଭିନ୍ଦ୍ରେନୱାଲାକୁ ଇନ୍ଦିରା ଗାନ୍ଧୀ ସୃଷ୍ଟି କରିଥିବା ବେଳେ ତାଙ୍କରି ଗୋଷ୍ଠୀ ଦ୍ୱାରା ନିହତ ହୋଇଥିଲେ। ସେହିପରି ଅଲକାଏଦା ଆତଙ୍କବାଦୀ ଓସାମାବିନ୍ ଲାଡେନକୁ ଆମେରିକା ସୃଷ୍ଟି କରିଥିବାବେଳେ ଆମେରିକାର ହିଁ ସେ କ୍ଷତ ସୃଷ୍ଟି କରିଛି। ଏବେ ପୁଟିନ ପ୍ରିଗୋଝିନଙ୍କୁ ସୃଷ୍ଟି କରିଛନ୍ତି। ତାଙ୍କୁ ହିଁ ତା'ର ଆକ୍ରୋଶର ଶିକାର ହେବାକୁ ପଡ଼ିଲା। ଯାହା ଇତିହାସ କହେ।

**ଗଙ୍ଗୋତ୍ରୀ ନଗର,**
**ରୋଡ୍ ନଂ.-୩, ଶିଶୁପାଳଗଡ**
**ମୋ: ୯୪୩୭୯୯୪୩୭୯**

## ଏଇ ଭାରତରେ

୧୨ ବର୍ଷ ବୟସରେ ବୋନ୍ କ୍ୟାନ୍‌ସରରେ ପୀଡ଼ିତ ହୋଇ ବି ହାର୍ ମାନିନାହାନ୍ତି ଉତ୍ତରପ୍ରଦେଶର ସନ୍ଦୀପ କୁମାର। ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଉପଲବ୍ଧି କରି ସେ ସେଠାରେ ଏହାକୁ ପହଞ୍ଚାଇବାରେ ଲାଗିଛନ୍ତି। ଏହି କାର୍ଯ୍ୟ ସେ ନିଆରା ଢଙ୍ଗରେ କରୁଛନ୍ତି। ଗ୍ରାମୀଣ ଲୋକମାନଙ୍କୁ ସହରରେ ରହୁଥିବା ପ୍ରତିଷ୍ଠିତ ଡାକ୍ତରମାନଙ୍କ ସହ ପରାମର୍ଶ କରିବାର ସୁଯୋଗ ସୃଷ୍ଟି କରୁଛନ୍ତି। ସନ୍ଦୀପ ଏଥିପାଇଁ 'ଡିଜି ସ୍ୱାସ୍ଥ୍ୟ' ଅଭିଯାନ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଡାକ୍ତରଙ୍କ ସହ ରୋଗୀମାନେ ପରାମର୍ଶ କରିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ଏବେ ସୁଦ୍ଧା ସେ ୨୮,୦୦୦ ରୋଗୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ସାରିଲେଣି। ସନ୍ଥ କବିର ନଗର ଜିଲାର କଥାଇଚା ଗାଁରେ ଜନ୍ମିତ ସନ୍ଦୀପଙ୍କୁ ଚିକିତ୍ସା ପାଇଁ ୪୦ କି.ମି. ଯିବାକୁ ପଡୁଥିଲା ଓ ପରେ ସେ ସୁସ୍ଥ ହୋଇପାରିଥିଲେ। ଏହି ସମୟରେ ଗ୍ରାମୀଣ ରୋଗୀମାନଙ୍କ ଅସହାୟତାକୁ ସେ ନିକଟରୁ ଲକ୍ଷ୍ୟ କରିପାରିଥିଲେ। ୨୦୨୦ କୋଭିଡ୍ ମହାମାରୀ କଟକଣା ବେଳେ ସେ ଗାଁକୁ ଫେରିଆସି ପ୍ରଥମେ ୪ ଲକ୍ଷ ଟଙ୍କା ହାତରୁ ଖର୍ଚ୍ଚ କରି ଏକ ଟେଲିକନ୍‌ସଲଟେଶନ ସେଣ୍ଟର ଖୋଲିଲେ। ଏବେ ଉତ୍ତରପ୍ରଦେଶରେ ୫ଟି ସେଣ୍ଟର ଖୋଲିସାରିଲେଣି ଓ ଏସବୁରେ ସେ ୧୩୭ ସ୍ୱାସ୍ଥ୍ୟକର୍ମୀଙ୍କୁ ସେବାରେ ନିୟୋଜିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁଲାଇ ୧୯୯୮**

- ବିଶିଷ୍ଟ ଚିତ୍ର ନିର୍ମାତା ଅମରଜିତଙ୍କ ୬୫ ବର୍ଷ ବୟସରେ ପରଲୋକ।
- ଦେଶର ଏକ ଅଙ୍କ ବିଶିଷ୍ଟ ଲଟେରୀଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଆଗତ ଏକ ବିଲ୍ ଲୋକସଭାରେ ଗୃହୀତ।
- ଉତ୍ତର ଜାଫ୍‌ନା ଅଞ୍ଚଳର ଜଣେ ୧୮ ବର୍ଷୀୟା ତାମିଲ ବାଳିକାକୁ ଧର୍ଷଣ ଓ ହତ୍ୟା କରିବା ସହ ତାଙ୍କ ସମ୍ପର୍କୀୟମାନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୬ ସାମରିକ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ।

## ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି ?
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 5 | | 6 | | | 7 |
| | | | 1 | | 4 | | 2 | |
| | | 8 | | 7 | 3 | | | |
| | 2 | 5 | | | | 4 | | |
| | | | | | 1 | | | |
| 7 | | | | | | 3 | | 9 |
| 6 | | | | 2 | | 7 | | |
| 4 | 8 | | | 6 | 7 | | | |
| | | | 8 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 4 | 5 | 1 | 3 | 9 | 2 |
| 2 | 4 | 3 | 8 | 7 | 9 | 1 | 5 | 6 |
| 1 | 5 | 9 | 2 | 6 | 3 | 4 | 8 | 7 |
| 8 | 9 | 1 | 7 | 2 | 6 | 5 | 4 | 3 |
| 4 | 6 | 5 | 3 | 9 | 8 | 2 | 7 | 1 |
| 7 | 3 | 2 | 5 | 1 | 4 | 9 | 6 | 8 |
| 3 | 2 | 4 | 9 | 8 | 7 | 6 | 1 | 5 |
| 5 | 8 | 6 | 1 | 4 | 2 | 7 | 3 | 9 |
| 9 | 1 | 7 | 6 | 3 | 5 | 8 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡବିଧାନ ହେଉ

ମହାଶୟ,

ବର୍ଷକରେ ଥରେ ପତିତମାନଙ୍କୁ ଦର୍ଶନଦେବା ପାଇଁ ଚତୁର୍ଦ୍ଧାମୂର୍ତ୍ତି ବଡ଼ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବାକୁ ଅଧୀର ହୋଇଉଠିଥାନ୍ତି। ସେଥିପାଇଁ ରଥଯାତ୍ରା ଉତ୍ସବ ମନାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ସମାପନ ହେବ ସେଥିପାଇଁ ମନ୍ଦିର ପ୍ରଶାସକ ଓ ସେବକମାନଙ୍କ ବୈଠକରେ ସ୍ଥିରୀକୃତ ହୋଇଥାଏ। ପରିତାପର ବିଷୟ ଏଥର ବଡ଼ଦେଉଳର ପତିତପାବନ ବାନା ଉପରେ ଚିଲପକ୍ଷୀ ବସିଥିବା ଦୃଶ୍ୟ ଦେଖିବାକୁ ମିଳିଲା। ଏହା କୌଣସି ଅଘଟଣ ଘଟିବାର ପୂର୍ବାଭାସ । ସତକୁ ସତ ମହାବାହୁ ଆଡ଼ପମଣ୍ଡପକୁ ପହଣ୍ଡି ବିଜେ କଲାବେଳେ ଡାହାଣ ପଟକୁ ଢଳି ପଡ଼ିଲେ। ଏହା ବିଶ୍ୱ ପାଇଁ ଅଶୁଭ ସଙ୍କେତ ନୁହେଁ ତ ଆଉ କ'ଣ ? ଶ୍ରୀଜୀଉଙ୍କର ପହଣ୍ଡି ବିଜେ ସମୟରେ ଏପରି ଅଘଟଣ ଘଟିବାର ଅନେକ କାରଣ ଅଛି। ତାହା ହେଲା ୧- ଦୈବୀକୃତ ଘଟଣା, ୨- ରଥ ଉପରେ ମାତ୍ରାଧିକ ସେବକମାନଙ୍କର ସମାବେଶ, ୩- ପହଣ୍ଡି ଦାୟିତ୍ୱରେ ଥିବା ସେବକମାନଙ୍କର କର୍ତ୍ତବ୍ୟରେ ଅହେତୁକ ଅବହେଳା। ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡିରେ ଏପରି ଅବହେଳାକୁ ବିଶ୍ୱବାସୀ ଭକ୍ତମାନେ ସହ୍ୟ କରିପାରୁ ନାହାନ୍ତି। ତେଣୁ ଉପରୋକ୍ତ ଘଟଣାଟିକୁ ବିଧିବଦ୍ଧ ଭାବେ ଅନୁସନ୍ଧାନ ପୂର୍ବକ ପ୍ରକୃତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ଅନୁରୋଧ, ଯେପରି କି ଭବିଷ୍ୟତରେ ଅନ୍ୟ କେହି ସେବକ ଏପରି ତ୍ରୁଟି କରିବାକୁ ସାହସ ଜୁଟାଇପାରିବେ ନାହିଁ।

**– ମହେଶ୍ୱର ନାୟକ,ଦୋବନ୍ଧା, ଗୋଗୁଆ,କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାମ ପାଇଁ ଯନ୍ତ୍ରୀ ଲାଞ୍ଚ ମାଗୁଥିବା ଅଭିଯୋଗ ଆଣିଲା କଂଗ୍ରେସ

**ପରିବା, ପ୍ୟାଣ୍ଟ-ଶାର୍ଟ ଦେଇ କାମ କରିବାକୁ ଅନୁରୋଧ କଲା କଟକ ଜିଲା କଂଗ୍ରେସ**

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଜଳସେଚନ ବିଭାଗ ଅନ୍ତର୍ଗତ ପ୍ରାଚୀ ଡିଭିଜନରେ କଟକ ଜିଲା କଂଗ୍ରେସ ପକ୍ଷରୁ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ କଟକ ଜିଲାର କେତେଜଣ ଚାଷୀ ଏବଂ ଅନ୍ୟାନ୍ୟ ବର୍ଗର ଲୋକେ ପ୍ରାଚୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କଟକ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡେଇତା ପଞ୍ଚାୟତର କେନାଲ ବନ୍ଧ ରାସ୍ତା ଓ କେନାଲର ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ରାସ୍ତା କାମ ପାଇଁ ଉକ୍ତ ଅଧିକାରୀ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା। ରାସ୍ତା କାମ ପାଇଁ ଯେତେ ଅନୁରୋଧକଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଶୁଣିଲେ ନାହିଁ। ବିନା ଲାଞ୍ଚରେ କାମ ହୋଇପାରିବ ନାହିଁ ବୋଲି ଜାଣିବା ପରେ ସ୍ଥାନୀୟ ଅଧିବାସୀ ହତାଶ ହୋଇପଡ଼ିଥିଲେ। ସେମାନେ ଏନେଇ କଟକ ଜିଲା କଂଗ୍ରେସ ସଭାପତିଙ୍କୁ ଅବଗତ କରାଇଥିଲେ। ତେଣୁ ମଙ୍ଗଳବାର ମାନସ ଚୌଧୁରୀ ଏବଂ ଖଣ୍ଡେଇତା ପଞ୍ଚାୟତର ସ୍ଥାନୀୟ ବାସିନ୍ଦା ପ୍ରାଚୀ ଡିଭିଜନ ଯାଇ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କିଛି ପରିବା, ପ୍ୟାଣ୍ଟଶାର୍ଟ ଦେଇ ଏହି ରାସ୍ତା କରିଦେବାକୁ ଅନୁରୋଧ କରିଥିଲେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଯେହେତୁ ସେମାନେ ଚାଷୀ ଓ ଗରିବ ଶ୍ରେଣୀର ଲୋକ ସେଥିପାଇଁ ସେମାନେ ଟଙ୍କା ଲାଞ୍ଚ ଦେବା ପାଇଁ ଅକ୍ଷମ ବୋଲି କହିଥିଲେ। ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ ନିଜ ଭୁଲ୍ ସ୍ୱୀକାରକରି ସପ୍ତାହକ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଉପସ୍ଥିତ କଂଗ୍ରେସର ଅନ୍ୟ କେତେଜଣ ନେତା କହିଛନ୍ତି। ଏହି ଅବସରରେ ଅନେକ ଯୁବଚାଷୀ ମୁହଁରେ ମାନସ ଚୌଧୁରୀଙ୍କ ମୁଖା ପିନ୍ଧି ଏବଂ ହାତରେ 'ମୁଁ ମାନସ ଚୌଧୁରୀ' ଶୀର୍ଷକ ପ୍ଲାକାର୍ଡ ଧରି ଅଧିକାରୀଙ୍କ ନିକଟରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳିଥିଲା।


ପ୍ରାଚୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କଟକ ଜିଲା କଂଗ୍ରେସ ପକ୍ଷରୁ ପରିବା ଓ ପ୍ୟାଣ୍ଟ ଶାର୍ଟ ଦିଆଯାଇ ଅଭିନବ ଉପାୟରେ ବିକ୍ଷୋଭ କରାଯାଉଛି।


ଦରଦାମ ବୃଦ୍ଧି ବିରୋଧରେ ମହିଳା କଂଗ୍ରେସ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲା ଭାଜପା

ସୋନପୁର,୪।୭ (ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ନେତୃବୃନ୍ଦ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। 'ଭାରତୀୟ ଗଣତନ୍ତ୍ରରେ ଲୋକପ୍ରତିନିଧି ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ। ମାତ୍ର ୫-ଟି ସଚିବ ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛନ୍ତି। ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଅସମ୍ମାନକରି ସଭା ଆୟୋଜନ କରାଉଛନ୍ତି। ଜଣେ ସଚିବ ହୋଇ ହେଲିକପ୍ଟରରେ ଜିଲା ବୁଲୁଛନ୍ତି। ସୁବର୍ଣ୍ଣପୁର ଭଳି ଛୋଟ ଜିଲାରେ ୪ଟି ହେଲିପ୍ୟାଡ୍ ନିର୍ମାଣ କରାଇବା, ସଚିବଙ୍କ ପାଇଁ ସଭାସ୍ଥଳ ନିର୍ମାଣ, ବସ୍‌ରେ ମହିଳା, ଛାତ୍ରୀଛାତ୍ରଙ୍କୁ ବୁହାହୋଇ ସଭାସ୍ଥଳକୁ ଆଣିବା ଅକ୍ଷମଣୀୟ। ରାଜନୈତିକ ଫାଇଦା ପାଇଁ ଜନସାଧାରଣଙ୍କ ଟଙ୍କାକୁ ଅପବ୍ୟୟ କରାଯାଉଛି। ଅଥଚ ସଚିବଙ୍କ କାର୍ଯ୍ୟକ୍ରମରେ ଜିଲାର ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷାଙ୍କୁ ସାମିଲ କରାଯାଇନାହିଁ। ଏହା ମତଦାତାଙ୍କ ପ୍ରତି ଅସମ୍ମାନ। ଗତ ୨୩ ବର୍ଷ ବିଜେଡି ଶାସନରେ ଜିଲାର ବିକାଶ ହୋଇପାରିନି। ତେଣୁ ନିର୍ବାଚନ ପୂର୍ବରୁ ବିକାଶ ନାମରେ ଭେଲିକି ଦେଖାଇବା ସଚିବଙ୍କ ଅସଲ ଉଦ୍ଦେଶ୍ୟ ବୋଲି ଦଳ ଅଭିଯୋଗ କରିଛି।' ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ୍, ଇଂ ରଘୁନାଥ ଜଗଦଲା, ବିଜୟ ମହାକୁର, ଶରତ କୁମାର ଶତପଥୀ, ନଳିନୀ ପଣ୍ଡା, ବିଶ୍ୱମ୍ଭର ମିଶ୍ର, ହେମନ୍ତ ବିଶ୍ୱାଳ, ଜଗଜ୍ୟୋତି ତ୍ରିପାଠୀ, ବେଣୁଧର ଦାସ, ସ୍ୱରୂପ ପାତ୍ର, କାଉନସିଲର ସୁକାନ୍ତ କୁମାର ସାହୁ, ଗଙ୍ଗାଧର ତରିଆ ଓ ତ୍ରିଲୋଚନ ତରିଆ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

OFFICE OF THE
PRINCIPAL-IN-CHARGE-CUM-SECRETARY
**MANIKESWARI DEGREE COLLEGE**
Email:manikeswaridegreecollege@gmail.com
AT/PO-GARH-TUMULIA, DIST-SUNDARGARH (ODISHA)
PIN-770024, MOB-7205195224
**WALK-IN-INTERVIEW**
Candidates having 55% of marks in P.G. Level in Economics for appointment of Guest Faculty Lecturer and Mathematics as management Lecturer may apply for an interview within 15 days of publication of this advertisement with all the testimonials.
No TA/DA is admissible.
Sd./-
Principal-in-charge-cum-Secretary

# ୫-ଟି ସଚିବଙ୍କ କାର୍‌କେଡ୍‌କୁ ଏଏପି କର୍ମୀଙ୍କ ଅଣ୍ଡାମାଡ଼

ସୋନପୁର,୪।୭(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିବା ବେଳେ ତାଙ୍କ କାର୍‌କେଡ୍‌କୁ ଲକ୍ଷ୍ୟ କରି ଅଣ୍ଡାମାଡ଼ ହୋଇଛି। ସଚିବ କୋଟସମଲାଇରୁ ଉଲୁଣ୍ଡା ଯାଉଥିବା ବେଳେ ବାଘପାଲି ଛକ ନିକଟରେ ପୋଲିସର କଡା ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କର୍ମୀମାନେ କଳା ପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ କରିଥିଲେ। ସଚିବଙ୍କ ପଛରେ ଯାଉଥିବା ଅଧିକାରୀଙ୍କ ଗାଡ଼ି ଉପରକୁ ମଧ୍ୟ ଅଣ୍ଡାମାଡ ହୋଇଥିଲା। ଜନପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ୫-ଟି ସଚିବ ଜିଲା ଗସ୍ତ କରିବା, ସାଧାରଣ ସଭାରେ ଭାଷଣ ଦେବା ପ୍ରତିବାଦରେ ଏଏପିର କର୍ମକର୍ତ୍ତାମାନେ ଅଣ୍ଡାମାଡ଼ କରିଥିବା କହିଛନ୍ତି। ପୋଲିସ ଭିଡିଓ ଫୁଟେଜ୍‌କୁ ଆଧାର କରି ଏଏପି କର୍ମୀଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।


ଏଏପି ପକ୍ଷରୁ ବାଘପାଲି ଛକ ନିକଟରେ ୫- ଟି ସଚିବଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼ କରାଯାଉଛି।

# ଦଳୀୟ ନୀତି ବିରୁଦ୍ଧ କାର୍ଯ୍ୟ: ନିଶିକାନ୍ତ

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

ପାଣ୍ଡିଆନଙ୍କ ସୋନପୁର ଜିଲା ଗସ୍ତକୁ ବିରୋଧକରି ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିବା ଦଳୀୟ କର୍ମୀମାନଙ୍କୁ 'ଆମ୍ ଆଦ୍‌ମୀ ପାର୍ଟି' ନିଜଠାରୁ ଦୂରେଇ ରଖିଛି। ପାଣ୍ଡିଆନଙ୍କ ଜିଲା ଗସ୍ତକୁ ବିରୋଧକରି ପ୍ରଥମ ଥର ପାଇଁ ଆଗକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କର୍ମୀମାନେ ସୋନପୁରରେ ଅଣ୍ଡାମାଡ଼ କରିଥିବା ଅଭିଯୋଗ ହୋଇଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ଅଣ୍ଡାମାଡ଼ ଘଟଣାକୁ ଏଏପି ଓଡ଼ିଶା ଶାଖା ନିନ୍ଦା କରିବା ସହ ତାଙ୍କ ଦଳ ଅଣ୍ଡାମାଡ଼ କିମ୍ବା ହିଂସାତ୍ମକ ପନ୍ଥାରେ ବିଶ୍ୱାସ କରେ ନାହିଁ ବୋଲି ଦଳର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ପାଣ୍ଡିଆନ ଏବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଜିଲା ଗସ୍ତ କରୁଛନ୍ତି, ସେଥିରେ ରାଜନୈତିକ ଭୂମିକା ରହୁଛି। ନବୀନ ସରକାରକୁ ତାଙ୍କ ଦଳ ବିରୋଧ କରୁଛି। କିନ୍ତୁ ଅଣ୍ଡାମାଡ଼ କରିବା ଦଳୀୟ ନୀତି ବିରୁଦ୍ଧ କାର୍ଯ୍ୟ। କେଉଁ କର୍ମୀମାନେ ଏହି ଅଣ୍ଡାମାଡ଼ କରୁଛନ୍ତି ତା'ର ଖୋଳତାଡ଼ ଓ ସମୀକ୍ଷା କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା କର୍ମୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଶିକାନ୍ତ କହିଛନ୍ତି।

# ଲୋକଙ୍କ ପାଖକୁ ଯାଇ ସମସ୍ୟା ସମାଧାନକୁ ବିରୋଧ କାହିଁକି: ବିଜେଡି

**ଶୀତତାପ ନିୟନ୍ତ୍ରିତ କୋଠରିରେ ବସିଥିବା ଲୋକେ ଏହା ବୁଝିପାରୁନାହାନ୍ତି**

ଭୁବନେଶ୍ୱର,୪।୭(ଅନିଲ ଦାସ)

ଭୁବନେଶ୍ୱରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଲୋକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିବା ପରିବର୍ତ୍ତେ ଗାଁ ଗହଳିରେ ରହୁଥିବା ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ସମାଧାନ କରିବା ଭଲ ନୁହେଁ କି? କାହିଁକି କିଛି ଲୋକ ଏଭଳି ପଦକ୍ଷେପ ଉପରେ କ୍ରୋଧିତ ଏବଂ ଈର୍ଷାନ୍ୱିତ ହେଉଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି।

ବିଜେଡି ମୁଖପାତ୍ର ଈପ୍ସିତା ସାହୁ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ସେମାନଙ୍କ ଦୁଆର ମୁହଁକୁ ନେବାକୁ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପଠାଇଛନ୍ତି। ଏଭଳି ପଦକ୍ଷେପ ଯୋଗୁ ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର ଏବଂ ଅନ୍ୟାନ୍ୟ ଜିଲାର ହଜାର ହଜାର ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଶାସନ କରିବାକୁ ଅଭ୍ୟସ୍ତ ଲୋକମାନେ ଏହି ଅଭିନବ ପଦକ୍ଷେପକୁ ବୁଝିପାରିବେ ନାହିଁ। ମାଲକାନଗିରିର ଲୋକମାନେ ଭୁବନେଶ୍ୱର ପର୍ଯ୍ୟନ୍ତ ଆସି ସେମାନଙ୍କ ଅଭିଯୋଗ ଜଣାଇବା ସମ୍ଭବ ନୁହେଁ। ଯେଉଁମାନେ ରାଜନୀତିରେ ନବାଗତ ଏବଂ ଲୋକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ନୁହନ୍ତି ସେମାନେ ଏହା ବୁଝିପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଭେଟିବା, ସେମାନଙ୍କ ସମସ୍ୟାକୁ ଶୁଣିବା ଏବଂ ସମାଧାନ କରିବାକୁ ପୃଥିବୀର କୌଣସି ଶକ୍ତି ଅଟକାଇପାରିବ ନାହିଁ ବୋଲି ଈପ୍ସିତା କହିଛନ୍ତି।

# ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମକୁ ବ୍ୟବହାର କର: କପିଳ ପରମାର



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଯୁବମୋର୍ଚ୍ଚାର ସାମାଜିକ ଗଣମାଧ୍ୟମ କର୍ମଶାଳାରେ ଉପସ୍ଥିତ ନେତୃବୃନ୍ଦ।

**ଯୁବମୋର୍ଚ୍ଚାର ସାମାଜିକ ଗଣମାଧ୍ୟମ କର୍ମଶାଳା**

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)

କେନ୍ଦ୍ରରେ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଅନେକ ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରାଯାଇଛି। ଏ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସବୁଠୁ ବଡ଼ ଆହ୍ୱାନ। ବର୍ତ୍ତମାନ ଏହାକୁ ବାସ୍ତବ ରୂପ ଦେବା ପାଇଁ ସାମାଜିକ ଗଣମାଧ୍ୟମ ହେଉଛି ସବୁଠୁ ବଡ଼ ମାଧ୍ୟମ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଦ୍ୱାରା ବିକାଶ କାର୍ଯ୍ୟ ଆହୁରି ଅଧିକ ହୋଇପାରିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଯୁବମୋର୍ଚ୍ଚା ସାମାଜିକ ଗଣମାଧ୍ୟମ କର୍ମଶାଳାରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି।। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ୍ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଆଇଟି ସଂଯୋଜକ କପିଳ ପରମାର ଯୋଗଦେଇ ଫେସ୍‌ବୁକ୍, ୟୁଟ୍ୟୁବ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମକୁ ବ୍ୟବହାରକରି ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ଏହି କର୍ମଶାଳାରେ ରାଜ୍ୟର ସମସ୍ତ ଜିଲାରୁ ଆଇଟି ଦାୟିତ୍ୱରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ମୋଦି ସରକାରଙ୍କ ସଫଳତା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି କହିଛନ୍ତି।

**ସାର୍ବଜନିକ ସୂଚନା**

ଏହା ସାଧାରଣ ଜନତାଙ୍କ ସୂଚନା ପାଇଁ ଯେ, ଆଶା ଭରସା ପାର୍ଟି ନାମରେ ଏକ ରାଜନୈତିକ ଦଳକୁ ପଞ୍ଜୀକୃତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ପାର୍ଟିର କାର୍ଯ୍ୟାଳୟ ଭଗବାନପୁର, ପୋଷ୍ଟ: ଗୌଡ଼ରମା, ଥାନା ଓ ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757030। ଜନ ପ୍ରତିନିଧି ଆଇନ ୧୯୫୧ର ଧାରା ୨୯(କ) ଅନୁଯାୟୀ ରାଜନୈତିକ ଦଳ ଭାବେ ପଞ୍ଜୀକରଣ ପାଇଁ ଦଳ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ କରାଯାଇଛି। ଦଳର ପଦାଧିକାରୀଙ୍କ ନାମ/ଠିକଣା ନିମ୍ନରେ ଦିଆଗଲା।

**ରାଷ୍ଟ୍ରୀୟ ସଭାପତି:** ସୁରେନ୍ଦ୍ର ନାଥ ହାଁସଦାଃ, ଗ୍ରାମ: ଭଗବାନପୁର, ପୋଷ୍ଟ: ଗୌଡ଼ରମା, ବ୍ଲକ: କୁଳିଅଣା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757030।
**ରାଷ୍ଟ୍ରୀୟ ଉପାଧ୍ୟକ୍ଷ:** ଜଗେନ୍ଦ୍ର ହେମ୍ବ୍ରମ, ଗ୍ରାମ: ଖଡ଼ିଶୋଳଯମୁନା, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757026।
**ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ:** ଜ୍ୟୋତି ପ୍ରକାଶ, ଟାଙ୍କି ସାହି, ପୋଷ୍ଟ: ଭଞ୍ଜପୁର, ବ୍ଲକ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757002।
**ରାଷ୍ଟ୍ରୀୟ କୋଷାଧ୍ୟକ୍ଷ:** ଚନ୍ଦ୍ର ମୋହନ ମୁର୍ମୁ, ଗ୍ରାମ: ଦେଉଳିଆ, ପୋଷ୍ଟ: ଦେଉଳିଆ, ବ୍ଲକ: ବଡ଼ସାହି, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା – 757026।

ଆଶା ଭରସା ପାର୍ଟିର ପଞ୍ଜୀକରଣକୁ ନେଇ ଯଦି କାହାର ଆପତ୍ତି ରହିଛି, ସେମାନେ କାରଣ ଦର୍ଶାଇ ସେମାନଙ୍କ ଆପତ୍ତି ପତ୍ର ସଚିବ (ରାଜନୈତିକ ଦଳ), ଭାରତ ନିର୍ବାଚନ ଆୟୋଗ, ନିର୍ବାଚନ ସଦନ, ଅଶୋକ ରୋଡ୍, ନୂଆଦିଲ୍ଲୀ – 110001ଙ୍କ ନିକଟକୁ ଏହି ନୋଟିସ୍ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ପଠାଇପାରିବେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି**
**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ**
Adv.No.3/2023/95/DCPU/KLD/29(2)
Date:04.07.2023
**ବିଜ୍ଞପ୍ତି**

| ଶିଶୁର ନାମ | ପୁଅ/ଝିଅ | ବୟସ | ରହୁଥିବା ସ୍ଥାନ |
|---|---|---|---|
| ପୁଷ୍ପିତା | ଝିଅ | ୪ ଦିନ | ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣା |


ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ଶିଶୁଟି ତା.୩୦.୦୬.୨୦୨୩ ରିଖ ଦିନ ବିଶ୍ୱନାଥପୁର ବ୍ଲକ ଅନ୍ତର୍ଗତ ଜାମଚୁଆଁ ଗ୍ରାମଠାରୁ ବିଶ୍ୱନାଥପୁର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି ଏବଂ ଶିଶୁ ମଙ୍ଗଳ ସମିତି, କଳାହାଣ୍ଡିଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି । ଏଠାରେ ପ୍ରକାଶ ଥାଉକି, ଗତ ତା.୦୪.୦୭.୨୦୨୩ ରିଖ ଦିନ ଶିଶୁ ମଙ୍ଗଳ ସମିତି, କଳାହାଣ୍ଡି ନିର୍ଦ୍ଦେଶନାମା-172/ସି.ଡବ୍ଲ୍ୟୁ.ସି./କେ.ଏଲ.ଡି/୨୩ ମୁତାବକ ଉପରୋକ୍ତ ଶିଶୁଟିକୁ ପରିତ୍ୟକ୍ତ ଶିଶୁ ଭାବରେ ଘୋଷଣା କରିବା ସହିତ ଶିଶୁ ସମ୍ବନ୍ଧରେ ଦୈନିକ ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଅଛି । ଏହି ଶିଶୁଟିର କେହି ପିତାମାତା/ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଯଦି ରହିଥାନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ପିଲାଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୪୧ (୪) ଅନୁଯାୟୀ ଆବଶ୍ୟକ ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯିବ ।

ଯୋଗାଯୋଗ:-
୧.ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଳାହାଣ୍ଡି, ଫୋନ-୦୬୬୭୦-୨୩୦୩୮୩
୨.ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଳାହାଣ୍ଡି, ଫୋନ-୦୬୬୭୦-୩୫୯୧୭୧
୩. ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା, ନେହେରୁ ସେବା ସଂଘ, ପରମାନନ୍ଦପୁର, ଭବାନୀପାଟଣା
**ଅଫିସ ଠିକଣା-** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,ପରଦେଶୀ ପଡ଼ା (ଏସ୍.ପି.ଅଫିସ ପଛପଟ), ପୋ/ଥାନା- ଭବାନୀପାଟଣା ଟାଉନ, ଜିଲ୍ଲା-କଳାହାଣ୍ଡି, ପିନ-୭୬୬୦୦୧

(ଜିଲ୍ଲାପାଳଙ୍କ ଆଦେଶାନୁସାରେ)
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କଳାହାଣ୍ଡି

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଟାଟା ଏଲ୍‌ପିଟି 3718
ଗାଡ଼ି ନଂ.- OD09K4763
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 1315000.00
2) ମଡେଲ ନଂ. ସିବି_ଆଇଚର୍ ପ୍ରୋ 6037 ଚେସିସ୍
ଗାଡ଼ି ନଂ.- OD06H4877
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1351117.46
3) ମଡେଲ ନଂ. ଟାଟା ଏଲ୍‌ପିକେ 3118 ଏଫ୍‌ବିଭି
ଗାଡ଼ି ନଂ.- OD09K3716
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1542586.60
4) ମଡେଲ ନଂ. ଫୁଲି_ବିଲ୍ଟ_ଟିପ୍ପର_ସିଗ୍‌ନା_3523_ଟାଟା
ଗାଡ଼ି ନଂ.- OD14W3099
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1585000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 9234106336

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल मनोहरपुर।**
नेशनल कम्पीटिटिभ बिडींग
(ई0—निविदा आमंत्रण सूचना)
ई— निविदा आमंत्रण सूचना संख्या — RCD/MANOHARPUR/02/2023-24 (2nd Call) दिनांक: 04.07.2023

| | | |
|---|---|---|
| 1. | कार्य का नाम :— | Reconstruction of Gua-Salai Road from k.m. 0.00 to k.m. 2.00 (Total Length 2.00 k.m. (MDR-189) |
| 2. | प्राक्कलित राशि (रूपये में) | रू0 11,73,74,023.23 (ग्यारह करोड़ तिहत्तर लाख चौहत्तर हजार तेईस रूपये और तेईस पैसे) |
| 3. | कार्य समाप्ति की अवधि | 04 (चार) माह । |
| 4. | वेबसाईट पर निविदा प्रकाशन की तिथि एवं समय | 17.07.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 23.07.2023 , 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 25.07.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर । |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 8809665333 |
| 9. | ई—निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :— यूकैन निबंधित निविदाकार ही निविदा डाल सकते हैं। निविदा की राशि घट—बढ़ सकती है।
विस्तृत जानकारी हेतु वेवसाईट http://jharkhandtenders.gov.in पर देखें।
कार्यपालक अभियंता,
प0नि0वि0, पथ प्रमण्डल, मनोहरपुर।
PR 301389 (West Singhbhum) 23-24 (D)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Job for Servant on Salary basis. Education below 10th. Salary after Interview Physically between 11 AM to 5 PM.
Mob:9438128790

**ଆବଶ୍ୟକ**
ଜୟଦୁର୍ଗା କେମିକାଲ ନିମନ୍ତେ ୧୦ ଜଣ worker (ଉଭୟ ମହିଳା ଓ ପୁରୁଷ) ଆବଶ୍ୟକ ।
ଯୋଗାଯୋଗ: ପ୍ଲଟ ନଂ.୮୪୩,ପଳାଶୁଣୀ, ଭୁବନେଶ୍ୱର-751010, ମୋବାଇଲ:୯୯୩୮୦୬୯୭୯୬

**ଆବଶ୍ୟକ**
ଗୋଟିଏ ପ୍ରତିଷ୍ଠିତ ସିକ୍ୟୁରିଟି ସଂସ୍ଥା ପାଇଁ Supervisor & ସିକ୍ୟୁରିଟି ପିଲା ଆବଶ୍ୟକ।
9438004018, 7847099623
9658958536, 8249484909

**ତୁରନ୍ତ ଆବଶ୍ୟକ**
ରେଲ୍‌ୱେ ବ୍ରିଜ୍ କାମ ପାଇଁ ରାଜମିସ୍ତ୍ରୀ, ସେଣ୍ଟ୍ରିଂ ମିସ୍ତ୍ରୀ, ଫିଟର, କାର୍ପେଣ୍ଟର ଏବଂ ହେଲ୍‌ପର । ଭଲ ଦରମା, ଅହମ୍ମଦାବାଦ (ଗୁଜରାଟ)
(ମୋ):- 9512229747
9512289747
7013356115
Email:- cannycms@gmail.com




इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाईट देखने हेतु स्कैन करें Scan to visit Website

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଲର୍କସ୍-XIII ୨୦୨୪-୨୫ର ଖାଲି ପଦବୀ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ୍ କ୍ୟାଡର ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅଗଷ୍ଟ / ସେପ୍ଟେମ୍ବର ୨୦୨୩ ଏବଂ ଅକ୍ଟୋବର, ୨୦୨୩ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ଅଗଷ୍ଟ ୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ଅଗଷ୍ଟ ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅଗଷ୍ଟ ୨୦୨୩ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | ଅଗଷ୍ଟ / ସେପ୍ଟେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା–ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | ଅକ୍ଟୋବର ୨୦୨୩ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୩ ନିର୍ଦ୍ଦେଶକ

## ଏସଟି ଜେଭିଆର ପବ୍ଲିକ ସ୍କୁଲରେ ବନମହୋତ୍ସବ

ଖଡ଼ିଆଲ,(ସୁଜିତ୍ ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଏସଟି ଜେଭିଆର ପବ୍ଲିକ ସ୍କୁଲରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରିନ୍ସିପଲ ମିନାକ୍ଷୀ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡ଼ିଆଲ ବନାଞ୍ଚଳ ଅଧିକାରୀ ସଂସ୍କୃତ ବଡନାୟକ, ଫରେଷ୍ଟର କନ୍ଦର୍ପ ସୁନାନୀ, ନରେଶ ଦଣ୍ଡସେନା ଏବଂ ଚୈରମେନ ପ୍ରବୀଣ ରଞ୍ଜନ ଠାକୁର ମଞ୍ଚାସୀନ ଥିଲେ। ରେଞ୍ଜର ବଡନାୟକ ଛାତ୍ରୀଛାତ୍ରମାନଙ୍କୁ ବନମହୋତ୍ସବ ଏବଂ ବୃକ୍ଷ ଲତାର ଉପକାରିତା ବିଷୟରେ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ସହିତ ବୃକ୍ଷରୋପଣ କରାଇଥିଲେ। ଏଠାରେ ବୋର୍ଡ ମେମ୍ବର ଜିତେନ୍ଦ୍ର ରାଉତରାୟ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ସମସ୍ତେ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଖଡ଼ିଆଲ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ୪୨ ଡିଗ୍ରୀ

### ସକାଳୁଆ ସ୍କୁଲ କରିବା ପାଇଁ ଦାବି

ଖଡ଼ିଆଲ,୪।୭(ସୁଜିତ୍ ପ୍ରଧାନ): ଗତ ତିନି ଦିନ ହେଲା ନୂଆପଡା ଜିଲା ତଥା ଖଡ଼ିଆଲ ଅଞ୍ଚଳରେ ତାପମାନ ବଢ଼ି ଯିବା ଦ୍ୱାରା ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ମଙ୍ଗଳବାର ଖଡ଼ିଆଲ ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀ ରହିଥିବା ବେଳେ ସନ୍ଧ୍ୟା ୫ଟାରେ ୩୩ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ତତ ସହିତ ମାତ୍ରାଧିକ ବିଦ୍ୟୁତ୍ କାଟ ମଧ ହେଉଛି। ଅତ୍ୟଧିକ ଗରମ ହେଉଥିବା ଯୋଗୁ ବିଦ୍ୟାଳୟଗଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରମାନେ କେତେବେଳେ ଅଂଶୁଘାତରେ ପଡି ପାରନ୍ତି। ପାଣିପାଗ ଆକଳନରୁ ଆହୁରି ଦୁଇ ତିନି ଦିନ ଗରମ ରହିପାରେ ବୋଲି ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ନୂଆପଡା ଶିକ୍ଷା ବିଭାଗ ଶନିବାର ପର୍ଯ୍ୟନ୍ତ ସକାଳୁଆ କ୍ଲାସ କରିବା ପାଇଁ ଦାବି ହେଉଛି।

## ୫ ନୂତନ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଡ଼ିଆଲ,୪।୭(ସୁଜିତ୍ ପ୍ରଧାନ): ନୂଆପଡ଼ା ଜିଲା ଖଡିଆଲ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂତନ ଭାବେ ଯୋଗଦେଇଥିବା ୫ଜଣ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗଦେଇ ଖଡିଆଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ଚିକିତ୍ସା ସେବା ଯୋଗାଇବାରେ ସହଯୋଗ ହେବ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ଖଡ଼ିଆଲ ତହସିଲଦାର ଶିନ୍ଧୁସୂତା ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡ. ରଞ୍ଜିତ ରାଉତ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଡ.ସୁରଜ କୁମାର ହୋତା, ଡ.ଦେବାଶିଷ ସିଂ, ଡ.କନକ ନାଏକ, ଡ.ପ୍ରବୀଣ ମେହେର, ଡ. ସୁକନ୍ୟା ଚୌହାନ ପ୍ରମୁଖ ନୂତନ ଭାବେ ଯୋଗଦେଇଥିଲେ।

## ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

କୋକସରା,୪।୭(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ): କଳାହାଣ୍ଡି ଜିଲା କୋକସରା ଭାଜପା ମଣ୍ଡଳ ପକ୍ଷରୁ ଟେମରା ଗ୍ରାମରୁ ଦଳୀୟ କର୍ମକର୍ତ୍ତାମାନେ ଜନସମ୍ପର୍କ ଯାତ୍ରା ଆରମ୍ଭ କରାଯାଇଛି। ମୋଦି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରି ବାହାବା ନେଇ ଓଡିଶାର ଲୋକଙ୍କୁ ଭ୍ରମିତ କରିଥିବା ଅଭିଯୋଗ କରିଛନ୍ତି। କୋକସରା ମଣ୍ଡଳର ୬ଟି ଶକ୍ତିକେନ୍ଦ୍ର ଟେମରା, ମାଝୀଗୁଡା, କୋକସରା, ରେଙ୍ଗାଲପାଲି, ଗମ୍ଭାରୀଗୁଡା, ଲଡୁଗାଁରେ ଜନସମ୍ପର୍କ ପଦଯାତ୍ରା କରି ଜନସାଧାରଣ ନିକଟରେ ପହଞ୍ଚି କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ବାର୍ତ୍ତା ଓ ସଚେତନତା କରିବା। କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ଉପସଭାପତି ଗୋପାଳ ଅଗ୍ରୱାଲ, ସାଧାରଣ ସମ୍ପାଦକ ମନୋଜ ନାଏକ, ମଦନ ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାସକରେ ଗଲାଣି ୪ ଜୀବନ

### କଳାହାଣ୍ଡିରେ ହାତୀ ଉପଦ୍ରବ

■ଘର ଭାଙ୍ଗିଲା, ଧାନଚାଉଳ କରୁଛି ନଷ୍ଟ

ଭବାନୀପାଟଣା,୪।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ହାତୀ ଆତଙ୍କ ଦେଖାଦେବା ଯୋଗୁ ମାସକ ମଧ୍ୟରେ ଗଲାଣି ୪ ଜୀବନ। ତଥାପି ଚେତୁନି ବନ ବିଭାଗ। ହାତୀ ଆକ୍ରମଣରେ ଜିଲାର ଲାଞ୍ଜିଗଡ଼ ବ୍ଲକରେ ୨ଜଣ, ଜୁନାଗଡ଼ ବ୍ଲକରେ ଜଣେ ଓ ଥୁଆମୂଳ ରାମପୁର ବ୍ଲକରେ ଜଣକର ମୃତ୍ୟୁ ହୋଇସାରିଲାଣି। ଜିଲାର ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ରେରେନପିଣ୍ଡା ଗାଁରେ ହାତୀ ଆକ୍ରମଣରେ ଗତ ଶନିବାର ରାଇ ମାଝି (୫୬) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ରାଇ ଗାଁ ପାଖ ତାଙ୍କ ଚାଷଜମିକୁ ଯାଇଥିଲେ। ସନ୍ଧ୍ୟାରେ ଜଙ୍ଗଲ ରାସ୍ତା ଦେଇ ଘରକୁ ଫେରିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିବାରୁ ହାତୀ ତାଙ୍କୁ ଦଳିଚକଟି ମାରିଦେଇଥିଲେ। ସୋମବାର ଭୋରୁ ରାଇଙ୍କ ଭାଇ ରିଗା ମାଝି ସେହି ରାସ୍ତା ଦେଇ ଯିବା ସମୟରେ ରାଇଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିଥିଲେ। ସେହିପରି ଗତ ମେ ମାସ ୨୯ ତାରିଖରେ ଲାଞ୍ଜିଗଡ଼ ବ୍ଲକ ବସନ୍ତପ



ହାତୀ ଲାଞ୍ଜିଗଡ଼ର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇଛି।

ଗାଁର ବାଙ୍ଗେରା ମାଝି (୫୫)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ଏହାସହ ଗତ ୨୯ ତାରିଖ ବିଳମ୍ବିତ ରାତିରେ ଲାଞ୍ଜିଗଡ଼ ବନ ବିଭାଗ ଅଧୀନ ସେମିଳିଭଟାର ତାଣ୍ଡିପଦର ଗାଁରେ ଏକ ୧୨ ଟିକିଆ ହାତୀପଲ ଗ୍ରାମର ପାମ୍ପ ମାଝିଙ୍କ ଘର ଭାଙ୍ଗି ଘରେ ଥିବା ଧାନ, ଚାଉଳ ନଷ୍ଟ କରିଥିବା ବେଳେ ନରେନ୍ଦ୍ର ମାଝିଙ୍କ ମଧ ଘର ଭାଙ୍ଗିବା ସହ ଆବାବହପତ୍ର ନଷ୍ଟ କରିଥିଲେ। ହାତୀପଲ ଶବ୍ଦ ଶୁଣି ପାମ୍ପ ଓ ନରେନ୍ଦ୍ରଙ୍କ ପରିବାର ଜୀବନ ବିକଳରେ ଘରୁ ବାହାରି ପଳାଇ ଯାଇଥିବାରୁ ସେମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ତେବେ ଘରଦ୍ୱାର, ଆସବାବପତ୍ର, ଲୁଗାପଟା ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଦୁଇଟି ପରିବାର ସର୍ବସ୍ୱାନ୍ତ ହୋଇ ପଡ଼ିଛନ୍ତି। ସେହିପରି ଗତ ୨୯ ତାରିଖ ଜିଲାର ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଟେବାମହୁଲ ଗାଁରେ ହାତୀ ଆକ୍ରମଣରେ ଗାଁର ୱାର୍ଡମେମ୍ବର ପଞ୍ଚୁ ମାଝି(୫୦)ଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ରାତିରେ ଘର ନିକଟରେ ଥିବା ସମୟରେ ହଠାତ୍ ହାତୀ ସମ୍ମୁଖରେ ପଡ଼ିଯାଇଥିଲେ। ଫଳରେ ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇ ଗୋଡ଼ରେ ଦଳି ଦେଇଥିଲା। ଏହାସହ ଗତ ୧୭ ତାରିଖରେ ଉକ୍ତ ହାତୀ ଆକ୍ରମଣରେ ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ପଞ୍ଚାୟତ ଖାରବନ୍ଦ ଗ୍ରାମର ଗଜିନ୍ଦ୍ର ଜାନୀଙ୍କର ବି ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଜୁନ ୨୭ ତାରିଖଠୁ ବନ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ହାତୀ ଘଉଡ଼ାଇବା କାମରୁ ସେମାନେ ନିବୃତ ରହିଥିବାରୁ ଆଗକୁ କୌଣସି ଧନଜୀବନ ନଷ୍ଟକୁ ଏଡ଼ାଇ ଦିଆଯାଇ ନ ପାରେ।

## ମାଓବାଦୀ ଗତିବିଧି ଉପରେ ସମୀକ୍ଷାକଲେ ଦକ୍ଷିଣାଞ୍ଚଳ ଡିଆଇଜି



ଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଦକ୍ଷିଣାଞ୍ଚଳ ଡିଆଇଜି ଆଲୋଚନା କରୁଛନ୍ତି।

ନୂଆପଡ଼ା,୪।୭(ମକାରୁ ବେମାଲ)

ନୂଆପଡା ଜିଲା ଦିନିକିଆ ଗସ୍ତ କରିଛନ୍ତି ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମିନା। ଏହି ଅବସରରେ ଡିଆଇଜି ମାଓବାଦୀ ଅଧ୍ୟୁଷିତ ସୁନାବେଡା ଓ ଧାତୁନାମ ପୋଲିସ କ୍ୟାମ୍ପ ପରିଦର୍ଶନ କରି ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ସେଠାରୁ ଫେରି ନୂଆପଡା ରିର୍ଜଭ ପୋଲିସ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏସ୍‌ପି ଜିଆର ରାଘବେନ୍ଦ୍ର, ୨୧୬ ବାଟାଲିଆନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଓ ଉପରିସ୍ଥ ପୋଲିସ ଅଧିକାରୀ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଉପଖଣ୍ଡ ପୋଲିସ ଅଧିକାରୀ କାର୍ଯ୍ୟାଳୟଠାରେ ଏକ ଡଗ କେନାଲ ଉଦ୍‌ଘାଟନ କରି ସଦର ଥାନା ସମ୍ମୁଖରେ ନିର୍ମିତ ଆମ ପୋଲିସ ଉଦ୍ୟାନ, ମହିଳା ଓ ଶିଶୁ ଡେସ୍କ ଉଦ୍‌ଘାଟନ କରିଥିଲେ। ପୂର୍ବେ ଥାନା କହିଲେ ସାଧାରଣ ଲୋକଙ୍କୁ ଡର ଲାଗୁଥିଲା। ବର୍ତ୍ତମାନ ପୋଲିସ ଓ ସାଧାରଣ ଲୋକଙ୍କ ସମ୍ପର୍କ ବଢାଇବା ପାଇଁ ବିଭିନ୍ନ ଯୋଜନା କରାଯାଉଛି। ଥାନାକୁ ଏତଲା ଦେବା ପାଇଁ ଆସିଥିବା ଲୋକ ଭିଡ ସମୟରେ ଚୁପ ହୋଇ ବସି ନ ରହି ମନକୁ ଶାନ୍ତି ଆଣିବା ପାଇଁ ପାର୍କ ପରିଭ୍ରମଣ କରିବା ପାଇଁ ନୂତନ ଭାବେ ଆମ ପୋଲିସ ପାର୍କ ନିର୍ମାଣ କରାଯାଇଛି ବୋଲି ସଦର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି ମିନା ସୁଚନା ଦେଇଛନ୍ତି। ଏହି ପାର୍କରେ ସହରବାସୀ ଯେ କୌଣସି ସମୟରେ ଆସି ଭ୍ରମଣ କରି ପାରିବେ। ଜନସାଧାରଣ ପାର୍କରେ ଭ୍ରମଣ କରିବା ଦ୍ୱାରା ପୋଲିସ ଓ ଜନସଧାରଣଙ୍କ ସମ୍ପର୍କ ବଢିବ ବୋଲି ଡିଆଇଜି କହିଛନ୍ତି। ଏହି ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ଥାନାର ସମସ୍ତ ପୋଲିସ ଉପସ୍ଥିତ ଥିଲେ।

## ୨୦୦ ୟୁନିଟ୍ ବିଜୁଳି ଦେୟମୁକ୍ତ ଦାବିରେ ଏଏପିର ଜନସମାବେଶ

ଗୋଲାମୁଣ୍ଡା,୪।୭(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଜୁନାଗଡ ନିର୍ବାଚନମଣ୍ଡଳୀ ଗୋଲାମୁଣ୍ଡା ବ୍ଲକ କେଗାଁ ବଜାର ପଡିଆଠାରେ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ୨୦୦ ୟୁନିଟ ବିଜୁଳି ଦେୟମୁକ୍ତ ଦାବିରେ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଏପିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଓଡିଶାର ଅନେକ ଜାଗାରେ ବିଜୁଳି ଉତ୍ପାଦନ ହେଉଥିଲେ ସୁଦ୍ଧା ରାଜ୍ୟର ଲୋକଙ୍କୁ ବିଜୁଳି ମହଙ୍ଗା ହୋଇଛି, ଯାହାକି ଦୁଃଖର ବିଷୟ ବୋଲି କହିଥିଲେ। ଏଥିପାଇଁ ଏଠାରୁ ୨୦୦ ୟୁନିଟ ବିଜୁଳି ଦେୟମୁକ୍ତ ଦାବିରେ ଏଏପିର ଆନ୍ଦୋଳନ ଆରମ୍ଭ ହେଲା। ଆଗାମୀ ଦିନରେ ରାଜ୍ୟ ସରକାର ଯଦି ୨୦୦ ୟୁନିଟ ବିଜୁଳୀ ଦେୟମୁକ୍ତ ନ କରନ୍ତି ତାହେଲେ ରାଜ୍ୟରେ ଏଏପି ସରକାର ଗଢିଲେ ରାଜ୍ୟବାସୀ ମାଗଣାରେ ୨୦୦ ୟୁନିଟ ବିଜୁଳୀ ପାଇବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମହାପାତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା




ଜନସମାବେଶରେ ଯୋଗଦେଇଥିବା ଏଏପିର ନେତୃମଣ୍ଡଳୀ।

ସହିତ ରାଜ୍ୟ ଭାଜପାନେତାମାନେ ବିଜେଡି ବିରୋଧରେ କହୁଥିଲେ ସୁଦ୍ଧା କେନ୍ଦ୍ରର ନେତା ଓ ମନ୍ତ୍ରୀମାନେ ବିଜେଡି ତଥା ମୁଖ୍ୟମନ୍ତ୍ରୀଙ୍କ ଗୁଣଗାନ କରିଥାନ୍ତି। ଏଥିରୁ ସ୍ୱାଷ୍ଟ ଅନୁମାନ ହେଉଛି ଯେ ଓଡିଶାରେ ଭାଜପା ବିଜେଡି ମିଳିତ ସରକାର ଚାଲିଛି। କାର୍ଯ୍ୟକ୍ରମରେ ଜୁନାଗଡ ନିର୍ବାଚନମଣ୍ଡଳୀ ସଭାପତି ଡିଲେଶ୍ୱର ସାଙ୍କ ନେତୃତ୍ୱରେ ଜିଲା ସଭାପତି ସତ୍ୟ ମାହାର, ସାଧାରଣ ସମ୍ପାଦକ ର୍ତିଥ ବୁଦ୍ଧିଆ, ଜୁନାଗଡ ନିର୍ବାଚନମଣ୍ଡଳୀ କାର୍ଯ୍ୟକାରୀ ସଭାପତି ଭକ୍ତରାମ ମାଝି, ଗୋଲାମୁଣ୍ଡା ବ୍ଲକ ସଭାପତି ବିଶ୍ୱମ୍ଭର ମାଝି, ସଧାରଣ ସମ୍ପାଦକ ପ୍ରଶାନ୍ତ ତାଣ୍ଡି, ମହିଳା ସଭାନେତ୍ରୀ ପ୍ରେମଲତା ସେଠିଆ, ସହସଭାନେତ୍ରୀ ଜ୍ୟୋତି ହରପାଲ, ଜୁନାଗଡ ବ୍ଲକ ସଭାପତି ମଙ୍ଗରାଜ ମାଝି, ଜୁନାଗଡ ଏନ୍‌ଏସି ସଭାପତି ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡମ୍ବରୁଧର ମାଝି ମଞ୍ଚ ପରିଚାଳନା କରିଥିଲେ। ଜୁନାଗଡ ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀମାନେ ଏଏପିରେ ଯୋଗଦାନ କରିଥିଲେ।

## ଶାନ୍ତିକୁଞ୍ଜ ହରିଦ୍ୱାରର ବୃକ୍ଷଗଙ୍ଗା ଅଭିଯାନ ଶୁଭାରମ୍ଭ

ରୁପ୍ରାରୋଡ୍,୪।୭(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଜଗନ୍ନାଥ ମନ୍ଦିର ପରିସରରେ ଗୁରୁ ପୂର୍ଣ୍ଣିମା ତଥା ଏକ କୁଣ୍ଡିୟଗାୟତ୍ରୀ ମହାଯଜ୍ଞ, ଗୁରୁ ଗୀତା ପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୁରୁଦେବ ରାମଶର୍ମା ଆଚାର୍ଯ୍ୟଙ୍କ ଦ୍ୱାରା ଶାନ୍ତିକୁଞ୍ଜ ହରିଦ୍ୱାରର ବୃକ୍ଷଗଙ୍ଗା ଅଭିଯାନ ନର୍ଲା ବ୍ଲକ ଗାୟତ୍ରୀ ପରିବାର ପକ୍ଷରୁ ଶୁଭାରମ୍ଭ କରି ସ୍ଥାନୀୟ ଶିଶୁ ମନ୍ଦିରରେ ବୃକ୍ଷ ରୋପଣ କରାଯାଇଥିଲା। ଜିଲା ଗାୟତ୍ରୀ ପରିବାର ମୁଖ୍ୟ ସଂଯୋଜକ ତପନ କୁମାର ସାହୁ, ଗାୟତ୍ରୀ ପରିବାର ବରିଷ୍ଠ କାର୍ଯ୍ୟକର୍ତ୍ତା ମେଦିନୀ ଧର ଜାନି, ଚକ୍ରଧର ସାହୁ, ନର୍ଲା ଗାୟତ୍ରୀ ପ୍ରଜ୍ଞା ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହମତିରେ ନୂତନ ବ୍ଲକ କମିଟି ଗଠନ କରାଯାଇଛି। ବ୍ଲକ ମୁଖ୍ୟ ସଂଯୋଜୋକ ଭାବେ ଅନିଲ କୁମାର ଅଗ୍ରୱାଲ, ସହ ସଂଯୋଜକ ତୀର୍ଥ ବୁଦ୍ଧିଆ, ଅଫିସ ଇନ୍‌ଚାର୍ଜ ବିକ୍ରମ ଗଉଡ, ଯୁବା ପ୍ରକୋଷ୍ଠ ମୁଖ୍ୟ ଗଣେଶ ଚନ୍ଦ୍ର ପୃଷ୍ଟି, ନାରୀ ଜାଗରଣ ମୁଖ୍ୟ ସୁଷମା ପୁଟେଲ, ସଙ୍ଗଠନ ମୁଖ୍ୟ ପ୍ରମୋଦ କୁମାର ବେହେରା, ସଙ୍ଗଠନ ସହଯୋଗୀ ମହେଶର ମାଝିଙ୍କୁ ଚୟନ କରାଯାଇଥିଲା।

## ହିତାଧିକାରୀଙ୍କ ଭୂମି ପୂଜନ, ଶପଥ ପାଠ ସମାରୋହ



ଦେଓଗାଁ ଟିକ୍ରାପଡାଠାରେ ନୂତନ ହିତାଧିକାରୀଙ୍କୁ ନେଇ ଭୂମି ପୂଜନ ଓ ସାମୂହିକ ଶପଥ ପାଠ କରାଯାଉଛି।

କର୍ଲାମୁଣ୍ଡା,୪।୭(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ନୂତନ ହିତାଧିକାରୀଙ୍କୁ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଭୂମି ପୂଜନ ଓ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରିଞ୍ଜା ପଞ୍ଚାୟତ ଦେଓଗାଁ ଟିକ୍ରାପଡାଠାରେ ନୂତନ ହିତାଧିକାରୀଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପଞ୍ଚାନନ ବାଗ, ଗ୍ରାମ ରୋଜଗର ସେବକ ଶିବ କୁମାର ଭୋଇ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝି, ୱାର୍ଡସଭ୍ୟା ସରସ୍ୱତୀ ସାହୁ, ଯୋଗାଣ ସହାୟକ ଫକୀର ଚରଣ ବାଗ ପ୍ରମୁଖ ଯୋଗଦେଇଥିଲେ। ଗୃହ ନିର୍ମାଣ ୪ ରୁ ୬ ମାସ ମଧ୍ୟରେ ସମାପ୍ତ କରିବା ଓ ଅନୁଦାନ ରାଶି ଅନ୍ୟ କୌଣସି କାମରେ ଖର୍ଚ୍ଚ ନ କରିବା ପାଇଁ ସାମୂହିକ ଶପଥ ପାଠ କରାଇବା ସହ ଭୂମୀ ପୂଜନ କରିଥିଲେ।

## ପଟପରପାଲି, କୁରେଶ୍ୱରଠାରେ ବନ ମହୋତ୍ସବ ସପ୍ତାହ

ନୂଆପଡ଼ା,୪।୭(ମକାରୁ ବେମାଲ)

ନୂଆପଡା ସେକସନ ପଟପରପାଲି ପ୍ରାଥମିକ ବିଦ୍ୟାଳୟଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ବନ ବିଭାଗ ଡିଏଫଓ ଶୁଶିଳ କୁମାର ତ୍ରିପାଠୀ, ଏସିଏଫ ମହମ୍ମଦ ମୁସ୍ତାଫା ସାହେଲ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝି, ଉମା ଠାକୁର, ପ୍ରକୃତି ପ୍ରେମୀ ମନୋଜ ଡାଗା, ସିଆରସିସି ବିଜୟ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ଶ୍ୟାମ ଚରଣ ଦଣ୍ଡସେନା ପ୍ରମୁଖ ସମ୍ମାନିତ



ବନ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅତିଥି ଭାବେ ଯୋଗଦେଇଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଆମେ ବଞ୍ଚି ପାରିବାନାହିଁ। ଆମେ ଗଛକୁ କାଟିବା ନାହିଁ। ଗୋଟେ ଗଛ କାଟିବା ପୂର୍ବରୁ ୧୦ଟି ଲଗାଇବା। ଜଙ୍ଗଲ ସଫା ହେଉଥିବାରୁ ଋତୁ ପରିବର୍ତ୍ତନ ହେଉଛି। ବର୍ଷା ଦିନରେ ମଧ୍ୟ ବର୍ଷା ନ ହୋଇ ଅଧିକ ଗରମ ହେଉଛି। ଆଜିଠାରୁ ଶପଥ ନେବା ପ୍ରତ୍ୟେକ ମଣିଷ ନିଜ ଜମିବାଡ଼ି, ରାସ୍ତାକଡ, ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଗୋଟିଏ ଲେଖାଏ ଗଛ ଲଗାଇବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ଓ ପଟପରପାଲି ଗାଁର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଥିଲା। ଫରେଷ୍ଟର ଖଗେଶ୍ୱର ମାଝି, ପ୍ରମାନନ୍ଦ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସେହିପରି କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟଠାରେ ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ କୁରେଶ୍ୱର ସରପଞ୍ଚ ବିଜୟ ଲକ୍ଷ୍ମୀ ବରାଳ ମୁଖ୍ୟଅତିଥି, ପ୍ରକୃତିମିତ୍ର ଖରିଆର ରୋଡ ମନୋଜ ଡାଗା, ସତ୍ୟବାନ ସାହୁ ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ। କୋମନା ବନାଞ୍ଚଳର ଫରେଷ୍ଟର ଗୋପାଳ ମହାନନ୍ଦ, ଲକ୍ଷ୍ମୀଧର ଘିବେଲା, ଉତ୍ତମ ମେହେର, ବିଜୁଳ ରାଉତରାୟ, ଶଶିଧର ଟାଣି, ପରେଶ ଧରୁଆ, ନିବେଦିତା ନାଏକ, ଅର୍ଚ୍ଚନା ସାହୁ, ଶୁଭସ୍ମିତା ମହାନ୍ତି, ଜୟଦେବ ସାହୁ, ସାଗର ଠେଲା, ତେଜୁରାମ ନାଏକ, ଜେମା ଦୀପ, ସୁଲୋଚନା ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଚୋରି ବାଇକ୍ ଉଦ୍ଧାର, ୨ କୋର୍ଟ ଚାଲାଣ

ଜୁନାଗଡ଼,୪।୭ (ସୁନୀଲ କୁମାର ସିଂହ)

କଳାହାଣ୍ଡି ମଜିଲା ଜୁନାଗଡ଼ ଅଞ୍ଚଳରେ ଚୋରି ୭ଟି ବାଇକ୍‌କୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ୨ ଅଭିଯୁକ୍ତ ହେଲେ ନୂଆପଡା ଜିଲା ସିନାପାଲି ହାତିବନ୍ଧାର ଭୁପେନ ବାଗ (୧୯) ଓ ସିନାପାଲି ଭାଟିପଡାର ଶୀତଳ ମେହେର ଓରଫ ଡିଙ୍ଗର (୧୯)। ପ୍ରକାଶ ଯେ, ଜୁନାଗଡ଼ର ରଞ୍ଜିତ ଶର୍ମା ତାଙ୍କର ମୋଟରସାଇକେଲ ଚୋରି ହୋଇଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜୁନାଗଡ଼ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଚୋରି ହୋଇଥିବା ୭ଟି ବାଇକ ଉଦ୍ଧାର କରିଛି।

## ଡାକ୍ତରଖାନା, ବିଦ୍ୟାଳୟ ସହ ବହୁ ଘରେ ପଶିଲା ବର୍ଷାପାଣି

ଲାଞ୍ଜିଗଡ଼,୪।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ମଙ୍ଗଳବାର ଅପରାହ୍ନରେ ପବନ, ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ଲାଞ୍ଜିଗଡ଼ ବିଭିନ୍ନ ପଡ଼ାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଫୁଟର ପାଣି ଜମି ରହିବା ଯୋଗୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମୁଖୀନ ହୋଇଥିଲେ। ଡାକ୍ତରଖାନା ଚାରି ପାର୍ଶରେ ପାଣି ଜମି ରହିଥିବାରୁ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ଆଣିବାକୁ ପଡିଥିଲା। ଡାକ୍ତରମାନେ ନିଜ କ୍ୱାର୍ଟରକୁ ଯିବା ପାଇଁ ପାଣିରେ ଇଟା ପକଇ ତା ଉପରେ ବିପଦସଙ୍କୁଳ ଭାବେ ଯାଉଛନ୍ତି। ସେହିପରି ଲାଞ୍ଜିଗଡ଼ ବଜାରପଡା, ଉମ୍ବଶି ପଡା, ପୂଜାରୀ ପଡା, କଲୋନୀ ପଡା, ଯୁଗଳ କମ୍ପ୍ଲେକ୍ସ ଛକ ସହିତ ଲାଞ୍ଜିଗଡ ନୋଡାଲ ସ୍କୁଲ ଓ ଆରଆଇ ଅଫିସରେ ପାଣି ପଶିଛି। ବିଭିନ୍ନ ପଡାର ନଳକୂପ ପରିସରରେ ୨ ଫୁଟ ପାଣି ଜମି ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାଞ୍ଜିଗଡରେ ବିଜୁଳି ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଲାଞ୍ଜିଗଡ ସହରରେ ଡ୍ରେନେଜର ବ୍ୟବସ୍ଥା ନ ଥିବା ଯୋଗୁ ଡ୍ରେନର ମଇଳା ପାଣି ସବୁ ବେଳେ ରାସ୍ତା ଉପରେ ବୋହିଥାଏ। ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।



ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ଷା ପାଣି ଜମି ରହିଛି।

## ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ପ୍ରହସନ

### ଲିଆଡ ଉଚ୍ଚ ବିଦ୍ୟାଳୟ

■ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି ଟଏଲେଟ

■ଖୋଲା ପଡ଼ିଆରେ ପରିସ୍ରା କରୁଛନ୍ତି ଛାତ୍ରୀଛାତ୍ର

ସିନାପାଲି,୪।୭(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ୫-ଟି ବିଦ୍ୟାଳୟ ରୁପାନ୍ତରୀକରଣ କାର୍ଯ୍ୟ ପ୍ରଶାସନର ଅବହେଳା ଯୋଗୁ ପ୍ରହସନରେ ପରିଣତ ହୋଇଛି। ଗତ ମେ ପ୍ରଥମ ସପ୍ତାହରେ ଜିଲାରେ ତୃତୀୟ ପର୍ଯ୍ୟାୟ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ଲିଆଡ ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ମାର୍ଟ ଟଏଲେଟ ନିର୍ମାଣ ଶେଷ ହୋଇ ନ ଥିବା ବେଳେ ଛାତ୍ରୀଛାତ୍ର ଖୋଲା ସ୍ଥାନରେ ପରିସ୍ରା କରିବାକୁ ପଡୁଛି। ଏପରିକି ଛାତ୍ରୀମାନଙ୍କ ପାଇଁ ଖୋଲା ସ୍ଥାନ ବ୍ୟବହାର କରିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ଥିବା ପୁରୁଣା



ଲିଆଡ ଉଚ୍ଚ ବିଦ୍ୟାଳୟ।

ପରିସ୍ରାଗାର ଓ ଶୌଚାଳୟ ୫-ଟି କାର୍ଯ୍ୟ ଆରମ୍ଭ ବେଳେ ଭାଙ୍ଗି ଦିଆଯାଇଛି। ଏଠାରେ ପାନୀୟ ଜଳ ଯୋଗାଣ ପାଇଁ ମଧ କୌଣସି ବ୍ୟବସ୍ଥା ହୋଇନାହିଁ। ବରଂ ପୂର୍ବରୁ ବିଦ୍ୟାଳୟ ନିଜସ୍ୱ ପ୍ରଚେଷ୍ଟାରେ ପାନୀୟ ଜଳ ଯୋଗାଣ ପାଇଁ କରିଥିବା ପ୍ରକଳ୍ପ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ସ୍ଥାନୀୟ ପଞ୍ଚାୟତ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏଠାରେ ଉନ୍ନତଧରଣର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ କହି ପୁରୁଣା ଜଳ ଯୋଗାଣ ବ୍ୟବସ୍ଥାକୁ ଭାଙ୍ଗି ଦିଆଯାଇ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଜଣାପଡ଼ିଛି। ଏଠାରେ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ନିର୍ମିତ ହେଉଥିବା ସ୍ମାର୍ଟ ଟଏଲେଟ ଦୀର୍ଘଦିନ ହେଲା ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମିନାକ୍ଷୀ ମିଶ୍ରଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଅବଗତ ଅଛନ୍ତି, ଟଏଲେଟ ସମ୍ପୂର୍ଣ୍ଣ କରିବା ପାଇଁ ସରପଞ୍ଚଙ୍କୁ ବାରମ୍ବାର କୁହାଯାଉଛି କିନ୍ତୁ ସେ କାହା କଥା ଶୁଣୁ ନାହାନ୍ତି ବୋଲି କହିଥିଲେ।

## ସଂକ୍ଷେପରେ

### ସରଣ୍ଡାରେ ଦୁର୍ଘଟଣା ଯୁବକ ମୃତ

**ସରଣ୍ଡା,୪।୭(ଯୁଧିଷ୍ଠିର ମହାପାତ୍ର):** ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଥାନା ସରଣ୍ଡାରେ ମଙ୍ଗଳବାର ଡିଭାଇଡର ଲୁହା ପାଇପ୍‌ରେ ପିଟିହୋଇଯିବାରୁ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭେଡେନ ଥାନା ଥୁଆପାଲି ଗ୍ରାମର ସୁରେଶ ଗୁରୁ । ପୋଲିସ ଗାଡ଼ି ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସୁରେଶ ଏକ ସ୍କୁଟି (ନଂ. ଓଆର୍‌୧୪ପି/୬୪୮୪) ଯୋଗେ ସରଣ୍ଡା ମନ୍ଦିର ଛକରୁ ଅତାବିରା ପଟକୁ ଯାଉଥିବା ବେଳେ ଗୌରପଡାରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଡିଭାଇଡର ଲୁହା ପାଇପରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅତାବିରା ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚକ ଅନୁସାରେ ଜମି ଚିହ୍ନଟ ନେଇ ଅସନ୍ତୋଷ

**ବରପାଲି,୪।୭ (ଚିତ୍ତରଞ୍ଜନ ସାହୁ):** ବରପାଲିରେ ଚକଜମି ଚିହ୍ନଟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଚାଷୀମାନେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ପ୍ରଶାସନ ଏଥିରୁ ନିବୃତ୍ତ ନ ରହିଲେ ଆସନ୍ତା ୧୧ ତାରିଖରୁ ଚାଷୀମାନେ ରିଲେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମରେ ଗତ ୩ ତାରିଖରେ ବରପାଲି ତହସିଲଦାରଙ୍କ ସମେତ ସ୍ଥାନୀୟ ପୋଲିସ, ରେଲୱେ ପୋଲିସ ଲେଣ୍ଡା ଗ୍ରାମରେ ପହଞ୍ଚି ମାପଚୁପ କରିବାରୁ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ମେଜର ଅନୁସାରେ ଦଖଲରେ ଥିବାରୁ ଚକ ପରିବର୍ତ୍ତେ ସେମାନଙ୍କୁ ମେଜର ଅନୁସାରେ କ୍ଷତିପୂରଣ ମିଳୁ ବୋଲି ଚାଷୀମାନେ ଦାବି କରିଥିଲେ।

### ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା

**ବରପାଲି,୪।୭ (ଚିତ୍ତରଞ୍ଜନ ସାହୁ):** ବରପାଲି କେନାଲ ରୋଡ୍ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପହଡ ଖୋଲିବା ପରେ ୫ଟାରେ କାକଡ ଆରତୀ ଓ ବାବାଙ୍କ ମହାସ୍ନାନ କରାଯାଇଥିଲା। ସକାଳ ୧୦ଟାରେ ସାଇ ସତ୍ୟ ନାରାୟଣ ପୂଜା ଓ ହୋମ ଏବଂ ମଧ୍ୟାହ୍ନ ଆରତୀ ହୋଇ ପ୍ରସାଦ ସେବନ କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ ମିନିଟରେ ସନ୍ଧ୍ୟା ଆରତୀ ପରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନେ ପାଲିଙ୍କି ବୋହିଥିଲେ। ସନ୍ଧ୍ୟା ୮ରେ ସଙ୍କଟମୋଚନ ସାଂସ୍କୃତିକ ଦଳ ଭଜନ ପରିବେଷଣ କରିଥିଲେ। ହୋମରେ ରାଜକିଶୋର ମହନ୍ତ ଓ ପୂଜା ମହନ୍ତ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବରପାଲି ସମେତ ଆଖପାଖ ଅଞ୍ଚଳରୁ ବହୁ ସାଇ ଭକ୍ତ ସାମିଲ ହୋଇଥିଲେ।

### ବଟେଶ୍ୱର ମନ୍ଦିରରେ ଗୁରୁପୂର୍ଣ୍ଣିମା

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ):** ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ବରଗଡ଼ ଶ୍ରୀମଦ ଜଗତଗୁରୁ ଶିଷ୍ୟ ମଣ୍ଡଳୀ ତରଫରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଥିଲା। ବରଗଡ଼ ଟାଉନ ଥାନା ପରିସରରେ ରହିଥିବା ଶ୍ରୀ ଶ୍ରୀ ବଟେଶ୍ୱର ମନ୍ଦିରରେ ଏହା ପାଳନ କରାଯାଇଥିଲା। ଏହି ଆଧ୍ୟାତ୍ମିକ ସମାରୋହରେ ସ୍ୱାମୀ ବାଳ ହଂସଜୀ ମହାରାଜ ପ୍ରବଚନ ଦେଇଥିଲେ। କେନ୍ଦ୍ରୀୟ ଉପସଭାପତି କମ୍ଧୁଧର ମିଶ୍ର ଉପଢ଼ୌକନ ପ୍ରଦାନ ଏବଂ ଲକ୍ଷ୍ମୀନାରାୟଣ ପଣ୍ଡା ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଶାଖାର ସମ୍ପାଦକ ଗଜେନ୍ଦ୍ର ପଣ୍ଡା ସପତ୍ନୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ସଞ୍ଜୟ ଦାଶ, ନିଗମାନନ୍ଦ ମିଶ୍ର ପୂଜାକାର୍ଯ୍ୟ କରିଥିଲେ।

### ଗୋଡ଼ଭଗାରେ ବୃକ୍ଷରୋପଣ

**ସରଣ୍ଡା,୪।୭(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଗୋଡଭଗା ଶ୍ମଶାନଘାଟ ସମ୍ମୁଖ ତଥା ଗୋଡ଼ଭଗା ଗ୍ରାମ ରାସ୍ତା କଡ଼ରେ ଲୟନ୍ସ କ୍ଲବ ଓ ମା' ଦୁର୍ଗା କମିଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ଚିତ୍ତରଞ୍ଜନ ଜେନାଙ୍କ ଉଦ୍ୟମ କ୍ରମେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆସନ୍ତା ୭ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରେ କରାଯିବା ପାଇଁ ସଂକଳ୍ପ କରାଯାଇଛି। ଏଥିରେ ଲାୟନ୍ସ କ୍ଲବ ଓ ମା' ଦୁର୍ଗା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପରିବା ବଜାର ସ୍ଥାନାନ୍ତର ମସୁଧା

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**





ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ । ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

- ନିଲାମ ପାଇଁ ନୋଟିସ୍ ଜାରି
- ବିରୋଧ ପାଇଁ ଚାଷୀଙ୍କ ପ୍ରସ୍ତୁତି
- ଜିଲାପାଳଙ୍କୁ ଫେରାଦ ହେଲେ

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା କେନାଲ ଛକରେ ରହିଥିବା ପରିବା ବଜାର ସ୍ଥାନାନ୍ତର ପାଇଁ ପ୍ରଶାସନିକ ସ୍ତରରେ ପୁଣି ମସୁଧା ଆରମ୍ଭ ହୋଇଛି। ଏହି କ୍ରମରେ ଉକ୍ତ ବଜାରକୁ ଆସନ୍ତା ୬ତାରିଖରେ ନିଲାମ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ନୋଟିସ ଜାରି କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରଶାସନର ଏଭଳି ଆଭିମୁଖ୍ୟ ନେଇ ପୁଣି ଚାଷୀ ଅସନ୍ତୋଷ ତେଜି ଉଠିଛି। ପରିବା ବଜାର ନିଲାମକୁ ବିରୋଧ କରି ମଙ୍ଗଳବାର ଏକ ଚାଷୀ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟି ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ପରିବା ବଜାର ଅଞ୍ଚଳର ଚାଷୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଫଳରେ ବଜାରକୁ ସେଠାରୁ କୌଣସିକ୍ରମେ ସ୍ଥାନାନ୍ତର କିମ୍ବା ନିଲାମ କରିବାକୁ ଦିଆଯିବନାହିଁ ବୋଲି ଚାଷୀମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଆବଶ୍ୟକ ହେଲେ ନିଷ୍ପତ୍ତି ବିରୋଧରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ବରଗଡ଼ ବ୍ଲକର ଜମୁଡ଼ା, ବରାହଗୋଡ଼ା ତଥା ଆଖପାଖ ଅଞ୍ଚଳରେ ଅନୁକୂଳ ଭିତ୍ତିଭୂମି ଯୋଗୁ ବିଭିନ୍ନ ପ୍ରକାର ପରିବା ଚାଷ ହୋଇଥାଏ। ଏହି ଦୃଷ୍ଟିରୁ ପ୍ରାୟ ୪୫ ବର୍ଷ ତଳେ ସହର ଉପକଣ୍ଠ ରାସ୍ତାକଡ଼ ପାଣିଛତରଠାରେ ପରିବା ବଜାର ଗଢ଼ି ଉଠିଥିଲା। ତେବେ ରେଲୱେ ଓଭରବ୍ରିଜ ହେବା ପରେ ୧୯୯୮ରୁ ସେହି ବଜାର ବରାହଗୋଡ଼ା କେନାଲ ଛକକୁ ସ୍ଥାନାନ୍ତର ହୋଇଥିଲା। ପୂର୍ବରୁ ଉକ୍ତ ବଜାର ଭୋର୍ ୩ଟାରୁ ସକାଳ ୬ଟା ଯାଏ ଚାଲିଥିବାବେଳେ ବର୍ତ୍ତମାନ ଅପରାହ୍ନ ୨ଟାରୁ ପ୍ରାୟ ୭ଟା ପର୍ଯ୍ୟନ୍ତ ଚାଲୁଛି। ଜମୁର୍ଡ଼ା, ବରାହଗୋଡ଼ା ସମେତ ଆଖାପାଖ ତଥା ଦୂର ଅଞ୍ଚଳର ଚାଷୀମାନେ ନିଜ ପରିବା ସେଠାକୁ ଆଣି ବିକ୍ରିବଟା କରୁଛନ୍ତି। ଏହି ବଜାର ଚାଷୀଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରତିବର୍ଷ ଏହାର ପରିଚାଳନା ପାଇଁ ଏକ କମିଟି ଗଠନ ହୋଇଥିବାବେଳେ ବଜାରକୁ ଆସୁଥିବା ଚାଷୀଙ୍କଠାରୁ ଅଳ୍ପ ଶୁଳ୍କ ନିଆଯାଉଛି। ସଂଗୃହୀତ ଟଙ୍କାରେ କେନାଲ କଡ଼ ବଜାର ପରିସର ସଫାସୁତରା କରାଯିବା ସହିତ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦିଆଯାଉଛି। ସେହିପରି ଅଞ୍ଚଳର ଅଣଅନୁଦାନପ୍ରାପ୍ତ ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମଧ୍ୟ ସେହି ସଂଗୃହୀତ ଟଙ୍କାରୁ ସହଯୋଗ କରାଯାଉଛି ।

ଏହାସତ୍ତ୍ୱେ ଉକ୍ତ ପରିବା ବଜାରକୁ ନିୟନ୍ତ୍ରିତ ବଜାର କମିଟି ଅଧୀନକୁ ନେବା ପାଇଁ ଅନେକଥର ପ୍ରଶାସନିକ ଉଦ୍ୟମ ହୋଇଛି । ୨୦୦୩ରେ ତତ୍କାଳୀନ ଜିଲାପାଳ ପୋଲିସ ଲଗାଇ ସେଠାରୁ ପରିବା ବଜାର ହଟାଇବା ପାଇଁ ଉଦ୍ୟମ କରିଥିଲେ ଏବଂ ବିଫଳ ହୋଇଥିଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ୨୦୦୧-୨୦୦୨ରେ ମଧ୍ୟ ବରଗଡ଼ ଗୋରୁ ବଜାର ନିକଟ କୃଷକ ବଜାରକୁ ସ୍ଥାନାନ୍ତର ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ଚାଷୀଙ୍କ ବିରୋଧ ଯୋଗୁ ପ୍ରଶାସନ ବିଫଳ ହୋଇଥିଲା। ଏବେ ପୁଣି ପ୍ରଶାସନିକ ସ୍ତରରେ ସେଭଳି ଉଦ୍ୟମ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ବଜାର ନିଲାମ ପ୍ରକ୍ରିୟା ବନ୍ଦ କରିବାକୁ ବଜାର କମିଟି ସଭାପତି ଘନଶ୍ୟାମ ମହାକୁର, ସମ୍ପାଦକ ହରିହର ସାହୁ, ନାଭ ସାହୁ, ହରି ସାହୁ, ବିଦ୍ୟାଧର ସାହୁ, ବାବୁଲାଲ ସେଟ୍, ତେଜରାଜ ସାହୁ, ରମେଶ ମହାପାତ୍ର ପ୍ରମୁଖ ପ୍ରଶାସନକୁ ନିବେଦନ କରିଛନ୍ତି।

### ବିପଦସଙ୍କୁଳ ଯାତ୍ରୀ ପ୍ରତୀକ୍ଷାଳୟ

**ଭେଡ଼େନ,୪।୭(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ଛାତରୁ ଅତଡ଼ା ଖସୁଛି। ଯାତ୍ରୀ ପ୍ରତୀକ୍ଷାଳୟରେ ଉଦେପୁର, ଦେଶକୁମ୍ଭାରୀ ଗ୍ରାମବାସୀଙ୍କ ସମେତ ସମ୍ବଲପୁର ଜିଲାରୁ ମହାନଦୀ ଫେରିଘାଟ ପାରି ହୋଇ ଆସୁଥିବା ଯାତ୍ରୀମାନେ ଖରା, ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଇଥାନ୍ତି। ଏ ନେଇ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଏଠାରେ ଏକ ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଦାବି ହେଉଛି ।



ଉଦେପୁର ଛକରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ।

## ନୂଆ ଧାନମଣ୍ଡି ଖୋଲିବାକୁ ଦାବି

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚାରପାଲି ପଞ୍ଚାୟତର ଚାଷୀମାନେ ଲମ୍ବରଜୁନା ଗ୍ରାମରେ ଏକ ନୂଆ ଧାନମଣ୍ଡି ଖୋଲିବାକୁ ଦାବି କରିଛନ୍ତି। ଏହି ଦାବି ନେଇ ମଙ୍ଗଳବାର ଗ୍ରାମର ଏକ ଚାଷୀ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଞ୍ଚଳର ଚାଷୀଙ୍କୁ ଧାନବିକ୍ରି ପାଇଁ କନସିଂହା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଗୃହକୁ ଯିବାକୁ ପଡୁଛି । ଗ୍ରାମଠାରୁ ବହୁଦୂରରେ ତାହା ରହିଥିବା ଯୋଗୁ ଚାଷୀଙ୍କୁ ସେଥିପାଇଁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି।



ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଲମ୍ବରଜୁନା ଗ୍ରାମରେ ଏକ ନୂଆ ଧାନମଣ୍ଡି (ଗୋଦାମ ଗୃହ) ଖୋଲିବାକୁ ଗ୍ରାମବାସୀ ପଞ୍ଚାୟତକୁ ଜମି ହସ୍ତାନ୍ତର କରିଛନ୍ତି। ଫଳରେ ଲମ୍ବରଜୁନା ଗ୍ରାମରେ ଏକ ନୂଆ ଧାନମଣ୍ଡି ଖୋଲିବା ଦିଗରେ ବିହିତ ପଦକ୍ଷେପ ନେବାକୁ ମୀନକେତନ ବିଶ୍ୱାଳ, ମଧୁ ବିଶ୍ୱାଳ, କୈଳାଶ ବାରିକ ପ୍ରମୁଖ ଚାଷୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ରାସ୍ତାକଡ଼ରେ ଗାଡ଼ି ପାର୍କିଂ, ଥାନାରେ ଏତଲା

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ ସହର ଉପକଣ୍ଠ ହଳଦୀପାଲି ଛକରୁ ସୋହେଲା ଏବଂ ବଲାଙ୍ଗୀର ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂକୁ ନେଇ ଅସନ୍ତୋଷ ବଢ଼ିଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏକ ନିର୍ଦ୍ଦିଷ୍ଟ କମ୍ପାନୀର ମାଲିକ ଏବଂ ସ୍ଥାନୀୟ ଆଞ୍ଚଳିକ ପରିବହନ ବିଭାଗର ଅପରିଣାମଦର୍ଶିତା ଏବଂ ଅବହେଳା ଯୋଗୁ ରାସ୍ତାକଡ଼ରେ ବହୁସଂଖ୍ୟକ ଗାଡ଼ି ପାର୍କିଂ କରାଯାଉଛି। ଫଳରେ ସମ୍ପୃକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଲୋକେ ମୃତାହତ ହେଉଛନ୍ତି। ତାର ପ୍ରତିବାଦ କଲେ କମ୍ପାନୀ ମାଲିକ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ପୃକ୍ତ ଅଞ୍ଚଳକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ସେଥିପ୍ରତି କମ୍ପାନୀ ମାଲିକ ଏବଂ ଆଞ୍ଚଳିକ ପରିବହନ ବିଭାଗ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଷଡ଼ଙ୍ଗୀ ପୋଲିସକୁ ନିବେଦନ କରିଛନ୍ତି। ଏତଲା ଦେବା ସମୟରେ ଦଳର ବରିଷ୍ଠ ନେତା ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅକ୍ରୁର ମଲ୍ଲିକ, ଉର୍କୁଲୁ ତାଣ୍ଡି, ପରେଶ ବିଶି, ସୁବ୍ରତ ହୋତା, ଦେବେଶ ଶତପଥୀ, ଅବନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ୫-ଟି ସ୍କୁଲ ପରିଦର୍ଶନ କଲେ ବିଇଓ

**ଅମ୍ବାଭୋନା, ୪।୭(ଛନ୍ଦାଚରଣ ପ୍ରଧାନ)**

ବରଗ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ହୀରାଧର ସରକାରୀ ସ୍କୁଲ, ଭୈନାତୋରାକୁ ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭାବନା ସାହୁ ପରିଦର୍ଶନରେ ଆସିଥିଲେ। ସେ ଶ୍ରେଣୀ କୋଠରୀରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରି ଗୁଣାତ୍ମକ ଶିକ୍ଷାର ମାନ ଯାଞ୍ଚ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ପାଠ୍ୟଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର କିଭଳି ଆହୁରି ଉପକୃତ ହୋଇପାରିବେ, ସେ ବିଷୟରେ ଧ୍ୟାନ ଦେବାକୁ ବିଇଓ ସାହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲାଲମୋହନ ସିଂଙ୍କ ସମେତ ପ୍ରଧାନ ଶିକ୍ଷକ ବାବୁଲାଲ ପ୍ରଧାନ, ଶିକ୍ଷକ ଅସୀମ ସାହୁ, ସୋମନାଥ କିଷାନ, ନରେଶ ଚନ୍ଦ୍ର ସା, ସବିତା ପ୍ରଧାନ ବୃନ୍ଦାବନ ଠେଟୁଆର, ଓକିଲ ଭୋଇ, କଷ୍ଟ ସାହୁ, ରାଜକୁମାର ନାଏକ, ମାଧବ ପାଣ୍ଡେ, ତପୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଦର୍ଶନ ସହିତ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ କର୍ଯ୍ୟକ୍ରମଗୁଡ଼ିକର ବିଇଓ ସମୀକ୍ଷା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ବିଇଓ ସାହୁଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ବ୍ୟାଙ୍କ ଋଣ, ସୁଧ ଫେରସ୍ତ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ଝାରବନ୍ଧ/ପଦ୍ମପୁର,୪।୭ (ଦେବେନ୍ଦ୍ର ସାହୁ/ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ମିଶନ ଶକ୍ତି ସହଯୋଗରେ ବ୍ଲକସ୍ତରୀୟ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ନେପାକ, ଷ୍ଟେଟ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ସରୋଜ ଲାକ୍ରା ଉପସ୍ଥିତ ଥିଲେ। ମିଶନ ଶକ୍ତି ସଂଯୋଜକ ରବିଶଙ୍କର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିପିଏମ୍ ସତ୍ୟ କୁମ୍ଭାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମ ୬ଟି ବ୍ୟାଚ୍‌ରେ ୬ଦିନ ଧରି ହେବ। ପ୍ରଥମ ବ୍ୟାଚ୍‌ରେ ୭୦ଟି ଏସ୍‌ଏଚ୍‌ଜିରୁ ୧୪୦ ଜଣ ଅଂଶଗ୍ରହଣ କରିଥିଲେ। ଗୋପିକା ସାହୁ ଏବଂ ବର୍ଷା ନାୟକ ସାଧନ କର୍ମୀ ଭାବେ ଯୋଗଦେଇ ତାଲିମ ଦେଇଥିଲେ। ସଂଘ ସଭାନେତ୍ରୀ କୁମୁଦିନୀ ବେହେରା ଧନ୍ୟବାଦ ଦେଇଥିଲେ।

### ଲାଇସେନ୍ସ ଦାବିରେ ଇଓଙ୍କୁ ଫେରାଦ




ପୌର ପରିଷଦ ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି ।

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଫୁଡ୍ କୋର୍ଟରେ ଭେଣ୍ଡର୍ସମାନେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ ଦାବିରେ ମଙ୍ଗଳବାର ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ (ଇଓ) ନାରାୟଣ ଦଣ୍ଡସେନାଙ୍କୁ ଫେରାଦ ହୋଇଥିଲେ । ଏ ନେଇ ଇଓ ଦଣ୍ଡସେନାଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବରଗଡ଼ ଫୁଡ୍ କୋର୍ଟରେ ୧୭ଜଣ ଭେଣ୍ଡର୍ସ ବ୍ୟବସାୟ କରି ଆସୁଛନ୍ତି। ଏଥିପାଇଁ ସେମାନେ ଗତବର୍ଷ ମେ ମାସରୁ ଜଣ ପ୍ରତି ୧ଲକ୍ଷ ଟଙ୍କା ଲେଖାଏଁ ସିକ୍ୟୁରିଟି ରାଶି ପୌର ପରିଷଦରେ ଜମା କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଫୁଡ୍ କୋର୍ଟ ନେଇ ସେମାନଙ୍କୁ କୌଣସି ଚୁକ୍ତିନାମା କିମ୍ବା ଭେଣ୍ଡର୍ସ ଲାଇସେନ୍ସ ପ୍ରଦାନ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ପ୍ରୀତମ ସିଂଙ୍କ ସମେତ ଶ୍ୟାମ ସୁନ୍ଦର ସାହୁ, ପପୁ ଦଲାଇ, ଅରୁଣ ମଟାରୀ, ବିଜୟ ସାହୁ, କୁନାଲ ଚୌଧୁରୀ, ଗୋପାଳ ଚୌଧୁରୀ, ମାଧବ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

### ୫ ନୂତନ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଡ଼ିଆଳ,୪।୭(ସୁଜିତ୍‌ପ୍ରଧାନ):** ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୂତନ ଭାବେ ଯୋଗଦେଇଥିବା ୫ଜଣ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ଯୋଗଦେଇ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ଯୋଗାଇବାରେ ସହଯୋଗ ହେବ ବୋଲି କହିଥିଲେ।

### ବିକାଶ ଲ ସ୍କୁଲରେ ସାର୍ଟିଫିକେଟ ବଣ୍ଟନ

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲ ସ୍କୁଲରେ ବି.ଏ ଏଲ.ଏଲ.ବି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ନିମନ୍ତେ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଫେସର ଡଃ ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ସଂଯୋଜକ ତଥା ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟକ୍ଷ ଦାସ ଆଇନ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଜୈମିନି କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ସାଗରିକା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ସଂଯୋଜକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

## ବେପାରୀଙ୍କ ନିୟନ୍ତ୍ରଣରେ ପରିବା ବଜାର, ଖାଉଟି ଅସହାୟ

**ପଦ୍ମପୁର,୪।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହରରେ ପନିପରିବା ଦରରେ ଏବେ ନିଆଁ ଲାଗିଛି। ପରିବା ଦର ବୃଦ୍ଧି ଯୋଗୁ ସାଧାରଣ ଲୋକେ ବଜାର ଯିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ହଜାରରେ ଟଙ୍କାରେ ମଧ ବ୍ୟାଗ୍‌ରେ ପରିବା ଭରୁନାହିଁ। ସାଧାରଣ ପରିବା କେଜି ପ୍ରତି ୮୦ ଛୁଇଁଲାଣି । ଗତ ପନ୍ଦର ଦିନ ପୂର୍ବରୁ ଯେଉଁ ପରିବା ୨୫ ଟଙ୍କା ଥିଲା, ତାହା ଏବେ ୮୦ ଟଙ୍କା। ଭେଣ୍ଡି ୮୦ ଟଙ୍କା, ବାଇଗଣ ୬୦, ପୋଟଳ ୮୦, କଲରା, ଜହ୍ନି ୧୦୦ ରହିଥିବା ବେଳେ କଞ୍ଚା ଲଙ୍କା ୨୦୦ ଟଙ୍କା ରହିଛି । ସେହିପରି ୧୨୦ ଟଙ୍କାରେ ଟମାଟୋ ବିକ୍ରି ହେଉଛି। ବ୍ୟବସାୟୀ ମାନେ ମନଇଚ୍ଛା ଏହି ଦରବୃଦ୍ଧି ବୃଦ୍ଧି କରୁଥିବା ଅଭିଯୋଗ ହେଉଛି। ସପ୍ତାହରେ ଦୁଇଥର ହାଟ ହେଉଥିବା ବେଳେ ବଜାରକୁ ଚାଷୀମାନେ ପରିବା ବିକ୍ରି କରିବାକୁ ଆସିଥାନ୍ତି। ହେଲେ ବ୍ୟବସାୟୀ ଚାଷୀମାନଙ୍କଠାରୁ କମ୍ ମୂଲ୍ୟରେ ପରିବା କିଣି ଚଢ଼ାଦରରେ ବିକ୍ରି କରୁଥିବା ଖାଉଟି ଅଭିଯୋଗ କରିଛନ୍ତି। ଏହି ବ୍ୟବସାୟୀମାନେ କେଜି ବଦଳରେ ବର୍ତ୍ତମାନ ଅଢେଇ ଶହ ଗ୍ରାମର ଦର ଡାକୁଛନ୍ତି। ପଡୋଶୀ ରାଜ୍ୟରୁ ମଧ୍ୟ ଆସୁଥିବା ପରିବା ଏହି ବେପାରୀଙ୍କ ନିୟନ୍ତ୍ରଣରେ ରହିଛି। ଏହା ସାଧାରଣ ଖାଉଟିଙ୍କୁ ଅତିଷ୍ଠ କରୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦରଦାମ ନିୟନ୍ତ୍ରଣ ଉପରେ ପଦକ୍ଷେପ ନେବା ପାଇଁ ସହରବାସୀ ଦାବି କରିଛନ୍ତି।



ପଦ୍ମପୁର ପରିବା ବଜାର।

## ଆଜି କ'ଣ କେଉଁଠି

ରାଉରକେଲା

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ-ଭାଜପା କାର୍ଯ୍ୟାଳୟ, ସେକ୍ଟର-୩, ସମୟ-ପୂର୍ବାହ୍ନ ୧୧ଟା।
- ବୃକ୍ଷରୋପଣ କେନ୍ଦ୍ର ଉଦ୍‌ଘାଟନୀ ସମାରୋହ, ସ୍ଥାନ-ଡିଏଭି ଛକ, ବାସନ୍ତୀ କଲୋନୀ, ସମୟ-ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷରୋପଣ, ସ୍ଥାନ-ବେଦବ୍ୟାସ, ସମୟ-ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଯାତ୍ରୀଙ୍କଠୁ ସୁନା ଅଳଙ୍କାର ଲୁଟ୍, ଜଣେ ଗିରଫ

**ରାଉରକେଲା,୪।୭(ଦିନେଶ ମିଶ୍ର):** ହାୱଡା-ଟିଟିଲାଗଡ ଇସ୍ପାତ ସୁପରଫାଷ୍ଟ ଟ୍ରେନରେ ଯାତ୍ରା କରୁଥିବାବେଳେ ଜଣେ ମହିଳା ଯାତ୍ରୀଙ୍କଠାରୁ ସୁନା ଅଳଙ୍କାର ଲୁଟ୍ ଅଭିଯୋଗରେ ଜିଆର୍‌ପି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ଜାମତରା ଅଞ୍ଚଳର ବିଶାଲ ପାଶୱାନ(୨୮)। ପୋଲିସ ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ସ୍ମାର୍ଟଫୋନ ଓ ସୁନା ଅଳଙ୍କାର ଜବତ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୮।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ସୋମବାର ଛେଣ୍ଡ କଳିଙ୍ଗ ବିହାର ଅଞ୍ଚଳର ପ୍ରୀତି ପଲାଇ ଓ ରେଣୁକା ପ୍ରଧାନ ଇସ୍ପାତ ଟ୍ରେନ ଯୋଗେ ହାୱଡାରୁ ରାଉରକେଲା ଫେରୁଥିଲେ। ଟ୍ରେନଟି ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ କେହି ଦୁର୍ବୃତ୍ତ ତାଙ୍କ ସିଟ୍‌ରେ ଥିବା ଭ୍ୟାନିଟି ବ୍ୟାଗ୍‌କୁ ଚୋରି କରିନେଇଥିଲେ। ଏ ନେଇ ଜିଆରପି ଥାନା ପୋଲିସ ତଦନ୍ତ କରି ମଙ୍ଗଳବାର ଜାମତରା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଅଜଣା ମହିଳାଙ୍କ ମୃତଦେହ ଜବତ

**ରାଉରକେଲା,୪।୭(ଦିନେଶ ମିଶ୍ର):** ରାଉରକେଲା ଓ ପାନପୋଷ ମଝିରେ ଥିବା ରେଳ ଧାରଣାରୁ ଜିଆର୍‌ପି ପୋଲିସ ଜଣେ ଅଜଣା ମହିଳାଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖିବା (ସନ୍ଧ୍ୟା ୭ଟା) ପର୍ଯ୍ୟନ୍ତ ମୃତ ମହିଳାଙ୍କ ପରିଚୟ ଜଣାପଡିନାହିଁ। ସୂଚନାଯୋଗ୍ୟ, ପାନପୋଷ ତାରିଣୀ ମନ୍ଦିର ନିକଟରେ ଥିବା ଖରିଆବାହାଲ ବସ୍ତିର କିଛି ଲୋକ ମଙ୍ଗଳବାର ଦିନ ସାଢେ ୧୦ଟାରେ ରେଳ ଲାଇନ ପାରି ହେଉଥିବା ସମୟରେ ଜଣେ ମହିଳାଙ୍କ ମୃତଦେହ ରେଳ ଧାରଣାରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି। ମହିଳା ଜଣଙ୍କ କୌଣସି ଚଳନ୍ତା ଟ୍ରେନରୁ ଖସି ମୃତ୍ୟୁବରଣ ପୋଲିସ କରିଥିବା ଅନୁମାନ କରୁଛି। ଏ ନେଇ ରାଉରକେଲା ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୭।୨୩) ରୁଜୁ କରିଛି।

### ଝିରପାଣି ହାଟରୁ ସାଇକେଲ ଚୋରି

**ରାଉରକେଲା,୪।୭(ସଙ୍ଗୀତା ଜେନା):** ଝିରପାଣି ହାଟରେ ସୋମବାର ଜଣେ ମହିଳାଙ୍କ ସାଇକେଲ ଚୋରି ହୋଇଛି। ଏ ନେଇ ମଙ୍ଗଳବାର ସକାଳେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଦଲପୋଷର ଦାସୋ କିସ୍ପୋଟା ନାମକ ମହିଳା ପରିବା କିଣିବାକୁ ଝିରପାଣି ହାଟକୁ ଯାଇଥିଲେ। ସେ ହାଟର ଏକ ସ୍ଥାନରେ ସାଇକେଲକୁ ରଖି ପରିବା କିଣିବାକୁ ଯାଇଥିବା ବେଳେ କେହି ଚୋରି କରି ନେଇଥିଲେ।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ରାଉରକେଲା,୪।୭(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୧୫ ଥାନା ଅଞ୍ଚଳର ୪ଜଣଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଛେଣ୍ଡ ପ୍ରଧାନପାଲି ବାଙ୍କିଆ କଲୋନୀ ଅଞ୍ଚଳର ରାହୁଲ ରାଏ(୨୩)। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ୬ ହଳ ରୁପା ପାଉଁଜି, ୨ହଳ ରୁପା ଝୁଣ୍ଟିଆ, ବାଇକ (ନଂ.ଓଡି୧୪ଏସି/୩୧୦୨), ୩ଟି ଲାପଟପ୍, କ୍ୟାମେରା, ୩ ହଳ ସୁନା କାନଫୁଲ, ୨ ହଳ ସୁନା ନାକଫୁଲ ଓ ଗୋଟିଏ ସୁନା ହାରକୁ ଜବତ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚୋରି ଘଟଣାରେ ପୋଲିସ ୪ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଆପ୍ରୋଚ୍ ରୋଡ୍ ପାଇଁ ଜମି ବାଧକ

- ଦେବ ନଦୀରେ ବ୍ରିଜ୍ ନିର୍ମାଣ ଅଧାପନ୍ତରିଆ
- ବର୍ଷାଦିନେ ସମସ୍ୟା ଭୋଗୁଛନ୍ତି ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ
- ରାଉରକେଲା ଆସିବାକୁ ୨୫ କିମି ବୁଲାଣି ରାସ୍ତା

**ରାଉରକେଲା,୪।୭(ସଙ୍ଗୀତା ଜେନା)**


ଦେବ ନଦୀରେ ନିର୍ମାଣାଧୀନ ବ୍ରିଜ୍।

ରାଉରକେଲାରୁ ବିଶ୍ରା ଓ ନୂଆଗାଁ ବ୍ଲକକୁ ସଂଯୋଗ କରିବା ପାଇଁ ଦେବ ନଦୀରେ ବ୍ରିଜ୍ ନିର୍ମାଣ କାମ ଏଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ବର୍ଷା ଋତୁରେ ଉଭୟ ବ୍ଲକର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଜରୁରୀ କାମରେ ରାଉରକେଲା ଆସି ନ ପାରି ହଇରାଣ ହେଉଛନ୍ତି।

ସୂଚନା ଅନୁସାରେ, ନୂଆଗାଁ, ବିଶ୍ରା, ଲହଣ୍ଡା, ସିମେରତା, କଦଳୀବାହାର, କେମାଙ୍ଗ, ଲାଙ୍କୋଇ, ଅଙ୍କୁରପାଲି, ପସରା, ଝାରବେଡ଼ା, ରିୟୁ ଭଳି ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ରୋଗୀ, ଛାତ୍ରୀଛାତ୍ର, ପରିବା ବ୍ୟବସାୟୀ, କର୍ମଚାରୀ ଓ ଦିନମଜୁରିଆ ପ୍ରତ୍ୟେକ ଦିନ ରାଉରକେଲା ସହରକୁ ଆସିଥାନ୍ତି। ତେବେ ଝାଡ଼ଖଣ୍ଡରୁ ବହି ଆସିଥିବା ଦେବ ନଦୀ ଖରାଦିନେ ଶୁଖିଲା ରହୁଥିବାରୁ ଅସ୍ଥାୟୀ କଚ୍ଚା ରାସ୍ତା ତିଆରି କରି ଗ୍ରାମବାସୀ ଯାତାୟାତ କରନ୍ତି। ହେଲେ ବର୍ଷାଋତୁରେ ଏହା ସମ୍ଭବ ହୋଇ ନ ଥାଏ। ଫଳରେ ଲୋକମାନେ ବିରମିତ୍ରପୁର ଓ ଖୁଣ୍ଟଗାଁ ଦେଇ ରାଉରକେଲା ଆସିବାକୁ ବାଧ୍ୟ ହୋଇଥାନ୍ତି। ସେହିପରି ପ୍ରସୂତି, ସାପ କାମୁଡ଼ା ଓ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ଲୋକମାନେ ଅଧିକ ରାସ୍ତା ଅତିକ୍ରମ କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ଆସିଥାନ୍ତି। ଖରାମାସରେ ଏହି ଗ୍ରାମବାସୀ ଜଗଦା ସ୍ଥିତ ସିଡ଼ବ୍ଲ୍ୟୁଏସ୍, ସେକ୍ଟର-୧୯ ଇସ୍ପାତ ଜେନେରାଲ ହସ୍ପିଟାଲ, ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଉଥିବା ବେଳେ ବର୍ଷା ଋତୁରେ ଏହା ମିଳି ନ ଥାଏ। ବର୍ଷା ଦିନେ ନଦୀରେ ପାଣି ଯୋଗୁ ବିଶ୍ରା ଓ ନୂଆଗାଁ ବ୍ଲକର ଲୋକମାନେ ରାଉରକେଲା ଆସିବାକୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଲହଣ୍ଡା ଓ ମିଟକୁନ୍ଦରୀ ମଧ୍ୟରେ ଦେବ ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ରାଉରକେଲା ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଜମି ନିରୂପଣ କରି ୨୦୧୮ ଜୁନ୍ ୩୦ରେ ୯୫୯.୦୮ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ତା୨୯।୬।୨୦୨୦ରିଖ ସୁଦ୍ଧା କାମ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ବ୍ରିଜ୍‌ର ୫ଟି ପିଲର ନିର୍ମାଣ ଓ ସ୍ଲାବିଂ ହେଲା। ତେବେ ଆପ୍ରୋଚ୍ ରୋଡ୍ ତିଆରି କଲାବେଳେ ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଥିବା ଜମିକୁ ବ୍ୟକ୍ତିଗତ ଦର୍ଶାଇ ଲୋକେ କାର୍ଯ୍ୟ ବନ୍ଦ କରିଦେଲେ। ଫଳରେ ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ନିର୍ମାଣ କାର୍ଯ୍ୟ ପୂର୍ବରୁ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ଜମି ଅଧିଗ୍ରହଣ କରାଯାଇ ନ ଥିବାରୁ ଏଭଳି ସ୍ଥିତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ନେଇ ରାଉରକେଲାକୁ ଆଇଟିଆଇ ପଢିବାକୁ ଆସୁଥିବା କାଲୋସିହିରିଆ ଗ୍ରାମର ବିନୟ ତିର୍କୀ କୁହନ୍ତି, ବର୍ଷା ମାସରେ ରାଉରକେଲା ଆସିବାକୁ ବହୁ କଷ୍ଟ ହୋଇଥାଏ। ଖୁଣ୍ଟଗାଁ ଦେଇ ଆସିଲେ ଅଧିକ ଲାଗେ। ସେହିପରି ଆଇଟିଆଇ ଛାତ୍ର ସୁଜିତ ଓରାମ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ପରିବା ବ୍ୟବସାୟୀ ପାସକଲ ବଙ୍କର କୁହନ୍ତି, ରାଉରକେଲାର ଶିକ୍ଷାନୁଷ୍ଠାନ ଉପରେ ଉକ୍ତ ଗ୍ରାମଗୁଡିକର ଛାତ୍ରୀଛାତ୍ର ନିର୍ଭରଶୀଳ। ଖରାମାସରେ ଆପ୍ରୋଚ ରୋଡ୍‌ରେ ଏତେ ଅସୁବିଧା ହୋଇ ନ ଥାଏ। ବର୍ଷା ହେଲେ ଆମ୍ବୁଲାନ୍ସ ଆସିପାରେନାହିଁ। ପନିପରିବା ବଜାରକୁ ନ ଯାଇ ନଷ୍ଟ ହୋଇଥାଏ। ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବ୍ରିଜ ଉପରେ ମଦ୍ୟପଙ୍କ ଆଡ୍ଡା ଜମୁଛି ବୋଲି ସେ ଅଭିଯୋଗ କରିଥିଲେ। ଏ ନେଇ ସମ୍ପୃକ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କିଶୋର ଚନ୍ଦ୍ର ଖଟୁଆଙ୍କ ପଚରାଯିବାରୁ ସେ କହିଲେ, ନିର୍ମାଣ ପ୍ରକ୍ରିୟା ଚାଲୁଥିବା ବେଳେ ଏସ୍ୱିଟି ଲ୍ୟାଣ୍ଡ ଦର୍ଶାଇ ସ୍ଥାନୀୟ ଲୋକେ କାମରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ନିର୍ମାଣ କାର୍ଯ୍ୟ ଗତିବିଧି ନିରୀକ୍ଷଣ ସହ ଲହଣ୍ଡା ପାର୍ଶ୍ୱ ଆପ୍ରୋଚ ରୋଡ୍ ଓ ଗୋଟିଏ ସ୍ତମ୍ଭ ପାଇଁ ୮(୨) ନୋଟିଫିକେଶନ ଓ ମିଟକୁନ୍ଦରୀ ପାର୍ଶ୍ୱରେ ନୋଟିଫିକେଶନ ବାକି ରହିଛି। ସ୍ଥାନୀୟ ଲୋକେ ଅର୍ଥରାଶି ଦାବି କରୁଛନ୍ତି। ତାହା ପାଇବା ପରେ କାମ ପାଇଁ ଅନୁମତି ଦେବେ ବୋଲି ସେମାନେ କହୁଛନ୍ତି। ସସନ୍ତ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ସମସ୍ତ ସମସ୍ୟାର ସମାଧାନ ହେଲେ ୪୦ଦିନ ମଧ୍ୟରେ ସେତୁ କାମ ଆରମ୍ଭ ହୋଇଯିବ ବୋଲି ସେ କହିଥିଲେ।

## ଅର୍ବାନ କୋଅପରେଟିଭ ବ୍ୟାଙ୍କକୁ ୬ ଲକ୍ଷ ଡଣ୍ଡ

### ଭୂତ ଜିଏସ୍‌ଟି ଆକାଉଣ୍ଟ ଓ ଅନିୟମିତତା ଘଟଣା

**ରାଉରକେଲା, ୪।୭(ସଙ୍ଗୀତା ଜେନା)**

ଅର୍ଥନୈତିକ ଅନିୟମିତତା ଓ ଆଇନ ଉଲ୍ଲଂଘନ ଅଭିଯୋଗରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ବ୍ୟାପକ ୩ଟି ଅର୍ବାନ କୋପରେଟିଭ ବ୍ୟାଙ୍କକୁ ୧.୨୧ କୋଟି ଟଙ୍କା ଜରିମନା କରାଯାଇଛି। ଏହି ତାଲିକରେ ରାଉରକେଲା ଅର୍ବାନ କୋପରେଟିଭ ବ୍ୟାଙ୍କ ରହିଛି। ଆର୍‌ବିଆଇ ଉକ୍ତ ବ୍ୟାଙ୍କକୁ ୬ଲକ୍ଷ ଟଙ୍କା ଜରିମନା ପାଇଁ ନୋଟିସ ଦେଇଛି। ଏ ସମ୍ପର୍କରେ ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ରଙ୍କୁ ପଚାରାଯିବାରୁ ସେ କହିଥିଲେ, ୨୦୧୮ରେ ରାଉରକେଲା ଅର୍ବାନ କୋପରେଟିଭ ବ୍ୟାଙ୍କରେ ବ୍ୟାପକ ଭୂତ ଆକାଉଣ୍ଟ ଖୋଲାଯାଇ ପ୍ରଚୁର ଅର୍ଥ ଦେଣନେଣ କରାଯାଇଥିଲା। ତେବେ ଜିଏସ୍‌ଟି ଫ୍ରଡ୍, କେୱାଇସିରେ ଅନିୟମିତତା ଓ ଅନ୍ୟ ନିୟମ ଉଲ୍ଲଂଘନ ହୋଇଥିବା ଆର୍‌ବିଆଇ ଯାଞ୍ଚ ବେଳେ ଜାଣିବାକୁ ପାଇବା ପରେ ବ୍ୟାଙ୍କକୁ ଜରିମନା ନୋଟିସ ଜାରି କରାଯାଇଛି ବୋଲି ମହାପାତ୍ର କହିଥିଲେ।


ସିଜିଏମଙ୍କ ସହ ପ୍ରଶାନ୍ତ ସେଠୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

## ବସ୍ତି ସମସ୍ୟା ନେଇ ଆର୍‌ଏସ୍‌ପି ସହରସେବା ବିଭାଗରେ ଫେରାଦ

**ରାଉରକେଲା,୪।୭(ସଙ୍ଗୀତା ଜେନା)**

ରଘୁନାଥପାଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ସୋମବାର ରାଉରକେଲା ଇସ୍ପାତ କାରଖାନା ସହରସେବା ବିଭାଗ ପ୍ରମୁଖ ସିଜିଏମ୍ ପି.କେ. ସ୍ୱାଇଁଙ୍କୁ ଭେଟିଛନ୍ତି। ସେକ୍ଟର-୧୬ ସ୍ଥିତ ଡୁମକେଲା ଖଡ଼ିଆବସ୍ତିର ବର୍ତ୍ତମାନର ସ୍ଥିତିକୁ ନେଇ ସେ ଆଲୋଚନା କରିଥିଲେ। ବସ୍ତିରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ପାନୀୟ ଜଳ ସମସ୍ୟା ରହିଛି। ସୋଲାର ଲାଇଟ ବ୍ୟବସ୍ଥା, ଠେଡ଼ାନୀ ବସ୍ତିରୁ ଖଡ଼ିଆପଡ଼ା ପର୍ଯ୍ୟନ୍ତ କଂକ୍ରିଟ ରୋଡ୍ ନ ଥିବାରୁ ବର୍ଷା ଦିନରେ ଲୋକେ ଯାଆସ କରିବାକୁ ହଇରାଣ ହେଉଛନ୍ତି। ବିଶେଷତଃ ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ସମସ୍ୟା ଭୋଗୁଛନ୍ତି। ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ସେଠୀ ଦାବି କରିଥିଲେ। ବସ୍ତିର ରାଜୁ ଖଡ଼ିଆ, ଗୁରୁଦତ୍ତ ତନ୍ତୀ, ନରେନ୍ଦ୍ର ମହାନ୍ତି, ଦେବ ସେଠୀ, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୯ରେ ନାଗରିକ ସୁରକ୍ଷା କମିଟିର କନଭେନଶନ

**ରାଉରକେଲା,୪।୭(ସଙ୍ଗୀତା ଜେନା)**

ନାଗରିକ ସୁରକ୍ଷା କମିଟି ଆହ୍ୱାନରେ ଜୁଲାଇ ୯ତାରିଖରେ ସୁନ୍ଦରଗଡ଼ ଜିଲାର ସମସ୍ତ ସାଂସ୍କୃତିକ ସଂଗଠନ, ସାହିତ୍ୟକ, ନାଟ୍ୟକାର, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କୁ ନେଇ ଏକ ଜିଲାସ୍ତରୀୟ କନଭେନଶନ ସେକ୍ଟର-୫ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ସମେତ ରାଉରକେଲାର ସର୍ବାଙ୍ଗୀନ ବିକାଶ ପାଇଁ ୧୮ କିମି ବ୍ୟାପୀ ମାନବ ଶୃଙ୍ଖଳ, ୫୦ ହଜାର ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ। ସବୁବର୍ଗର ଲୋକ ଉକ୍ତ କନଭେନଶନରେ ଯୋଗ ଦେବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ସୁରକ୍ଷା କମିଟିର ସଞ୍ଜୀବ ମହାନ୍ତି, ଗିରିଶ ମହାପାତ୍ର, ରାଜୀବ ପାଣି, ସୁକାନ୍ତ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ

**ରାଉରକେଲା,୪।୭(ଦିନେଶ ମିଶ୍ର)**

ରାଉରକେଲା ବିଶ୍ରାଡାହାର ରୋଡ୍ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ୪୨ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ନରେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଛି। ଉତ୍ସବରେ ସାମାଜିକ କର୍ମୀ ବ୍ରିଜମୋହନ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ମହତ୍ତ୍ୱ ଉପରେ ମତପ୍ରକାଶ କରିଥିଲେ। ଟ୍ରଷ୍ଟି ବିଷ୍ଣୁଦୟାଲ ଅଗ୍ରୱାଲ, ଓମ୍ ପ୍ରକାଶ ଗୁପ୍ତା, ଋଷି ଆରିୟା, ଡ. ସୁରେଶ ବଂଶଲ, ସୁବାଷ ଚନ୍ଦ୍ର ଅଗ୍ରୱାଲ, ରାଜୀବ ଜିନ୍ଦଲ, ସୁରେଶ ବଂଶଲ, ପଙ୍କଜ ଗର୍ଗ ଓ ହରିରାମ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନିତା ଅଗ୍ରୱାଲ ଓ ଖୁସ୍‌ବୁ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।


ପ୍ରତିଷ୍ଠା ଦିବସରେ ଜଣେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଭିଣୋଇଙ୍କୁ ଆକ୍ରମଣ, ଶଳା ସମେତ ୪ ଗିରଫ

**ରାଉରକେଲା,୪।୭(ଦିନେଶ ମିଶ୍ର)**

**ମୋବାଇଲ, ଷ୍ଟିଲ୍ ରଡ୍, ବାଇକ୍ ଓ କାର୍ ଜବତ**

ରାଉରକେଲା ରଜାକ ସିନେମା ହଲ ନିକଟ ଦରଗାହି ମହଲା ଗଳିରେ ସୋମବାର ଅପରାହ୍ନ ସାଢେ ୧ଟାରେ ଭିଣୋଇଙ୍କୁ ଆକ୍ରମଣ ଘଟଣାରେ ପ୍ଲାଣ୍ଟସାଇଟ ପୋଲିସ ଶଳା ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଡି ଆଫ୍ରିଦି(୨୬), ଚିଣ୍ଟୁ ଓରଫ ଏମ୍‌ଡି ହାସନ(୨୪) ସଲମାନ ଓରଫ ଏମ୍‌ଡି ଫିଆମ୍(୨୨) ଓ ସଦିକ୍ ଅନୱର(୨୧)। ସେମାନଙ୍କଠାରୁ ୪ଟି ସ୍ମାର୍ଟଫୋନ, ଗୋଟିଏ ଷ୍ଟିଲ ରଡ୍, ମାରତୁଲ, ବୁଲେଟ୍ (ନଂ.ଓଡି୧୪କେ/୧୪୭୭) ଏବଂ ଏକ କାର୍ (ନଂ.ଓଡି୧୪ୱାଇ/୭୬୭୫)କୁ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୨୦୬।୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଏମ୍‌ଡି କଲିମ ଖାନ ଓ ଏମ୍‌ଡି ରହିମ ଖାନ୍ ରାଜଗାଙ୍ଗପୁରରେ ରୁହନ୍ତି। କିଛି ବର୍ଷ ତଳେ ଏମ୍‌ଡି ଆଫ୍ରିଦ୍ରିଙ୍କ ଭଉଣୀଙ୍କ ସହ କଲିମଙ୍କ ବିବାହ ହୋଇଥଲା। ତେବେ କଲିମ ଓ ତାଙ୍କ ସ୍ତ୍ରୀଙ୍କ ମଧରେ କଳହ ହୋଇ କୋର୍ଟରେ ମାମଲା ଚାଲିଛି। ସୋମବାର କଲିମ ଓ ରହିମ ରାଉରକେଲା ଆସିଥିବାବେଳେ ଆଫ୍ରିଦି ଭିଣୋଇଙ୍କୁ ରଜାକ ସିନେମା ହଲ ଗଳିରେ ଅଟକାଇ ଗାଳିଗୁଲଜ କରିଥିଲେ। ଏହାକୁ କଲିମ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଆଫ୍ରିଦି କିଛି ଯୁବକଙ୍କୁ ଡାକି କଲିମ ଓ ରହିମଙ୍କ ଉପରେ ସଂଘବଧ ଆକ୍ରମଣ କରିଥିଲେ। ଏ ନେଇ କଲିମଙ୍କ ସମ୍ପର୍କୀୟ ଭାଇ ସୋହିଲ ଅଖତର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଥିଲା।

## ହକି ଷ୍ଟାଡ଼ିୟମ ସମ୍ମୁଖରେ ବୃକ୍ଷରୋପଣ

**ରାଉରକେଲା, ୪।୭(ସଙ୍ଗୀତା ଜେନା)**

ରାଉରକେଲା ବନଖଣ୍ଡ ଓ ୧୦ଟି ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ଗେଟ ନମ୍ବର-୧ ସମ୍ମୁଖରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ସିସିଏଫ୍ ଅରୁଣ ମିଶ୍ର ମୁଖ୍ୟ ଅତିଥି, ଡିଏଫ୍‌ଓ ଯଶୋବନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ଡିଜି ୩୨୬୧ ମଞ୍ଜିତ ସିଂ ଅରୋରାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରୋଟାରୀ କ୍ଲବର ସଦସ୍ୟମାନେ ୪୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ଓ ଫଳ ବୃକ୍ଷଚାରା ରୋପରଣ କରିଥିଲେ।

## ସୁବାସ ଲେଙ୍କା ରେଳ ପରାମର୍ଶଦାତା କମିଟି ସଦସ୍ୟ

**ରାଉରକେଲା,୪।୭(ଦିନେଶ ମିଶ୍ର)**

ଦକ୍ଷିଣ-ପୂର୍ବ ରେଲୱେ ଚକ୍ରଧରପୁର ଡିଭିଜନର ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ସଦସ୍ୟ ଭାବେ ଡ. ସୁବାସ ଚନ୍ଦ୍ର ଲେଙ୍କା ୨ବର୍ଷ ପାଇଁ ମନୋନିତ ହୋଇଛନ୍ତି। ରେଲୱେ ବୋର୍ଡର ସୁପାରିଶକ୍ରମେ ଦକ୍ଷିଣ-ପୂର୍ବ ରେଳପଥ ଗାର୍ଡେନରିଚ୍ କଲିକତା ଡେପୁଟି ମ୍ୟାନେଜରଙ୍କ ଦ୍ୱାରା ବିଭିନ୍ନ ରେଳ ମଣ୍ଡଳ ନିମନ୍ତେ ପୁର୍ନଗଠିତ ହୋଇଥିବା ବ୍ୟବହାରିକ ପରମର୍ଶଦାତା କମିଟିରେ ଚକ୍ରଧରପୁର ମଣ୍ଡଳ ନିମନ୍ତେ ଡ. ଲେଙ୍କାକୁ ମନୋନିତ କରାଯାଇଛି। ସେ ଚକ୍ରଧରପୁର ମଣ୍ଡଳରେ ଥିବା ବିଭିନ୍ନ ରେଳ ଷ୍ଟେଶନର ଶୌଚାଳୟ, ବୁକ୍‌ଷ୍ଟଲ, ଟିକେଟ ବ୍ୟବସ୍ଥା, ବୁକ୍‌ଷ୍ଟଲ, ରେଲୱେ ପକ୍ଷରୁ ବିତରଣ ହେଉଥିବା ଖାଦ୍ୟର ମାନ, ଯାତ୍ରୀଙ୍କ ସୁବିଧା ଆଦି ଦିଗକୁ ତଦାରଖ କରିବେ। ଏହା ପୂର୍ବରୁ ଡ. ଲେଙ୍କା ୩୩ ବର୍ଷ ଧରି ଦକ୍ଷିଣ-ପୂର୍ବ ରେଲୱେ ମଜଦୁର ସଂଘରେ କାର୍ଯ୍ୟ କରିବା ସହ ସର୍ବଭାରତୀୟ ସ୍ତରରେ ବିଆର୍‌ଏମ୍‌ଏସ୍‌ର ରାଷ୍ଟ୍ରୀୟ ମୁଖପାତ୍ର କାର୍ଯ୍ୟ କରିଥିଲେ। ତାଙ୍କର ଏହି ଅଭିଜ୍ଞତାକୁ ଆଧାର କରି ରେଳ ବ୍ୟବହାରକାରୀ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କର ଏହି ନିଯୁକ୍ତି ପାଇଁ ସହରରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ରାଉରକେଲା,୪।୭(ସଙ୍ଗୀତା ଜେନା)**

ପାନପୋଷ ବନାଞ୍ଚଳ ରାଉରକେଲା ବନଖଣ୍ଡ ପକ୍ଷରୁ ଡିଏଭି ଓ ବିଶ୍ରା ଛକରେ ମଙ୍ଗଳବାର ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଆର୍‌ସିସିଏଫ୍ ଅରୁଣ ମିଶ୍ର, ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ଉଦ୍‌ଘାଟନ କରିଥିଲେ। ଉକ୍ତ କେନ୍ଦ୍ରରେ ଶାଗୁଆନ, ଶିଶୁ, ଅଁଳା, ହରିଡ଼ା, ବାହାଡ଼ା, ନିମ୍ବ, ଜାମ୍ବୁ, କର, ଅର୍ଜୁନ, ରାଧାଚୂଡ଼ା, ପିଜୁଳି, ଆତ, ଗମ୍ଭାରୀ, ରକ୍ତଚନ୍ଦନ, ଶିରିଶ, ଖଇର, ସୁନାରୀ, କାଜୁ ଭଳି ଫଳ ଓ ଔଷଧୀୟ ବୃକ୍ଷ ଚାରା ଉପଲବ୍ଧ ରହିଛି। ଜନସାଧାରଣ ପରିଚୟପତ୍ର ଦେଖାଇ ଏହି ଚାରା ୧ ଟଙ୍କା ମୂଲ୍ୟରେ ସଂଗ୍ରହ କରିପାରିବେ ବୋଲି ବନଖଣ୍ଡ ପକ୍ଷରୁ କୁହାଯାଇଛି।


ବନଖଣ୍ଡ ଅଧିକାରୀଙ୍କ ସହ ସ୍ଥାନୀୟ ଜନସାଧାରଣ।

# ରାଜସ୍ୱ, ଜମିଜମା ଉପରେ ସମୀକ୍ଷା

**ରାଉରକେଲା, ୪।୭(ବିପ୍ଳବ ରଞ୍ଜନ ଦାଶ)**

**ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ରାଉରକେଲା ଗସ୍ତ**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ମଙ୍ଗଳବାର ରାଉରକେଲା ଗସ୍ତରେ ଆସି ରାଜସ୍ୱ ଓ ଜମିଜମା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଛନ୍ତି। ଏହା ସହିତ ୫-ଟି ରୂପାନ୍ତରିତ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ,ଆହାର କେନ୍ଦ୍ର ଓ ମ୍ୟୁନିସିପାଲ କଲେଜ ନିକଟସ୍ଥ ସମ୍ପଦ କେନ୍ଦ୍ର ପରିଦର୍ଶନ କରିଥିଲେ। ଦଳାଇ ଆର୍‌ଡିଏ ଅନ୍ତର୍ଭୁକ୍ତ ଖାଲି ପଡିଥିବା କମର୍ସିଆଲ ଜମି ଶୀଘ୍ର ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ପ୍ଲାନିଂ ସେକ୍ସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଛେଣ୍ଡରେ ଥିବା ସୋସିଆଲ ହୋମ୍‌ରେ ବିଦ୍ୟୁତ ସଂଯୋଗ ଲାଗି ଟିପିଡବ୍ଲ୍ୟୁଓଡିଏଲ ଓ କାର୍ଯ୍ୟାଳୟରେ ଖାଲି ପଡିଥିବା ଯନ୍ତ୍ରୀ ପଦବୀ ପୂରଣ କରିବା ପାଇଁ ଅଧିକାରୀଙ୍କୁ କହିଥିଲେ।


ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଆହାର କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ସେହିପରି ମହାନଗର ନିଗମ ସମ୍ମିଳନୀ କକ୍ଷରେ ଜିଲାର ତହସିଲଦାରମାନଙ୍କ ସହିତ ଅନ୍ୟ ଏକ ବୈଠକରେ ଉପସ୍ଥିତ ରହି ଦଳାଇ ସୁନ୍ଦରଗଡ଼ ଜିଲାରେ ଜମିଜମା ତଥ୍ୟକୁ ଡିଜିଟାଲାଇଜ କରିବା ପାଇଁ ଚାଲିଥିବା ହାଇଟେକ ସର୍ଭେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହାସହ ଜିଲାର ରାଜସ୍ୱ ତଥା ଜମିଜମା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଜାତିଗତ ପ୍ରମାଣପତ୍ର, ଲିଗାଲ ହେୟର, ଆୟ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ନ କରିବାକୁ ସେ କହିଥିଲେ। ବୈଠକ ପୂର୍ବରୁ ପ୍ରଥମେ ସେ ସହରର ପରିମଳ ବ୍ୟବସ୍ଥା ଓ ସଫେଇ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହାପରେ ମ୍ୟୁନିସିପାଲ କଲେଜ ନିକଟସ୍ଥ ସମ୍ପଦ କେନ୍ଦ୍ରକୁ ଯାଇ ଖତ ପ୍ରସ୍ତୁତି କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହାପରେ ଶକ୍ତି ନଗରଠାରେ ଥିବା 'ଆହାର' କିଚେନ ଓ ସେକ୍ଟର ୧୯ ସ୍ଥିତ ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଦଳାଇ ସେଠାରେ ନିଜେ ଖାଇଥିଲେ। ଦଳାଇ ଉଦିତନଗର ହାଇସ୍କୁଲ ମଧ୍ୟ ପରିଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝି, ଆର୍‌ଏମ୍‌ସି ଉପ ଆୟୁକ୍ତ ସୁଧାଂଶୁ ଭୋଇ, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଛ ଲଗାଇଲେ ଆମେ ବଞ୍ଚିବା



**ରେଢ଼ାଖୋଲ,୪।୭(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ବନଖଣ୍ଡର ଚାରମାଳ ରେଞ୍ଜ ଅଧୀନ ଡଙ୍ଗାପଥର ଗ୍ରାମରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଡିଏଫ୍ଓ ଅରବିନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଓ ଗରଗଡବାହାଲ ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ସସ୍ମିତା ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବନ ମହୋତ୍ସବ ଅବସରରେ ଅତିଥିମାନେ ବିଭିନ୍ନ ପ୍ରକାର ଗଛ ଲଗାଇବା ସହ ଗଛ ଲଗାଇଲେ ଆମେ ବଞ୍ଚିବା ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦିତ ତ୍ରିପାଠୀ, ରେଞ୍ଜ ଅଧିକାରୀ ଦର୍ଶନିଆ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**ରେଢ଼ାଖୋଲ,୪।୭(ଅଚ୍ୟୁତାନନ୍ଦ ପୁରୋହିତ):** ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରେଢ଼ାଖୋଲ ବ୍ଲକର କୁକୁଡାବାହାଲି -ଝିକିଦାଦର ରାସ୍ତାର ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୨.୪୬କି.ମି. ରାସ୍ତା ନିର୍ମାଣ ପାଇଁ ୧ କୋଟି ୩୪ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଏହି ରାସ୍ତା ନିର୍ମାଣ ହେଲେ ଅନୁଗୋଳ ଜିଲା କିଶୋରନଗରକୁ ଯାତାୟାତ ସୁବିଧା ହୋଇପାରିବ। ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ବିରାଶମୁନୀ ଏକ୍କା, କନିଷ୍ଠଯନ୍ତ୍ରୀ ବୁଲୁ ପାଲଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଗରମ ଡାଲି ଡେକ୍‌ଚିରେ ପଡ଼ି ଶିଶୁ ଗୁରୁତର

**ଦେବଗଡ, ୪।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ସଇଡା ଗ୍ରାମରେ ଗରମ ଡାଲି ଡେକଚିରେ ପଡି ଜଣେ ଦେଢବର୍ଷର ଶିଶୁ ଗୁରୁତର ହୋଇଛନ୍ତି। ଶିଶୁଟି ହେଲା ବିକ୍ରମ ବେହେରାଙ୍କ ପୁଅ ଅମିତ। ସୋମବାର ରାତିରେ ବିକ୍ରମଙ୍କ ସ୍ତ୍ରୀ ଡାଲି ରାନ୍ଧିବା ପରେ ଡେକଚିକୁ ଚୁଲିମୁଣ୍ଡରେ ରଖିଥିଲେ। ଏହି ସମୟରେ ଅମିତ ଝଣ୍ଟି ଗରମ ଡାଲି ଡେକଚିରେ ପଡି ଯାଇଥିଲା। ପରିବାର ଲୋକେ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏବେ ସେ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଛନ୍ତି।

### ରାତିରେ ଶୋଇଥିଲେ, ସକାଳେ ଉଠିଲେନି

**ଦେବଗଡ, ୪।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ଶିରପାଲି ଗ୍ରାମର ଜଣେ ମହିଳାଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ମୃତା ହେଲେ ଦୀପକ ବଡଘଟିଆଙ୍କ ସ୍ତ୍ରୀ ବାସନ୍ତୀ ନାଏକ (୨୭)। ସୋମବାର ରାତିରେ ଖାଇବା ପରେ ବାସନ୍ତୀ ଘର ଚଟାଣରେ ଶୋଇଥିଲେ। ମଙ୍ଗଳବାର ସକାଳୁ ସେ ନଉଠିବାରୁ ତାଙ୍କୁ ଦୀପକ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବରକୋଟ ଥାନା ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।ସାପ କାମୁଡାରେ ବାସନ୍ତୀଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ବାରକୋଟ ବ୍ଲକରେ ନୂତନ ବିଇଓଙ୍କ ଯୋଗଦାନ

**ଦେବଗଡ, ୪।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ବରକୋଟ ବ୍ଲକର ନୂତନ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଗାୟତ୍ରୀ ସାହୁ ଯୋଗ ଦେଇଛନ୍ତି। ସମଗ୍ର ବ୍ଲକରେ ଥିବା ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଯେପରି ଉନ୍ନତି ଘଟିବ ସେଥିପ୍ରତି ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଯୋଗଦାନ ପରେ ବିଇଓଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସିଆରସିସିଙ୍କ ସମେତ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ପ୍ରହଲ୍ଲାଦ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସ୍ୱାଗତ ଜଣାଇଥିଲେ।

# ସମଲେଇ ଯୋଜନା ବିସ୍ଥାପିତଙ୍କ ଦୁଃଖ

**ସମ୍ବଲପୁର, ୪।୬(ଶୁଭାଶିଷ ପାଢୀ)**

■ ଦିବ୍ୟାଙ୍ଗ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ

■ ଭୂମିପୂଜା ପରେ ଅନ୍ୟକୁ ଦେଇଦେଲେ ଜମି



ଜିଲାପାଳଙ୍କ ଅଫିସରେ ଦିବ୍ୟାଙ୍ଗ ପରିବାର।

ସମଲେଇ ଯୋଜନାରେ ଘର ଭାଙ୍ଗିବା ସମୟରେ ଉପଯୁକ୍ତ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ। ସରକାର ବିସ୍ଥାପିତମାନଙ୍କୁ ଦେଇଥିବା ଜମିରୁ ଆମ ପ୍ଲଟ ଚିହ୍ନଟ କରି ଦେଖାଇଲେ। ଅକ୍ଷୟ ତୃତୀୟା ଦିନ ଆମେ ବେଶ୍ ଉତ୍ସାହିତ ହୋଇ ଭୂମିପୂଜା କରିଥିଲୁ। ଏବେ ଘର ନିଅଁ ପକାଇବା ପାଇଁ ଯିବା ସମୟରେ ଆଉ ଜଣେ ସେଠାରେ ଭୂମିପୂଜା କରୁଥିବା ଦେଖିଲୁ। ଆମକୁ ଦେଇଥିବା ଜମିକୁ ଆଉ ଜଣଙ୍କୁ ଚଞ୍ଚକତା କରି ଭୂଅର୍ଜନ ବିଭାଗ ଦେଇ ଦେଇଛି। ଏବେ କାହା ସ୍ୱାର୍ଥରେ ଆମକୁ ଦିଆଯାଇଥିବା ଜମି ଅନ୍ୟ ଲୋକଙ୍କୁ ଦେଲେ ବୋଲି ମହିଳାଙ୍କ ସମେତ ପରିବାରର ୩ଜଣ ଦିବ୍ୟାଙ୍ଗ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ଦୁଃଖ ଜଣାଇଛନ୍ତି। ସ୍ୱାମୀ ସାରଙ୍ଗ ରାଏ, ସ୍ତ୍ରୀ ପ୍ରଣତି ଓ ଝିଅପୁଅ କୋହଭରା କଣ୍ଠରେ ଘଟଣା ସମ୍ପର୍କରେ କହି ଜଣେ ଅଧିକାରୀଙ୍କ ନାମ ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ଦାସ ମଧ୍ୟ ଘଟଣାର ତଦନ୍ତ କରାଯିବ। ଅଭିଯୋଗ ବିଚାରକୁ ନିଆଯାଇ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ କ୍ରମେ ସମଲେଇ ଯୋଜନାରେ ଏହି ପରିବାର ବିସ୍ଥାପିତ ହୋଇଛନ୍ତି। ପ୍ରଣତି କେବଳ ରୋଜଗାରକ୍ଷମ। ବିସ୍ଥାପିତ ହେବା ସମୟରେ ଦିବ୍ୟାଙ୍ଗ ଓ ଅସହାୟ ସଦସ୍ୟମାନେ ଥିବାରୁ ରାସ୍ତାପାର୍ଶ୍ୱରେ ଜମି ଦେବାକୁ ଅନୁରୋଧ କରିଥିଲେ। ସେ ସମୟରେ ଅଢେଇ ଡେସିମିଲ ଜମି ମିଳିଥିଲା। ଘର ତିଆରି କରିବାକୁ ଯିବା ସମୟରେ ଉକ୍ତ ଜମି ଅନ୍ୟ ଲୋକଙ୍କ ଦଖଲରେ ଥିବା ଜାଣି ଭୂ ଅର୍ଜନ ବିଭାଗରେ ଅଭିଯୋଗ କରିଥିଲେ। ହେଲେ ସେଠାରେ କୌଣସି ଜମି ଦିଆଯିବ ନାହିଁ ବୋଲି ଧମକଚମକ ଦିଆଯାଇଥିଲା। ତେଣୁ ଶେଷରେ ପରିବାର ସଦସ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ସମାଧାନ ନ କଲେ ପୁରା ପରିବାର ଆତ୍ମହତ୍ୟା କରିବେ ବୋଲି କାନ୍ଦି କାନ୍ଦି କହିଥିଲେ ।

## କୁଚିଣ୍ଡା ସରକାରୀ ହାଇସ୍କୁଲରେ ବନ ମହୋତ୍ସବ



ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

**କୁଚିଣ୍ଡା,୪।୭(ବିରଞ୍ଚି ଦର୍ଜ୍ଜୀ)**

କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ସୁରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ, କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଶରତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍କୁଲ ପରିସରରେ ବିଭିନ୍ନ ଫଳ ଚାରା ରୋପଣ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକ ଚନ୍ଦନିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜିବ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଆମ୍ବ, କଦଳୀ, ପଣସ, ନଡିଆ ଆଦି ଫଳ ଚାରା ରୋପଣ କରିଥିଲେ।

## ଗୋଶାଳାରେ ଗୋପାଳନ ବିକାଶ କର୍ମଶାଳା



ଜିଲାପାଳ ଦୁଗ୍ଧ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

**ସମ୍ବଲପୁର,୪।୭(ବି.ଶଙ୍କର)**

**ଗୋଚିକିତ୍ସା ଦୂରଭାଷା, ଭ୍ରାମ୍ୟମାଣ ସେବା ଶୁଭାରମ୍ଭ**

ଗୋପାଳନ ବିକାଶ କର୍ମଶାଳା ଓ ଗୋଚିକିତ୍ସା ଦୂରଭାଷା ଏବଂ ଭାମ୍ୟମାଣ ସେବା ସମ୍ବଲପୁର ଜିଲା ଗୋଶାଳାସ୍ଥିତ ସମଲେଶ୍ୱରୀ ଦୁଗ୍ଧ ସଂଘର ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦୁଗ୍ଧ ଚାଷୀମାନେ ବ୍ୟବସାୟିକ ଭିତ୍ତିରେ ଗୋପାଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଦୁଗ୍ଧ ସଂଘ ସଭାପତି ବିଦ୍ୟାଧର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମଲେଶ୍ୱରୀ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡା. ସରୋଜ କୁମାର ସାହୁ କର୍ମଶାଳାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଗୋମୟ ଆଗ୍ରୋ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶନୀ ଯୋଗଦେଇ ଗାଈ ଗୋବରରୁ କିଭଳି ବିଭିନ୍ନ ପ୍ରକାର ରଙ୍ଗ ତିଆରି କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଜିଲାମୁଖ୍ୟ ପ୍ରାଣୀ ଅଧିକାରୀ ଡା. ପର୍ଶୁରାମ ପଣ୍ଡା ଗୋପାଳନ କ୍ଷେତ୍ରରେ ଆଧୁନିକ କାରିଗରୀ ବିଦ୍ୟାର ସଫଳ ପ୍ରୟୋଗ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଗତିଶୀଳ ଦୁଗ୍ଧ ଚାଷୀ ବରପାଲି ଦୁଗ୍ଧ ସମିତିର ନିମାଇଁ ବିଶ୍ୱାଳ, କୁରୁଆଁ ସମିତିର ଦୁଗ୍ଧ କୃଷକ ବନ୍ଧୁ ମନୋଜ କର୍ଣ୍ଣ, ନୂଆଗଡ ସମିତିର ଦୁର୍ଗା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ୧୦ଜଣ ଦୁଗ୍ଧ ଚାଷୀଙ୍କୁ ସୁଧ ବିହୀନ ଗାଈ ଋଣ, ୫୮ଟି ସମିତିକୁ ଗୋବନ୍ଧ୍ୟା ନିରାକରଣ ତଥା କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା। ସଂଘର କନିଷ୍ଠ ପରିଚାଳକ ଡା. ସଞ୍ଜୀବ କୁମାର ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦିବ୍ୟଦର୍ଶନ ସଂଘ ପକ୍ଷରୁ ଆଲୋଚନାଚକ୍ର

**ସମ୍ବଲପୁର,୪।୭(ବି.ଶଙ୍କର)**

ଦିବ୍ୟଦର୍ଶନ ସଂଘ ସମ୍ବଲପୁର ଶାଖା ପକ୍ଷରୁ ବ୍ୟାସ ପୂର୍ଣ୍ଣିମା ତିଥିରେ ଆଲୋଚନା ଚକ୍ର ଓ ସତ୍‌ସଙ୍ଗ ନିଜସ୍ୱ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ଭାଗନେଇ ବକ୍ତାମାନେ କହିଥିଲେ, ବ୍ୟାସଦେବଙ୍କ ଜୀବନୀ ସମାଜକୁ ବିଶ୍ୱ କଲ୍ୟାଣକାରୀ ଦାନ। ବ୍ୟାସ କହିଲେ ଗାଣିତିକ ଦୃଷ୍ଟିରୁ ପରିଧିର ଯେ କୌଣସି ବିନ୍ଦୁରୁ ଆରମ୍ଭ ହୋଇଥାଏ। ସରଳରେଖା କେନ୍ଦ୍ରବିନ୍ଦୁକୁ ଛେଦକରିବାକୁ ବ୍ୟାସ କୁହାଯାଏ। କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖିଲେ ଗୁରୁଙ୍କଠାରୁ ଆତ୍ମ ଜ୍ଞାନ ଶିକ୍ଷା କରି ଯେଉଁ ବ୍ୟକ୍ତି ଅତି ସରଳ ସାଧାରଣ ଶୈଳୀରେ ବାଖ୍ୟା କରନ୍ତି ତାକୁ ବ୍ୟାସ କହିଥାଉ। ଏଣୁ ବ୍ୟାସ ଏକ ବ୍ୟକ୍ତି ନୁହନ୍ତି, ଗୁହ୍ୟ ଜ୍ଞାନକୁ ବ୍ୟାସ କହନ୍ତି। ବିଦ୍ୟ ଦର୍ଶନ ମତରେ ଗୁରୁ ଅର୍ଥ ଜ୍ଞାନ, ଯେ ପୂର୍ଣ୍ଣ ଜ୍ଞାନି ସେ ବ୍ୟାସ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ପରିଚାଳନାରେ ଆଲୋଚନାଚକ୍ର ହୋଇଥିଲା। ସୁଶାନ୍ତ କୁମାର ପଣ୍ଡା, ଶଙ୍କର୍ଷଣ ଆଚାର୍ଯ୍ୟ, ଜନ୍ମେଜୟ ବାବୁ, ଦମୟନ୍ତି ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ପଣ୍ଡା, ଏକାନ୍ତି ସେଟ, ସଜିତା ସାହୁ, କନକ ଟଣ୍ଡକାର, ଦୁଷ୍ମନ୍ତ ସାହୁ, ଶ୍ରୀକାନ୍ତ ଷଡଙ୍ଗୀ ଆଲୋଚନାରେ ଭାଗ ନେଇଥିଲେ।

## ଜମନକିରା ଫରେଷ୍ଟ ରେଞ୍ଜ ପକ୍ଷରୁ ବନ ମହୋତ୍ସବ

**ଜମନକିରା,୪।୭(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଫରେଷ୍ଟ ରେଞ୍ଜ ପକ୍ଷରୁ ମଙ୍ଗଳବାର ଭୋଜପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକ ଅଧ୍ୟକ୍ଷତା କରିଥିଲେ। କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଓ ବାମଣ୍ଡା ଏସିଏଫ୍ ଜିତେନ୍ଦ୍ର କୁମାର ବେହେରା, ବିଡ଼ିଓ ପ୍ରସନ୍ନ ପଟେଲ, ଅଧକ୍ଷ ପ୍ରତାପ କୁମାର ମହାକୁଳ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଛତିଆନ, ମେହେରଦାନି, ଲିମ୍ବ, କରଞ୍ଜ, ରାଧାଚୁଡ଼ା, କୃଷ୍ଣଚୁଡ଼ା ଆଦି ଶତାଧିକ ଚାରା ରୋପଣ କରାଯାଇଥିଲା। ଏଥିରେ ରେଞ୍ଜରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ଚାରା ରୋପଣ କରୁଛନ୍ତି ଅତିଥିମାନେ।

## ନିଗମାନନ୍ଦ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

**ସମ୍ବଲପୁର,୪।୭(ବି.ଶଙ୍କର)**

ସଦ୍‌ଗୁରୁ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କ ୩୫ତମ ଭକ୍ତ ସମ୍ମିଳନୀ ସ୍ଥାନୀୟ ମାରୱାଡି ପଞ୍ଚାୟତି ଧର୍ମଶାଳାଠାରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ହୋଇଥିବା ସମ୍ମିଳନୀରେ ନଗର ପରିକ୍ରମା, ଅନ୍ତରଙ୍ଗ ସଭା, ମହିଳା ସଭା, ସାଧାରଣ ଧର୍ମ ସଭା ଓ ଆନନ୍ଦ ସଭା ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁର, ଝାରସୁଗୁଡା ଓ ବରଗଡ ଜିଲାରୁ ଭକ୍ତଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣ ଧର୍ମସଭା ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସକ ସୂର୍ଯ୍ୟ ନାରାୟଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଏଥିରେ ଆସାମ ବଙ୍ଗୀୟ ସାରସ୍ୱତ ମଠ (କୋକିଳାମୁଖ)ର ମହନ୍ତ ଶ୍ରୀମଦ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଦେଇଥିବା ସନ୍ଦେଶ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ବୈକୁଣ୍ଠ ପ୍ରସାଦ ହୋତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆସାମ ବଙ୍ଗୀୟ ସାରସ୍ୱତ ମଠର ତତ୍ତ୍ୱାବଧାରକ ସମିତି ସଭାପତି ଅରୁଣ କର ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ଆଦ୍ରା ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ରମଣାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ।

## ଥେରୁବାଲିରେ ୨ ଏକ୍ସପ୍ରେସ୍‌ର ପରୀକ୍ଷାମୂଳକ ରହଣି

**ସମ୍ବଲପୁର,୪।୭(ବି.ଶଙ୍କର)**

ଯାତ୍ରୀମାନଙ୍କ ସୁବିଧା ପାଇଁ ଥେରୁବାଲି ଷ୍ଟେଶନରେ ବିଶାଖାପାଟନମ ଏକ୍ସପ୍ରେସ ଏବଂ ଭୁବନେଶ୍ୱର- ଜୁନାଗଡ ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି କରିବାକୁ ସ୍ଥିର ହୋଇଛି। ଏହା ଚଳିତ ମାସ ୭ ତାରିଖରୁ କାର୍ଯ୍ୟକାରୀ ହେବ। ଟ୍ରେନ ସଂଖ୍ୟା ୨୦୮୩୭ ଭୁବନେଶ୍ୱର-ଜୁନାଗଡ ରୋଡ ଏକ୍ସପ୍ରେସ ସକାଳ ୬ଟା ୮ ମିନିଟରେ ଥେରୁବାଲି ଷ୍ଟେଶନରେ ପହଞ୍ଚି ୬ଟା ୧୦ମିନିଟରେ ଛାଡିବ। ଫେରିବା ଟ୍ରେନ ସଂଖ୍ୟା ୨୦୮୩୮ ଜୁନାଗଡ ରୋଡ-ଭୁବନେଶ୍ୱର ଏକ୍ସପ୍ରେସ ଥେରୁବାଲି ଷ୍ଟେଶନରେ ରାତ୍ରି ୮ଟାରେ ପହଞ୍ଚି ୮ଟା ୨ମିନିଟରେ ଛାଡିବ। ସେହିପରି ଟ୍ରେନ ସଂଖ୍ୟା ୧୮୫୧୭ କୋରବା-ବିଶାଖାପାଟନମ ଏକ୍ସପ୍ରେସ ଥେରୁବାଲି ଷ୍ଟେଶନରେ ରାତ୍ରି ୨ଘଣ୍ଟା ୨୫ ମିନିଟରେ ପହଞ୍ଚି ୨ଘଣ୍ଟା ୨୭ ମିନିଟରେ ଛାଡିବ। ଫେରିବା ପଥରେ ଟ୍ରେନ ସଂଖ୍ୟା ୧୮୫୧୮ ବିଶାଖାପାଟନମ-କୋରବା ଏକ୍ସପ୍ରେସ ଥେରୁବାଲି ଷ୍ଟେଶନରେ ରାତ୍ରି ୧୨ଟା ୩୫ ମିନିଟରେ ପହଞ୍ଚି ୧୨ଟା ୨୭ ମିନିଟରେ ଛାଡିବ। ଏ ନେଇ ମଙ୍ଗଳବାର ସମ୍ବଲପୁର ମଣ୍ଡଳ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## କଲେଜ ତରଫରୁ ଔଷଧୀୟ ଚାରା ରୋପଣ

**ନାକଟିଦେଉଳ,୪।୭(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ବନ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ ମୁଖ୍ୟ ଅତିଥି ଓ ଏବିଡିଓ ବିଦ୍ୟାଧର ରାଉତରାୟ, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବନପାଳ ଅରୁଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସନ୍ତୁଳନ ଦିଗରେ ବୃକ୍ଷର ଆବଶ୍ୟକତା ସହ ଜଙ୍ଗଲ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ରହି ଔଷଧୀୟ ଚାରା ରୋପଣ କରିଥିଲେ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ।

## ସଫେଇ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଜିଲା ମୁଖ୍ୟ ଚିକିତ୍ସାଳୟ**

■ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବି

**ସମ୍ବଲପୁର, ୪।୭(ଶୁଭାଶିଷ ପାଢୀ)**



ପୋଲିସ ପରିବାର ଲୋକ ଓ ଅନ୍ୟ ସଫେଇ କର୍ମଚାରୀଙ୍କୁ ବୁଝାଶୁଝା କରୁଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ହେମନ୍ତ ବେହେରା (୩୫)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ପରିବାର ଓ ଅନ୍ୟ ସଫେଇ କର୍ମଚାରୀ। ସେମାନେ ଏଥିପାଇଁ ଠିକାସଂସ୍ଥାକୁ ଦାୟୀ କରିବା ସହ କ୍ଷତିପୂରଣ ଦାବିକରି ହୋହଲ୍ଲା କରିଥିଲେ। ଫଳରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗକ୍ରମେ ହେମନ୍ତ ପ୍ରାୟ ୧୦ ବର୍ଷ ହେଲା ଜିଲା ସଦର ଡାକ୍ତରଖାନାରେ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ଠିକା ସଂସ୍ଥା ପରିବର୍ତ୍ତନ ହେବା ପରେ ମଧ୍ୟ ସେ କାମ କରିଆସୁଥିଲେ। ହେଲେ ଏବେ ଯେଉଁ ଠିକା ସଂସ୍ଥା ସଫେଇ କାମର ଦାୟିତ୍ୱ ନେଇଛି ସେ କାମରୁ ବାହାର କରିଦେଲା। ଏହାକୁ ନେଇ ପ୍ରାୟ ୨୦ଦିନ ହେଲା ସେ ମାନସିକ ଭାରସାମ୍ୟ ହରାଇ ରୋଗଗ୍ରସ୍ତ ହୋଇ ପଡିଥିଲେ। ଶେଷରେ ଚିନ୍ତାରେ ରହି ସେ ସବୁଦିନ ପାଇଁ ଆଖି ବୁଜିଦେଇଛନ୍ତି। ଏହାକୁ ନେଇ ଅନ୍ୟ ସଫେଇ କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରି ମୃତକଙ୍କ ପରିବାର ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ସଦର ଏସ୍‌ଡିପିଓ ପ୍ରଦିପ ସାହୁ, ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ପହଞ୍ଚି ଆଲୋଚନା କରିଥିଲେ। ହେଲେ ପୋଲିସକୁ ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ହେମନ୍ତଙ୍କ ମୃତ୍ୟୁ ପାଇଁ ଠିକା ସଂସ୍ଥା ଦାୟୀ। ସେ ପୋଲିଓ ଆକ୍ରାନ୍ତ ଥିବା ବେଳେ ମଧ୍ୟ କାମ କରିଆସୁଥିଲେ। ହେଲେ କାମରୁ ବାହାର କରିଦେଲା। ଘରେ ଖାଇବାକୁ ନାହିଁ। ବୃଦ୍ଧ ମା'ବାପା ପକ୍ଷାଘାତରେ ପୀଡିତ। ପରିବାରର ଏକମାତ୍ର ରୋଜଗାରିଆ ପୁଅର ରୋଜଗାର ବାଟ ବନ୍ଦ ହୋଇଗଲା। ସେ ଚିନ୍ତାରେ ପଡି ଜୀବନ ହାରିଦେଲେ। ତେଣୁ କମ୍ପାନୀ ୧୦ ଲକ୍ଷ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଶେଷରେ ପୋଲିସ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡିଥିଲା।

# ସୁସ୍ଥ ଗଣତନ୍ତ୍ର ପାଇଁ ନିରପେକ୍ଷ ଗଣମାଧ୍ୟମ ଜରୁରୀ



ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।


ପ୍ରତିଯୋଗିତାରେ ଭାଗ ନେଇଥିବା ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀ ୫୦ବର୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର,୪।୭(ସ୍ମୃତି ରଞ୍ଜନ ମହାଲିକ/ ତନୁଶ୍ରୀ ନାହାକ)

ଦେଶ ସ୍ୱାଧୀନ ପୂର୍ବରୁ ଏବଂ ପରେ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସବୁବେଳେ ରହିଆସିଛି। ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ କର୍ତ୍ତବ୍ୟନିଷ୍ଠା ଓ ଗଣମାଧ୍ୟମ ଶକ୍ତିର ପ୍ରତିଫଳନ ନିତାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟି ଦେଲେ ଭାରତ ଏକ ସମୃଦ୍ଧଶାଳୀ ରାଷ୍ଟ୍ରରେ ପରିଣତ ହେବ। ବର୍ତ୍ତମାନ ଦେଶରେ ଅଧିକରୁ ଅଧିକ ଯୁବପିଢ଼ି ଗଣମାଧ୍ୟମ ମାଧ୍ୟମରେ ଦୁର୍ନୀତିଗ୍ରସ୍ତ ଓ କଳାକାରନାମାଗୁଡ଼ିକୁ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ମଙ୍ଗଳବାର ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀ ଛାତ୍ରୀଛାତ୍ରମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ପିଜି ଓଡ଼ିଆ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଶ୍ରୀମନ୍ତ ବେହେରା ପ୍ରଥମ, ପିଜି ବାଣିଜ୍ୟ ବିଭାଗର ଛାତ୍ରୀ ସି.ଏଚ୍. ମାନଭୀ ପାତ୍ର ଓ ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ଶେଷ ବର୍ଷ ଛାତ୍ର ଏ. ଅନ୍‌ମୋଲ ଆଚାରୀ ଯୁଗ୍ମ ଦ୍ୱିତୀୟ, ପିଜି ଇଂଲିଶ ବିଭାଗର ଶେଷବର୍ଷ ଛାତ୍ର ଶ୍ରୀତମ କୁମାର ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ସିଟି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଲମ୍ୱୋଦର ପାଣିଗ୍ରାହୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଦ୍ୟୁତ୍‌ପ୍ରଭା ସାହୁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ବିଶ୍ୱ ବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡ. ଇଲାରାଣୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଯୁବପିଢ଼ିଙ୍କୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଥିବା ଧରିତ୍ରୀର ପ୍ରୟାସକୁ ମୁଖ୍ୟଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ଯୁବକଙ୍କ ଉଦ୍ୟମ ହିଁ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିବା ସହ ଧରିତ୍ରୀର ୫୦ବର୍ଷ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଯୁବ ସମାଜରେ ଗଣମାଧ୍ୟମ ଓ ଗଣତନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ସମାଜ ଅଗ୍ରସର ହେଲେ ସମାଜର ଅଗ୍ରଗତି ହେବ ବୋଲି ରଥ କହିଥିଲେ। ବିଚାରକ ଭାବେ ପାଣିଗ୍ରାହୀ କହିଥିଲେ ଯେ, ଭାରତ ଭଳି ଏକ ବିଶାଳ ରାଷ୍ଟ୍ରରେ ଯୁବକମାନେ ଦାୟିତ୍ୱ ସମ୍ପୂର୍ଣ୍ଣ ଓ ସୁନାମଧନ୍ୟ ମାନବ ସମ୍ବଳ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ଅବର୍ଣ୍ଣନୀୟ। ଗଣତନ୍ତ୍ରରେ ଯୁବକଙ୍କ ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଓ ଗଣତନ୍ତ୍ର ମାଧ୍ୟମରେ ଭାରତ ବିଶ୍ୱରେ ଏକ ସୁନାମଧନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ପରିଚୟ ହାସଲ କରିପାରିବ। ଧରିତ୍ରୀ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକୁ ସେ ସାଧୁବାଦ ଜଣାଇଥିଲେ। ସେହିପରି ଅନ୍ୟତମ ବିଚାରକ ଶ୍ରୀମତୀ ସାହୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗଣମାଧ୍ୟମ ଯୁବକଙ୍କ ଭୂମିକାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହିଥିଲେ। ପରିଶେଷରେ ଧରିତ୍ରୀ ଜିଲା ପ୍ରତିନିଧି ସ୍ମୃତି ରଞ୍ଜନ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ନରସିଂହ ସାହୁ, ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢ଼ୀ, ବ୍ରହ୍ମପୁର ପ୍ରସାରଣ ବିଭାଗର ମଳୟ କୁମାର ସାହୁ, ଖବରଦାତା ସୁବାସ ଚନ୍ଦ୍ର ପାଢ଼ୀ, ତନୁଶ୍ରୀ ନାହାକ, ଗଞ୍ଜାମ ବ୍ଲକର ଖବରଦାତା ବିଦ୍ୟାଧର ସାହୁ ଓ ବ୍ରହ୍ମପୁର ଫଟୋ ଗ୍ରାଫର ସମୀର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଦୁର୍ନୀତିମୁକ୍ତ ସମାଜ ପାଇଁ ନିରପେକ୍ଷ ଗଣମାଧ୍ୟମ ଆବଶ୍ୟକ। ଗଣମାଧ୍ୟମ କିଭଳି କାର୍ଯ୍ୟ କରୁଛି ସେ ବିଷୟରେ ସଭିଏଁ ଜାଣିବା ଆବଶ୍ୟକ। ଗଣମାଧ୍ୟମ ଦ୍ୱାରା ହିଁ ଏକ ସୁସ୍ଥ ଗଣତନ୍ତ୍ର ଗଠନ ହୋଇପାରିବ।
- ଅନନ୍ୟା ପଣ୍ଡା


ଗଣତନ୍ତ୍ରରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ଯୁବପିଢ଼ିଙ୍କୁ ସମାଜରେ ପରିଚିତ କରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଯୁବପିଢ଼ି ଆଗଭର ହେଲେ ଗଣତନ୍ତ୍ରର ଉନ୍ନତି ହେବ।
- ଜି. ଶଲ୍ୟଜା


ଗଣତନ୍ତ୍ରକୁ ସଠିକ ତଥ୍ୟ ଯୋଗାଇବାରେ ଗଣମାଧ୍ୟମ ସହାୟକ ହୋଇଥାଏ। ଗଣମାଧ୍ୟମ ସର୍ବଦା ଏହି ଦାୟିତ୍ୱ ତୁଲାଇ ଆସିଛି। ଯେକୌଣସି ଜଟିଳ ସ୍ଥିତିରେ ଗଣମାଧ୍ୟମ ସମାଜକୁ ଖବର ଯୋଗାଇଥାଏ।
- ସି.ଏଚ୍. ମାନଭୀ ପାତ୍ର


ଦେଶରେ ଦୁର୍ନୀତିକୁ ଲୋକଙ୍କ ସମ୍ମୁଖକୁ ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଜରିଆରେ ଆମେ ଠିକ ତଥ୍ୟ ପାଇଥାଉ।
- ଜ୍ୟୋତ୍ସ୍ନାରାଣୀ ଜେନା


ଯୁବ ସମାଜ ପାଠପଢ଼ା ସହିତ ରାଜନୀତିରେ ମଧ୍ୟ ସାମିଲ ହେବା ଉଚିତ। ଏହି କ୍ଷେତ୍ରରେ ଗଣମାଧ୍ୟମର ସମ୍ପୂର୍ଣ୍ଣ ସହଯୋଗ ରହିବା ଆବଶ୍ୟକ। ଯାହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।
- ଶୁଭମ ପ୍ରଧାନ


ଗଣତନ୍ତ୍ର ଓ ଯୁବପିଢ଼ିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଅଦ୍ୟମ ସାହସ ନୂତନ ସମ୍ଭାବନା ସୃଷ୍ଟି କରିବା କ୍ଷମତା ରଖିଛି।
- ନମିତା ସେଠୀ


ଗଣମାଧ୍ୟମ ଓ ଯୁବପିଢ଼ିର ସଶକ୍ତୀକରଣ ହିଁ ଗୋଟିଏ ଦେଶର ପ୍ରତୀକ। ଯାହା ମୁଦ୍ରାର ୨ଟି ପାର୍ଶ୍ୱ। ଗୋଟିଏ ପାର୍ଶ୍ୱ ବିନା ଅନ୍ୟ ଗୋଟିଏ ପାର୍ଶ୍ୱ ପରିକଳ୍ପନା ଅସମ୍ଭବ। ଗୋଟିଏ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଗଣମାଧ୍ୟମର ଶକ୍ତିର ପ୍ରତିଫଳନ ନିତାନ୍ତ ଆବଶ୍ୟକ।
- ଶ୍ରୀତମ କୁମାର ଜେନା


ଗଣମାଧ୍ୟମର ଭୂମିକା ବର୍ତ୍ତମାନ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ରହିଛି। ବର୍ତ୍ତମାନର ଡ଼ିଜିଟାଲ ଯୁଗରେ ଗଣମାଧ୍ୟମ ଯୁବପିଢ଼ିଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ମାର୍ଟ ଓ ଅପଗ୍ରେଡ଼ ହେବାରେ ସହଯୋଗ କରିଛି।
- ସି.ଏଚ୍. ସାଗର ପାତ୍ର


ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ। ଏହାର ଜନସଂଖ୍ୟାର ପ୍ରାୟ ୬୦% ଯୁବପିଢ଼ି। ଯେତେବେଳେ ମଧ୍ୟ ଦେଶରେ କିଛି ସମସ୍ୟା ସୃଷ୍ଟି ହେଲେ ଯୁବପିଢ଼ିଙ୍କ ସହଯୋଗ ନିହାତି ଆବଶ୍ୟକ। ଏ ଦିଗରେ ଗଣମାଧ୍ୟମର ଭୂମିକା ସର୍ବାଗ୍ରେ।
- ଦୀପକ ସାମନ୍ତରାୟ


ଗଣମାଧ୍ୟମ ଓ ଯୁବପିଢ଼ି ପରସ୍ପରର ପରିପୂରକ। ଯୁବବର୍ଗଙ୍କୁ ସମାଜରେ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କୁ ସଚେତନ କରାଇବା କ୍ଷେତ୍ରରେ ଗଣମାଧ୍ୟମର ବିଶେଷ ଭୂମିକା ରହିବା ଆବଶ୍ୟକ।
- ସ୍ୱାତୀ ଗୌଡ଼


ଗଣତନ୍ତ୍ର ହେଉଛି ଲୋକମାନଙ୍କ ତନ୍ତ୍ର। ଯାହାକି ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ହୋଇଥାଏ। ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଗଣମାଧ୍ୟମ। ଏହାର ମେରୁଦଣ୍ଡ ହେଉଛନ୍ତି ଯୁବପିଢ଼ି।
- ଏ. ଅନମୋଲ ଆଚାରୀ


ଗଣତନ୍ତ୍ର ସୁଦୃଢ଼ ହେଲେ ଦେଶ ସୁଦୃଢ଼ ହେବ। ସୁଦୃଢ଼ ଦେଶ ଗଠନ ହେଲେ ଯୁବପିଢ଼ି ଆତ୍ମନିର୍ଭରଶୀଳ ହୋଇପାରିବେ। ଗଣମାଧ୍ୟମ ଏଥିରେ ମୁଖ୍ୟ ଭୂମିକା ନିଭାଇବା ଆବଶ୍ୟକ।
- ରୋହିତ ଭୁୟାଁ


ଉନ୍ନତ ସମାଜ ପାଇଁ ଗଣମାଧ୍ୟମର ଭୂମିକା ନିତାନ୍ତ ଆବଶ୍ୟକ। ଗଣମାଧ୍ୟମ ପ୍ରକୃତ ଖବର ପ୍ରକାଶ କରି ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିଥାଏ।
- ଏ. ସୀମାଞ୍ଚଳ


ଯୁବପିଢ଼ିମାନେ ହିଁ ଗଣତନ୍ତ୍ର ଓ ଗଣମାଧ୍ୟମକୁ ଆଗକୁ ନେବାରେ ସହଯୋଗ କରିଛନ୍ତି। ସେମାନଙ୍କ ପାଇଁ ହିଁ ଗଣମାଧ୍ୟମ ସୃଷ୍ଟି ହୋଇଛି। ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ।
- ଶ୍ରୀମନ୍ତ ବେହେରା


ଗଣମାଧ୍ୟମ ହେଉଛି ଗଣତାନ୍ତ୍ରିକ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭ। କିନ୍ତୁ ଅନେକ ସମୟରେ ଗଣମାଧ୍ୟମକୁ କଣ୍ଠରୋଧ କରାଯାଉଛି। ଏହା ପରିତାପର ବିଷୟ।
- ଅମ୍ବିକା ପ୍ରସାଦ ମହାପାତ୍ର


ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଗଣମାଧ୍ୟମ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ।
- ଚନ୍ଦନ କୁମାର ଦାଣ୍ଡିଆ


ଆଜିର ଯୁବପିଢ଼ି ପ୍ରତିଯୋଗୀ ମନୋଭାବ ରଖିବା ଆବଶ୍ୟକ। ଯୁବପିଢ଼ିଙ୍କୁ ଗଣତନ୍ତ୍ର ଭୂମିକା ସଚେତନ କରାଇବା ଦିଗରେ ଗଣମାଧ୍ୟମ ରାସ୍ତା ଦେଖାଇଥାଏ।
- ହେରସ୍ମିତା ମିଶ୍ର


GOVT. OF ODISHA
**OFFICE OF THE PANCHAYAT SAMITI, TELKOI**
At/P.O.:-Telkoi, Dist-Keonjhar, Pin-758019 (ODISHA), E Mail-ori-telkoi@nic.in
**TENDER CALL NOTICE NO:- 01/2023-24**
No. 1690 /Dt. 03.07.2023

**No.i-217:** The Block Development Officer, Telkoi invites sealed percentage rate bid tender on behalf of Governor of Odisha from registered and eligible Civil Contractors of the State P.W.D(R&B)/Water Resources/Rural Works/M.I/C.P.W.D for the following works eventually to be drawn up in the P.W.D PI Form in conformity with the detailed Tender Call Notice, The tender papers (including Tender Call Notice, DTCN & BOQ) will be available in the official website www.kendujhar.nic.in from Dt. 06.07.2023 to 20.07..2023 up to 5 PM and can be downloaded from the website.

| Sl No. | Name of the Work | Scheme | Amount put to Tender (in Rs) | Cost of Tender Paper (in Rs.) | E.M.D. | Time for Completion of the Work | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Day Care PHC Building at Jagamohanpur | DMF | 8119739.00 | 10000.00 | 82000.00 | 12 Months | B |
| 2 | Construction of Sub-Centre Building at Oriya . | OMBADC | 3860376.00 | 6000.00 | 39000.00 | 09 Months | C&B |
| 3 | Construction of Sub-Centre Building at Balabhadrapur. | OMBADC | 3860376.00 | 6000.00 | 39000.00 | 09 Months | C&B |
| 4 | Construction of Mission Shakti Cafe at Telkoi | DMF | 2545336.00 | 6000.00 | 25500.00 | 06 Months | C&B |
| 5 | Construction of ACR-1 No.,B. Wall & Toilet of Binjabahal Nodal UP School, G.P.-Binjabahal | OMBADC | 1217829.00 | 6000.00 | 13000.00 | 06 Months | D&C |
| 6 | Construction of ACR-1 no & Toilet of Golabandha UGUP School, G.P.-Chhamunda | OMBADC | 921224.00 | 6000.00 | 10000.00 | 06 Months | D&C |

OIPR-19192/11/0001/2324
Sd./- Block Development Officer, Telkoi



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୭୦ **ବିଜ୍ଞାପନ** ତା:୨୮।୦୬।୨୦୨୩

No. CAD-1137: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗଙ୍ଗନଗର, ବନଜା ଆପାର୍ଟମେଣ୍ଟ 2 BR ଫ୍ଲାଟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଘର ନଂ. ସି–୧/୫୫ (C-1/55) ଟିକୁ ଶ୍ରୀମତୀ ଏରିନ୍ ଗୋନସାଲଭିସ୍, ସ୍ୱାମୀ: ରୋବଟ୍ ଗୋନସାଲଭିସ୍, ସା: ୧୪, ଆର୍ଯ୍ୟପଲ୍ଲୀ, ପଟିଆ, ପୋ.: ପଟିଆ, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଏରିନ୍ ଗୋନସାଲଭିସ୍ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଆରତୀ ପ୍ରଧାନ, ସ୍ୱାମୀ: ବିଧାନ ଚନ୍ଦ୍ର ପ୍ରଧାନ, ସା.: ନୀଳକଣ୍ଠେଶ୍ୱରପୁର, ବେଗୁନିଆ, ପୋ/ଥା: ବେଗୁନିଆ, ଜିଲ୍ଲା: ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0215/2324



**ବିଜ୍ଞପ୍ତି**



No. g-48: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁ ପୁତ୍ରଟିକୁ ଗତ ତା।୨୫।୦୨।୨୦୨୩ରିଖରେ ଶଗଡ଼ିଆ ସାହି, ପ୍ରଫେସରପଡ଼ାରେ ରହୁଥିବା ଏକ ଦମ୍ପତିଙ୍କ ଘରୁ କଟକ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଥିଲା। ଉକ୍ତ ଦମ୍ପତିଙ୍କ କହିବା ଅନୁଯାୟୀ ସେ ଏହି ଶିଶୁଟିକୁ ଗତ ତା୦୪।୦୬।୨୦୨୨ରିଖରେ ନରାଜ–ଧବଳେଶ୍ୱର ରାସ୍ତାକଡ଼ରୁ ପରିତ୍ୟକ୍ତ ଅବସ୍ଥାରେ ପାଇଥିଲେ। ଏହି ଦମ୍ପତି ମଧ୍ୟ ଉକ୍ତ ପରିତ୍ୟକ୍ତ ଶିଶୁଟିର ବାପା, ମାଆ କିମ୍ବା ଅନ୍ୟ କେହି ପରିବାରବର୍ଗଙ୍କୁ ଜାଣିନାହାନ୍ତି ବୋଲି କହିଲେ। ଏ ପର୍ଯ୍ୟନ୍ତ ଶିଶୁଟିର ନିଜ ପରିବାର ବିଷୟରେ କିଛି ଜଣାନାହିଁ। ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୪/୨୦୨୩ ଅନୁଯାୟୀ ''ସୌମେନ୍ଦ୍ର'' ଏବେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରହୁଅଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ୍, କଟକ, ଫୋନ ନଂ.: ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡ଼ାନାସୀ, କଟକ – ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0006/2324


# 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ

## ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଯୋଗଦାନ



ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଶୈକ୍ଷିକ ବାତାବରଣ ସହ ଜଡ଼ିତ ସବୁ ବର୍ଗର ଲୋକଙ୍କୁ ପୁରସ୍କୃତ ତଥା ସମ୍ମାନିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଆରମ୍ଭ ହୋଇଛି। ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ପୁରାତନ ଛାତ୍ର ସଂସଦ ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ଡିଆଇଇଟି ପୁରସ୍କାର ଏବଂ ସିଆର୍‌ସିସି, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର ଆଦି ବର୍ଗରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯିବ। ଏହି ଯୋଜନାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ସ୍ଥାନୀୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଜିଲା ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଠାରେ ଏକ ଦୁଇଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ 'ରାଜ୍ୟ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ'ର ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି। ଶିକ୍ଷା ପୁରସ୍କାରର ସବିଶେଷ ବିବରଣୀ ଡିଆଇଇଟି ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯାଇଛି। ଏହାସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ସମ୍ବନ୍ଧୀୟ ମୁଖ୍ୟ ପ୍ରଶିକ୍ଷଣ ପୁସ୍ତିକା ଓ ଅନ୍ୟାନ୍ୟ ମୁଦ୍ରଣ ସାମଗ୍ରୀ ଯୋଗାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ଜିଲାସ୍ତରରେ ଆୟୋଜିତ ହେଉଥିବା କ୍ଲଷ୍ଟର ବୈଠକଗୁଡ଼ିକରେ ଉକ୍ତ ଡିଆଇଇଟି ଅଧ୍ୟକ୍ଷମାନେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର ଧାରଣା ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ପୁରସ୍କାର ସମ୍ବନ୍ଧରେ କହିଛନ୍ତି, ଏହା ହିଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରକୃତ ବିସ୍ତାର। 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର କାର୍ଯ୍ୟକାରିତା, ଏଫ୍‌ଏଲଏନ୍ ମଡେଲଗୁଡ଼ିକର ପ୍ରଚଳନ, ସିଆର୍‌ସିସିଙ୍କର ମାସିକ କ୍ଲଷ୍ଟର ବୈଠକ ଓ ଡିଆଇଇଟିର ତତ୍ତ୍ୱାବଧାନ ଭଳି ମୁଖ୍ୟତଃ ୪ଟି ବିଷୟ ଉପରେ ବିଭାଗୀୟ ସଚିବ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ ପାଢ଼ୀ, ମୋ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମୋ ସ୍କୁଲର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


GOVT. OF ODISHA No.A-288:
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER**
**RAYAGADA IRRIGATION DIVISION, RAYAGADA**
(email id:sergdirr@gmail.com)
**e- Procurement Notice No.SE-RID-01/2023-24**

| | | | |
|---|---|---|---|
| 1. | Type of Works | : | Flood Protection Works |
| 2. | Total number of Packages | : | 5 ( Five) Nos, |
| 3. | Estimated Cost | : | Rs. 33.40 lakhs to Rs. 41.52 lakhs. |
| 4. | Bid Identification No. | : | RID-1/ 2023-24, RID-2/ 2023-24, RID-3/ 2023-24, RID-4/ 2023-24, RID-5/ 2023-24. |
| 5. | Period of Completion | : | 7 (Seven Calendar) months |
| 6. | Availability & submission of Bids online | : | From 11.00 AM of 06.07.23 to 5.00 PM of 21.07.23. |
| 7. | Date of Opening of Technical Bids | : | 24.07.2023 at 11.30 AM. in the, O/o the Superintending Engineer, Rayagada Irrigation Division. Rayagada |
| 8. | Procurement Officer | : | Superintending Engineer, Rayagada Irrigation Division, Rayagada. |
| 9. | Further details can be seen from Govt. Website: www.tendersorissa.gov.in and any addendum/corrigendum/cancellation will be published in the said website | | |

The Authority reserves the right to reject/cancel any or all the tenders without assigning any reason thereof.

Sd./- Superintending Engineer
Rayagada Irrigation Division, Rayagada
OIPR-32479/11/0002/2324


See Career Appointment on every Wednesday & Saturday

## ମିଶନ ଶକ୍ତି ଭବନ ଉଦ୍‌ଘାଟିତ

ପାଟଣାଗଡ,(ପ୍ରହ୍ଲାଦ ପାଢ଼ୀ): ପାଟଣାଗଡ ଏନଏସି ଅନ୍ତର୍ଗତ ରାମପୁରଠାରେ ନବନିର୍ମିତ ମିଶନ ଶକ୍ତି ଭବନ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ସରୋଜ ମେହେର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ସୁମନ୍ତ କୁମାର, ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳକାନ୍ତ ବାଗ, ପାଟଣାଗଡ ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରହରି ମୋହନ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ କୋଦାଳରେ ହାଣି ହତ୍ୟା, ସ୍ୱାମୀ ଗିରଫ

ପାଟଣାଗଡ/ସଇଁତଳା, ୪।୭(ପ୍ରହ୍ଲାଦ ପାଢ଼ି/ରାଖାଲ ଶତପଥୀ) :ବଲାଙ୍ଗୀର ଜିଲା ଟିକ୍ରାପଡ଼ା ଫାଣ୍ଡି ଅନ୍ତର୍ଗତ ଝରବାହାଲି ଗ୍ରାମରେ ମଙ୍ଗଳବାର ସ୍ତ୍ରୀଙ୍କୁ କୋଦାଳ(ରଫା)ରେ ହାଣି ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ବବି କୁଅଁର(୨୭)। ହତ୍ୟା କରିବା ପରେ ଫେରାର ହେବାକୁ ଉଦ୍ୟମ କରୁଥିବା ସ୍ୱାମୀ ଲମ୍ବୋଦର ନାୟକ(୩୦)ଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ରଫାକୁ ଜବତ କରିଛି। ସକାଳ ପ୍ରାୟ ୮ଟାରେ ବବି ସମ୍ପର୍କୀୟମାନଙ୍କ ସହ ତାଙ୍କ କପାବିଲକୁ କାମ କରିବାକୁ ଯାଇଥିଲେ। ପ୍ରାୟ ୯ ଟାରେ ବବିଙ୍କ ସ୍ୱାମୀ ଲମ୍ବୋଦର ଦୁଇ ପିଲାଙ୍କୁ ଧରି ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରୋଧିତ ହୋଇ ଲମ୍ବୋଦର ଏକ ରଫାରେ ବବିଙ୍କୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସମ୍ପର୍କୀୟମାନେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ବବିଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମାର, ସଇଁତା ଥାନାଧିକାରୀ ଅବନୀ କୁମାର ସାହୁ, ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ମୃତାଙ୍କ ବାପାଙ୍କ ଅଭଯୋଗ ଆଧାରରେ ଏକ (୧୫୮/୨୩)ମାମଲା ରୁଜୁ ହୋଇଛି।

### ଭାଜପାର ମହା ଜନସମ୍ପର୍କ ଅଭିଯାନ

ଟିଟିଲାଗଡ଼, ୪।୭(ଶରତ ମିଶ୍ର): ଟିଟିଲାଗଡ଼ ସହରସ୍ଥିତ ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ଭାଜପାର ମଣ୍ଡଳ ସମାବେଶ ତଥା ମହା ଜନ ସମ୍ପର୍କ ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। ରାଜ୍ୟର ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ନାମ ଦେଇ ପ୍ରଚାର ପ୍ରସାର କରୁଥିବା ସିଂଦେଓ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଦେଶବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପୁଣି ଥରେ କ୍ଷମତାକୁ ଆଣିବେ ବୋଲି ସେ କହିଥିଲେ। ଏଣୁ ଭାଜପା କର୍ମୀମାନେ ମୋଦିଙ୍କ ଯୋଜନା ଗାଁଗାଁରେ ପହଞ୍ଚାଇବାକୁ ସିଂଦେଓ ଆହ୍ୱାନ ଦେଇଥିଲେ। ବୈଠକରେ ଟିଟିଲାଗଡ଼ ପୋରାଧକ୍ଷା ମମତା ଜୈନ ଯୋଗ ନ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଶିବାଜୀ ମହାନ୍ତି, ସାଧାରଣ ସମ୍ପାଦକ ମୁକେଶ ଜୈନ, ଟିଟିଲାଗଡ଼ ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମହେନ୍ଦ୍ର ଠାକୁର, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ପର୍ଯ୍ୟବେକ୍ଷକ ଆଶିଷ ସାହୁ, ଏମ୍‌ପିଙ୍କ ସଇଁତଲା ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ବିପିନ ଠାକୁର ଏବଂ ବିଭିନ୍ନ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ।

### ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

**ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପିଙ୍କ ଆହ୍ୱାନ**

ଖପ୍ରାଖୋଲ,୪।୭(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନିୟନ୍ତ୍ରିତ ବଜାର ଉପକେନ୍ଦ୍ରଠାରେ ପୂର୍ବତନ ଏମ୍‌ପି ତଥା ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓଙ୍କ ଜୋନ ୪ କର୍ମୀଙ୍କୁ ନେଇ ମଙ୍ଗଳବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳର ବିଜୟ ସମ୍ଭାବନାକୁ ସନିଶ୍ଚିତ କରିବାକୁ କର୍ମୀମାନଙ୍କୁ ଆହାନ ଦେଇଥିଲେ। ଯୁବ ନେତା ଶିବାନନ୍ଦ ପରିଛା, ସଞ୍ଜୀବ ମିଶ୍ର, ମଣ୍ଟୁ ପଧାନଙ୍କ ସହ ଶତାଧିକ ବିଜେଡି କର୍ମୀ ଓ କେନ୍ଦୁପତ୍ର କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବୈଠକରେ ବିଧାୟକ ସରୋଜ ମେହେରଙ୍କ ସମର୍ଥକ ଅନୁପସ୍ଥିତ ଥିବା ବାରି ହେଇ ପଡିଥିଲା। ପରେ କର୍ଲାମାଲ ଗାଁରେ କଲିକେଶଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ସରାଫ, ତାଙ୍କ ସ୍ୱାମୀ ଧ୍ରୁବ ସରାଫ ବିଜୁ ଜନତା ଦଳରେ ମିଶିଥିଲେ।

# ତେଜୁଛି ଚାଷୀ ଅସନ୍ତୋଷ

- ୬ ପଞ୍ଚାୟତ ଲୋୟର ସୁକତେଲ ଜଳସେଚନରୁ ବାଦ୍
- ବୈଠକରେ ଚାଷ ଓ ଚାଷୀଙ୍କ ପାଇଁ ଲଢେଇ କରିବାକୁ ଆହ୍ୱାନ

ଲୋଇସିଂହା, ୪।୭( ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ଶୈବପୀଠ ପରିସରରେ ଲୋୟର ସୁକତେଲ ଜଳସେଚନରୁ ବାଦ୍ ପଡୁଥିବା ଲୋଇସିଂହା, ବୁର୍ଡା, ବୁଢ଼ୀପଦର, ଯୋଗୀସର୍ଡା, ବାଦିବାହାଲ ଓ ହୀରାପୁର ଆଦି ୬ ପଞ୍ଚାୟତର ଚାଷୀଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗୀସର୍ଡା ପାକ୍ସ ସଭାପତି ତଥା ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ସରପଞ୍ଚ ବିଜୁଳି ପଧାନ, ରମାକାନ୍ତ ବିଶ୍ୱାଳ, ଲକ୍ଷ୍ମୀ ପଧାନ, ନବକିଶୋର ନାଏକ, ସମିତି ସଭ୍ୟ ଅଜିତ ବେହେରା, ଯୋଗୀସର୍ଡା ସମିତି ସଭ୍ୟାଙ୍କ ପ୍ରତିନିଧି ଅନିରୁଦ୍ଧ ଧରୁଆ, ପୂର୍ବତନ ସମିତି ସଭ୍ୟ ହେମାଳ ମେଶ୍ରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପଧାନ, ରାଧାନାଥ ବିଶ୍ୱାଳ, ସମ୍ପତି ନନ୍ଦ, ଯୁଧିଷ୍ଠିର ପଧାନ, ଦୁର୍ବାଳ ବାଗଙ୍କ ସମେତ ବହୁ ପୂର୍ବତନ ଜନପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ ।

ବହୁ ପ୍ରତିକ୍ଷୀତ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି। ଡ୍ୟାମରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବର୍ଷାଜଳ ଅଟକା ଯାଇଛି। ଅପରପକ୍ଷେ ମେ ୧୫ରୁ ଜୁନ ୨ ପର୍ଯ୍ୟନ୍ତ ଜଳ ସେଚନ ପାଇଁ ପଞ୍ଚାୟତସ୍ତରରେ ଗ୍ରାମସଭା


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଚାଷୀ ।

ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ କେନାଲ ୨ ଜରିଆରେ ଭୂତଳ ପାଇପ ଲାଇନ ମାଧ୍ୟମରେ ଜଳସେଚନ କରାଯିବ। ରାଜପଥ ଓ ରେଳପଥ ତଳମୁଣ୍ଡକୁ ଜଳସେଚନ ବ୍ୟବସ୍ଥା ନାହିଁ। ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥର ଡାହଣପାର୍ଶ୍ୱ ଜମିକୁ କେବଳ ଜଳସେଚନ ବ୍ୟବସ୍ଥା ରହିଛି। ଏହା ଫଳରେ ରାଜପଥର ବାମପାର୍ଶ୍ୱରେ ଥିବା ଲୋଇସିଂହା ବ୍ଲକର ଲୋଇସିଂହା, ବୁର୍ଡା, ବୁଢ଼ୀପଦର, ଯୋଗୀସର୍ଡା, ବାଦିବାହାଲ ଓ ହୀରାପୁର ପଞ୍ଚାୟତର ବୃହତ ଅଞ୍ଚଳ ବାଦ୍ ପଡୁଛି । ଏହାକୁ ନେଇ ଜନପ୍ରତିନିଧି ଓ ଚାଷୀ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଉକ୍ତ ପ୍ରକଳ୍ପରୁ ପୁଇଁତଲା ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା ରହିଛି । ସେହି ଅଞ୍ଚଳକୁ ରାଜପଥ ଓ ରେଳପଥ ପାର କରି ଜଳସେଚନ ହେବ। ଏହା କେମିତି ସମ୍ଭବ ଏବଂ ଲୋଇସିଂହା ବ୍ଲକର ୬ ପଞ୍ଚାୟତ ବାଦ୍ ପଡିବାକୁ ନେଇ ବୈଠକରେ ପ୍ରଶ୍ନ ଉଠିଥିଲା। ଆଗଲପୁର ବ୍ଲକ ସାଲେଭଟାସ୍ଥିତ ଗାଈଖାଇ ପ୍ରକଳ୍ପର ପାଣି ସୁବର୍ଣ୍ଣପୁର ଜିଲା ଲଛିପୁର ଅଞ୍ଚଳକୁ ଅଙ୍ଗ କେନାଲ ମାଧ୍ୟମରେ ଜଳସେଚନ ହେଉଛି। ଲୋୟର ସୁକତେଲ ଡ୍ୟାମ ପାଣି ଗାଈଖାଇରେ ପକାଇ ଜଳ ସେଚନର ଯୋଜନା ରହିଛି । ହେଲେ ଲୋଇସିଂହା ବ୍ଲକର ମାଗୁରବେଡାଠାରେ ଲୋୟର ସୁକତଲେ ପ୍ରକଳ୍ପ ହୋଇଛି। ପ୍ରକଳ୍ପର ପାଇଁ ବ୍ଲକର ବୁଡିଅଞ୍ଚଳ ବାସୀ ଭିଟାମଟି ଛାଡି ବିସ୍ଥାପିତ ହେଉଛନ୍ତି। ଅପରପକ୍ଷେ ଉକ୍ତ ପ୍ରକଳ୍ପର ପାଣି ପଡୋଶୀ ଜିଲାକୁ ଜଳ ସେଚନ ବ୍ୟବସ୍ଥା ଥିବାବେଳେ ଲୋଇସିଂହା, ବୁର୍ଡା, ବୁଢ଼ୀପଦର ଓ ହୀରାପୁର ପଞ୍ଚାୟତକୁ ଆଂଶିକ ଜଳ ସେଚନ ଓ ଯୋଗୀସର୍ଡ ଏବଂ ବାଦିବାହାଲ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଜଳ ସେଚନରୁ ବାଦ ପଡିବା ପରିତାପର ବିଷୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ପ୍ରଥମେ ଚାଷୀ ତାପରେ ଜନପ୍ରତିନିଧି। ଚାଷ ହେଉଛି ଆମର ଜୀବନ ଜୀବିକା। ଯିଏ ଯେଉଁ ଦଳରେ ଥିଲେ ମଧ୍ୟ ଚାଷ ଓ ଚାଷୀଙ୍କ ପାଇଁ ଲଢେଇ କରିବାକୁ ଆହ୍ୱାନ ଦିଆଯାଇଥିଲା ବୈଠକରେ। ସଭାରେ ଅଧ୍ୟକ୍ଷତା କରୁଥିବା ବେହେରା ଅଧିକାରୀସ୍ତରରେ ବୁଝାସୁଝା କରି ଆଗାମୀ ପଦକ୍ଷେପ ନେବାକୁ କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଟେଲ ବୁଧବାର ହେବାକୁ ଥିବା ଜିଲାର ଦିଶା ବୈଠକରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଥିଲେ। ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କୁ ଭେଟିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚାଷ ଓ ଚାଷୀଙ୍କୁ ଉପେକ୍ଷା ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ବଡ ଧରଣ ଆନ୍ଦୋଳନର ଆବଶ୍ୟକତା ରହିଥିବା ସରପଞ୍ଚ ବିଜୁଳି ପଧାନ କହିଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିଲା କଂକ୍ରିଟ୍



ଖସି ପଡିଥିବା ସିମେଣ୍ଟ କଂକ୍ରିଟ(ବାମ), ହେଲମେଟ ପିନ୍ଧି ଔଷଧ ବିତରଣ କେନ୍ଦ୍ରରେ ଫାର୍ମାସିଷ୍ଟ।

- ବର୍ତ୍ତିଲେ ଫାର୍ମାସିଷ୍ଟ, ରୋଗୀ
- ହେଲ୍‌ମେଟ ପିନ୍ଧି ଔଷଧ ବିତରଣ କଲେ ଫାର୍ମାସିଷ୍ଟ

ଖପ୍ରାଖୋଲ, ୪।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ସିମେଣ୍ଟ ଅତଡ଼ା ଖସୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ମଙ୍ଗଳବାର ସକାଳେ କେତେକ ରୋଗୀ ଡାକ୍ତରଙ୍କଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ବିତରଣ କେନ୍ଦ୍ରକୁ ଔଷଧ ପାଇଁ ଯାଇଥିଲେ। ଫାର୍ମାସିଷ୍ଟଙ୍କଠାରୁ ଔଷଧ ନେଉଥିବା ବେଳେ ଛାତରୁ ସିମେଣ୍ଟ ଖଣ୍ଡ ପଡ଼ିଥିଲା। କୌଣସିମତେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ ଫାର୍ମାସିଷ୍ଟ ସୁମନ୍ତ ନାଏକ । ଏହାପରେ ଫାର୍ମାସିଷ୍ଟ ନାଏକ ହେଲମେଟ ପିନ୍ଧି ଔଷଧ ବିତରଣ କରୁଥିବା ଦେଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କୋଠା ପୁରୁଣା ହୋଇଥିବାରୁ ବର୍ଷାପରେ ସିମେଣ୍ଟ କଂକ୍ରିଟ ଖସୁଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼ା ବାଳକୃଷ୍ଣ ପୁରୋହିତ ପ୍ରକାଶ କରିଛନ୍ତି। ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

## ଯାଦବ ସମାଜର ସାମାଜିକ ସଚେତନତା କାର୍ଯ୍ୟକ୍ରମ

ମୁରିବାହାଲ,୪।୬(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ କୁଦୋଭଟାଠାରେ ଯାଦବ ସମାଜର ଏକ ସାମାଜିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ତେଜୁରାମ ବାଗଙ୍କ ସଭାପତିତ୍ୱରେ ଯାଦବ ସମାଜର ସାମାଜିକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ଅର୍ଥନୈତିକ ବିକାଶ ସହ ସମାଜକୁ ସଂସ୍କାରଧର୍ମୀ କିପରି କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଡଙ୍ଗରପଡ଼ା ପଞ୍ଚାୟତର ୧୦ ଖଣ୍ଡ ଗାଁର ଶତାଧିକ ଯାଦବ ବୈଠକରେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଲିଙ୍ଗରାଜ ଗହିର, ମଦନ ବାଗ, ତ୍ରିନାଥ ଠେଲା, ବୈକୁଣ୍ଠ ଛତ୍ରିଆ, ହରି ଟାହାଣି, ଲିଙ୍ଗରାଜ ବାଗ, ସନ୍ତୋଷ ଟାହାଣି, ବୁଠି ଟାହାଣି, ଅରକ୍ଷିତ ଠେଲା, ହୁରୁମ ଚନ୍ଦନ, ମଧୁ ବନଛୋର, ବୁଲୁ ବନଛୋର, ଉପେନ୍ଦ୍ର ଛତ୍ରିଆ, ରିଙ୍କୁ ବାଗ ପ୍ରମୁଖ ଉପସ୍ଥିତ ରହି ଯାଦବ ସମାଜର ବିକାଶ ପାଇଁ ସଂକଳ୍ପ ନେଇଥିଲେ। ବିବରଣୀ ପାଠ କରିଥଇଲେ ସଭାପତି ତେଜୁରାମ ବାଗ।

## କନ୍ଧପାଲିବନ୍ଧ ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ

ବଲାଙ୍ଗୀର, ୪।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର କନ୍ଧପାଲି ବନ୍ଧ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏହାର ପୁନରୁଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଜଳ ସତ୍ୟାଗ୍ରହ କରାଯାଇଥିଲା। ବନ୍ଧରେ ପଦ୍ମପତ୍ର ଓ ଅନାବନା ଘାସ, ଗଛ ଓ ପଙ୍କ ଭରି ରହିଛି । ବନ୍ଧର ପଙ୍କୋଦ୍ଧାର କରିବା ସହ ପାଣି ସଫେଇ କରିବା ପରିବର୍ତ୍ତେ କେତେକ ନିଜ ନାଳ ନର୍ଦ୍ଦମାକୁ ଏଥିରେ ଯୋଡି ଦେଇଛନ୍ତି। ଏଠାରେ ଯେଉଁମାନେ ଗାଧୋଉଛନ୍ତି ସେମାନେ ବିଭିନ୍ନ ଚର୍ମରୋଗରେ ପୀଡିତ ହେଉଛନ୍ତି। ବନ୍ଧ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ହେଁ ପ୍ରଥମେ ଜିଲା ପ୍ରଶାସନ ଓ ପରେ ପୌର ପ୍ରଶାସନ ଲୋକଙ୍କ ନ୍ୟାୟୋଚିତ ଦାବିକୁ ଅଣଦେଖା କରି ଆସୁଛି। ଏହାର ପ୍ରତିବାଦରେ ୱାର୍ଡ ନମ୍ବର ୨ ଓ ୩ ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। କନ୍ଧପାଲି ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ କିଛିଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅଞ୍ଚଳବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା



କନ୍ଧପାଲି ବନ୍ଧରେ ଆନ୍ଦୋଳନକାରୀମାନେ ଜଳ ସତ୍ୟାଗ୍ରହ କରୁଛନ୍ତି।

ସହ ଜିଲାପାଳ ଓ ପୌରାଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ଦାବିପତ୍ର ଦେବାର ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବନ୍ଧର ପଙ୍କୋଦ୍ଧାର, ସଫେଇ ଓ ପୁନରୁଦ୍ଧାର ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ଓ ଗାଧୁଆ ତୁଠର ସଫେଇ ପାଇଁ ବିଧାୟକ ନରସିଂହ ମିଶ୍ର ବିଧାୟକ ପାଣ୍ଠିରୁ ୬ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ସହରରେ ବନ୍ଧର ଉନ୍ନତିକରଣ ପାଇଁ ଅନୁଦାନ ଦେଇଛନ୍ତି। ଯଥାଶୀଘ୍ର କନ୍ଧପାଲି ବନ୍ଧର ପୁନରୁଦ୍ଧାର କରା ନଗଲେ ଆଗାମୀ ଦିନରେ କ୍ରିୟାନୁଷ୍ଠାନ କମିଟି ଓ ଅଞ୍ଚଳବାସୀ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୨ ଓ ୩ କ୍ରିୟାନୁଷ୍ଠାନ କମିଟିର ବଜରଙ୍ଗ ବନଛୋର, ରୂପେଶ ନାଗ, ଦାରା ନନ୍ଦ, କିଟୁ ବାଗ, ସରୋଜ ବାରିକ, ଷ୍ଟିଫାନ ସୁନା, ୱିଲସନ ପଲ୍, ଆବେଦ ନାଗ, ଯଦୁ ବାଗ, ସାନସନ ବେହେରା, ଆରତି ପ୍ରିତି ନାଗ, ସୁଜାତା ପୋଢ, ବବିତା ସାହୁ, ତୃପ୍ତିମୟୀ ସୁନା, ଝରଣା ତାଣ୍ଡି, ଜାନକୀ ନନ୍ଦ, ଲିଜା ସାହୁ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଅଙ୍କିତ ସାହୁ, ସୌମ୍ୟଦୀପ ସରାଫ, ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ବ୍ରଜ ସେଠୀ, ଅରବିନ୍ଦ ପରୁଆ, ବିଦ୍ୟାଧର ସାହୁ ଓ ଅଜିତ ମହାନନ୍ଦ ଉପସ୍ଥିତ ଥିଲେ ।

## ବୃକ୍ଷ ବିନା ଜୀବ ଜଗତ ସମ୍ଭବ ନୁହେଁ

ଲାଠୋର, ୪।୭(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡ଼ିଆରେ ମଙ୍ଗଳବାର ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କ ନେତୃତ୍ୱରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ବିନା ଜୀବ ଜଗତ ସମ୍ଭବ ନୁହେଁ। ଏଣୁ ପ୍ରତ୍ୟେକ ମଣିଷ ବୃକ୍ଷ ରୋପଣ କରି ତାର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା, ସୁଶିଲ ଅଗ୍ରୱାଲ, ଖପ୍ରାଖୋଲ ଅଗ୍ନିଶମ ଅଫିସର ଜୟଗୋପାଳ ପଣ୍ଡା, ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ବିତ ଭୋଇ, ଜୟହିନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସଭାରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜୁନିୟର, ସିନିୟର ଗ୍ରୁପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିୟର ଗ୍ରୁପରେ ରାଜ ମେହେର ପ୍ରଥମ, ଅନ୍ୱେଶା ପାଢ଼ି ଦ୍ୱିତୀୟ ଏବଂ ଆଦ୍ୟାଶା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ଗ୍ରୁପରେ ନିବେଦିତା ପାଢ଼ି ପ୍ରଥମ, ଆସ୍ଥା ଅଗ୍ରୱାଲ ଦ୍ୱିତୀୟ ଏବଂ ସୌମ୍ୟରଞ୍ଜନ ସୁନା ତୃତୀୟ ହୋଇଥିଲେ। ପରେ ଲାଠୋର ଖେଳ ପଡ଼ିଆ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏମବିକେ ସୁଚିତ୍ରା ବେହେରା, ସିଆରପି ସୀତୟା ସାହୁ, ପ୍ରଭାସିନୀ ବେହେରା, ଜୟଶ୍ରୀ ଶଗଡ଼ିଆ, ସରସ୍ୱତୀ ବାଗ ସହଯୋଗ କରିଥିଲେ। ଫରେଷ୍ଟର ସାଗରିକା ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୃକ୍ଷରୋପଣର ମହତ୍ତ୍ୱ ବୁଝିବାକୁ ହେବ


ସାଲେପାଲିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ପିଲାମାନେ।

ଦେଓଗାଁ,୪।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଅନ୍ତର୍ଗତ ବାଗପାଲି ଓ ସାଲେପାଲିରେ ମଙ୍ଗଳବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବାଗପାଲିରେ ପାଟଣାଗଡ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ବାଗପାଲିରେ ବୃକ୍ଷରୋପଣ କରାଯାଇଥିଲା। ଏ ଅବସରରେ ବନ୍ଧପଡା ସେକସନ ଫରେଷ୍ଟର ମଧୁସୁଦନ ଗଡୁଆ, ଟିକ୍ରାପଡା ଫରେଷ୍ଟର ଜୟକୃଷ୍ଣ ଭୋଇ, ଲରମ୍ଭା ଫରେଷ୍ଟର ପିତବାସ ନାଏକ, ପାଟଣାଗଡ ଫରେଷ୍ଟର ଗୋବିନ୍ଦ ପାତ୍ର, ଫରେଷ୍ଟଗାର୍ଡ ନିତ୍ୟାନନ୍ଦ ନିର୍ଦ୍ଧା, ଆରତୀ ପ୍ରଧାନ ତଥା ସ୍ଥାନୀୟ ଏସ୍‌ଏଚ୍‌ଜି ସଦସ୍ୟା, ୱାର୍ଡସଭ୍ୟ ଓ ଆମ ଜଙ୍ଗଲ ଯୋଜନା ଟିମ ଲିଡର ଶ୍ରୀଚରଣ ପାଲିବେଜ, ବିକାଶ ଅଧିକାରୀ ଅଖଣ୍ଡେଶ୍ୱର ଅମାତ ଉପସ୍ଥିତ ଥିଲେ। ବନମହୋତ୍ସବ ପାଳନର ଚତୁର୍ଥ ଦିନରେ କୁଡାସିଂହା ମାହେଶ୍ୱରୀ ମହିଳା ଶାଖା ତରଫରୁ ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ଅନାଥ ଆଶ୍ରମରେ ସଂଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆଙ୍କ ସଂଯୋଜନାରେ ବନମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଆଶ୍ରମର ଅନ୍ତେବାସୀଙ୍କ ଗହଣରେ ବୃକ୍ଷ ରୋପଣ ସହ ଏକ ଚିତ୍ରକଳା ମାଧ୍ୟମରେ ବୃକ୍ଷରୋପଣର ଉପକାରିତା ବିଷୟରେ ଅବଗତ କରାଯାଇଥିଲା। କ୍ରିତିକା ଅଗ୍ରୱାଲ, ସ୍ମରଣିକା ନାୟକ, ବବିତା ନାଗ, ବୈଶାଳୀ ବହିଦାର, ପଦ୍ମାଳୟା ବାରିକ, ପଲକ ବହିଦାର, ଶୋଭନ ଅଗ୍ରୱାଲ, ଶିବ ପ୍ରସାଦ ମିଶ୍ର, ସୌମ୍ମ ପଣ୍ଡା,ଅପ୍ରମିତ ପରିଚ୍ଛା,ଜତିନ୍ଦ୍ର ସାହୁ ତଥା ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ

ଦେଓଗାଁ, ୪।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲାଇ ପଞ୍ଚାୟତ ବଗଡା ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରିକରଣ କାମ ଆରମ୍ଭ ହେଉଛି। ଚତୁର୍ଥ ପର୍ଯ୍ୟାୟରେ ହେବାକୁ ଥିବା କମ ସ୍କୁଲ



ଛାତ୍ରୀ ଲିପି ମହଲାଙ୍କ କରକମଳରେ ଶୁଭାରମ୍ଭ ହୋଇଛି। ପ୍ରଧାନଶିକ୍ଷକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ଜଣେ ଛାତ୍ରୀଙ୍କ ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଅଣଧାନ ଫସଲକୁ ଆପଣାନ୍ତୁ ଚାଷୀ

**କୃଷକ ପ୍ରଶିକ୍ଷଣ ଶିବିର**

ଦେଓଗାଁ,୪।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖାପଲା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଆରସିଡିସି ଆୟୋଜନରେ ଅଣଧାନ ଫସଲର ଯୋଜନା, ଅଭ୍ୟାସ କରଣ ଏବଂ ସମନ୍ୱିତ ପୋକ ପରିଚାଳନା ଅଭ୍ୟାସ ଉପରେ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରସିଡିସିର ବ୍ଲକ ସଂଯୋଜକ ବିଶ୍ୱବାସ କର୍ମିଙ୍କ ପରିଚାଳନା ତଥା ସାମାଜିକ କର୍ମୀ କୁଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ଜିଲା କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଏଡିଏଓ ପ୍ରଶାନ୍ତ କୁମାର ମହାନ୍ତି, ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଗ୍ରାମ୍ୟ କୃଷିକର୍ମୀ ସନ୍ତୋଷ କୁମାର ମେହେର, ସହକାରୀ ଉଦ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇ ଧାନ ଫସଲ ପରିବର୍ତ୍ତେ ଅଣଧାନ ଚାଷର ଲାଭ ଉପରେ ଆଲୋକପାତ କରିଥିଲେ। ସିଡିପି ଯୋଜନାରେ ଦେଓଗାଁ ବ୍ଲକର ବୃହତ ଉଠାଜଳସେଚନ ହେଉଥିବା ଗୁଡଖାପଲା, କୁଲୁଡାପଡା, ବଡବାହାଲ, ଗୌରଗୋଠ ଅର୍ଜୁନପୁର ଆଦି ୫ଟି ପଞ୍ଚାୟତରେ କାର୍ଯ୍ୟକାରୀ କରାଯାଉଥିବା ବେଳେ ଏହାଦ୍ୱାରା ମିଳୁଥିବା ସରକାରୀ ସହାୟତା ଉପରେ ଅବଗତ କରାଯାଇଥିଲା। ଏ ପରିପେକ୍ଷୀରେ ଗୁଡଖାପଲା ପଞ୍ଚାୟତରେ କେତେକ ଚାଷୀଙ୍କୁ ଜମିକୁ ବୃହତ ଉଠାଜଳସେଚନ ପାଣି ଆଦୌ ଆସୁ ନ ଥିବାରୁ ଚାଷୀମାନେ ପ୍ରଥମେ ଜଳସେଚନ ଉପରେ ଗୁରୁତ୍ୱ ଦେବା ପାଇଁ ଜିଲା କୃଷି ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ)ର ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗବିଧି ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ।

## ଲୋକଙ୍କ ସମର୍ଥନ ସତ୍ତ୍ୱେ ମାନବାଧିକାର ଉଲ୍ଲଂଘନ ହେଉଛି

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ବିସ୍ଥାପିତଙ୍କୁ ପୁନଃ ବିଜୁଳି ସଂଯୋଗ ନ କରିବା ଅମାନବିକତା-ନରସିଂହ



ବଲାଙ୍ଗୀର, ୪।୭
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ବୁଡ଼ି ଅଞ୍ଚଳରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଓ ବିଜୁଳି କାଟ୍ ଯୋଗୁଁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁରେ ଲୋକେ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ପୂର୍ବରୁ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅନୁରୋଧ କରିଥିଲି। ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ମାନବାଧିକାର ଉଲ୍ଲଂଘନ ନ କରିବାକୁ ପ୍ରଶାସନକୁ କହିଥିଲି। ଏହାସହ ତୁରନ୍ତ ବିଜୁଳି ଓ ପାଣି ସୁବିଧା ପୁନଃ କାର୍ଯ୍ୟକାରୀ କରିବାକୁ କହିଥିଲି। ଖୁଣ୍ଟପାଲି ଅଞ୍ଚଳରେ ଯଦିଓ ପାଣି ଓ ବିଜୁଳିକୁ ପ୍ରଶାସନ ପୁନଃ ସଂଯୋଗ କରିଛି କିନ୍ତୁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁରେ ଏର୍ପ୍ୟନ୍ତ ବିଜୁଳି ସଂଯୋଗ କରାଯାଇନାହିଁ। ଏ ଅଞ୍ଚଳର ସମସ୍ତ ଲୋକେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ବିସ୍ଥାପିତ ହେବାକୁ ରାଜି ହୋଇଛନ୍ତି। ତଥାପି ପ୍ରଶାସନ କାହିଁକି ସେମାନଙ୍କୁ ବିଜୁଳି ଓ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ କରୁଛି ବୋଲି ବିଧାୟକ ନରସିଂହ ମିଶ୍ର ପ୍ରଶ୍ନ କରିବା ସହ ପୁଣି ଥରେ ପ୍ରେସ୍ ବିବୃତି ମାଧ୍ୟମରେ ଏହା ଜିଲା ପ୍ରଶାସନର କ୍ରମାଗତ ମାନବ ଅଧିକାର ଉଲ୍ଲଂଘନ ବୋଲି ଦର୍ଶାଇଛନ୍ତି। ପ୍ରେସ୍ ବିବୃତି ମାଧ୍ୟମରେ ବିଧାୟକ ମିଶ୍ର ଆହୁରି କହିଛନ୍ତି ଯେ, ଏହି ପ୍ରକଳ୍ପର ବିସ୍ଥାପନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବିସ୍ଥାପିତଙ୍କୁ ବିଜୁଳି ଓ ପାନୀୟ ଜଳରୁ ବଞ୍ଚିତ କରା ନ ଯାଉ। ସେମାନେ ଯେମିତି ସମ୍ମାନର ସହ ବିସ୍ଥାପିତ ହେବେ ପ୍ରଶାସନ ସେ ବ୍ୟବସ୍ଥା ଗ୍ରହଣ କରୁ। ଗଡଶଙ୍କର ଡୁଙ୍ଗୁରିପାଲି ଓ ଖୁଣ୍ଟପାଲି ଅଞ୍ଚଳର ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ଦୁଇଦିନ ପୂର୍ବରୁ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଯଦିଓ ଖୁଣ୍ଟପାଲି ଅଞ୍ଚଳରେ ପାଣି ଓ ବିଜୁଳିକୁ ପୁନଃ ସଂଯୋଗ କରାଯାଇଛି। ତଥାପି ଗଡଶଙ୍କର ଡୁଙ୍ଗୁରିପାଲି ଅଞ୍ଚଳରେ ଏପର୍ଯ୍ୟନ୍ତ ବିଜୁଳି ପୁନଃ ସଂଯୋଗ କରାଯାଇ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଭଳି ଅବସ୍ଥା ଜାରି ରହିଲେ ଆଗକୁ ଆନ୍ଦୋଳନ ଆଶଙ୍କା ବୃଦ୍ଧି ପାଇବା ସହ ପ୍ରକଳ୍ପ ନିର୍ମାଣ ଓ ବିସ୍ଥାପନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ଓ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ଏହା ବିଳମ୍ବର କାରଣ ହୋଇପାରେ ବୋଲି ବିଧାୟକ ମିଶ୍ର ଆଶଙ୍କାବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୁଣି ଥରେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଉଦାର ମନୋଭାବ ପୋଷଣ କରୁ ବୋଲି ବିଧାୟକ ମିଶ୍ର କହିଛନ୍ତି।

**୬୧କେଜି ଗଞ୍ଜେଇ ଜବତ**

ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ ): ମଙ୍ଗଳବାର କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ମୋଟ ୬୧କିଲୋ ଗଞ୍ଜେଇ ଜବତ ହୋଇଛି। ବୌଦ୍ଧ ଜିଲା କନ୍ଧମାଳ ଥାନା ଅଧୀନ ଠେଲକୋବେଡା ନଦୀ ଘାଟରୁ ୩୦ କିଲୋ ଗଞ୍ଜେଇ ସହ ଏହି କାରବାରରେ ବ୍ୟବହୃତ ଏକ ମୋଟର ସାଇକେଲ (ନଂ ଓଆର୧୨-୯୮୧୨ ) ଜବତ କରାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ ସେହି ନଦୀ ଘାଟରୁ ୩୧କିଲୋ ଗଞ୍ଜେଇ ସହ ବ୍ୟବହୃତ ମୋଟର ସାଇକେଲ( ନଂ ଓଡି୧୫-ଇ-୩୦୪୩)ଜବତ କରାଯାଇଥିବା ଜଣାପଡିଛି। ତେବେ ଅବକାରୀ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ନଦୀ ଆରପାରିକୁ ଫେରାର ମାରିଥିଲେ।

# ପାତାଳି ଶ୍ରୀକ୍ଷେତ୍ର, ସୁରେଶ୍ୱରୀ ମନ୍ଦିର ଉନ୍ନତି ଉପରେ ଗୁରୁତ୍ୱ

**୫-ଟି ସଚିବଙ୍କ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତ**

- ଭୀମଭୋଇ ପୀଠ, ପାପକ୍ଷୟ ଘାଟ ରୂପାନ୍ତରଣ ହେବ
- ସୁବର୍ଣ୍ଣପୁର ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ

ସୋନପୁର,୪।୭(ମୃତ୍ୟୁଞ୍ଜୟ ଶତପଥୀ)




ସୋନପୁର ଟାଉନ ହଲରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଛାତ୍ରୀ।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଛନ୍ତି। ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ସକାଳ ୯ଟାରେ ଉଲୁଣ୍ଡା ବ୍ଲକର କୋଟସମଲାଇସ୍ଥିତ ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ସେଠାରୁ ପ୍ରଥମେ ପାତାଳି ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଜଗନ୍ନାଥଙ୍କ ଦର୍ଶନରୁ ପାଣ୍ଡିଆନଙ୍କ ଜିଲା ଗସ୍ତ ଆରମ୍ଭ ହୋଇଥିଲା। ଏହି ଅବସରରେ ମନ୍ଦିର ସେବାୟତ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହିତ ସଚିବ ଆଲୋଚନା କରିଥିଲେ। ପାତାଳି ଶ୍ରୀକ୍ଷେତ୍ରର ପାରିପାର୍ଶ୍ୱିକ ଉନ୍ନତି ସହ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ବହୁତ ଆକର୍ଷଣୀୟ ସ୍ଥାନ। ମୁଖ୍ୟମନ୍ତ୍ରୀ ମୋତେ ଏଠାକୁ ପଠାଇଛନ୍ତି। ଆନୁସଙ୍ଗିକ କିଛି କାମ ପରେ ଖୁବଶୀଘ୍ର ଏହି ପୀଠର ଉନ୍ନତିମୂଳକ କାମ ଆରମ୍ଭ କରାଯିବ। ପୁରୀ ଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଭଳି ପାତାଳି ଶ୍ରୀକ୍ଷେତ୍ରର ରୂପାନ୍ତରଣ କରାଯିବ। ଏପରି କି ସେଠାରେ ଉପସ୍ଥିତ ଥିବା ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ଶୀଘ୍ର ଡିପିଆର ପ୍ରସ୍ତୁତ କରି ପଠାଇବାକୁ ୫-ଟି ସଚିବ କହିଥିଲେ। ପରେ ସ୍ଥାନୀୟ ବୌଦ୍ଧିକ ମଣ୍ଡପରେ ଉପସ୍ଥିତ ଜନସାଧାରଣ ଓ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଉଲୁଣ୍ଡା ପଡିଆ ଯାଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ହାଲଚାଲ ବୁଝିବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପଠାଇଥିବା କହିଥିଲେ। ଏପରି କି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ମିଳୁଛି କି ବୋଲି ମହିଳାମାନଙ୍କୁ ପଚାରିଥିଲେ। ପରେ ଚଢେଇପଙ୍କ ଯାଇ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେଠାରୁ ବିନିକା ପାପକ୍ଷୟଘାଟ ପରିଦର୍ଶନ ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରର ରୂପାନ୍ତରଣ କରାଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ। ପରେ ସୋନପୁର ବ୍ଲକ ଖଲିଆପାଲିସ୍ଥିତ ଭୀମଭୋଇଙ୍କ ସିଦ୍ଧି ଓ ସମାଧି ପୀଠ ଦର୍ଶନ କରିଥିଲେ । ପୀଠର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସାଗରପାଲିସ୍ଥିତ ଗଙ୍ଗାଧର ମେହେର ରୂପାନ୍ତରିତ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଥିଲେ। ସେଠାରୁ ମୁକୁନ୍ଦପୁର ଆଶ୍ରମ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନ ଖାଇଥିଲେ। ମୁକୁନ୍ଦପୁର ହେଲିପ୍ୟାଡ୍‌ରୁ ହେଲିକପ୍ଟରରେ ଡୁଙ୍ଗୁରିପାଲି ବ୍ଲକର ସହଲା ପଡିଆକୁ ଯାଇଥିଲେ। ସହଲାରେ ଆୟୋଜିତ ଏକ ବିଶାଳ ସମାବେଶରେ ସଚିବ ଯୋଗଦେବା ସହ ମହିଳାଙ୍କ ସହିତ ମତ ବିନିମୟ କରିଥିଲେ। ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ଅପରାହ୍ନରେ ସୋନପୁର ରାମେଶ୍ୱର ଷ୍ଟାଡିୟମରେ ମିଶନ ଶକ୍ତି ଗ୍ରୁପ୍‌ର ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସୋନପୁର ଟାଉନ ହଲରେ କଲେଜ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ଏହି ଅବସରରେ ମଙ୍ଗଳବାର ଠାରୁ ଜିଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହେଲା। କମ୍ ଦିନ ଭିତରେ କାମ ଆରମ୍ଭ ହୋଇ ଜାନୁୟାରୀ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଜିଲାର ଛାତ୍ରୀଛାତ୍ର ଏଣିକି ସ୍ମାର୍ଟ କ୍ଲାସ ରୁମ୍‌ରେ ପାଠ ପଢିବେ ବୋଲି ସଚିବ କହିଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରେ ଝିଙ୍କି ଯାଇ ନିର୍ମାଣାଧୀନ ହସ୍ତତନ୍ତ ମଲ୍ କାର୍ଯ୍ୟ ପରିଦର୍ଶନ ସହ ବୁଣାକାରଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସଚିବ ବିଭିନ୍ନ ସେବା ପ୍ରଦାନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସନ୍ଧ୍ୟାରେ ସୁରେଶ୍ୱରୀ ମନ୍ଦିର ଦର୍ଶନ ସହିତ ମନ୍ଦିର ଉନ୍ନତି ସମ୍ପର୍କରେ ସେବାୟତ ଓ ଦେବୋତ୍ତର କମିଟିର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ମିଳିଥିବା ସମସ୍ତ ଦାବିପତ୍ରଗୁଡିକ ସମ୍ପର୍କରେ ଆଲୋଚନା କରାଯିବ ଓ ୭ ଦିନ ପରେ ଜିଲାବାସୀ ଭଲ ଖବର ପାଇବେ ବୋଲି ସଚିବ ସୂଚନା ଦେଇଥିଲେ। ସଚିବ ରାତିରେ ସର୍କିଟ୍ ହାଉସରେ ରାତ୍ରିଯାପନ କରିବେ। ସକାଳେ ବୌଦ୍ଧ ଜିଲା ଅଭିମୁଖେ ଯିବେ ବୋଲି ଜଣାପଡିଛି। ସଚିବଙ୍କ ଗସ୍ତ ପରେ ଅବହେଳିତ ଅବସ୍ଥାରେ ଥିବା ପାତାଳି ଶ୍ରୀକ୍ଷେତ୍ର, ସୁରେଶ୍ୱରୀ ମନ୍ଦିର, ଭୀମଭୋଇ ପୀଠ ଓ ପାପକ୍ଷୟଘାଟ ଭଳି ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ହେବ ବୋଲି ଜନସାଧାରଣ ଆଶା ବାନ୍ଧିଛନ୍ତି।

## ବସଷ୍ଟାଣ୍ଡ ଖାଁ ଖାଁ , ଯାତ୍ରୀ ହୀନସ୍ତା

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଯାତ୍ରୀବାହୀ ବସ୍ ଚଳାଚଳ ମଙ୍ଗଳବାର ବନ୍ଦ ରହିଥିଲା। ବସ୍‌ଷ୍ଟାଣ୍ଡ ଗୁଡିକ ଖାଁ ଖାଁ ଲାଗୁଥିଲା। କୌଣସି ପୂର୍ବ ସୂଚନା ନ ଥିବାରୁ ଯାତ୍ରୀମାନେ ଦୀର୍ଘ ସମୟ ଧରି ବସ୍‌କୁ ଅପେକ୍ଷା କରି ରହିଥିଲେ। କିନ୍ତୁ ବସ୍ ନ ଆସିବାରୁ ଶେଷରେ ସମସ୍ତେ ନିରାଶ ହୋଇ ଫେରିଥିଲେ। ଜିଲାରେ ବସଷ୍ଟପ୍‌ଗୁଡିକରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଲୋକେ ଯାତାୟତ ପାଇଁ ଅସୁବିଧା ଭୋଗିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ପାଇଁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୋନପୁର ରାମେଶ୍ୱର ପଡିଆ, ଡୁଙ୍ଗୁରିପାଲି ବ୍ଲକ ସହଲା ପଡିଆ ଓ ଉଲୁଣ୍ଡା ପଡିଆରେ ୫-ଟି ସଚିବଙ୍କ ଜନ ଅଭିଯୋଗ ଶୁଣାଣି ଏବଂ ମିଶନ ଶକ୍ତି ମହିଳାଙ୍କୁ ସମ୍ବୋଧିତ କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ସଭାସ୍ଥଳଗୁଡିକରେ ବ୍ୟାପକ ଜନସମାଗମ ହୋଇଥିଲା। ମହିଳା ଓ କଲେଜ ଛାତ୍ରୀଛାତ୍ରଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ବେସରକାରୀ ଭାବେ ଜିଲା ଓ ଜିଲା ବାହାରୁ ଶତାଧିକ ଯାତ୍ରୀବାହୀ ବସ୍ ଓ ୪ ଚକିଆ ଯାନଗୁଡିକୁ ନିୟୋଜିତ କରା ଯାଇଥିଲା। ଏଥିପାଇଁ ରାସ୍ତାଗୁଡିକ ଜାମ୍ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା

# କୃଷିର ବିକାଶ, ଅଞ୍ଚଳର ଉନ୍ନତିକୁ ଗୁରୁତ୍ୱ ଦିଆଯିବ


୫-ଟି ସଚିବଙ୍କ ଡୁଙ୍ଗୁରିପାଲି ଗସ୍ତ ବେଳେ ଅନୁଷ୍ଠିତ ସଭାରେ ଜନସମାଗମ।

ଡୁଙ୍ଗୁରିପାଲି,୪।୭(ଦୀନବନ୍ଧୁ ସୁନା)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଗସ୍ତରେ ଆସିଥିଲେ । ଏହି ଅବସରରେ ଡୁଙ୍ଗୁରିପାଲି ବ୍ଲକର ସହଲା ହାଇସ୍କୁଲ ଖେଳପଡିଆଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେ ସହଲା ଫୁଟବଲ ଖେଳପଡିଆରେ ଓହ୍ଲାଇଲା ପରେ ତାଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ନିହାର ରଞ୍ଜନ କହଁର, ବିଡିଓ ତ୍ରିପୁର ମହାନନ୍ଦ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ପ୍ରମୁଖ ସ୍ୱାଗତ ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ। ୫ ଟି ସଚିବ ପ୍ରଥମେ ଏଠାକାର ଇଷ୍ଟଦେବୀଙ୍କୁ ଦର୍ଶନ କଲା ପରେ ଜନସାଧାରଣଙ୍କ ସହିତ ମିଶିଥିଲେ। ସଭାରେ ଡୁଙ୍ଗୁରିପାଲି ଅଞ୍ଚଳର ଜନସାଧାରଣ, ମିଶନ ଶକ୍ତି, ଏସଏଚଜି ମହିଳା ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରି ଅଞ୍ଚଳର ବିକାଶ ଯେପରି ହୋଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ଅଞ୍ଚଳରେ କୃଷିର ଉନ୍ନତି, ଚାଷୀଙ୍କ ସମସ୍ୟାର ସମାଧାନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟ ସରକାର ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଯୋଗାଇ ଦେଇଥିବାରୁ ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ମିଶନ ଶକ୍ତି ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ସଭାରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳାଙ୍କ ଆପତ୍ତି, ଅଭିଯୋଗ ତଥା ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ଅବସରରେ ୫ ଟି ସଚିବ ପାଣ୍ଡିଆନ ଦରଖାସ୍ତଗୁଡ଼ିକର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାରେ ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର ସୀତା ମେହେର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରଞ୍ଜନ ପୁଟେଲ, ହିମାଦ୍ରୀ ପଧାନ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଯୋଗାଣ ନିରୀକ୍ଷକ ସୁବ୍ରତ ପାନି, ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ ପୁରୋହିତ, ସମ୍ପାଦକ ପ୍ରଶାନ୍ତ ସାହୁ, ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ଏହାଛଡା ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମିଶନ ଶକ୍ତି, ଏସଏଚଜି ମହିଳା, ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଆଜି ୫ଟି ସଚିବଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୪।୭(ଅଜିତ କୁମାର ବାରିକ)

ବୁଧବାର ଦିନ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଦିନିକିଆ ବୌଦ୍ଧ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସଚିବଙ୍କ ଗସ୍ତକୁ ସଫଳ କରିବାକୁ ଜିଲା ପ୍ରଶାସନ ପ୍ରସ୍ତୁତି ଜୋରଦାର ଚଳାଇବା ସହ ଚଳଚଞ୍ଚଳ ହୋଇ ପଡିଥିବା ଦେଖିବାକୁ ମିଳିଛି। ୫-ଟି ସଚିବ ଜିଲାର ଦୁଇଟି ଯାକ ନିର୍ବାଚନମଣ୍ଡଳୀ କନ୍ଧମାଳ ଓ ବୌଦ୍ଧ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଗସ୍ତକୁ ନେଇ ତିନୋଟି ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ କରାଯାଇଥିବା ଜଣାପଡିଛି । ପ୍ରଥମେ କନ୍ଧମାଳ ବ୍ଲକର ଦେଉଳି, ଖଟଖଟିଆ ଓ ଖଇରମାଳରେ ମେଗାଲିଫ୍ଟ ପଏଣ୍ଟର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି । ଏହାପରେ ଫାସେଡ ବ୍ରିଜ, ଆମ୍ବଗାଁ ହାଇସ୍କୁଲ ଠାରେ ସାଧାରଣ ସଭା ଓ ଛାତ୍ରୀଛାତ୍ରମାନଙ୍କ ସହିତ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ବୌଦ୍ଧ ସହରର ଜିଲା ଷ୍ଟାଡିୟମଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା, କୃଷକ ବଜାର ପରିଦର୍ଶନ, ବୁଣାକାରଙ୍କ ସହିତ ବର୍ତ୍ତାଳାପ, ମର୍ଜାକୁଦ ପରିଦର୍ଶନ କରିବାର ଅଛି। ଏହାପରେ ଜିଲା ସଂଗ୍ରହାଳୟ ପରିସରରେ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହିତ ବାର୍ତ୍ତାଳାପ, ସହରର ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପରିଦର୍ଶନ, ଆଳତୀ ଘାଟ ପରିଦର୍ଶନ କରିବାର ଅଛି। ହରଭଙ୍ଗା ବ୍ଲକର ମଡେଲ ଡିଗ୍ରୀ କଲେଜଠାରେ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ, ବଡବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସହ ମତ ବିନିମୟ, ପୁରୁଣାକଟକ ଭୈରବୀ ମନ୍ଦିର ପରିଦର୍ଶନ, ପୁରୁଣାକଟକ ମିନିଷ୍ଟାଡିୟମଠାରେ ସାଧାରଣ ଜନତାଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୫ଟି ସଚିବଙ୍କ ଗସ୍ତକୁ ନେଇ ଶାସକ ଦଳ ତତ୍ପର ରହିଥିବା ଜଣାପଡିଛି।



୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତକୁ ବିରୋଧ କରି ଭାଜପା ନେତୃବୃନ୍ଦ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ଧାରଣାରେ ବସିଛନ୍ତି।

# ୨୨ ବର୍ଷ ପରେ ବିନିକାରେ

ବିନିକା,୪।୭(ରାମ ଗୋପାଳ ବାଘ )


ପାପକ୍ଷୟ ଘାଟ ନିକଟରେ ୫ଟି ସଚିବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ଦୀର୍ଘ ୨୨ ବର୍ଷ ପରେ ମଙ୍ଗଳବାର ବିନିକା ଗସ୍ତରେ ଆସି ପର୍ଯ୍ୟଟନସ୍ଥଳୀ ପାପକ୍ଷୟ ଘାଟ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରାଯିବ ଏବଂ ଏହି ପୀଠର ଉନ୍ନତି କିପରି ହେବ ସେ ନିଜେ ଦେଖିବେ ବୋଲି କହିଛନ୍ତି। ଏହା ବିନିକାବାସୀଙ୍କ ମନରେ ନୂତନ ଆଶା ସଂଚାର କରିଛି। ସୂଚନାଯୋଗ୍ୟ, ଦୀର୍ଘ ୨୧ବର୍ଷ ପୂର୍ବେ ପାଣ୍ଡିଆନ ଏଠାରେ ପ୍ରଶିକ୍ଷଣ ନେଇ ତାଙ୍କର ଚାକିରୀ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ବର୍ଷ ପରେ ବିନିକା ମାଟିରେ ପାଦ ଦେଇଥିବାରୁ ଅଞ୍ଚଳବାସୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଅତୀତର ସ୍ମୃତିଚାରଣ କରି ସଚିବ ପାଣ୍ଡିଆନ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ନିଜ ମା'ଙ୍କ ସହ ପରିଦର୍ଶନରେ ଆସିଥିବା କହିଥିଲେ। ଏହି ପୀଠର ବିକାଶ ଘଟିଥିଲେ ହେଁ ଆଗାମୀ ଦିନରେ ଆହୁରି ବିକାଶ ପାଇଁ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଉପସ୍ଥିତ ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ପ୍ରଶିକ୍ଷଣର ୪ମାସ ରହଣି କାଳରେ ବିନିକାର ବିକାଶ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବନ୍ଧୁମାନଙ୍କୁ ସ୍ମରଣ କରି ପୁନର୍ବାର ସେମାନଙ୍କୁ ଦେଖି ନିଜ ଘରକୁ ଆସିଥିଲା ପରି ମନେ ହେଉଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ସମସ୍ୟା ବୁଝିବା ପାଇଁ ମତେ ପଠାଇଛନ୍ତି ବୋଲି କହିବା ସହିତ ଉପସ୍ଥିତ ମହିଳା ମାନଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। .ପାଣ୍ଡିଆନ ପାପକ୍ଷୟ ପୀଠରେ ପାଦ ଦେବା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ମହିଳା ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ହନୁମାନ ମନ୍ଦିର, ଶିବ ମନ୍ଦିର, ପାପମୁକ୍ତି ସ୍ଥଳ, ବଟବୃକ୍ଷ ପରିଦର୍ଶନ କରିଥିଲେ। ପରେ ବ୍ୟାରିକେଟ ପାର୍ଶ୍ୱରେ ଛିଡ଼ା ହୋଇଥିବା ସାଧାରଣ ଜନତାଙ୍କଠାରୁ ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ଉପରେ ଅଭିଯୋଗ ପତ୍ର ଗୁଡ଼ିକ ଗ୍ରହଣ କରିଥିଲେ।

# ସୁବର୍ଣ୍ଣପୁରକୁ ହେରିଟେଜ୍ ଜିଲା ଘୋଷଣା ଦାବି

ଅମରପାଲି/ଉଲୁଣ୍ଡା,୪।୭
(ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

**ଜିଲା ସାମ୍ବାଦିକ ସଂଘ ପକ୍ଷରୁ ୫ ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ**

ସୁବର୍ଣ୍ଣପୁରକୁ ଏକ ହେରିଟେଜ୍ ଜିଲା କରାଯିବାକୁ ଦାବି କରି ଜିଲା ସାମ୍ବାଦିକ ସଂଘ ତରଫରୁ ୫ଟି ସଚିବଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ୫ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ଉଲୁଣ୍ଡାରେ ଏକ ସାଧାରଣ ସଭା ହୋଇଥିଲା । ଏହି ଅବସରରେ ସଚିବ ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ , ମାନବସମ୍ବଳ, ଐତିହାସିକ, ପ୍ରତ୍ନତାତ୍ତ୍ୱିକ ସମ୍ପଦ ଅତୁଳନୀୟ।ଏହା ମହର୍ଷି ଜମଦଗ୍ନୀ, ବୀରପର୍ଶୁରାମ, ବୌଦ୍ଧ ତନ୍ତ୍ର ଯୋଗୀ ଇନ୍ଦ୍ରଭୂତି, ପଦ୍ମ ସମ୍ଭବ, ଭଗବତୀ ଲକ୍ଷ୍ମୀକରା, ନାଥ ଯୋଗୀ ମତ୍ସ୍ୟେନ୍ଦ୍ରନାଥ, ଗୋରଖନାଥ, ଦାରିକପାଦ,ବୈଷ୍ଣବ ଧର୍ମର ସନ୍ଥକବି ଚନ୍ଦ୍ରମଣି ଦାସ ଏବଂ ସନ୍ଥକବି ମହାଯୋଗୀ ଭୀମଭୋଇଙ୍କ ସାଧନା,ସିଦ୍ଧି ଓ ସମାଧିପୀଠ। ଏହି ଜିଲାରେ ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଏହାବ୍ୟତୀତ କୃଷି, ଶିଳ୍ପ, ଜଳସେଚନ, ଗମନାଗମନ, ପରିବହନ, ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ, ମହାନଦୀ-ତେଲନଦୀ ରିଙ୍ଗରୋଡ, ମନ୍ଦିର, ମଠଗୁଡିକର ଉନ୍ନତି, ପ୍ରସ୍ତାବିତ ଖଇରମାଳ ବ୍ୟାରେଜ, କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା,ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ କୋଶଳ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣପୁର ଜିଲାରେ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ଗୋରଖନାଥ ସାହୁଙ୍କ ନେତୃତ୍ୱରେ ଗଣପତି ବାଘ, ଗୌରଚନ୍ଦ୍ର ପରିଛା, ନିରଞ୍ଜନ ମିଶ୍ର, ଉରୁକ୍ରମ ପାଣ୍ଡିଆ,ପୀତାମ୍ବର ସାହୁ ପ୍ରମୁଖ ଉପସ୍ଥିତ ରହି ୫ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମହାନଦୀ ପଠାରୁ ମୃତଦେହ ଜବତ

**ପଥରରେ ଛେଚି, କାଚ ବୋତଲ ଦ୍ୱାରା ହତ୍ୟା**

ବୌଦ୍ଧ,୪।୭(ଅଜିତ କୁମାର ବାରିକ)

ବୌଦ୍ଧ ସହରର ସତସଙ୍ଗ ବିହାର ପଛପଟ ମହାନଦୀ ପଠାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି ।ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା ସାନବଙ୍କାପଡା ଗ୍ରାମର ଖିତୁ ବାଘ (୬୨) ଦୀର୍ଘ ୫ ବର୍ଷ ହେବ ଘରୁ ପଳାଇ ଆସି ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ବୁଲି ବୋତଲ ସଂଗ୍ରହ କରି ତାକୁ ବିକି ଚଳୁଥିଲେ। ମଙ୍ଗଳବାର ସକାଳେ ଖିତୁଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହାନଦୀ ପଠାରେ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତଦେହ ନିକଟରେ ଏକ ସାଇକେଲ ପଡିଥିଲା। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା। ଏନେଇ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକଙ୍କୁ ପଚାରିବାରେ ଖିତୁ ବୋତଲ ସଂଗ୍ରହ କରି ଚାଲି ଆସୁଥିଲେ। ତାଙ୍କୁ ପଥରରେ ଛେଚି ଓ କାଚ ବୋତଲ ଦ୍ୱାରା ମାଡ ମାରି ହତ୍ୟା କରାଯାଇଥିବା ସୂଚନା ଦେଇଥିଲେ। ଏନଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ନାଏକ ପ୍ରକାଶ କରିଥିଲେ।

# ଜିଲା ସାମ୍ବାଦିକ ସଂଘର ନିନ୍ଦା

**ଖବରଦାତାଙ୍କୁ ହତ୍ୟା ଧମକ ଘଟଣା**

ବୌଦ୍ଧ,୪।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଟାର୍ଗେଟ କରାଯାଇ ଆକ୍ରମଣ ଘଟଣା ବୃଦ୍ଧି ପାଇ ଚାଲିଥିବା ବେଳେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏହାକୁ ନେଇ ଉଦବେଗ ପ୍ରକାଶ କରାଯାଇଛି । ଗତ କିଛି ଦିନ ତଳେ କନ୍ଧମାଳର ବରିଷ୍ଠ ସାମ୍ବାଦିକ ମୁକେଶ କୁମାର ପାଢୀଙ୍କୁ କେତେଜଣ ସାର ବ୍ୟବସାୟୀ ମରଣାନ୍ତକ ଆକ୍ରମଣ କରିବା ପରେ ସେ ଗୁରୁତର ଅବସ୍ଥାରେ ବରଗଡଠାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ମନରୁ ନ ଲିଭୁଣୁ ଗତ ଦୁଇଦିନ ତଳେ ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମରେ ଏକ ଦୁର୍ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ଦୁଇ ଖବରଦାତାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଜନ ପ୍ରତିନିଧିଙ୍କ ପରିବାର ପକ୍ଷରୁ ହତ୍ୟା ଧମକ ଦିଆଯାଇଥିଲା । ଏନେଇ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଜିଲା ସାମ୍ବାଦିକ ସଂଘର ଦୃଷ୍ଟି ଆକର୍ଷଣ କରାଯାଇଛି। ମଙ୍ଗଳବାର ଦିନ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ବୈଠକରେ ଜିଲାରେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହିତ ସାମ୍ବାଦିକମାନଙ୍କ ସୁରକ୍ଷା ନେଇ ଜିଲା ପୋଲିସ କର୍ତ୍ତୃପକ୍ଷଙ୍କ ଅସହଯୋଗ ସଂପର୍କରେ ଆଲୋଚନା କରାଯାଇଥିଲା। ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାମ୍ବାଦିକମାନେ ଦାବି କରିବା ସହିତ ଘଟଣାକୁ ନିନ୍ଦା କରାଯାଇଥିଲା। ଏହି ବୈଠକରେ ବରଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ରାଉତ, ସଂପଦ କୁମାର ଅଗ୍ରୱାଲା, ଅଜିତ କୁମାର ବାରିକ, ରତ୍ନାକର ବେହେରା, ରବୀନ୍ଦ୍ର ପଟ୍ଟନାୟକ, କୃଷ୍ଣଗୋପାଳ ମେହେର ଓ ଧବଳେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସୁନ୍ଦରଗଡ଼**

- ଜମାକାରୀ ଗଣସତ୍ୟାଗ୍ରହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୨ଟି

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ହେମଗିର,୪।୭(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଧୀନ କୁତାବଗା ଛକଠାରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି। ଚାଳକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସୂଚନାଯୋଗ୍ୟ, ଡୁରୁବଗା ପଟୁ ବାଇକରେ ଗଜନବାହାଲକୁ ଯାଉଥିବା ସମୟରେ କୁତାବଗା ଛକ ନିକଟ ରାସ୍ତାରେ ଥିବା ଡିଭାଇଡର ସହିତ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବେଆଇନ କବାଡ଼ିଆ ବେପାର

**ଲାଠିକଟା, ୩।୭ (ରାମେଶ୍ୱର ଖାଡଙ୍ଗା):** ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ କବାଡିଆ ବେପାର ବୃଦ୍ଧି ପାଇବାରେ ଲାଗିଛି। ବାହାର ରାଜ୍ୟର ବେପାରୀମାନେ ଏଠାରେ ଘର ଭଡ଼ା ନେଇ ଚୋରା ବେପାର କରୁଛନ୍ତି। ସେମାନେ ରାସ୍ତାକଡ଼ରେ ଲାଗିଥିବା ଫଳକର ରେଲିଙ୍ଗ, ଚୋରା ଗାଡ଼ି, ପଞ୍ଜୀକରଣ ହୋଇ ନ ଥିବା ଗାଡ଼ିକୁ କାଟି ନେଇ କବାଡ଼ିଆକୁ ଦେଉଛନ୍ତି। ଫଳରେ କବାଡ଼ିଆମାନେ ଏଗୁଡ଼ିକୁ ଉଚ୍ଚା ଦରରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ବିନା ଜିଏସ୍‌ଟି ବିନା ବିଲରେ ଏମାନେ ବେପାର କରୁଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଚାଳକଙ୍କୁ ଆକ୍ରମଣ,୨ ଗିରଫ

**ରାଉରକେଲା,୪।୭(ଦିନେଶ ମିଶ୍ର):** ଜଣେ ବାଇକ୍ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ଫର୍ଟିଲାଇଜର ଅଞ୍ଚଳର ସୋଭନ ପାତ୍ର(୩୦) ଓ ଜ୍ଞାନ ଲେଙ୍କା(୨୨)। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୨।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଟାଙ୍ଗରପାଲି ଥାନା ଆଇଡିଏଲ ଅଞ୍ଚଳର ସୁରେନ୍ଦ୍ର ନାଥ ରଣା ସୋମବାର ରାତି ସାଢେ ୯ଟାରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଫର୍ଟିଲାଇଜର ଛକରେ ସୋଭନ ଓ ଜ୍ଞାନ ଏକ ବାଇକରେ ତାଙ୍କୁ ସାମାନ୍ୟ ଧକ୍କା ଦେଇଥିଲେ। ଏହାକୁ ସୁରେନ୍ଦ୍ର ବିରୋଧ କରିବାରୁ ଦୁଇ ଜଣ ଯୁବକ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ସ୍ଥାନୀୟ ଲୋକେ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

## ପଥର ବୋଝେଇ ଟ୍ରାକ୍ଟର ଅଟକ

**ଲହୁଣୀପଡ଼ା,୪।୭(ଦାଶରଥି ପଣ୍ଡା)** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ପୋଲିସ ଏକ ନମ୍ବର ବିହୀନ ଟ୍ରାକ୍ଟର ବେନିୟମ ପଥର ଚାଲାଣ କରୁଥିବା ସମୟରେ ଅଟକ ରଖି ତହସିଲଦାରଙ୍କୁ ସୂଚନା ଦେଇଥିବା ଜଣାପଡିଛି। ଏଥିସହ ପୋଲିସ ପଥର ବୋଝେଇ ଟ୍ରାକ୍ଟରକୁ ଥାନାରେ ରଖି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଠିଆବେର୍ଣ୍ଣା ଅଞ୍ଚଳରୁ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ପଥର ବୋଝେଇ ହୋଇ ଠାକୁରପାଲି ପଟେ ଚୋରା ଚାଲାଣ ହେଉଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସାଲେଇଡ଼ିହି ଗ୍ରାମରେ ଟ୍ରାକ୍ଟରକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲା। ସନ୍ଦେହ ହେବାରୁ ତହସିଲଦାରଙ୍କୁ ଖବର ଦେଇଥିଲା।

# ସାପ୍ତାହିକ ହାଟ ଖାଁ ଖାଁ, ଡରାଉଛି ପରିବା ଦର

**କୁତ୍ରା,୪।୭(ଦେବାଶିଷ ସାହୁ)**

ପରିବା ଦର ବୃଦ୍ଧି ଯୋଗୁ ସୁନ୍ଦରଗଡ଼ ଜିଲା କୁତ୍ରା ସାପ୍ତାହିକ ହାଟ ଖାଁ ଖାଁ ରହିଛି। ଅହେତୁକ ଦର ବୃଦ୍ଧି ଯୋଗୁ ଲୋକେ ପରିବା ପ୍ରତି ମନବଳାଉ ନ ଥିବା ଦେଖିବାକୁ ମିଳୁଛି। ସବୁ ଦର ୧୦୦ ଛୁଇଁଛି। ଟମାଟୋ କଥା ନ କହିବା ଭଲ। ଦର ଉଚ୍ଚା ଯୋଗୁ ପରିବା ଆଉ ଆଗଭଳି ବିକ୍ରି ହେଉନାହିଁ। ଫଳରେ ପରିବା ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହି ଅଞ୍ଚଳଟି ହେଉଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏଭଳି ସ୍ଥଳେ ଗରିବ ଓ ମଧ୍ୟବିତ୍ତ ପରିବାର ସମସ୍ତ ଖର୍ଚ୍ଚ ବାଦ ଦେଲା ପରେ ମାସ ଶେଷ ବେଳକୁ କିଛି ଟଙ୍କା ସଞ୍ଚୟ କରି ରଖିଥାଏ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ପକେଟ ପୂରା ଖାଲି ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ସକାଳ ହେଲା କ୍ଷଣି ସାପ୍ତାହିକ ହାଟକୁ ଚାଷୀ ପହଞ୍ଚିବା ପୂର୍ବରୁ ବେପାରୀ ପହଞ୍ଚି ଯାଉଛନ୍ତି। ସବୁ ପରିବା କମ ଦରରେ ଚାଷୀଙ୍କଠାରୁ କିଣି ଚଢା ଦରରେ ବିକ୍ରି କରୁଛନ୍ତି। ହାଟକୁ ଚାଷୀ ଯେତିକି ଆସୁନାହାନ୍ତି ବେପାରୀ ସେତିକି ଆସୁଥିବା ଦେଖିବାକୁ ମିଳୁଛି। ପନିପରିବା ମହଙ୍ଗା ମାଡ଼ରେ ଗ୍ରାହକ ହନ୍ତସନ୍ତ ହେଉଥିବା ବେଳେ ଚାଷୀ ମୁଣ୍ଡରେ ବି ଚଡ଼କ ପଡିଛି। ଏହାରି ଭିତରେ ବର୍ତ୍ତମାନ ପରିବା ଦର ଖସିବା ଭଳି ଲାଗୁନାହିଁ।



କୁତ୍ରା ପରିବା ବଜାର।

# କୃଷି ନିର୍ଦ୍ଦେଶକଙ୍କୁ ଦାବି ଜଣାଇଲା ଭାଜପା

**ସୁନ୍ଦରଗଡ଼,୪।୭(ଜୟନାରାୟଣ ମେଣ୍ଡୁଲି)**

ଚଳିତ ଖରିଫ ଋତୁରେ ସୁନ୍ଦରଗଡ଼ ଜିଲା ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ଏପର୍ଯ୍ୟନ୍ତ ଚାଷୀଙ୍କୁ ବୀମା ଟଙ୍କା ମିଳି ନ ଥିବାରୁ ଖରିଫରେ ଚାଷ କାମରେ ବାଧା ଉପୁଜିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଜିଲାର ଚାଷୀମାନେ ଏପର୍ଯ୍ୟନ୍ତ ବୀମାରାଶି ପାଇ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ମର୍ମରେ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ମଙ୍ଗଳବାର ଭୁବନେଶ୍ୱରଠାରେ ରାଜ୍ୟ କୃଷି ନର୍ଦ୍ଦେଶକ ତଥା ଚାଷୀ କଲ୍ୟାଣ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଚାଷୀଙ୍କୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ପାଇଁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର, ଜିଲା ସମ୍ପାଦକ ଯଶୋବନ୍ତ ନାଏକ, ଅମୀର ନାଏକ, ଦିଲୀପ ପଟେଲ, ଶିଶିର ରାଉତରାୟ, ଡୋଳାମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ତଳସରା ବିଧାୟକ ଭୋଇଙ୍କ ପତ୍ର ପାଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତୁରନ୍ତ ଏହାର ସମାଧାନ ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଭାଜପା ପକ୍ଷରୁ କୃଷି ନିର୍ଦ୍ଦେଶକଙ୍କୁ ଦାବି ପତ୍ର ଦିଆଯାଉଛି।

## ଚେମଠାପଡ଼ାରେ ସରିଲା ବାହୁଡ଼ାଯାତ୍ରା

**ବଡ଼ଗାଁ,୪।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଚେମଠାପଡ଼ା ଗ୍ରାମରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ମଙ୍ଗଳବାର ସମ୍ପନ୍ନ ହୋଇଛି। ସକାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସମ୍ବଲପୁର ଜିଲା ବାମରା ବ୍ଲକ ଟଟରଙ୍ଗା ଗ୍ରାମର ଜଗନ୍ନାଥ ମନ୍ଦିରରୁ ଚେମଠାପଡାକୁ ଅଣାଯାଇଥିଲା। ରାଧାକୃଷ୍ଣ ମନ୍ଦିରରେ ୩ ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଅପରାହ୍ନରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଛେରାପହଁରା କଲାପରେ ରଥ ଟଣା ଯାଇଥିଲା। ପୂଜକ ରାମଚନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲାବେଳେ ବାମରା ବ୍ଲକ ବଫେଇ ଗ୍ରାମର ଶିବ ମନ୍ଦିର ପୂଜକ ଭୂଲଟନ ରଣା ଓ ଧୁମାଗଡା ଗ୍ରାମର ସୁକେଶ୍ୱର ନାଏକ ସହଯୋଗ କରିଥଲେ। ଯାତ୍ରା କମିଟି ସଭାପତି ଜଳେଶ୍ୱର ପ୍ରଧାନ, ସମ୍ପାଦକ ଭୁବନେଶ୍ୱର ପ୍ରଧାନ, କମିଟି କର୍ମକର୍ତ୍ତା କଟକି ଗୌଡ, ନରେଶ ସା, କୃପାନିଧି ପ୍ରଧାନ, ମଙ୍ଗଲୁ କମାର, ବସନ୍ତ ଗୌଡ ପ୍ରମୁଖ ବ୍ୟକ୍ତିମାନେ ଯାତ୍ରା ପରିଚାଳନା କରିଥିଲେ।

## ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

**ଟେନ୍‌ସା,୪।୭(ସମୀର କୁମାର ପାଢ଼ୀ):** ବନ ବିଭାଗ ପକ୍ଷରୁ ଏବେ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ୨୦୨୩ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଅନ୍ତର୍ଗତ ଡେଙ୍ଗୁଲା ସେକ୍ସନ ଅଧୀନ ସେବାଶ୍ରମଠାରେ ୭୪ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରସୁଆଁ ବନ ବିଭାଗ ଅଧିକାରୀ ନବୀନ ଚନ୍ଦ୍ର ପ୍ରଧାନ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହା ପରେ ଡେଙ୍ଗୁଲା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଚାରି ପାର୍ଶ୍ୱରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏହି ମହୋତ୍ସବରେ ସେକ୍ସନ ଫରେଷ୍ଟ ଗାର୍ଡ ନିରଞ୍ଜନ ପ୍ରଧାନ, ଅମିତ ଜେନା ଓ ବନ୍ଦଲ ଭିଏସ୍‌ଏସ୍ ସଭାପତି ତମ୍ପୁ ପାତ୍ର ସହଯୋଗ କରିଥିଲେ। ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଚାଲିବ।

# ୨ ଜଣଙ୍କଠୁ ୩ ଲକ୍ଷ ୭୦ ହଜାର ଠକେଇ

**ବଡ଼ଗାଁ,୪।୭( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଶଙ୍କରାପୋଷ ଗ୍ରାମର ଜଣେ ବ୍ୟକ୍ତି ଚାକିରି କରାଇଦେବାକୁ କହି ୨ ଜଣଙ୍କଠାରୁ ୩ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଲାଠିକଟା ବ୍ଲକ ରାଣ୍ଟୋ ଗ୍ରାମର ଉଗ୍ରସେନ ବେହେରାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଅଲ୍ ଓଡ଼ିଶା ମେଡିକାଲ ସ୍ମାର୍ଟ ଡାଟା ଏଣ୍ଟ୍ରି ଅପରେଟର ପଦବୀରେ ନିଯୁକ୍ତି କରାଇଦେବାକୁ କହି ବ୍ୟକ୍ତି ଜଣଙ୍କ ପ୍ରଥମେ ତାଙ୍କଠାରେ ବିଶ୍ୱାସ ଜନ୍ମାଇ ଥିଲେ। ଏଥିପାଇଁ ଆବଶ୍ୟକ ଟଙ୍କା ୨୦୨୧ ଅଗଷ୍ଟ ୧୦ରୁ ଅକ୍ଟୋବର ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ୨ ଲକ୍ଷ ୭୦ ହଜାର ଟଙ୍କା ଉଗ୍ରସେନଙ୍କ ଠାରୁ ଫୋନ୍ ପେ'ରେ ନେଇଥିଲେ। ସେହିପରି ରାଣ୍ଟୋ ଗ୍ରାମର ବିଶ୍ୱନାଥ ନାଏକଙ୍କୁ ବଣେଇ ଆଇଟିଡିଏରେ ଚାକିରି କରାଇ ଦେବାକୁ କହିବା ସହ ୨୦୨୧ ଡିସେମ୍ବର ୩୦ରେ ନିଯୁକ୍ତି ପତ୍ର ଦିଆଯିବ ବୋଲି କହିଥିଲେ। ସେ ପୂର୍ବରୁ ନଭେମ୍ବର ୨୦ ଓ ୨୧ରେ ୨ଟି ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଠକି ନେଇଥିଲେ। ଦେଢ଼ ବର୍ଷ ହେଲା ଚାକିରି ନ ହେବାରୁ ଠକାମିରେ ପଡ଼ିଥିବା ବ୍ୟକ୍ତି ଦ୍ୱୟ ବାରମ୍ବାର ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଆସୁଥିଲେ ମଧ ସେ ଦେଖା ଦେଉ ନ ଥିବା କିମ୍ବା ଫୋନ ଉଠାଉ ନ ଥିବାରୁ ମଙ୍ଗଳବାର ବାଧ ହୋଇ ସେମାନେ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

## ଟ୍ରକ୍ ମାଲିକ ସଂଘର ବାର୍ଷିକ ସାଧାରଣ ବୈଠକ

**ରାଜଗାଙ୍ଗପୁର,୪।୬ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଣୀବନ୍ଧସ୍ଥିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଭାପତି ରାକେଶ ନନ୍ଦା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଆଗାମୀ ଦିନରେ ହେବାକୁ ଥିବା ବାର୍ଷିକ ନିର୍ବାଚନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ ସମ୍ପର୍କରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ସୂଚନା ଦିଆଯିବ ବୋଲି ସ୍ଥିରୀକୃତ ହୋଇଛି। ନିର୍ବାଚନ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀଭାବେ ଉପେନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯାଇଥିବାବେଳେ ସହକାରୀ ନିର୍ବାଚନ ଅଧିକାରୀଭାବେ କୁଲଦିପ ସିଂ, ମହମ୍ମଦ୍ ହସିବ, ମହମ୍ମଦ୍ ଜମିଲ, ଚିତ୍ରଶେନ ସାମନ୍ତରାୟଙ୍କୁ ଚୟନ କରାଯାଇଥିଲା। ଏ ମାନେ ନିର୍ବାଚନ ତାରିଖ ଧାର୍ଯ୍ୟ କରିପ୍ରକ୍ରିୟାକୁ ସମାପ୍ତ କରିବା ପାଇଁ ସ୍ଥିରୀକୃତ ହୋଇଛି।

## ସରକାରୀ କଲେଜରେ ୭୪ତମ ବନ ମହୋତ୍ସବ

**ସୁନ୍ଦରଗଡ଼,୪।୭(ଜୟନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ଼ ସରକାରୀ କଲେଜରେ ୭୪ତମ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା ଓ ଜଳବାୟୁ ପରିବର୍ତ୍ତନର କାରଣ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ କଲେଜରେ ଜାତୀୟ ସବୁଜ ବାହିନୀ ଗଠନ ପାଇଁ ସେ ପରାମର୍ଶ ଦେଇଥିଲେ। ସବୁଜ, ସୁନ୍ଦର ପରିବେଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଲେଜକୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିବାରୁ ଉପସ୍ଥିତ ଅତିଥିମାନେ ଅଭିନନ୍ଦନ ଜଣାଇଥିଲେ। ଛାତ୍ରୀଛାତ୍ରମାନେ ମୋ ଗଛ, ମୋ ଦାୟିତ୍ୱ ସଙ୍କଳ୍ପ ନେଇ ବୃକ୍ଷ ରୋପଣ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କଲେଜ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଗଛକୁ ୨ଜଣ ଲେଖାଏଁ ଛାତ୍ରୀଛାତ୍ରଙ୍କ ନାମରେ ନାମିତ କରାଯିବ ଏବଂ ଅନୁନ୍ୟ ୨ ବର୍ଷ ଯାଏ ସେମାନେ ଗଛ ଗୁଡ଼ିକର ଯତ୍ନ ନେବେ। ତାର ନିରୀକ୍ଷଣ ପାଇଁ ଜେଣେ ଲେଖାଏଁ ଅଧ୍ୟାପକ ଦାୟିତ୍ୱରେ ରହିବେ ବୋଲି ଅଧ୍ୟକ୍ଷ ଡ.ସାହୁ ଘୋଷଣା କରିଥିଲେ। ଏହି ସଭାରେ ପୁରାତନ ଛାତ୍ର ସଂଘ ସଭାପତି ଡ.ଚିରବ୍ରତ ଦତ୍ତ, ଗୋବିନ୍ଦ ଚନ୍ଦ୍ର ସୁଆର, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଆଲୋକ ନାଏକ, ପ୍ରଦୀପ ବହିଦାର, ସଞ୍ଜୟ ନନ୍ଦ, ଅଧ୍ୟାପକ ନୂତନ ଖମାରୀ, ଅଧ୍ୟାପିକା ଆଞ୍ଜେଲିନ୍ କିଣ୍ଡୋ, ବିଚିତ୍ର ନନ୍ଦ, ସିଲବ ବହିଦାର, ପ୍ରକୃତି ମିତ୍ର ଡ.ରତ୍ନେଶ ରଞ୍ଜନ ଯୋଗଦେଇଥିଲେ। ଶେଷରେ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବାକୁ ଅରୁଣାଚଳ ପ୍ରଦେଶ ଯିବେ ଆୟୁଷ

**ସୁନ୍ଦରଗଡ଼,୪।୭(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ନିଆଳିପାଳି ପଞ୍ଚାୟତ କଦଳିମୁଣ୍ଡା ଗ୍ରାମର ଆୟୁଷ ମୁଣ୍ଡା ୫ମ କନିଷ୍ଠ ଜାତୀୟ ବାଳକ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବୁଧବାର ଅରୁଣାଚଳପ୍ରଦେଶର ଇଟା ନଗର ଯାତ୍ରା କରିବେ। ସେଠାରେ ଜୁଲାଇ ୮ରୁ ୧୪ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ। ହଦୋ ମୁଣ୍ଡା ଓ ସରୋଜିନୀଙ୍କ ଏକ ମାତ୍ର ପୁଅ ଆୟୁଷ। ଜିଲା ଜନ ସେବା ସମିତି ଯୋଗୀମାଳରେ ଆୟୁଷ ପ୍ରତ୍ୟେକ ଦିନ ସୁଦକ୍ଷ କୋଚମାନଙ୍କ ଠାରୁ ତାଲିମ ନେଉଛନ୍ତି। ସେ ପ୍ରତ୍ୟେକ ବର୍ଷ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଚଳିତ ବର୍ଷ ସେ ଜିଲା ସ୍ତରରୁ ରାଜ୍ୟ ସ୍ତରକୁ ଚୟନ ହୋଇଥିଲେ। ଗତ ୨୪ ଓ ୨୫ତାରିଖରେ ରାଉରକେଲା ବିଜୁ ପଟ୍ଟନାୟକ ହକିଷ୍ଟାଡିୟମରେ ରାଜ୍ୟସ୍ତରୀୟ ଚୟନ ପ୍ରତିଯୋଗିତାରେ ୮୦ କେ.ଜିରୁ ଊର୍ଦ୍ଧ୍ୱ ବର୍ଗରେ ଚୟନ ହୋଇ ଅରୁଣାଚଳ ପ୍ରଦେଶ ଯାତ୍ରା କରିବେ। ଆୟୁଷ ଜାତୀୟସ୍ତରରେ ଭାଗ ନେବା ଜାଣି ତାଙ୍କ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଟେଲ, ତପସ୍ୱିନୀ ତନ୍ତୀ, କୁମୁଦିନୀ ତଣ୍ଡିଆ, ନରେନ୍ଦ୍ର କାଲୋ, ଜ୍ୟୋତି ଜ୍ୟୋତ୍ସ୍ନା ପଟେଲ, ରଶ୍ମି ପଟେଲ, ରଞ୍ଜୁ ହୋତା, ସୁଭଦ୍ରା ସିଂ, ଲଲାଟ ବାଦି ଓ ଛାତ୍ରୀଛାତ୍ରଙ୍କ ସହ ଜିଲା ଆମେଚର ବକ୍ସିଂ ସଂଘ ଓ ଜନ ସେବା ସମିତି ଯୋଗିମାଳର ସମସ୍ତ ସଭ୍ୟାସଭ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବିଦ୍ୟାଳୟ ପକ୍ଷରୁ ଆୟୁଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସେମିରେ ମଧ୍ୟପ୍ରଦେଶ, ହରିୟାଣା, ଝାଡ଼ଖଣ୍ଡ, ଛତିଶଗଡ଼

**ରାଉରକେଲା,୪।୭(ଦିନେଶ ମିଶ୍ର):** ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍‌ର ସପ୍ତମ ଦିନରେ ୪ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଛି। ଏଥିରେ ମଧ୍ୟପ୍ରଦେଶ, ହରିୟାଣା, ଝାଡ଼ଖଣ୍ଡ, ଛତିଶଗଡ଼ ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମଧ୍ୟରେ ହୋଇ ମଧ୍ୟପ୍ରଦେଶ ଦଳ ୯-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ହରିୟାଣା ଓ ପଞ୍ଜାବ ଦଳ ମଧ୍ୟରେ ହୋଇ ହରିୟାଣା ଦଳ ୪-୨ ଗୋଲରେ ପଞ୍ଜାବକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍ ହକି ଝାଡ଼ଖଣ୍ଡ ଓ ମିଜୋରାମ ମଧ୍ୟରେ ହୋଇଥିଲା। ଝାଡ଼ଖଣ୍ଡ ସୁଟ୍‌ଆଉଟ୍‌ରେ ୩-୨ ଗୋଲରେ ମିଜୋରାମଙ୍କୁ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚ ଓଡିଶା ଓ ଛତିଶଗଡ ମଧ୍ୟରେ ହୋଇଥଲା। ସୁଟ୍‌ଆଉଟ୍‌ରେ ଛତିଶଗଡ ୪-୨ ଗୋଲରେ ଓଡିଶାକୁ ପରାସ୍ତ କରିଥିଲା।

## ରକ୍ତଦାନ କରି ବିବାହ ବାର୍ଷିକୀ ପାଳିଲେ ଦମ୍ପତି

**ସୁନ୍ଦରଗଡ଼,୪।୭(ଜୟନାରାୟଣ ମେଣ୍ଡୁଲି)** ନିଜର ବିବାହ ବାର୍ଷିକୀକୁ ଧୁମ୍‌ଧାମ୍‌ରେ ପାଳନ ନ କରି ସ୍ୱେଚ୍ଛାକୃତଭାବେ ରକ୍ତଦାନ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ସୁନ୍ଦରଗଡ଼ ସହରର ଏକ ଦମ୍ପତି। ସ୍ଥାନୀୟ ମହାଦେବପଡା ନିବାସୀ ଅଜିତ ଦାଶ ଓ ସହଧର୍ମିଣୀ ରଶ୍ମିରେଖାଙ୍କ ମଙ୍ଗଳବାର ଥିଲା ୧୩ଶ ବିବାହ ବାର୍ଷିକୀ। ହେଲେ ଏହାକୁ ଧୁମ୍‌ଧାମ୍‌ରେ ପାଳନ ନ କରି ଜିଲା ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାରରେ ସେମାନେ ରକ୍ତଦାନ କରିଥିଲେ। ରକ୍ତଦାନ ପରେ ତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉଭୟେ ନିୟମିତ ବ୍ୟବଧାନରେ ବିଭିନ୍ନ ଶିବିର ତଥା ରୋଗୀଙ୍କୁ ରକ୍ତଦାନ କରି ଆସୁଥିବା ବେଳେ ଗତ ବର୍ଷରୁ ନିଜ ବିବାହ ବାର୍ଷିକୀରେ ରକ୍ତଦାନ କରି ଜୀବନର ମୂଲ୍ୟବାନ ଦିନକୁ ଚିରସ୍ମରଣୀୟ କରି ରଖିବାର ଏକ ଅଭିନବ ପ୍ରୟାସ କରିଛନ୍ତି। ସୁନ୍ଦରଗଡ଼ ତଥା ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ସିକିଲସେଲ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ମାତ୍ରାରେ ରକ୍ତାଭାବ ମଧ ଦେଖାଦେଇଥାଏ। ଏହାକୁ ଦୂର କରିବା ପାଇଁ ଅଧିକ ମାତ୍ରାରେ ଯୁବଗୋଷ୍ଠୀ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିବା ପାଇଁ ଦମ୍ପତି ଆହ୍ୱାନ କରିଛନ୍ତି।



ଦମ୍ପତିଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବନ ମହୋତ୍ସବ



କର୍ମଚାରୀମାନେ ବୃକ୍ଷ ରୋପଣ କରୁଛନ୍ତି।

**କୁତ୍ରା,୪।୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଡେଲିଘନାସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ରାଜଗାଙ୍ଗପୁର ବ୍ଲକ ସୋନାଖନ ଜଙ୍ଗଲରେ ବୃକ୍ଷରୋପଣ କରାଯାଇଥିଲା। ଆଜିର ଆଧୁନିକ ଯୁଗରେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଚାରି ଆଡ଼େ ଗଛର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଏହା ସହିତ ଲୋକଙ୍କୁ ବୃକ୍ଷର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିବା କହିଛନ୍ତି। ଏହା ସହିତ ବିଭିନ୍ନ ପ୍ରକାର ଫଳ ଗଛ, ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଆଗାମୀ ଦିନରେ ପ୍ରାୟ ୪ ହଜାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବା ନେଇ ସୂଚନା ଦେଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ୟୁନିଟ୍ ହେଡ ଅନିଲ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମରଦିପ ମହାନ୍ତି, ସୁନୀଲ କୁମାର ନାଥ, ସଂଗ୍ରାମ ରାଉତ, ଅନୁପମ ମିଶ୍ର, ଅଲେଖ ଧଳାଇ, ଲିମାରୋଜ ଲାକ୍ରା ଯୋଗଦେଇ ବୃକ୍ଷରୋପଣ କରିବା ସହିତ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କଟ୍ରା-ବୁଡାବାହାଲ ସବ୍‌ଡିଭିଜନ ଶ୍ରେଷ୍ଠ ବନ ସୁରକ୍ଷା ସମିତି

**ସୁନ୍ଦରଗଡ଼,୪।୭(ଜୟନାରାୟଣ ମେଣ୍ଡୁଲି)**

ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର କଟ୍ରା-ବୁଡାବାହାଲ ବନ ସୁରକ୍ଷା ସମିତିକୁ ସବ୍‌ଡିଭିଜନ ସ୍ତରୀୟ ବିଜୁ ପଟ୍ଟନାୟକ ଶ୍ରେଷ୍ଠ ବନ ସୁରକ୍ଷା ସମିତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ଆନ୍ତଃ ବିଭାଗୀୟ ସଂଯୋଗୀକରଣ ଦ୍ୱାରା ଜୀବିକାରେ ଉନ୍ନତି, ଆବର୍ତ୍ତନ ପାଣ୍ଠିର ସୁପରିଚାଳନା, ବହୁବିଧ ଆୟଭିତ୍ତିକ କାର୍ଯ୍ୟ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ବନଖଣ୍ଡ ଦ୍ୱାରା ଆୟୋଜିତ ବନ ମହୋତ୍ସବ ପାଳନ ଅବସରରେ ବିଧାୟିକା କୁସୁମ ଟେଟେ କଟ୍ରା-ବୁଡାବାହାଲ ବନ ସୁରକ୍ଷା ସମିତିକୁ ମାନପତ୍ର ତଥା ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। କଟ୍ରା-ବୁଡାବାହାଲ ଜିଲା ଟାଙ୍ଗରପାଲି ବ୍ଲକର ଏକ ରାଜସ୍ୱ ଗ୍ରାମ। ଏହା ମେଘଡେଗା ପଞ୍ଚାୟତରେ ଅବସ୍ଥିତ। ୧୮୨ ପରିବାର ତଥା ୭୦୮ ଲୋକସଂଖ୍ୟା ଥିବା ଏହି ଗାଁଟି ପାହାଡ, ଜଙ୍ଗଲ ସମ୍ପଦ ଭରା ହୋଇଥିବା ବେଳେ ଗ୍ରାମବାସୀ ମୁଖ୍ୟତଃ ଚାଷବାସ ଏବଂ ବନ୍ୟଜାତ ସାମଗ୍ରୀ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ପୋଟଳ ଚାଷ ହେଉଛି କଟ୍ରା-ବୁଡାବାହାଲ ଗ୍ରାମର ଅନ୍ୟତମ ମୁଖ୍ୟ ଜୀବିକା। ୧୯୯୮-୯୯ ରେ ଏହି ଗ୍ରାମର ଗ୍ରାମବାସୀ ସଙ୍ଗଠିତ ହୋଇ ଜଙ୍ଗଲ କାଟିବା ବିରୋଧରେ କଟକଣା ଜାରି କରି ଜଙ୍ଗଲ ସୁରକ୍ଷା ପାଇଁ ନିୟମାବଳୀ ପ୍ରସ୍ତୁତ କରିଥିଲେ। ଏଥିସହ ଏକ ବନ ସୁରକ୍ଷା ସମିତି ଗଠନ କରିଥିଲେ। ୨୦୧୭-୧୮ ଓ ୨୦୨୧-୨୨ରେ ଯୁଗ୍ମ ବନ ପରିଚାଳନା ନିୟମାବଳୀ ଅନୁଯାୟୀ ଏହି ବନ ସୁରକ୍ଷା ସମିତିର ପୁନର୍ଗଠନ କରାଯାଇଛି। ଚାରଣ ନିୟନ୍ତ୍ରଣ ନିମନ୍ତେ କଟ୍ରା-ବୁଡାବାହାଲ ବନ ସୁରକ୍ଷା ସମିତି ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏଥିସହ ଜଙ୍ଗଲକୁ ଚାରଣ ନିଷିଦ୍ଧ ଅଞ୍ଚଳ ଘୋଷଣା କରିବା ସଙ୍ଗେ ସଙ୍ଗେ ଷ୍ଟଲ ଫିଡିଙ୍ଗ ପାଇଁ ନିୟମିତ ସଚେତନା କରାଯାଉଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ସହାୟତାରେ ୨୯ ହେକ୍ଟର ପରିମିତ ଅଞ୍ଚଳରେ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ, ଜାଳେଣି ଏବଂ ଗୋ ଖାଦ୍ୟ ଜନିତ ଓ ଅଣକାଷ୍ଠ ବନଜାତ ପଦାର୍ଥ ଜନିତ ବୃକ୍ଷରୋପଣ କରାଯାଇଛି। ଉତ୍ତମ ବନ ପରିଚାଳନା ଓ ନିୟମିତ ଜଗାରଖା ଦ୍ୱାରା ୮୫ ପ୍ରତିଶତ ଚାରା ବଞ୍ଚିରହିଛି। ବନ ସୁରକ୍ଷା ସମିତିର ନିରନ୍ତର ଉଦ୍ୟମ ଦ୍ୱାରା ୬୭ ପରିବାରଙ୍କ ଗ୍ୟାସ ସଂଯୋଗୀକରଣ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମିଛି। କଟ୍ରା-ବୁଡାବାହଲ ବନ ସୁରକ୍ଷା ସମିତି ତରଫରୁ ଆବର୍ତ୍ତନ ପାଣ୍ଠି ମାଧ୍ୟମରେ ପୋଟଳ ଚାଷ, ଛତୁ ଚାଷ, ପନିପରିବା ଚାଷ ଇତ୍ୟାଦି ନାନାବିଧ ଆୟଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଆମ୍ବ ବଗିଚା, ଶଜନା ବଗିଚା ଓ ଲେମନ ଗ୍ରାସ ଚାଷ ମଧ କରାଯାଉଛି। ଗ୍ରାମର ୧୦୨ ପରିବାର ପୋଟଳ ଚାଷ କରୁଥିବା ବେଳେ ଏଥିନିମନ୍ତେ ଋଣ ବ୍ୟବସ୍ଥା ବନ ସୁରକ୍ଷା ସମିତି ପକ୍ଷରୁ କରାଯାଉଛି। ବନାଗ୍ନି ନିୟନ୍ତ୍ରଣ, କୃଷିଭିତ୍ତିକ ଜଙ୍ଗଲର ବିକାଶ କାର୍ଯ୍ୟ କରି ଚଳିତବର୍ଷ ପ୍ରକୃତି ମିତ୍ର ପୁରସ୍କାର ମଧ ପାଇଥିବାରୁ କଟ୍ରା-ବୁଡାବାହାଲ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ସୁନ୍ଦରଗଡ ବନଖଣ୍ଡ, ଉଜ୍ଜଳପୁର ବନାଞ୍ଚଳ ତଥା ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବିଧାୟିକା ବନ ସୁରକ୍ଷା ସମିତିର ଜଣେ କର୍ମକର୍ତ୍ତାଙ୍କୁ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### କଂଗ୍ରେସର ବୈଠକ, ବୁଥ୍ କମିଟି ଗଠିତ

**ଦେବଗଡ, ୪।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ତିଲେଇବଣୀ ବ୍ଲକ ବଣିଆକିଲିଣ୍ଡା ଗ୍ରାମ ପଞ୍ଚାୟତର କଳାମାଟି ଗ୍ରାମରେ ଜିଲା କଂଗ୍ରେସ ପକ୍ଷରୁ ଏକ ବୈଠକ ବୁଥ କମିଟି ଗଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ରମଙ୍କ ସମେତ ଦଳର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜୋହାନ ଗୁଆର, ଅର୍ଜୁନ ସାମାରିଆ, ନେଲସନ ଲାକଡ୍ରୁ, ଅଭିରାମ ସାମାରିଆ, ଡାନିଏଲ ହେମ୍ରମ ଓ ସୁଶାନ୍ତ ମୁଣ୍ଡାଙ୍କୁ ନେଇ ବୁଥ କମିଟି ଗଠନ କରାଯାଇଥିଲା।

### ସରଣ୍ଡାରେ ଦୁର୍ଘଟଣା, ଯୁବକ ମୃତ

**ସରଣ୍ଡା,୪।୭(ଯୁଧିଷ୍ଠିର ମହାପାତ୍ର):** ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ଥାନା ସରଣ୍ଡାରେ ମଙ୍ଗଳବାର ଡିଭାଇଡର ଲୁହା ପାଇପ୍‌ରେ ପିଟିହୋଇଯିବାରୁ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭେଡେନ ଥାନା ଥୁଆପାଲି ଗ୍ରାମର ସୁରେଶ ଗୁରୁ। ପୋଲିସ ଗାଡ଼ି ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସୁରେଶ ଏକ ସ୍କୁଟି (ନଂ. ଓଆର୍‌୧୪ପି/୬୪୮୪) ଯୋଗେ ସରଣ୍ଡା ମନ୍ଦିର ଛକରୁ ଅତାବିରା ପଟକୁ ଯାଉଥିବା ବେଳେ ଗୌରପଡାରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଡିଭାଇଡର ଲୁହା ପାଇପରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅତାବିରା ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚକ ଅନୁସାରେ ଜମି ଚିହ୍ନଟ ନେଇ ଅସନ୍ତୋଷ

**ବରପାଲି,୪।୭ (ଚିତ୍ତରଞ୍ଜନ ସାହୁ):** ବରପାଲିରେ ଚକଜମି ଚିହ୍ନଟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଚାଷୀମାନେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ପ୍ରଶାସନ ଏଥିରୁ ନିବୃତ୍ତ ନ ରହିଲେ ଆସନ୍ତା ୧୧ ତାରିଖରୁ ଚାଷୀମାନେ ରିଲେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମରେ ଗତ ୩ ତାରିଖରେ ବରପାଲି ତହସିଲଦାରଙ୍କ ସମେତ ସ୍ଥାନୀୟ ପୋଲିସ, ରେଲୱେ ପୋଲିସ ଲେଣ୍ଡା ଗ୍ରାମରେ ପହଞ୍ଚି ମାପଚୁପ କରିବାରୁ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ମେଜର ଅନୁସାରେ ଦଖଲରେ ଥିବାରୁ ଚକ ପରିବର୍ତ୍ତେ ସେମାନଙ୍କୁ ମେଜର ଅନୁସାରେ କ୍ଷତିପୂରଣ ମିଳୁ ବୋଲି ଚାଷୀମାନେ ଦାବି କରିଥିଲେ।

### ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା

**ବରପାଲି,୪।୭ (ଚିତ୍ତରଞ୍ଜନ ସାହୁ):** ବରପାଲି କେନାଲ ରୋଡ୍ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପହଡ ଖୋଲିବା ପରେ ୫ଟାରେ କାକଡ ଆରତୀ ଓ ବାବାଙ୍କ ମହାସ୍ନାନ କରାଯାଇଥିଲା। ସକାଳ ୧୦ଟାରେ ସାଇ ସତ୍ୟ ନାରାୟଣ ପୂଜା ଓ ହୋମ ଏବଂ ମଧ୍ୟାହ୍ନ ଆରତୀ ହୋଇ ପ୍ରସାଦ ସେବନ କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ ମିନିଟରେ ସନ୍ଧ୍ୟା ଆରତୀ ପରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନେ ପାଲିଙ୍କି ବୋହିଥିଲେ। ସନ୍ଧ୍ୟା ୮ରେ ସଙ୍କଟମୋଚନ ସାଂସ୍କୃତିକ ଦଳ ଭଜନ ପରିବେଷଣ କରିଥିଲେ। ହୋମରେ ରାଜକିଶୋର ମହନ୍ତମ ଓ ପୂଜା ମହନ୍ତମ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବରପାଲି ସମେତ ଆଖପାଖ ଅଞ୍ଚଳରୁ ବହୁ ସାଇ ଭକ୍ତ ସାମିଲ ହୋଇଥିଲେ।

### ଗୋଡ଼ଭଗାରେ ବୃକ୍ଷରୋପଣ

**ସରଣ୍ଡା,୪।୭(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଗୋଡଭଗା ଶ୍ମଶାନଘାଟ ସମ୍ମୁଖ ତଥା ଗୋଡ଼ଭଗା ଗ୍ରାମ ରାସ୍ତା କଡ଼ରେ ଲାୟନ୍ସ କ୍ଲବ ଓ ମା' ଦୁର୍ଗା କମିଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଚିତ୍ତରଞ୍ଜନ ଜେନାଙ୍କ ଉଦ୍ୟମ କ୍ରମେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆସନ୍ତା ୭ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରେ କରାଯିବା ପାଇଁ ସଂକଳ୍ପ କରାଯାଇଛି। ଏଥିରେ ଲାୟନ୍ସ କ୍ଲବ ଓ ମା' ଦୁର୍ଗା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପାର ଦାବିପତ୍ର

## ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଘଟଣା

## ପାଣ୍ଡିଆନଙ୍କ ଗସ୍ତକୁ ବିରୋଧ କରାଯିବ: ବିଧାୟକ

**ଦେବଗଡ଼,୪।୭(ଶଶାଙ୍କ ଶେଖର ଝାଙ୍କର)**


ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ଭାଜପା ନେତା ଓ କର୍ମୀ।

ଦେବଗଡ଼ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଭାଜପା। ଜୁନ ୨୧ ତାରିଖରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷାଙ୍କ ପୁଅ ରାଜକିଶୋର ଦାଶ, ସହଯୋଗୀ ଦୀପନ ନାୟକ, ୫ନଂ ୱାର୍ଡର କାଉନସିଲର ଯତୀନ ନାୟକ ଓ ୬ନଂ ୱାର୍ଡର କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ଚାମ୍ବରକୁ ଆସି ବେଆଇନ ବିଲ୍ ପାସ କରିବାକୁ ବାଧ କରିଥିଲେ। ଏହାକୁ ମନା କରିବାରୁ ମାରପିଟ କରିବା ସହିତ ତାଙ୍କୁ ଧମକ ଦେଇଥିବା ନେଇ ନିର୍ବାହୀ ଅଧିକାରୀ ମହାପାତ୍ର ଦେବଗଡ଼ ଆଦର୍ଶ ଥାନାରେ ଗତ ୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୪୬୯/୨୩ରେ ମାମଲା ରୁଜୁ କରିଥିଲା। ୩ଦିନ ବିତିଯାଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ଆସି ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଏସ୍‌ପି ପ୍ରମୋଦ କୁମାର ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଦଳ ଚେତାବନୀ ଦେଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଦେବଗଡ଼ ଗସ୍ତକୁ ବିରୋଧ କରାଯିବ ବୋଲି ବିଧାୟକ ପାଣିଗ୍ରାହୀ କହିଛନ୍ତି। ବିକ୍ଷୋଭ ସମାବେଶରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ ଭୋଜ, କାଉନସିଲର ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା, କାର୍ତ୍ତିକ ମହାକୁଳ, ମଧୁସୂଦନ ବାଘ, ବରିଷ୍ଠ ନେତା ରୋହିତ ଗଙ୍ଗଦେବ, ଅମିୟ ମିଶ୍ର , ଦିବ୍ୟ ଶଙ୍କର ଖୁଣ୍ଟିଆ, ମୋତିଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲାସ୍ତରୀୟ ବୈଠକ

**ସମ୍ବଲପୁର ୪।୭(ଶୁଭାଶିଷ ପାଢୀ)**

ସମଗ୍ର ଶିକ୍ଷା ଅଭିଯାନ ସଭାଗୃହଠାରେ ଜିଲା ପ୍ରଶାସନ ଓ ଏଡଏଟ ଆକ୍ସନ ଦ୍ୱାରା ୟୁନିସେଫର ମିଳିତ ସହାୟତାରେ ଶିଶୁ ସୁରକ୍ଷା ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଡଏଟ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ବକ୍ତବ୍ୟରେ କହିଥିଲେ ଯେ, ସମ୍ବଲପୁରକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଅତିରିକ୍ତ ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ଶିଶୁ ଶ୍ରମିକ ଉଚ୍ଛେଦ ଆଇନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲାକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ବ୍ଲକ, ପଞ୍ଚାୟତ ସ୍ତରରୁ ସଚେତନତା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଆଲବିନିସ କେରକେଟା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚସ୍ମିତା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଆଦର୍ଶ ସମ୍ପାଦକ ପ୍ରଦୀପ ବେହେରା, ପତଙ୍ଗର ଦେବରାଜ ଭୋଇ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଓ ସଭ୍ୟ ଯୋଗଦେଇଥିଲେ। ଏଥିରେ ସମସ୍ତ ୯ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ପରିଚାଳନା କରିଥିଲେ। ଜିଲା ସଂଯୋଜିକା ସୁନିତା ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାସ୍ତରୀୟ ଶିଶୁ ସୁରକ୍ଷା ବୈଠକ ।

# ଆଞ୍ଚଳିକ ସମସ୍ୟା: ଜିଲାପାଳଙ୍କୁ ଭେଟିଲେ ଜନପ୍ରତିନିଧି

**ରେଙ୍ଗାଲି,୪।୭ (ଦେବବ୍ରତ ପଣ୍ଡା)**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧି ମଙ୍ଗଳବାର ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟିଛନ୍ତି। ଜିଲାପରିଷଦ ସଭାପତି କୁମୁଦିନୀ ନାଏକ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ତୁଳଶ୍ରୀ ମହାନନ୍ଦ, ମାନେଶ୍ୱର ବ୍ଲକ ଜୋନ ୧ ଜିଲା ପରିଷଦ ସଭ୍ୟା ସୁରଜା ସେଟ, ଅମର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ରେଙ୍ଗାଲିରେ ଏକ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ, ରେଙ୍ଗାଲି ଜୋନ ୧ ଅନ୍ତର୍ଗତ ଭୂମିହୀନ ଓ ହୀରାକୁଦ ବୁଡି ଅଞ୍ଚଳରୁ ଆସି ରହୁଥିବା ବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ ଆଦି ଅନ୍ୟତମ। ସେମାନେ ଦର୍ଶାଇଥିଲେ, ରେଙ୍ଗାଲିଠାରେ ରେଲୱେ ଓଭର ବ୍ରିଜ ପାଇଁ ବହୁ ଦିନରୁ ଦାବି ହେଉଛି। ବ୍ୟସ୍ତବହୁଳ ରାସ୍ତାରେ ପଡୁଥିବା ରେଳ ଫାଟକ ଲୋକଙ୍କ ସମସ୍ୟାର କାରଣ ସାଜିଛି। ପ୍ରତି ଅଧଘଣ୍ଟାରେ ଟ୍ରେନ ଯାଉଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି। ଥରେ ରେଳ ଫାଟକ ପଡିଗଲେ ପ୍ରାୟ ଅଧଘଣ୍ଟା ଲାଗୁଛି। ଝାରସୁଗୁଡା ଜିଲାରୁ ଆସୁଥିବା ଜନସାଧାରଣ, ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ, ଛାତ୍ରୀଛାତ୍ର ବହୁ ସମୟ ଧରି ଫାଟକରେ ଅଟକି ରହୁଛନ୍ତି। ତେଣୁ ଉକ୍ତ ରାସ୍ତାରେ ଏକ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ।

# ରାସ୍ତାକଡ଼ରେ ଗାଡ଼ି ପାର୍କିଂ, ଥାନାରେ ଏତଲା

**ବରଗଡ଼,୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରୁ ସୋହେଲା ଏବଂ ବଲାଙ୍ଗୀର ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂକୁ ନେଇ ଅସନ୍ତୋଷ ବଢ଼ିଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏକ ନିର୍ଦ୍ଦିଷ୍ଟ କମ୍ପାନୀର ମାଲିକ ଏବଂ ସ୍ଥାନୀୟ ଆଞ୍ଚଳିକ ପରିବହନ ବିଭାଗର ଅପରିଣାମଦର୍ଶିତା ଏବଂ ଅବହେଳା ଯୋଗୁ ରାସ୍ତାକଡ଼ରେ ବହୁସଂଖ୍ୟକ ଗାଡ଼ି ପାର୍କିଂ କରାଯାଉଛି। ଫଳରେ ସମ୍ପୃକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଲୋକେ ମୃତାହତ ହେଉଛନ୍ତି। ତାର ପ୍ରତିବାଦ କଲେ କମ୍ପାନୀ ମାଲିକ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ପୃକ୍ତ ଅଞ୍ଚଳକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ସେଥିପ୍ରତି କମ୍ପାନୀ ମାଲିକ ଏବଂ ଆଞ୍ଚଳିକ ପରିବହନ ବିଭାଗ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଷଡ଼ଙ୍ଗୀ ପୋଲିସକୁ ନିବେଦନ କରିଛନ୍ତି। ଏତଲା ଦେବା ସମୟରେ ଦଳର ବରିଷ୍ଠ ନେତା ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ଅବନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ବସ୍ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ପଡିଆବାହାଲ,୪।୭(ରାଧାମୋହନ ଷଡଙ୍ଗୀ)**

ଜମନକିରା ବ୍ଲକ ଚିନିମହୁଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ମୁଣ୍ଡେନପାଲି ଅଞ୍ଚଳର ଛାତ୍ରୀଛାତ୍ର ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ସୁବିଧା ନାହିଁ। ସେହିପରି ମୁଣ୍ଡେନପାଲିରୁ ଚିନିମହୁଲ ଯିବା ପାଇଁ ସିଧାସଳଖ ସୁବିଧା ନାହିଁ। ପିଲାମାନେ ନିଜ ସୁବିଧାରେ ୭କି.ମି. ଦୂର ପଡିଆବହାଲ ଆସି ବସ୍ ଯୋଗେ ସ୍କୁଲ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଣ୍ଡେନପାଲିରୁ ଚିନିମହୁଲକୁ ଯିବାଆସିବା କରିବା ପାଇଁ ଏକ ସ୍କୁଲ ବସ୍‌ର ସୁବିଧା କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ରେଙ୍ଗାଲି ବିଧାନସଭା ଭାଜପାର ସଂଯୁକ୍ତ ମୋର୍ଚ୍ଚା ବୈଠକ


ବୈଠକରେ ଅତିଥି ଓ କର୍ମକର୍ତ୍ତା ।

**ସମ୍ବଲପୁର ୪।୭(ଶୁଭାଶିଷ ପାଢୀ)**

ଭାଜପାର ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ଅନୁଷ୍ଠିତ ବୈଠକରେ ଭାଜପାର ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଓ କର୍ମୀ ସାମିଲ ହୋଇଥିଲେ। ମୋର୍ଚ୍ଚା ତାର ସଂଲଗ୍ନ ଯୋଜନାକୁ ନେଇ ଆଗାମୀ ଦିନରେ କାମ କରିବାକୁ ମତ ପ୍ରକାଶ ପାଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା ଜିଲା କାର୍ଯ୍ୟକାରୀଣି ସଦସ୍ୟ ପ୍ରକାଶ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାମଚନ୍ଦ୍ର ମେହେର, ରାଧେଶ୍ୟାମ ବାରିକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଜିଲା ଉପସଭାପତି ସୁଷମା ସାହୁ, ସୁଧୀର ଗୁପ୍ତା, ବେଣୁଧର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିପଦସଙ୍କୁଳ ଯାତ୍ରୀ ପ୍ରତୀକ୍ଷାଳୟ

**ଭେଡ଼େନ,୪।୭(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ଛକରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ଛାତରୁ ଅତଡ଼ା ଖସୁଛି। ଯାତ୍ରୀ ପ୍ରତୀକ୍ଷାଳୟରେ ଉଦେପୁର, ଦେଶକୁମ୍ଭାରୀ ଗ୍ରାମବାସୀଙ୍କ ସମେତ ସମ୍ବଲପୁର ଜିଲାରୁ ମହାନଦୀ ଫେରିଘାଟ ପାରି ହୋଇ ଆସୁଥିବା ଯାତ୍ରୀମାନେ ଖରା, ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଇଥାନ୍ତି। ଏ ନେଇ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ ।

# ବ୍ୟାଙ୍କ ଋଣ, ସୁଧ ଫେରସ୍ତ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ/ପଦ୍ମପୁର,୪।୭ (ଦେବେନ୍ଦ୍ର ସାହୁ/ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ମିଶନ ଶକ୍ତି ସହଯୋଗରେ ବ୍ଲକସ୍ତରୀୟ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ନେପାକ, ଷ୍ଟେଟ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ସରୋଜ ଲାକ୍ରା ଉପସ୍ଥିତ ଥିଲେ। ମିଶନ ଶକ୍ତି ସଂଯୋଜକ ରବିଶଙ୍କର ନାଏକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିପିଏମ୍ ସତ୍ୟ କୁମ୍ଭାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମ ୬ଟି ବ୍ୟାଚ୍‌ରେ ୬ଦିନ ଧରି ହେବ। ପ୍ରଥମ ବ୍ୟାଚ୍‌ରେ ୭୦ଟି ଏସ୍‌ଏଚ୍‌ଜିରୁ ୧୪୦ ଜଣ ଅଂଶଗ୍ରହଣ କରିଥିଲେ। ଗୋପିକା ସାହୁ ଏବଂ ବର୍ଷା ନାୟକ ସାଧନ କର୍ମୀ ଭାବେ ଯୋଗଦେଇ ତାଲିମ ଦେଇଥିଲେ। ସଂଘ ସଭାନେତ୍ରୀ କୁମୁଦିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ୫-ଟି ସ୍କୁଲ ପରିଦର୍ଶନ କଲେ ବିଇଓ

**ଅମ୍ବାଭୋନା, ୪।୭(ଛନ୍ଦାଚରଣ ପ୍ରଧାନ)**

ବରଗ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ହୀରାଧର ସରକାରୀ ସ୍କୁଲ, ଭୈନାତୋରାକୁ ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭାବନା ସାହୁ ପରିଦର୍ଶନରେ ଆସିଥିଲେ। ସେ ଶ୍ରେଣୀ କୋଠରୀରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରି ଗୁଣାତ୍ମକ ଶିକ୍ଷାର ମାନ ଯାଞ୍ଚ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ପାଠ୍ୟଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର କିଭଳି ଆହୁରି ଉପକୃତ ହୋଇପାରିବେ, ସେ ବିଷୟରେ ଧ୍ୟାନ ଦେବାକୁ ବିଇଓ ସାହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲାଲମୋହନ ସିଂଙ୍କ ସମେତ ପ୍ରଧାନ ଶିକ୍ଷକ ବାବୁଲାଲ ପ୍ରଧାନ, ଶିକ୍ଷକ ଅସୀମ ସାହୁ, ସୋମନାଥ କିଷାନ, ନରେଶ ଚନ୍ଦ୍ର ସା, ସବିତା ପ୍ରଧାନ ବୃନ୍ଦାବନ ଠେଟୁଆର, ଓକିଲ ଭୋଇ, କଷ୍ଟ ସାହୁ, ରାଜକୁମାର ନାଏକ, ମାଧବ ପାଣ୍ଡେ, ତପୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଦର୍ଶନ ସହିତ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ କର୍ଯ୍ୟକ୍ରମଗୁଡିକର ବିଇଓ ସମୀକ୍ଷା କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ବିଇଓ ସାହୁଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ବେପାରୀଙ୍କ ନିୟନ୍ତ୍ରଣରେ ପରିବା ବଜାର, ଖାଉଟି ଅସହାୟ

**ପଦ୍ମପୁର,୪।୭(ପ୍ରଦୀପ୍ତ ଦାଶ)**



ପଦ୍ମପୁର ସହରରେ ପନିପରିବା ଦରରେ ଏବେ ନିଆଁ ଲାଗିଛି। ପରିବା ଦର ବୃଦ୍ଧି ଯୋଗୁ ସାଧାରଣ ଲୋକେ ବଜାର ଯିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ହଜାରରେ ଟଙ୍କାରେ ମଧ ବ୍ୟାଗ୍‌ରେ ପରିବା ଭରୁନାହିଁ। ସାଧାରଣ ପରିବା କେଜି ପ୍ରତି ୮୦ ଛୁଇଁଲାଣି । ଗତ ପନ୍ଦର ଦିନ ପୂର୍ବରୁ ଯେଉଁ ପରିବା ୨୫ ଟଙ୍କା ଥିଲା, ତାହା ଏବେ ୮୦ ଟଙ୍କା। ଭେଣ୍ଡି ୮୦ ଟଙ୍କା, ବାଇଗଣ ୬୦, ପୋଟଳ ୮୦, କଲରା, ଜହ୍ନି ୧୦୦ ରହିଥିବା ବେଳେ କଞ୍ଚା ଲଙ୍କା ୨୦୦ ଟଙ୍କା ରହିଛି। ସେହିପରି ୧୨୦ ଟଙ୍କାରେ ଟମାଟୋ ବିକ୍ରି ହେଉଛି। ବ୍ୟବସାୟୀ ମାନେ ମନଇଚ୍ଛା ଏହି ଦରବୃଦ୍ଧି ବୃଦ୍ଧି କରୁଥିବା ଅଭିଯୋଗ ହେଉଛି। ସପ୍ତାହରେ ଦୁଇଥର ହାଟ ହେଉଥିବା ବେଳେ ବଜାରକୁ ଚାଷୀମାନେ ପରିବା ବିକ୍ରି କରିବାକୁ ଆସିଥାନ୍ତି। ହେଲେ ବ୍ୟବସାୟୀ ଚାଷୀମାନଙ୍କଠାରୁ କମ୍ ମୂଲ୍ୟରେ ପରିବା କିଣି ଚଢାଦରରେ ବିକ୍ରି କରୁଥିବା ଖାଉଟି ଅଭିଯୋଗ କରିଛନ୍ତି। ଏହି ବ୍ୟବସାୟୀମାନେ କେଜି ବଦଳରେ ବର୍ତ୍ତମାନ ଅଢେଇ ଶହ ଗ୍ରାମର ଦର ଡାକୁଛନ୍ତି। ପଡୋଶୀ ରାଜ୍ୟରୁ ମଧ ଆସୁଥିବା ପରିବା ଏହି ବେପାରୀଙ୍କ ନିୟନ୍ତ୍ରଣରେ ରହିଛି। ଏହା ସାଧାରଣ ଖାଉଟିଙ୍କୁ ଅତିଷ୍ଠ କରୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦରଦାମ ନିୟନ୍ତ୍ରଣ ଉପରେ ପଦକ୍ଷେପ ନେବା ପାଇଁ ସହରବାସୀ ଦାବି କରିଛନ୍ତି।

ଆଫଗାନିସ୍ତାନକୁ ୧୦,୦୦୦ ଟନ୍ ଗହମ ଦେଇଛି ଭାରତ

ତାଲିବାନ ଶାସକ କାବୁଲ ଦଖଲ କରିବା ପରେ ଆଫଗାନିସ୍ତାନରେ ଖାଦ୍ୟାଭାବ ମୁଣ୍ଡ ଟେକିଥିବାବେଳେ ଅଦ୍ୟାବଧି ୧୦,୦୦୦ ଟନ୍ ଗହମ ଭାରତ ଆଫଗାନିସ୍ତାନକୁ ପଠାଇଥିବା ୟୁନାଇଟେଡ୍ ନେଶନ୍ସ ୱାର୍ଲ୍ଡ ଫର ଫୁଡ୍ ପ୍ରୋଗ୍ରାମ ସୂଚନା ଦେଇଛି। ଗତମାସରେ ଭାରତ ଇରାନ୍ ଚବାହର ବନ୍ଦରରୁ ୨୦,୦୦୦ ମେଟ୍ରିକ୍ ଟନ୍ ଗହମ ଆଫଗାନିସ୍ତାନ ପଠାଇଛି।



## ସଂକ୍ଷେପରେ

### ଢାବା ଉପରେ ଚଢ଼ିଗଲା ଟ୍ରକ୍: ୧୨ ମୃତ

**ମୁମ୍ବାଇ,୪।୭:** ମହାରାଷ୍ଟ୍ର ଧୁଲେ ଜିଲା ପଲାସନର ଗ୍ରାମ ନିକଟ ଦେଇ ଯାଇଥିବା ମୁମ୍ବାଇ-ଆଗ୍ରା ହାଇୱେରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାବେଳେ ଟ୍ରକ ଦୁର୍ଘଟଣା ଘଟି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ୍‌ଟିର ବ୍ରେକ୍ ଫେଲ ହେବା ପରେ ନିୟନ୍ତ୍ରଣ ହରାଇ ୨ଟି ବାଇକ୍ ଏବଂ ଏକ କାର୍ ଉପରେ ଚଢ଼ିଯାଇ, ରାସ୍ତାକଡ଼ରେ ଥିବା ଏକ ଢାବା ଉପରକୁ ମାଡ଼ିଯାଇଥିବା ପୋଲିସ କହିଛି। ଦୁର୍ଘଟଣା ସମୟରେ ଢାବା ନିକଟରେ ଥିବା ଏକ ବସ୍ ଷ୍ଟପ୍‌ରେ କେତେଜଣ ଲୋକ ବସ୍‌କୁ ଅପେକ୍ଷା କରି ଛିଡ଼ାରହିଥିଲେ।

### ୨ କାର୍‌କୁ ଧକ୍କାଦେଲା ବିଶାଳ ପଥର: ୨ ମୃତ



**କୋହିମା, ୪।୭:** ନାଗାଲାଣ୍ଡରେ ମଙ୍ଗଳବାର ଭୂସ୍ଖଳନ ବେଳେ ପାହାଡ଼ରୁ ବିଶାଳକାୟ ପଥର ଖସି ଦୁଇଟି କାର୍‌କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଦୁଇଟି ଯାକ କାର୍ ଚୂରମାର ହୋଇଯିବା ସହ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ୫ଟା ବେଳେ ଦିମାପୁର ଓ କୋହିମା ମଧ୍ୟବର୍ତ୍ତୀ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। କପଲା ପହର ନାମକ ଏହି ସ୍ଥାନ ଭୂସ୍ଖଳନ ଓ ପଥର ଖସିବା ନେଇ ଜଣାଶୁଣା।

### ଅଭିଯୋଗକାରୀଙ୍କୁ ନାର୍କୋ ପରୀକ୍ଷା ପାଇଁ ବାଧ କରାଯାଇପାରିବ ନାହିଁ: ହାଇକୋର୍ଟ

**ନୂଆଦିଲ୍ଲୀ, ୪।୭(ପି.ଟି.):** ତଦନ୍ତକାରୀ ସଂସ୍ଥା ସତ ବାହାର କରିବାକୁ ଯାଇ ଅଭିଯୋଗକାରୀଙ୍କ ଅଭିଯୋଗ ଠିକ୍ କି ନୁହେଁ, ତାହା ଜାଣିବା ପାଇଁ ତାଙ୍କର ନାର୍କୋ ଆନାଲିସିସ୍, ପଲିଗ୍ରାଫ ଏବଂ ବ୍ରେନ୍ ମ୍ୟାପିଙ୍ଗ୍ ପରୀକ୍ଷା ନିମନ୍ତେ ବାଧ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏଭଳି ଏକ ମାମଲାରେ ଅଭିଯୋଗକାରୀମାନଙ୍କର ନାର୍କୋ ଓ ପଲିଗ୍ରାଫ୍ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ଅଦାଲତ ଖାରଜ କରିଦେଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରି କହିଥିଲେ, କୌଣସି ବ୍ୟକ୍ତି ବିରୋଧରେ ମିଛ ଅଭିଯୋଗ ହୋଇଥିଲେ, ସେଥିରୁ ସୁରକ୍ଷା ଦେବା ଲାଗି ଆଇନରେ ବ୍ୟବସ୍ଥା ରହିଛି। ତଦନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ତଦନ୍ତକାରୀ ସଂସ୍ଥା ପରିସରଭୁକ୍ତ ଏବଂ ଅଦାଲତଗୁଡ଼ିକ ଏଥିରେ ହସ୍ତକ୍ଷେପ କରନ୍ତି ନାହିଁ। ସମ୍ବିଧାନରେ ଅଭିଯୁକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ମିଛ ମାମଲା ପାଇଁ ମଧ ଆଇନରେ ଅନ୍ୟ ଉପଚାର ରହିଛି। ଏହାକୁ ଦୃଷ୍ଟିରେ ରଖି ଅଭିଯୋଗକାରୀଙ୍କୁ ବ୍ରେନ୍ ମ୍ୟାପିଙ୍ଗ, ପଲିଗ୍ରାଫି, ନାର୍କୋ ଆନାଲିସିସ୍ ଏବଂ ଲାଏ ଡିଟେକ୍ସନ ପରୀକ୍ଷା ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

### ଏନ୍‌ସିଏସ୍‌ଟି ଅଧ୍ୟକ୍ଷ ପଦ ଛାଡ଼ିବାକୁ ହର୍ଷ ଚୌହାନଙ୍କୁ ବାଧ କରାଯାଇଛି: କଂଗ୍ରେସ

**ନୂଆଦିଲ୍ଲୀ, ୪।୭(ପି.ଟି.):** ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି)ର ଅଧ୍ୟକ୍ଷ ଭାବେ ହର୍ଷ ଚୌହାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ୮ ମାସ ଥିବାବେଳେ ସେ ଉକ୍ତ ପଦରୁ ଇସ୍ତଫା ଦେଇଛନ୍ତି। ଜଙ୍ଗଲ ଓ ଆଦିବାସୀ ଅଧିକାର ପ୍ରସଙ୍ଗରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସହ ଚୌହାନଙ୍କ ମୁହାଁମୁହିଁ କାରଣରୁ ତାଙ୍କୁ ମୂଲ୍ୟ ଦେବାକୁ ପଡ଼ିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ତାଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜୁନ୍ ୨୬ରେ ଚୌହାନ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ନୂଆ ଜଙ୍ଗଲ ସଂରକ୍ଷଣ ନିୟମାବଳୀ,୨୦୨୨ ଆଦିବାସୀଙ୍କ ଅଧିକାରର ପ୍ରତିବନ୍ଧକ ବୋଲି ସେ ଅଭିଯୋଗ କରିବାରୁ ଇସ୍ତଫା ଦେବାକୁ ପଡ଼ିଲା ବୋଲି କଂଗ୍ରେସ କହିଛି। ଗତବର୍ଷ ସେପ୍ଟେମ୍ବରରେ ଚୌହାନ ପରିବେଶ ମନ୍ତ୍ରଣାଳୟକୁ ପତ୍ର ଲେଖି ଉକ୍ତ ନିୟମାବଳୀ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ।

## ହ୍ୱାଇଟ୍ ହାଉସ୍‌ରେ ହ୍ୱାଇଟ୍ ପାଉଡର



**ୱାଶିଂଟନ,୪।୭**

ଆମେରିକାର ସିକ୍ରେଟ୍ ସର୍ଭିସ୍‌କୁ ହ୍ୱାଇଟ୍ ହାଉସ୍‌ରୁ ରବିବାର ସନ୍ଧ୍ୟାରେ ଧଳା ରଙ୍ଗର ପାଉଡର ମିଳିବା ପରେ ସ୍ଥାନକୁ ସମ୍ପୂର୍ଣ୍ଣ ଖାଲି କରିଦିଆଯାଇଛି। ଆଇନ ପ୍ରବର୍ତ୍ତନ ସଂସ୍ଥା ପକ୍ଷରୁ ତଦନ୍ତ ଜାରି ଥିବା କୁହାଯାଇଛି। ପ୍ରାଥମିକ ତଦନ୍ତ ଅନୁସାରେ ହ୍ୱାଇଟ୍ ହାଉସ୍‌ରୁ ମିଳିଥିବା ସନ୍ଦେହଜନକ ପାଉଡର କୋକେନ୍ ବୋଲି ଜଣାପଡ଼ିଛି। ତେବେ ଏହି ହ୍ୱାଇଟ୍ ପାଉଡର ହ୍ୱାଇଟ୍ ହାଉସ୍ ଭିତରକୁ କିପରି ଆସିଲା ତାହା ବୁଝିବାକୁ ଚେଷ୍ଟା ଚାଲିଥିବା ସିକ୍ରେଟ୍ ସର୍ଭିସ୍ ମୁଖପାତ୍ର ଆଣ୍ଟୋନି ଗୁଗଲିଏଲମି ସୂଚନା ଦେଇଛନ୍ତି। ହ୍ୱାଇଟ୍ ପାଉଡର ନେଇ କୌଣସି ବିପଦ ନ ଥିବା ଅଗ୍ନିଶମ ବିଭାଗ କହିଛି। ତେବେ ପାଉଡର ମିଳିବା ସମୟରେ ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍ ଉପସ୍ଥିତ ନ ଥିଲେ। ହ୍ୱାଇଟ୍ ହାଉସ୍‌ର କେଉଁ ସ୍ଥାନରୁ ଏବଂ କେତେ ପରିମାଣର ହ୍ୱାଇଟ୍ ପାଉଡର ମିଳିଛି, ସେ ସମ୍ପର୍କରେ ସୂଚନା ଦେବା ଲାଗି ସିକ୍ରେଟ୍ ସର୍ଭିସ ପକ୍ଷରୁ ମନା କରାଯାଇଛି।



ଫ୍ରାନ୍ସର ପ୍ୟାରିସ୍‌ରେ ଫ୍ୟାଶନ ହାଉସ୍ ଡିଓର୍ ପକ୍ଷରୁ ଆୟୋଜିତ ୨୦୨୩-୨୪ ୱିଣ୍ଟର କଲେକ୍ସନ ଫ୍ୟାଶନ ଶୋ'ରେ ଭାଗନେଇଥିବା ମଡେଲମାନେ।

# ଆତଙ୍କବାଦକୁ ନେଇ ଦୋମୁହାଁ ନୀତି ନ ରହୁ

## ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୪।୭(ପି.ଟି.)**

ସୀମାପାର ଆତଙ୍କବାଦକୁ ରାଷ୍ଟ୍ରନୀତିର ଏକ ଅଂଶ ଭାବେ ସମର୍ଥନ କରୁଥିବା ଦେଶଗୁଡ଼ିକୁ ସମାଲୋଚନା କରିବାରେ ଏସ୍‌ସିଓ ରାଷ୍ଟ୍ର କୁଣ୍ଠାବୋଧ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଇଙ୍ଗିତ କରି କହିଛନ୍ତି। ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ଦୁଇପ୍ରକାର ମାପଦଣ୍ଡ ରହିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଭର୍ଚୁଆଲ ସମିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଯୋଗ ଦେଇଥିଲେ। ସମିଟ୍‌ରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ କହିଥିଲେ, ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏସ୍‌ସିଓର ଗୁରୁତ୍ୱ ବଢ଼ୁଛି। ପରସ୍ପରର ଆବଶ୍ୟକତା ଓ ସମ୍ବେଦନଶୀଳତାକୁ ବୁଝିବା ଏବଂ ଉତ୍ତମ ସହଯୋଗ ଓ ସମନ୍ୱୟ ଦ୍ୱାରା ସେଗୁଡ଼ିକର ସମାଧାନ କରିବା ଆମ୍ଭମାନଙ୍କର ମିଳିତ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ ଓ ଚାଇନା ମଧ୍ୟରେ ଦୀର୍ଘଦିନ ଧରି ସୀମାବିବାଦ ଲାଗି ରହିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ସଡ଼କ ଯୋଗାଯୋଗ ବଢ଼ାଇବା ଆବଶ୍ୟକ, କିନ୍ତୁ ଏଭଳି ଉଦ୍ୟମ କଲାବେଳେ ଏସ୍‌ସିଓ ଚାର୍ଟରର ମୌଳିକ ନୀତି ବିଶେଷ କରି ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନୀ ଭାଷଣରେ କହିଥିଲେ।

ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଆର୍ଥିକ ସୁଧାରକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିବାକୁ ଗୁରୁତ୍ୱ ଦେବା ସହ ଆଞ୍ଚଳିକ ଶାନ୍ତି ବଜାୟ ରଖିବା ଓ ସାଧାରଣ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ପ୍ରଭାବ ବିସ୍ତାର ଓ କ୍ଷମତା ରାଜନୀତିକୁ ବିରୋଧ କରିବା ସହ ବୈଶ୍ୱିକ ଶାସନ ବ୍ୟବସ୍ଥାକୁ ନିଷ୍ପକ୍ଷ ଓ ଅଧିକ ନ୍ୟାୟସଙ୍ଗତ କରିବା ଲାଗି ଜିନ୍‌ପିଙ୍ଗ ଆମେରିକାକୁ ଆକ୍ଷେପ କରି କହିଥିଲେ। ଭର୍ଚୁଆଲ ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆତଙ୍କବାଦ ବିରୋଧରେ ପୂରା ଦମ୍‌ରେ ଲଢ଼େଇ କରିବାକୁ ହେବ ବୋଲି କହିଥିଲେ।

ଭାରତ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଶେଷରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢ଼େଇ ପାଇଁ ଘୋଷଣାନାମା ଜାରି ହୋଇଛି। ଏଥିପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ କ'ଣ ପଦକ୍ଷେପ ନେବେ ତାହାର ତାଲିକା ପ୍ରସ୍ତୁତ ହୋଇଛି। ଆତଙ୍କବାଦର ପ୍ରସାର ପାଇଁ ଅନୁକୂଳ ସ୍ଥିତିକୁ ପ୍ରତିହତ କରିବା ପାଇଁ ସକ୍ରିୟ ପଦକ୍ଷେପ ନିଆଯିବ। ଆତଙ୍କବାଦ ଫାଇନାନ୍ସିଂ ଚ୍ୟାନେଲଗୁଡ଼ିକୁ ଭାଙ୍ଗିଦିଆଯିବା ସହ ଆତଙ୍କବାଦୀ ନିଯୁକ୍ତି ଓ ସେମାନଙ୍କର ସୀମାପାର ଗତିବିଧିକୁ ବନ୍ଦ କରାଯିବ ବୋଲି ଘୋଷଣା ନାମାରେ କୁହାଯାଇଛି। ଏସ୍‌ସିଓ ସଦସ୍ୟମାନେ ସ୍ଲିପର ସେଲ୍ ଏବଂ ଆତଙ୍କବାଦୀଙ୍କ ନିରାପଦ ଭୂସ୍ୱର୍ଗକୁ ଧ୍ୱଂସ କରିବା ସହ ଯୁବପିଢ଼ିଙ୍କୁ କଟ୍ଟରପନ୍ଥୀ କରାଇବା ଓ ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ବିଚାରଧାରାର ପ୍ରଚାରକୁ ରୋକିବା ଦିଗରେ ପଦକ୍ଷେପ ନେବେ।

### ଆଞ୍ଚଳିକ ଶାନ୍ତି, ସାଧାରଣ ସୁରକ୍ଷାକୁ ଜିନ୍‌ପିଙ୍ଗଙ୍କ ଗୁରୁତ୍ୱ



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

## ଆଫଗାନିସ୍ତାନରେ ମହିଳାଙ୍କ ପାର୍ଲର ବନ୍ଦ କଲା ତାଲିବାନ୍

**କାବୁଲ,୪।୭**

ଆଫଗାନିସ୍ତାନରେ ଥିବା ସମସ୍ତ ମହିଳା ପାର୍ଲର ବନ୍ଦ କରାଯିବା ନେଇ ତାଲିବାନୀ ଶାସକଙ୍କ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ଗତ ୨୪ ତାରିଖରେ ତାଲିବାନ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିବା ଉପ-ମନ୍ତ୍ରଣାଳୟର ମୁଖପାତ୍ର ମହମ୍ମଦ ସିଦିକ ଅକିଫ ମହାଜାର କହିଛନ୍ତି। ରାଜଧାନୀ କାବୁଲ ସମେତ ଅନ୍ୟ ଯେଉଁ ଅଞ୍ଚଳରେ ମହିଳା ପାର୍ଲର ରହିଛି, ତାକୁ ବନ୍ଦ କରିବା ପାଇଁ ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ପାର୍ଲର ବନ୍ଦ କରାଯିବାର କାରଣ ସମ୍ପର୍କରେ ନୋଟିସ୍‌ରେ କୌଣସି ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ତାଲିବାନ ଶାସକ ଆଫଗାନ ମହିଳାଙ୍କ ଉପରେ ବହୁ କଟକଣା ଲଗାଇଛନ୍ତି।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ରାଜ୍ୟର ବିକାଶ ଲାଗି ମୋଦିଙ୍କ ମାର୍ଗଦର୍ଶନ ପାଇଁ ସେ କୃତଜ୍ଞତା ଜଣାଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉତ୍ତରାଖଣ୍ଡ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ, ପୁଞ୍ଜିନିବେଶ ପ୍ରୋତ୍ସାହନ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ନିରନ୍ତର ଭାବେ ବିକାଶ କରୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ନିବେଶକମାନଙ୍କୁ ରାଜ୍ୟକୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ୨୦୨୩ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଡେରାଡୁନ୍‌ରେ 'ବୈଶ୍ୱିକ ନିବେଶକ ସମ୍ମିଳନୀର ୨୦୨୩' ଆୟୋଜନ କରାଯିବ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧାମି ନିମନ୍ତ୍ରଣ କରିଛନ୍ତି।

## ୨୦୦୦ ଟଙ୍କିଆ ପ୍ରତ୍ୟାହାର ବିରୋଧରେ ପିଆଇଏଲ୍ ଖାରଜ

**ନୂଆଦିଲ୍ଲୀ, ୪।୭(ପି.ଟି.)**

୨୦୦୦ ଟଙ୍କିଆ ବ୍ୟାଙ୍କନୋଟ୍‌କୁ ପ୍ରତ୍ୟାହାର କରିନେବା ଲାଗି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନୋଟ୍ ପ୍ରତ୍ୟାହାର ବିଜ୍ଞପ୍ତି କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ପରିଚାଳନା ବ୍ୟବସ୍ଥାର ଅଂଶବିଶେଷ ବୋଲି ହାଇକୋର୍ଟ କହିଛନ୍ତି। ୨୦୦୦ ଟଙ୍କିଆ ନୋଟ୍ ବୈଧ ରହିଥିଲେ ମଧ ଏହା କାରବାରରେ ନ ଥିବା ସୁନିଶ୍ଚିତ କରିବା ଲାଗି ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଉକ୍ତ ନୋଟ୍ ଗ୍ରାହକମାନଙ୍କୁ ନ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ ବଦଳାଇବାକୁ ଅନୁମତି ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ଉକ୍ତ ତାରିଖ ପରଠାରୁ ଉକ୍ତ ନୋଟ୍ ବିମୁଦ୍ରୀକରଣ ହୋଇଯିବ। ନୋଟ୍ ପ୍ରତ୍ୟାହାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କ ପାଖରେ। ଆର୍‌ବିଆଇ ପାଖରେ ଉକ୍ତ କ୍ଷମତା ନ ଥିବା ଦର୍ଶାଇ ରଜନୀଶ ଭାସ୍କର ଗୁପ୍ତା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

## ବଦଳିଲେ ୪ ରାଜ୍ୟ ଭାଜପା ସଭାପତି

**ନୂଆଦିଲ୍ଲୀ,୪।୭**

କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ୪ ରାଜ୍ୟ (ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଓ ପଞ୍ଜାବ)ରେ ବଡ଼ ଧରଣର ସାଙ୍ଗଠନିକ ପରିବର୍ତ୍ତନ ଆଣିଛି। କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କୁ ତେଲଙ୍ଗାନାରେ ଦଳର ସଭାପତି ନିଯୁକ୍ତ କରାଯାଇଛି। ସେ ବନ୍ଦୀ ସଞ୍ଜୟଙ୍କ ସ୍ଥାନ ନେବେ। ସେହିପରି ଏଟେଲା ରାଜେନ୍ଦରଙ୍କୁ ନିର୍ବାଚନ ପ୍ରଚାର କମିଟି ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ପଞ୍ଜାବରେ ଅଶ୍ୱିନୀ ଶର୍ମାଙ୍କ ସ୍ଥାନରେ କଂଗ୍ରେସରୁ ଆସି ଭାଜପାରେ ମିଶିଥିବା ସୁନୀଲ ଝାକରଙ୍କୁ ନୂଆ ସଭାପତି କରାଯାଇଛି। ଉପା ସରକାର ଅମଳରେ ମନ୍ତ୍ରୀ ଥିବା ଡି.ପୁରନ୍ଦେଶ୍ୱରୀଙ୍କୁ ଆନ୍ଧ୍ର ପ୍ରଦେଶ ଭାଜପା ସଭାପତି ଦାୟିତ୍ୱ ଦିଆଯାଇଛି। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ଝିଅ ପୁରନ୍ଦେଶ୍ୱରୀ ସୋମୁ ବୀରାଜୁଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି ଏବଂ ଭାଜପା ମଧ୍ୟରେ ୨୦୨୪ ନିର୍ବାଚନ ପାଇଁ ପୁନଃ ମେଣ୍ଟ ଆଲୋଚନା ଚାଲିଥିବାବେଳେ ତାଙ୍କ ସମ୍ପର୍କୀୟା ପୁରନ୍ଦେଶ୍ୱରୀଙ୍କ ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ କିରନ କୁମାର ରେଡ୍ଡୀଙ୍କୁ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ସାମିଲ କରାଯାଇଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାର୍ଣ୍ଡିଙ୍କୁ ରାଜ୍ୟ ସଭାପତି କରାଯାଇଛି।



ଜି. କିଷନ ରେଡ୍ଡୀ | ଡି.ପୁରନ୍ଦେଶ୍ୱରୀ | ସୁନୀଲ ଝାକର | ବାବୁଲାଲ ମାର୍ଣ୍ଡି

## ଅନିଲ ଅମ୍ବାନୀଙ୍କ ସ୍ତ୍ରୀଙ୍କୁ ଇଡି ଜେରା

**ମୁମ୍ବାଇ, ୪।୭(ପି.ଟି.)**



ଟିନା ଅମ୍ବାନୀ

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ମାମଲାରେ ରିଲାଏନ୍ସ ଏଡିଏ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ସ୍ତ୍ରୀ ଟିନା ଅମ୍ବାନୀ ମଙ୍ଗଳବାର ତଦନ୍ତରେ ସାମିଲ ହୋଇଛନ୍ତି। ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ମାମଲାରେ ଅନିଲ ସୋମବାର ଇଡିରେ ହାଜର ହୋଇ ତାଙ୍କ ବୟାନ ରେକର୍ଡ କରାଇଥିଲେ। ବିଦେଶରେ ଥିବା ଅଘୋଷିତ ସମ୍ପତ୍ତି ଏବଂ ଏଥିସହ ସମ୍ପୃକ୍ତ ପାଣ୍ଠି ସ୍ଥାନାନ୍ତର ଅଭିଯୋଗରେ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ ଅନିଲଙ୍କର ଜର୍ସି, ବ୍ରିଟିଶ ଭର୍ଜିନ ଆଇଲାଣ୍ଡ ଏବଂ ସାଇପ୍ରସ୍‌ରେ କେତେକ କମ୍ପାନୀ ସହ ସମ୍ପୃକ୍ତି ରହିଛି। ୟେସ୍ ବ୍ୟାଙ୍କ ପ୍ରମୋଟର ରାଣା କପୁରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲାରେ ୨୦୨୦ରେ ଅନିଲଙ୍କୁ ଜେରା କରାଯାଇଥିଲା।

# ଗର୍ଭବତୀ ନାବାଳିକା ପୀଡ଼ିତାଙ୍କୁ ମିଳିବ ଆଶ୍ରୟ

**ନୂଆଦିଲ୍ଲୀ, ୪।୭**

### ନୂଆ ଯୋଜନା ଆରମ୍ଭ କଲା କେନ୍ଦ୍ର

ବଳାତ୍କାର ପୀଡ଼ିତା ଗର୍ଭବତୀଙ୍କୁ ଆଶ୍ରୟ ଓ ସହାୟତା ପାଇଁ କେନ୍ଦ୍ର ସରକାର ନୂଆ ଯୋଜନା ଆରମ୍ଭ କରିଛନ୍ତି। ବଳାତ୍କାର, ଗଣବଳାତ୍କାର କିମ୍ବା ଅନ୍ୟ କୌଣସି କାରଣରୁ ଗର୍ଭବତୀ ହେବା କାରଣରୁ ପରିବାରରୁ ପରିତ୍ୟକ୍ତ ହୋଇଥିବା ନାବାଳିକା, ଯେଉଁମାନଙ୍କର ରୋଜଗାରର ଅନ୍ୟ ଉପାୟ ନାହିଁ, ସେମାନଙ୍କୁ ଆଶ୍ରୟ, ଖାଦ୍ୟ, ଦୈନନ୍ଦିନ ଆବଶ୍ୟକତା, କୋର୍ଟରେ ହାଜର ହେବା ଲାଗି ସୁରକ୍ଷିତ ପରିବହନ ଏବଂ ଆଇନଗତ ସହାୟତା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସୋମବାର ଉକ୍ତ ଯୋଜନାର ଶୁଭାରମ୍ଭ କରିଛନ୍ତି। ୭୪.୧୦ କୋଟି ଟଙ୍କାର ଏହି ଯୋଜନାକୁ ମନ୍ତ୍ରଣାଳୟ ଅନୁମୋଦନ କରିଛି, ଯାହା ସପ୍ତାହେ ମଧ୍ୟରେ ସାରା ଦେଶରେ ଲାଗୁ ହେବାକୁ ଯାଉଛି।

ନାବାଳିକା ବଳାତ୍କାର ପୀଡ଼ିତା କିମ୍ବା ଅତ୍ୟଧିକ ଆକ୍ରମଣର ଶିକାର ହେଉଥିବା ନାବାଳିକା ଏବଂ କେତେକ କ୍ଷେତ୍ରରେ ପୀଡ଼ିତା ଗର୍ଭବତୀ ହୋଇଥିଲେ, ସେମାନଙ୍କ ପ୍ରତି ହୋଇଥିବା ଗଭୀର ଶାରୀରିକ ଓ ଭାବାତ୍ମକ ଆଘାତକୁ ବିଚାରକୁ ନେଇ ନିର୍ଭୟା ପାଣ୍ଠିରେ ସେମାନଙ୍କୁ ଆର୍ଥିକ ସହାୟତା ସମେତ ଡାକ୍ତରୀ ଭିତ୍ତିଭୂମି ସହାୟତା ଯୋଗାଇଦେବା ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ୨୦୨୧ ରିପୋର୍ଟ ଅନୁଯାୟୀ ପୋକ୍ସୋ ଆଇନରେ ୫୧,୮୬୩ ମାମଲା ରୁଜୁ ହୋଇଛି। ସେଥିରୁ ୬୪ ପ୍ରତିଶତ ଅର୍ଥାତ ୩୩,୩୪୮ ମାମଲା ଉକ୍ତ ଆଇନର ଧାରା ୩ ଓ ୫ରେ ଆସୁଛି, ଅର୍ଥାତ୍ ସେମାନେ ବଳାତ୍କାର ଏବଂ ଅତ୍ୟଧିକ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଉକ୍ତ ପୀଡ଼ିତାମାନଙ୍କ ପାଇଁ ବର୍ତ୍ତମାନର ଶିଶୁଯତ୍ନ ଅନୁଷ୍ଠାନ(ସିସିଆଇ)ଗୁଡ଼ିକରେ ଏକକ ଆଶ୍ରୟ ଗୃହ ବା ୱାର୍ଡ ନିର୍ମାଣରେ ଉକ୍ତ ପାଣ୍ଠି ସହାୟକ ହେବ। ଏଥିପାଇଁ ସିସିଆଇ ଦାୟିତ୍ୱରେ ଥିବା ବ୍ୟକ୍ତି ନାବାଳିକା ବଳାତ୍କାର ପୀଡ଼ିତାଙ୍କ ପାଇଁ ଅଲଗା ସୁରକ୍ଷିତ ସ୍ଥାନ ଯୋଗାଇଦେବେ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହି ଯୋଜନା ଦ୍ୱାରା ଗୋଟିଏ ଛାତ ତଳେ ନାବାଳିକା ପୀଡ଼ିତାମାନଙ୍କୁ ଏକସଙ୍ଗେ ସମର୍ଥନ ଓ ସହାୟତା ମିଳିପାରିବ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୪।୭ (ଅଭୟ ଦାଶ)



କ୍ରମାଗତ ୪ର୍ଥ ଦିନ ଲାଗି ଭାରତୀୟ ଶେୟାର ବଜାରରେ ଉତ୍ସାହ ଜାରି ରହିଛି। ଏପରିକି ଘରୋଇ ପୁଞ୍ଜିବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୭୪ ପଏଣ୍ଟ ବଢ଼ିଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ମଧ ୬୬ ପଏଣ୍ଟ ବୃଦ୍ଧି ଘଟିଥିବା ଷ୍ଟକ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏନ୍‌ବିଏଫ୍‌ସି ସେକ୍ଟରରେ କମ୍ପାନୀଗୁଡ଼ିକର ଷ୍ଟକ୍‌ରେ ବୃଦ୍ଧି ଦେଖିବାକୁ ମିଳିଥିଲାବେଳେ ଏଫ୍‌ଏମ୍‌ସିଜି ଏବଂ ଅଟୋ ସେକ୍ଟରର ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଭାରତୀୟ ଶେୟାର ବଜାରର କାରବାର ବିଏସ୍‌ଇ ସେନ୍‌ସେକ୍ସ ରେ ୨୭୪ ପଏଣ୍ଟ ବଢ଼ି ୬୫,୪୭୯.୦୫ ଅଙ୍କରେ ବନ୍ଦ ହୋଇଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟିର ୬୬.୪୫ ପଏଣ୍ଟ ବୃଦ୍ଧି ହୋଇ ୧୯,୩୮୯.୦୦ ଅଙ୍କରେ କାରବାର ବନ୍ଦ କରିଥିଲା।

ଉଲ୍ଲେଖଯୋଗ୍ୟ, ଶେୟାର ବଜାରର ଉଭୟ ସ୍ମଲ୍ କ୍ୟାପ୍ ଓ ମିଡ୍ କ୍ୟାପ୍‌ଗୁଡ଼ିକରେ ୧୩ ପ୍ରମୁଖ ସେକ୍ଟୋରାଲ ସୂଚକାଙ୍କ ମଧ୍ୟରୁ ୮ଟିରେ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ବିଏସ୍‌ଇର ୩୦ଶେୟାର ବିଶିଷ୍ଟ ସେନ୍‌ସେକ୍ସର କମ୍ପାନୀଗୁଡ଼ିକ ମଧ୍ୟରେ ବଜାଜ ଫାଇନାନ୍ସର ଶେୟାର ସବୁଠୁ ଅଧିକ ୭.୭% ବୃଦ୍ଧି ପାଇଥିବା ବେଳେ ଭାରତୀ ଏୟାରଟେଲ, ଆକ୍ସିସ ବ୍ୟାଙ୍କ, ରିଲାଏନ୍ସ, ଟାଟା ଷ୍ଟିଲ୍ ଏବଂ ହିରୋ ମୋଟୋକର୍ପ ଭଳି ଅନେକ ନିବେଶକ କମ୍ପାନୀର ଶେୟାର ହ୍ରାସ ଘଟିଛି। ଏପରିକି ବଜାଜ ଫିନ୍‌ସର୍ଭ, ଟେକ୍ ମହିନ୍ଦ୍ରା, ସନ୍‌ଫାର୍ମା, ଏନ୍‌ଟିପିସି, ଟାଇଟାନ, ୱିପ୍ରୋ, ଟିସିଏସ୍, କୋଟାକ୍ ବ୍ୟାଙ୍କ, ଇନ୍‌ଫୋସିସ୍ ଆଇଟିସି, ଏଚ୍‌ସିଏଲ୍‌ଟେକ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର ଲାଭରେ ରହିଥିଲା।

## ବନ୍ଧନ ଏଫ୍‌ସି ଫଣ୍ଡ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୭

ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ବନ୍ଧନ ଫାଇନାନ୍ସିଆଲ ସର୍ଭିସେସ୍ (ଏଫ୍‌ସି) ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ଫଣ୍ଡ୍ ଅଫର୍ ୨୦୨୩ ଜୁଲାଇ ୨୪ରେ ବନ୍ଦ ହେବ। ବନ୍ଧନ ଫାଇନାନ୍ସିଆଲ ସର୍ଭିସେସ୍ ଫଣ୍ଡ୍‌ରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ୍ ବିତରଣକାରୀ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ www.bandhanmutual.comରେ ମଧ୍ୟ ନିବେଶ କରାଯାଇପାରିବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଏହି ନୂଆ ଫଣ୍ଡ୍ କ୍ୟାପିଟାଲ ମାର୍କେଟ୍, ଏନ୍‌ବିଏଫ୍‌ସି, ଇନ୍‌ସ୍ୟୁରାନ୍ସ ଓ ଫିନ୍‌ଟେକ୍‌ରେ ନିବେଶ ସହିତ ଅଧିକ ବହୁମୁଖୀ ହୋଇ ପାରମ୍ପରିକ ବ୍ୟାଙ୍କିଙ୍ଗ୍ କ୍ଷେତ୍ରଠାରୁ ଆଗକୁ ଯିବ ଏବଂ ନିବେଶକଙ୍କୁ ଭାରତର ଦୀର୍ଘାବଧି ଅଭିବୃଦ୍ଧି କାହାଣୀରୁ ଲାଭାନ୍ୱିତ ହେବା ପାଇଁ ସୁଯୋଗ ଦେବ।

## ବଲାଙ୍ଗୀର ଅରୁନ୍ଧତୀ ଜୁଏଲର୍ସର ୨୩ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୪।୭




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ବଲାଙ୍ଗୀର ଫ୍ଲାଗ୍‌ଶିପ୍ ଶୋ'ରୁମ୍‌ର ୨୩ତମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅରୁନ୍ଧତୀର ୨୩ ତମ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ଆକର୍ଷଣୀୟ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ୬୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ବଲାଙ୍ଗୀର ଅରୁନ୍ଧତୀ ଶୋ'ରୁମ୍‌ରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସହ ଫ୍ଲାଟ୍ ୨୩% ସୁନାଗହଣା ଓ ରୁପା ଗଢ଼ା ମଜୁରି ଉପରେ ଏବଂ ଫ୍ଲାଟ୍ ୨୩% ହୀରା ମୂଲ୍ୟ ଉପରେ ରିହାତି ରଖାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୩ ବର୍ଷର ଏହି ସଫଳ ଯାତ୍ରା ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବଲାଙ୍ଗୀରର ପବିତ୍ର ମାଟିରୁ ଅରୁନ୍ଧତୀର ଆରମ୍ଭ ହୋଇ ବର୍ତ୍ତମାନ ଓଡ଼ିଶାର ଏକ ଅଗ୍ରଣୀ ଜୁଏଲେରି ବ୍ରାଣ୍ଡ ଭାବେ ପରିଣତ ହୋଇଛି। ବିଶେଷକରି ଓଡ଼ିଶାର ୭ଟି ପ୍ରମୁଖ ସହରରେ ଅରୁନ୍ଧତୀର ଉପସ୍ଥିତି ରହିଛି। ସେହିଭଳି ସର୍ବୋତ୍ତମ ଡିଜାଇନ ଓ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ରୂପା ଗହଣା ଏବଂ କଳାକୃତିର ସମ୍ଭାର ସହ ଏକ ନିଆରା ଗ୍ରାହକ ସେବା '୫ ଷ୍ଟାର ପ୍ରମିଜ'ର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି।

## ମ୍ୟାଙ୍ଗୋ ମାର୍କେଟରେ ମଣ୍ଡି ବ୍ରାଣ୍ଡିଂ କାର୍ଯ୍ୟକ୍ରମ



ଭୁବନେଶ୍ୱର,୪।୭

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ମଣ୍ଡି ବ୍ରାଣ୍ଡିଂ କାର୍ଯ୍ୟକ୍ରମ ମ୍ୟାଙ୍ଗୋ ମାର୍କେଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ କ୍ୟୁଆର୍ କୋଡ୍ ପ୍ରଦାନ ସହ ନୂତନ ଗ୍ରାହକମାନଙ୍କୁ ବ୍ୟାଙ୍କର ଉତ୍ପାଦଗୁଡ଼ିକ ବିଷୟରେ ଅବଗତ କରାଯାଇଥିଲା। ସେହିଭଳି ଏହାର ବହୁଳ ପ୍ରଚାର ପ୍ରସାର ନିମନ୍ତେ ବ୍ୟାଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକର ବ୍ୟାନର ଏବଂ ଫ୍ଲେକ୍ସ ପ୍ରସ୍ତୁତ କରାଯିବା ସହିତ ମ୍ୟାଙ୍ଗୋ ମାର୍କେଟକୁ ବ୍ରାଣ୍ଡିଂ କରାଯାଇଥିଲା। ବିଶେଷକରି ମାର୍କେଟର ୮୨ଟି ଶପ୍‌ରେ ବ୍ୟାଙ୍କର ଲୋଗୋ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲ, ଉପକ୍ଷେତ୍ରୀୟ ମୁଖ୍ୟ ଆର୍ .ଏନ୍.ସ୍ୱାଇଁ, ବିଆର୍‌ଏମ୍ ସଞ୍ଜୟ ରାୟ ଓ ଅନ୍ୟାମାନେ ଉପସ୍ଥିତ ଥିଲେ।

## କିଆ ଇଣ୍ଡିଆର ଦି ନ୍ୟୁ ସେଲ୍‌ଟସ୍ ଉନ୍ମୋଚିତ

ନୂଆଦିଲ୍ଲୀ,୪।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ମିଡ୍ ସାଇଜ ଏସ୍‌ୟୁଭି 'ଦି ନ୍ୟୁ କିଆ ସେଲ୍‌ଟସ୍'ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଦି ନ୍ୟୁ କିଆ ସେଲ୍‌ଟସ୍‌ରେ ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ବର୍ତ୍ତମାନର ଫିଚର ଏବଂ ସୁବିଧା ମଧ୍ୟ ଉପଲବ୍ଧ। ସେହିଭଳି ଉକ୍ତ ମଡେଲ ନୂଆ ରୂପରେ ବଜାର ପ୍ରବେଶ ହୋଇଥିବାବେଳେ ଏକ ଆକର୍ଷଣୀୟ ଡିଜାଇନ ଏବଂ ଉନ୍ନତ ବୈଶିଷ୍ଟ୍ୟରେ କିଆ ସେଲ୍‌ଟସ୍ ସୁସଜ୍ଜିତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୩୦ରେ ଦି ନ୍ୟୁ କିଆ ସେଲ୍‌ଟସ୍‌ର ଟିଜର ଜାରି କରାଯାଇଥିଲା। ଉକ୍ତ ମେଡଲର ଟିଜର ଗ୍ରାହକଙ୍କ ମନରେ ଏକ ପ୍ରକାର ଉତ୍କଣ୍ଠା ସୃଷ୍ଟି କରିବା ସହ ସର୍ବଭାରତୀୟ ଉନ୍ମୋଚନକୁ ଅପେକ୍ଷା କରିଥିବା ଗ୍ରାହକମାନେ ବିଭିନ୍ନ ମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ,୨୦୨୩ ଜୁଲାଇ ୧୪ରୁ ଦି ନ୍ୟୁ କିଆ ସେଲ୍‌ଟସ୍‌ର ବୁକିଂ ଆରମ୍ଭ ହେଉଥିବାବେଳେ ଏହାର ଗ୍ରାହକମାନେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଜରିଆରେ ମଧ୍ୟ ଉକ୍ତ ମଡେଲ ଉଭୟ କିଆର ଅଫିସିଆଲ ୱେବ୍‌ସାଇଟ ଏବଂ ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡ଼ିକରେ ବୁକିଂ ଉପଲବ୍ଧ ହେବ ବୋଲି କିଆ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ୨୦୧୯ ଅଗଷ୍ଟରେ ସେଲ୍‌ଟସ୍‌ର ଶୁଭାରମ୍ଭ ସହ ଭାରତୀୟ ବଜାରରେ କିଆ ପ୍ରବେଶ କରିଥିଲା ଏବଂ ଏହା ଭାରତର ନୂତନ ପିଢ଼ିର ଗ୍ରାହକମାନଙ୍କୁ ଆକର୍ଷିତ କରିବାରେ ସଫଳ ହୋଇପାରିଛି।



କିଆ ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ଦି ନ୍ୟୁ କିଆ ସେଲ୍‌ଟସ୍‌ର ଉନ୍ମୋଚନ କରୁଛନ୍ତି।

## ଟିପିସିଓଡିଏଲ୍‌ର ନୂତନ ସିସିସି ଉଦ୍‌ଘାଟିତ

ଭୁବନେଶ୍ୱର,୪।୭

ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ରହିଥିବା ପ୍ରତିବଦ୍ଧତା ଅନୁସାରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ୧୯ତମ ଗ୍ରାହକ ସେବା କେନ୍ଦ୍ର(ସିସିସି) ନିମାପଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଟିପିସିଓଡିଏଲ୍‌ର ନିମାପଡ଼ା ଡିଭିଜନର ସମସ୍ତ ଗ୍ରାହକଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ଲାଗି କମ୍ପାନୀର ରହିଥିବା ପ୍ରତିବଦ୍ଧତା ସ୍ୱରୂପ ସିସିସିର ଶୁଭାରମ୍ଭ କରାଯାଇଛି। ସେହିଭଳି ତାଲିମପ୍ରାପ୍ତ କର୍ମଚାରୀମାନଙ୍କ ଏକ ଟିମ୍ ଦ୍ୱାରା ଉକ୍ତ ସିସିସି ପରିଚାଳିତ ହେବ। ଏପରିକି ଉକ୍ତ ଗ୍ରାହକ ସେବା କେନ୍ଦ୍ରରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ, ମାସିକ ବିଲ୍ ପ୍ରଦାନ, ଗ୍ରାହକଙ୍କ ପ୍ରଶ୍ନ ଓ ସମସ୍ୟାଗୁଡ଼ିକର ସମାଧାନ ସମେତ ଅନ୍ୟାନ୍ୟ ଗ୍ରାହକ ସମ୍ପର୍କିତ ସେବାଗୁଡ଼ିକ ମଧ୍ୟ ପ୍ରଦାନ କରାଯିବ।

ଅପରପକ୍ଷରେ ନିମାପଡ଼ାସ୍ଥିତ ଗ୍ରାହକ ସେବା କେନ୍ଦ୍ର ମୁଖ୍ୟତଃ ଏହି ଅଳରେ ବାସ କରୁଥିବା ଗ୍ରାମୀଣ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବ। ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଗି ଏହି ଗ୍ରାହକ ସେବା କେନ୍ଦ୍ରରେ ଉନ୍ନତ ମାନର ସୁବିଧାସୁଯୋଗ ଯଥା କେନ୍ଦ୍ରକୁ ଆସୁଥିବା ଗ୍ରାହକଙ୍କ ସୁଚାରୁ ରୂପେ ପରିଚାଳନା ପାଇଁ ଧାଡ଼ି ପରିଚାଳନା ବ୍ୟବସ୍ଥା, ଏକ ସେଲ୍‌ଫ ହେଲ୍‌ପ କିଓସ୍କ ଏବଂ ସେବା ଉପରେ ଗ୍ରାହକମାନଙ୍କ ମତାମତ ସଂଗ୍ରହ କରିବା ଲାଗି ଏକ ଫିଡ୍‌ବ୍ୟାକ୍ ଟ୍ୟାବ୍ ଓ ପରାମର୍ଶ ବାକ୍ସ ରହିଛି। ଅନ୍‌ଲାଇନ ପେମେଣ୍ଟ ବିକଳ୍ପ, ସୁରକ୍ଷା ଓ ଅନ୍ୟାନ୍ୟ ସ୍କିମ୍ ବିଷୟରେ ଗ୍ରାହକମାନଙ୍କୁ ଅବଗତ କରିବା ଲାଗି ଉକ୍ତ କେନ୍ଦ୍ରରେ ଏକ ଟିଭି ସ୍କ୍ରିନ୍‌ର ବ୍ୟବସ୍ଥା ମଧ୍ୟ ରହିଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଗ୍ରାହକମାନଙ୍କୁ ଉତ୍ତମ ଅନୁଭୂତି ପ୍ରଦାନ କରିବା ଲାଗି ଆମେ ନିମାପଡ଼ାଠାରେ ଏକ ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରିଛୁ ବୋଲି ସିଂହ ମତପ୍ରକାଶ କରିଛନ୍ତି।

## ଫୁର୍‌ସତ୍

# ଟେକ୍ସାସ୍‌ରେ ଏକାଠି ଗୀତା ଆବୃତ୍ତି କଲେ ୧୦ହଜାର ଲୋକ

ୱାଶିଂଟନ୍




ଗୁରୁପୂର୍ଣ୍ଣିମା ଅବସରରେ ସୋମବାର ଆମେରିକାର ଟେକ୍ସାସ୍‌ର ଇଷ୍ଟ ସେଣ୍ଟରରେ ୧୦ହଜାର ଲୋକ ଏକାଠି ହୋଇ ଭଗବଦ୍ ଗୀତା ପାଠ କରିଛନ୍ତି। ଏହାର ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯୋଗ ସଙ୍ଗୀତ ଫାଉଣ୍ଡେଶନ ଆମେରିକା ଏବଂ ଏସ୍‌ଜିଏସ୍ ଗୀତା ଫାଉଣ୍ଡେଶନ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଠାରେ ୪ ବର୍ଷୀୟଙ୍କଠାରୁ ଆରମ୍ଭ କରି ୮୪ ବର୍ଷୀୟ ବୟସ୍କ ଲୋକଙ୍କ ସମାଗମ ହୋଇଥିଲା। ପ୍ରସିଦ୍ଧ ଆଧାତ୍ମିକ ସାଧୁ ପୂଜ୍ୟ ଗଣପତି ସଚ୍ଚିଦାନନ୍ଦ ଜୀଙ୍କ ଉପସ୍ଥିତିରେ ଏହା ପାଠ କରାଯାଇଥିଲା। ଯାହା ମହୀଶୁରର ଅଭୋଦୋତ ଦତ୍ତ ପୀଠମ୍ ଆଶ୍ରମରୁ ସଂଗୃହୀତ କରାଯାଇଥିଲା। ଅଭୋଦୋତ ଦତ୍ତ ପୀଠମ୍ ହେଉଛି ଅନ୍ତର୍ଜାତୀୟ ଆଧାତ୍ମିକ ସଂସ୍କୃତି। ଏହି ସୋସିଆଲ ୱେଲଫେୟାର ସଂସ୍ଥା ଶ୍ରୀଗଣପତି ସଚ୍ଚିଦାନନ୍ଦ ଜୀଙ୍କ ଦ୍ୱାରା ୧୯୬୬ରେ ସ୍ଥାପିତ ହୋଇଥିଲା। ଶ୍ରୀ ସ୍ୱାମିଜୀ ଧ୍ୟାନ ସଙ୍ଗୀତ ପାଇଁ ପ୍ରସିଦ୍ଧ। ଏଥିସହ ସେ ଜଣେ ଈଶ୍ୱରୀୟ ମାର୍ଗଦର୍ଶକ ଭାବେ ମଧ୍ୟ ପରିଚିତ। ପୀଠ ମଣିଷ ଜୀବନକୁ ସମୃଦ୍ଧ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ, କାର୍ଯ୍ୟକଳାପ ଏବଂ ପ୍ରକଳ୍ପ ଚଳାଇବାକୁ ପ୍ରେରଣା ଦେଇଛି। ଗୁରୁପୂର୍ଣ୍ଣିମା ଗୁରୁମାନଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାରମ୍ପରିକ ହିନ୍ଦୁ ଉତ୍ସବ। ଏହି ଉତ୍ସବକୁ ଭାରତ, ନେପାଳ ଏବଂ ଭୁଟାନରେ ହିନ୍ଦୁ, ଜୈନ ଏବଂ ବୌଦ୍ଧମାନେ ପାଳନ କରନ୍ତି। ଏହି ଦିବସରେ ଗୁରୁଙ୍କୁ ଭଗବାନଙ୍କ ମାନ୍ୟତା ମିଳିଥାଏ; ଯେଉଁଥିପାଇଁ ଗୁରୁମାନେ ଏହି ଦିନ ଭଗବାନଙ୍କ ପରି ସମ୍ମାନିତ ହୋଇଥାନ୍ତି। ସ୍ୱାମିଜୀ ଏହି କାର୍ଯ୍ୟକ୍ରମକୁ କିଛି ବର୍ଷ ହେବ ଆୟୋଜନ କରି ଆସୁଛନ୍ତି। ସୂଚନା ଯେ, ପ୍ରୟାଗରାଜରେ ମଙ୍ଗଳବାର ଏହି ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି।

# ପ୍ରଥମ ଥର ପାଇଁ ଭୋଗ୍‌ରେ ରେଖା



**ମୁମ୍ବାଇ:** ଆମେରିକାର ମାସିକ ଫ୍ୟାଶନ ଏବଂ ଜୀବନଶୈଳୀ ପତ୍ରିକା ଭୋଗ୍‌ରେ ଆଗରୁ ଅନେକ ଅଭିନେତ୍ରୀ, ଅଭିନେତାଙ୍କୁ ଦେଖିବାକୁ ମିଳିଛି। ତେବେ ନିକଟରେ ଭେଟେରାନ ଅଭିନେତ୍ରୀ ରେଖା ପ୍ରଥମଥର ପାଇଁ ଭୋଗ୍‌ର କଭରପେଜ୍‌ରେ ସ୍ଥାନ ପାଇଛନ୍ତି। ସେଥିରେ ତାଙ୍କୁ ରାଣୀ ବେଶରେ ଦେଖିବାକୁ ମିଳିଛି। ସେ ଭୋଗ୍ ମାଗାଜିନ୍‌କୁ ସାକ୍ଷାତ୍‌କାରରେ କହିଛନ୍ତି, ୨୦୧୪ ପରଠାରୁ ସେ କୌଣସି ଫିଲ୍ମ ପାଇଁ ସ୍ୱାକ୍ଷର କରିନାହାନ୍ତି। ସେ ନିଜ ପସନ୍ଦ ଅନୁଯାୟୀ ପ୍ରୋଜେକ୍ଟ ଚୟନ କରିବାକୁ ସ୍ୱୀକାର କରିଛନ୍ତି। ସେ ୧୯୫୮ରୁ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିଥିବାବେଳେ ୧୯୬୯ରେ 'ଅପରେଶନ ଜ୍ୟାକ୍‌ପଟ ନାଲି ସିଆଇଡି ୯୯୯'ରେ ସେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ତାଙ୍କୁ ୨୦୧୪ରେ ଶେଷ ଥର ପାଇଁ ସୁପର ନାନୀରେ ଦେଖିବାକୁ ମିଳିଥିଲା। ସେବେଠାରୁ ସେ ସ୍ୱତନ୍ତ୍ର ଚଳଚ୍ଚିତ୍ର ଏବଂ ଟିଭି ଶୋ'ରେ ଅଭିନୟ କରିଥିଲେ। ସେ ଯାହା ଭଲପାଆନ୍ତି, ତାହା ସେ ଉପଭୋଗ କରିବାକୁ ଇଚ୍ଛା ରଖନ୍ତି। ଯେତେବେଳେ ଠିକ୍ ସମୟ ଆସିବ, ସେତେବେଳେ ଚଳଚ୍ଚିତ୍ରରେ ତାଙ୍କୁ ପାଇବ ବୋଲି ସେ କହିଛନ୍ତି।

## ଅକ୍ଷମତା ସତ୍ତ୍ୱେ ଅନ୍‌ଲାଇନ ଗେମ୍‌ରୁ ଲକ୍ଷାଧିକ ରୋଜଗାର

ଲଣ୍ଡନ



ବର୍ତ୍ତମାନ ହେଉଛି ଡିଜିଟାଲ ଯୁଗ। ଅନେକ ଲୋକ ସୋସିଆଲ ମିଡିଆ ଜରିଆରେ ଟଙ୍କା ରୋଜଗାର କଲେଣି। ନିକଟରେ ଜଣେ ୧୭ ବର୍ଷୀୟ ଯୁବକ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି। ସେ ଅନ୍‌ଲାଇନ ଭିଡିଓ ଗେମ୍ ଖେଳି ଲକ୍ଷପତି ହୋଇଥିବା ଜଣାପଡ଼ିଛି। ରୋଜଗାର କରିଥିବା ଟଙ୍କାକୁ ସେ ତାଙ୍କ ପାଠପଢ଼ା ଏବଂ ଅନ୍ୟ ସଉକ ପୂରଣ କରିବାରେ ଲଗାନ୍ତି। ବର୍ତ୍ତମାନ ତାଙ୍କ ମା'-ବାପା ତାଙ୍କୁ ଅନ୍‌ଲାଇନ ଗେମ୍ ଖେଳିବାକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଯୁବକ ଜଣକ ଗେମ୍ ମାଧ୍ୟମରେ ନିଜ କ୍ୟାରିୟର କରିବାକୁ ଚାହାନ୍ତି। ଏପରି ଘଟଣାରେ ବ୍ରିଟେନର ବାସିନ୍ଦା ମାସୋନ ବ୍ରିଷ୍ଟୋ କହିଛନ୍ତି, ସେ ଦେୟମୁକ୍ତ ଅନ୍‌ଲାଇନ ଗେମ୍ ଖେଳି ୧୭ ହଜାର ପାଉଣ୍ଡ ଅର୍ଥାତ୍ ୧୮ ଲକ୍ଷ ଟଙ୍କା ଜିତିଛନ୍ତି। ଏହି ଖେଳ ମାଧ୍ୟମରେ ଭର୍ଚୁଆଲ ରୁମ୍ କରିହେବ ଏବଂ ଦୁନିଆର ସମସ୍ତ ସାଥୀ ଗେମର୍ସଙ୍କ ସହିତ ଯୋଡ଼ି ହୋଇପାରିବ। ଏଥିସହ ମାସୋନ ଭର୍ଚୁଆଲ ଦୁନିଆ ପାଇଁ କଣ୍ଟେଣ୍ଟ କ୍ରିଏଟ କରନ୍ତି। ଗେମ୍‌ରୁ ମିଳିଥିବା ଟଙ୍କାରେ ତାଙ୍କ ପାଠପଢ଼ା ସହ ସାଙ୍ଗଙ୍କ ସହ ବୁଲିବା, ସ୍କୁଲ ଦରମା, ଡ୍ରେସ୍, ଜୋତା ଆଦି କିଣିଥାନ୍ତି। ମାସୋନ ୨୦୧୮ରୁ ଗେମ୍ ଖେଳିବା ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କ ମା'-ବାପା ତାଙ୍କୁ ପ୍ରଥମରୁ ସପୋର୍ଟ କରିଆସିଛନ୍ତି। ମାସୋନ ତାଙ୍କ ମା'-ବାପା ୪ ଭଉଣୀ- ଭାଇଙ୍କ ସହ ଏକାଠି ରୁହନ୍ତି। ତାଙ୍କୁ ଡାଏସଲେସିଆ(ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଜିନିଷ ଚିହ୍ନିବା, ଶୁଣିବା, ପଢ଼ିବାରେ ଅକ୍ଷମ ହୋଇଥାନ୍ତି।)ରେ ପୀଡ଼ିତ ଥିଲେ ମଧ୍ୟ ସେ ସେଥିରେ ଭଲ ଖେଳ ଖେଳନ୍ତି। ମାସୋନ ଏପରି ରୋଗରେ ପୀଡ଼ିତ ହୋଇ ମଧ୍ୟ ଏଠାରେ ଦର୍ଶାଇଛନ୍ତି କି ଅସୁବିଧା ପରେ ବି ଚେଷ୍ଟା ଦ୍ୱାରା ସବୁକିଛି ହାସଲ କରିହେବ। ଯେତେବେଳେ ତାଙ୍କୁ ଗେମ୍‌ରୁ ପ୍ରଥମେ ଟଙ୍କା ମିଳିଲା ସେତେବେଳେ ସେ ଚିନ୍ତିତ ଥିଲେ, କାରଣ ସେହି କମ୍ପାନୀ ତାଙ୍କୁ ଟଙ୍କା ପଠେଇବ କି ନାହିଁ ଜାଣି ନ ଥିଲେ।

## ଚର୍ଚ୍ଚାରେ କୁମ୍ବଲୀ, କଙ୍ଗୋର ବନ୍ଧୁତା



**ୱାଶିଂଟନ:** ଜଙ୍ଗଲୀ ପ୍ରାଣୀ ବହୁତ ବିପଦପୂର୍ଣ୍ଣ ହୋଇଥାନ୍ତି। ସେମାନେ ଅନ୍ୟ ପ୍ରାଣୀଙ୍କୁ ତାଙ୍କ ଶିକାର ବନେଇଥାନ୍ତି। ହେଲେ ନିକଟରେ ଜଙ୍ଗଲୀ ଚିତା ଏବଂ ଏକ କୁକୁର ମଧ୍ୟରେ ବନ୍ଧୁତା ଦେଖିବାକୁ ମିଳିଛି। ଚିତା କୁମ୍ବଲୀ ଏବଂ କୁକୁର କଙ୍ଗୋଙ୍କ ବନ୍ଧୁତା ଚର୍ଚ୍ଚାକୁ ଆସିଛି। ରିପୋର୍ଟ ମୁତାବକ, ଆମେରିକାର ଭର୍ଜିନିଆରେ ଥିବା ମେଟ୍ରୋ ରିଚମଣ୍ଡ ଚିଡ଼ିଆଖାନାରେ ଥିବା ଏହି ଦୁହିଁଙ୍କ ବନ୍ଧୁତାକୁ ଦେଖିବାକୁ ଅନେକ ଲୋକ ଆସୁଛନ୍ତି। ତେବେ କୁମ୍ବଲୀ ଏବଂ କଙ୍ଗୋ ମଧ୍ୟରେ ବନ୍ଧୁତା କରିବାର ଏକ ଯୋଜନା ରହିଛି। ପ୍ରକୃତରେ ଚିତା ମୁଖ୍ୟତଃ ଲାଜକୁଳା ସଦୃଶ ହୋଇଥାନ୍ତି। ଏମାନେ ଏତେ ଶୀଘ୍ର କାହା ସମ୍ମୁଖରେ ଆସି ନ ଥାନ୍ତି। ଏମାନଙ୍କ ସଂଖ୍ୟା କ୍ଷିପ୍ର ଭାବେ କମୁଛି। ଉତ୍ତର ଆଫ୍ରିକା ଏବଂ ଏସିଆରେ ଏମାନଙ୍କୁ ଲୁପ୍ତପ୍ରାୟ ପ୍ରଜାତିରେ ରଖାଯାଇଛି। ଆନୁମାନିକ ବିଶ୍ୱରେ ସମୁଦାୟ ଚିତାଙ୍କ ସଂଖ୍ୟା ୭ ହଜାର ରହିଛି। ତେବେ ଏକ୍ସପେରିମେଣ୍ଟ ପାଇଁ ଏ ଦୁହିଁଙ୍କୁ ଏକାଠି ରଖାଯାଇଥିବା ଜଣାପଡ଼ିଛି। ଉଭୟଙ୍କୁ ଛୋଟବେଳୁ ଏକାଠି ରଖାଯାଇଛି। ଚିତା ଏହି କୁକୁର ସହ ଏକାଠି ରହିପାରୁଛି କି ନାହିଁ ତାହା ପରୀକ୍ଷା କରାଯାଉଛି। ତେବେ ଏ ପର୍ଯ୍ୟନ୍ତ ସବୁକିଛି ଠିକ୍ ଚାଲିଛି। ହେଲେ ଆଗକୁ କ'ଣ ହେବ ତାକୁ ଏକ୍ସପର୍ଟମାନେ ଅପେକ୍ଷା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ...............................


ସାଇପ୍ରଭା
ପରିବାରବର୍ଗ


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିମ୍ବାୱେକୁ ଏଲିମିନେଟ୍ କଲା ସ୍କଟଲାଣ୍ଡ

**ଦିନିକିଆ କ୍ରିକେଟ ବିଶ୍ୱକପ କ୍ୱାଲିଫାୟର୍ସ**

**ବୁଲାୱାୟୋ, ୪।୭**

୨୦୧୮ ପରି ଏଥର ମଧ୍ୟ ଜିମ୍ବାୱେର ଦିନିକିଆ କ୍ରିକେଟ ବିଶ୍ୱକପ ଖେଳିବା ଆଶା ଧୂଳିସାତ ହୋଇଛି। ଦୁଇଟି ଯାକ ବିଶ୍ୱକପ କ୍ୱାଲିଫାୟର୍ସରେ ଦଳ ସମାନ ଦଶା ଭୋଗିଛି। ୨୦୧୮ରେ ଶେଷ ୨ଟି ମ୍ୟାଚରୁ ଦଳ ଯୋଗ୍ୟତା ଅର୍ଜନ ପାଇଁ ଅତିକମ୍‌ରେ ଗୋଟିଏ ବିଜୟ ଆବଶ୍ୟକ କରୁଥିଲା। ମାତ୍ର ୱେଷ୍ଟଇଣ୍ଡିଜ ଏବଂ ୟୁଏଇ ନିକଟରୁ ହାରି ଯାଇଥିଲା। ଏଥର ଦଳ ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ସୁପର ସିକ୍ସର ଶେଷ ୨ ମ୍ୟାଚରେ ଯଥାକ୍ରମେ ଶ୍ରୀଲଙ୍କା ଓ ସ୍କଟଲାଣ୍ଡଠାରୁ ହାରି ବିଦାୟ ପଥ ଦେଖିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ସ୍କଟଲାଣ୍ଡ ୩୧ ରନରେ ଜିମ୍ବାୱେକୁ ହରାଇ ବିଶ୍ୱକପ ଯୋଗ୍ୟତାର ଦ୍ୱାରରେ ପହଞ୍ଚି ଯାଇଛି। ଏହି ଦଳ ୪ ମ୍ୟାଚରୁ ୬ ପଏଣ୍ଟରେ ପହଞ୍ଚିଥିବାବେଳେ ଶେଷ ସୁପରସିକ୍ସ ମ୍ୟାଚରେ ଗୁରୁବାର ନେଦରଲାଣ୍ଡ୍‌କୁ ଭେଟିବ। ଦଳର ରନ୍‌ହାର ମଧ୍ୟ ବହୁତ ଭଲ ରହିଛି। ଅନ୍ୟପକ୍ଷରେ ଜିମ୍ବାୱେ ୫ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୬ ପଏଣ୍ଟରେ ସୀମିତ ରହିଛି। ଏହି ଟୁର୍ନାମେଣ୍ଟରୁ ଶ୍ରୀଲଙ୍କା ପ୍ରଥମ ଦଳଭାବେ ୮ ପଏଣ୍ଟ ପାଇ ମୁଖ୍ୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ସ୍କଟଲାଣ୍ଡ। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଟପ୍ ଅର୍ଡରରୁ ଲୋୟର ଅର୍ଡର ପର୍ଯ୍ୟନ୍ତ ଅଧିକାଂଶ ବ୍ୟାଟରଙ୍କ ଉପଯୋଗୀ ଅବଦାନ ବଳରେ ଦଳ ୫୦ ଓଭରରେ ୮ ଉଇକେଟ ହରାଇ ୨୩୪ ରନ କରିଥିଲା। ୭ ନମ୍ବର ବ୍ୟାଟର ମିଚେଲ ଲିସ୍କ ସର୍ବାଧିକ ୪୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥ୍ୟୁ କ୍ରସ୍ ୩୮, ବ୍ରେଣ୍ଡନ ମ୍ୟାକମୁଲେନ ୩୪, ଜର୍ଜ ମୁନ୍‌ସେ ୩୧, ଖ୍ରିଷ୍ଟୋଫର ମ୍ୟାକବ୍ରିଡ୍ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଜିମ୍ବାୱେ ବୋଲରଙ୍କ ମଧ୍ୟରେ ସିଅନ ୱିଲିୟମ୍ସ ୩ଟି, ଟେଣ୍ଡାଇ ଚତରା ୨ଟି ଓ ରିଚାର୍ଡ ନଗର୍ଭା ଗୋଟିଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ କ୍ରିସ୍ ସୋଲ୍।

କୁଇନ୍ସ ସ୍ପୋର୍ଟ୍ସ କ୍ଲବ ପିଚ୍‌ରେ ୨୩୫ ରନର ବିଜୟ ଲକ୍ଷ୍ୟ ସହଜ ମନେ ହେଉଥିଲା। ମାତ୍ର ସ୍କଟଲାଣ୍ଡ ବୋଲରମାନେ ଚମତ୍କାର ବୋଲିଂ କରି ଜିମ୍ବାୱେ ପାଇଁ ମ୍ୟାଚ କଷ୍ଟସାଧ କରି ଦେଇଥିଲେ। ସ୍କଟଲାଣ୍ଡ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥିଲେ ଡାହାଣହାତୀ ମିଡିୟମ ପେସର କ୍ରିସ୍ ସୋଲ୍। ସେ ଜିମ୍ବାୱେ ଟପ୍ ଅର୍ଡରର ୩ ବ୍ୟାଟରଙ୍କୁ ଆଉଟ କରି ଜିମ୍ବାୱେର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ୭.୫ ଓଭର ବେଳକୁ ଜିମ୍ବାୱେ ସ୍କୋର ୩୭.୪ ହୋଇ ଯାଇଥିଲା। ମିଡିଲ ଅର୍ଡରରେ ର୍ୟାନ ବୁର୍ଲ ୮୪ ବଲ୍‌ରୁ ୮୩ ଓ ୱେସଲି ମାଧଭେରେ ୩୯ ବଲ୍‌ରୁ ୪୦ ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ ହେଁ ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳ ୪୧.୧ ଓଭରରେ ୨୦୩ ରନକରି ସମସ୍ତ ଉଇକେଟ ହରାଇଥିଲା। ନିର୍ଭରଯୋଗ୍ୟ ବ୍ୟାଟର ସିକନ୍ଦର ରାଜା ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ସୋଲ୍‌ଙ୍କ ୩ ଉଇକେଟ ବ୍ୟତୀତ ବ୍ରେଣ୍ଡନ ମ୍ୟାକମୁଲେନ ଓ ମିଚେଲ ଲିସ୍କ ୨ଟି ଲେଖାଏ ଏବଂ ସାଫ୍ୟାନ ଶରିଫ, ମାର୍କ ୱାଟ ଓ କ୍ରିସ୍ ଗ୍ରେଭ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୭ ଓଭରରେ ୩୩ ରନଦେଇ ୩ ଉଇକେଟ ନେଇଥିବା କ୍ରିସ୍ ସୋଲ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୫୦ ଓଭରରେ ୨୩୪/୮ (ମିଚେଲ ଲିସ୍କ-୪୮, ମାଥ୍ୟୁ କ୍ରସ୍-୩୮, ବ୍ରେଣ୍ଡନ ମ୍ୟାକମୁଲେନ-୩୪, ଜର୍ଜ ମୁନ୍‌ସେ-୩୧, ଖ୍ରିଷ୍ଟୋଫର ମ୍ୟାକବ୍ରିଡ୍-୨୮, ସିଅନ ୱିଲିୟମ୍ସ ୩/୪୧, ଟେଣ୍ଡାଇ ଚତରା-୨/୪୬, ରିଚାର୍ଡ ନଗର୍ଭା-୧/୪୨)। ଜିମ୍ବାୱେ ୪୧.୧ ଓଭରରେ ୨୦୩/ଅଲ୍‌ଆଉଟ (ର୍ୟାନ ବୁର୍ଲ-୮୩, ୱେସଲି ମାଧଭେରେ-୪୦, ସିକନ୍ଦର ରାଜା-୩୪, କ୍ରିସ୍ ସୋଲ୍-୩/୩୩, ବ୍ରେଣ୍ଡନ ମ୍ୟାକମୁଲେନ-୨/୩୧, ମିଚେଲ ଲିସ୍କ-୨/୩୩, ସାଫ୍ୟାନ ଶରିଫ-୧/୩୮, ମାର୍କ ୱାଟ-୧/୩୬, କ୍ରିସ୍ ଗ୍ରେଭ୍ସ-୧/୨୯)।


**Birthday Wish**



**ARSHIT (GUNU)**

"Congratulations to you on your first two-digit birth-day!"

May God bless you today and forever. Jay Jagannath

Family, Friends

IRC Village, Bhubaneswar

ଧ-୦୭୩୧

CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE

ଲୋନ୍! ଲୋନ୍! ଲୋନ୍!
**Global Finance**
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
**9473748805**


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧୂଲ୍ ଭାରତ 'ଏ' ଅଧିନାୟକ

**ଏମର୍ଜିଂ ଏସିଆ କପ୍**

**ନୂଆଦିଲ୍ଲୀ, ୪।୭(ପି.ଟି.)**

ଚଳିତ ମାସ ୧୩ରୁ ୨୩ ପର୍ଯ୍ୟନ୍ତ ଶ୍ରୀଲଙ୍କାରେ ହେବାକୁଥିବା ଏମର୍ଜିଂ ଏସିଆ କପ୍ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରତିଭାସମ୍ପନ୍ନ ୟାଶ ଧୂଲ୍‌ଙ୍କୁ ଭାରତ ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ପ୍ରଥମ ଶ୍ରେଣୀ ସିଜନରେ ପ୍ରଦର୍ଶନ ଭଲ ନ ଥିବାରୁ ଧୂଲ୍‌ଙ୍କୁ ଦୁଲୀପ ଟ୍ରଫିରେ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏମର୍ଜିଂ ଟୁର୍ନାମେଣ୍ଟରେ ମୁଖ୍ୟତଃ ୨୩ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ ହୋଇଥାଏ। ପଞ୍ଜାବ ରଣଜୀ ଅଧିନାୟକ ଅଭିଷେକ ଶର୍ମାଙ୍କୁ ଧୂଲଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି।

**ଟୁର୍ନାମେଣ୍ଟର ଫର୍ମାଟ**

ଭାଗ ନେଉଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପାକିସ୍ତାନ, ନେପାଳ, ୟୁଏଇର 'ଏ' ଦଳ ସହ ସହ ଭାରତ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଗ୍ରୁପ୍-ଏ'ରେ ରହିଛନ୍ତି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ଓମାନର 'ଏ' ଦଳ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଫାଇନାଲ ଜୁଲାଇ ୨୩ରେ ହେବ।

**ଭାରତ-ଏ' ଦଳ:** ସାଇ ସୁଦର୍ଶନ, ଅଭିଷେକ ଶର୍ମା (ଉପ ଅଧିନାୟକ) ନିକିନ ଜୋଷ, ପ୍ରଦୋଷ ରଞ୍ଜନ ପଲ୍, ୟାଶ ଧୂଲ (ଅଧିନାୟକ) ର୍ୟାନ ପରାଗ, ନିଶାନ୍ତ ସିନ୍ଧୁ, ପ୍ରଭସିମରନ ସିଂ (ଉଇକେଟ କିପର), ଧ୍ରୁବ ଜୁରେଲ (ଉଇକେଟ କିପର), ମାନବ ସୁଥାର, ଯୁବରାଜ ସିଂ ଡୋଡିଆ, ହର୍ଷିତ ରାଣା, ଆକଶ ସିଂ, ନୀତିଶ କୁମାର ରେଡ୍ଡୀ ଏବଂ ରାଜ୍ୟବର୍ଦ୍ଧନ ହାଙ୍ଗରଗେକର। ଷ୍ଟାଣ୍ଡବାଏ ତାଲିକା: ହର୍ଷ ଦୁବେ, ନେହାଲ ୱାଧେରା, ସ୍ନେଲ ପଟେଲ ଓ ମୋହିତ ରେଡ୍‌କର।


**ନିରୁଦ୍ଦିଷ୍ଟ**



ଲିଙ୍ଗରାଜ ସାହୁ, ଗ୍ରାମ: ମୁତାରିଫା, ପୋଷ୍ଟ: ପଦ୍ମପୁର, ଥାନା: ଜଗତପୁର, ଜିଲ୍ଲା: କଟକ। ଲିଙ୍ଗରାଜ ମୁତାରିଫାସ୍ଥିତ ତାଙ୍କ ଘର ନିକଟରୁ ନିଖୋଜ ହୋଇଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି 8260185945 ନମ୍ବରରେ ଜଣାଇବାକୁ ଅନୁରୋଧ। ଧ-୦୭୩୬


**ଆନ୍ତଃଜିଲା ମହିଳା କ୍ରିକେଟ**

# ରାଉରକେଲା, ଭଦ୍ରକ ବିଜୟୀ

**ଭୁବନେଶ୍ୱର, ୪।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ (ଫେଜ୍-୨)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରାଉରକେଲା ଓ ଭଦ୍ରକ ଦଳ ବିଜୟ ହାସଲ କରିଛି। କଟକର ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୭ ଉଇକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ୧୦ ଓଭରରେ ମାତ୍ର ୨୭ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ରାଉରକେଲା ମାତ୍ର ୪.୧ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ମ୍ୟାଚରେ ରାଉରକେଲାର ରିମା ଏକ୍କା ସୁନ୍ଦର ବୋଲିଂ କରି ମାତ୍ର ୬ ରନ ଦେଇ ୪ଟି ଉଇକେଟ ନେଇଥିଲେ। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୫ ଉଇକେଟରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଜଗତ୍‌ସିଂହପୁର ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୭୭ ରନ କରିଥିଲା। ଦଳ ପକ୍ଷରୁ ଅନନ୍ୟା ମିଶ୍ର ସର୍ବାଧିକ ୩୧ ରନ କରିଥିଲେ। ୭୮ ରନ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରିଥିବା ଭଦ୍ରକ ୧୯.୧ ଓଭରରେ ୫ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ନେଇଥିଲା।


# Classified Everyday
0674-2580101, 2549949


MATRIMONIAL

BRIDE WANTED

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-40yrs ଝିଅ ଆବଶ୍ୟକ। Candidate: 8984180242. D-0713

ପାତ୍ରୀ ଆବଶ୍ୟକ। ପୁଅ ଚାକିରି କରୁଛି। ଯୋଗ୍ୟତା M.Phil, ବୟସ: 27, Caste: ବଣିଆ, Height: 5'11". Contact: 9348544047. D-0712

46Yrs boy divorced melbourne. warehouse associate 70000 Dollar. Need simple, homely not highly qualified girl, Father Wg Cdr. 9686420870. D-0694


AUTOMOBILE

SALE

Maruti 800 sale Top Discover Livo 21 model purchase-7377612831. D-60976


REAL ESTATE

SALE

Centrally located HIG Duplex Dharmavihar, Bhubaneswar for sale. Contact: 9437482701. D-73775

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

Plot sale ପୁରୁଣା କଟକ-ସମ୍ବଲପୁର ରାସ୍ତା NH-655 ଠାରୁ ୫୦୦ମିଟର ଦୂରରେ ହିନ୍ଦୋଳ ଟାଉନ୍‌କୁ ଯାଇଥିବା ପିଚୁ ରାସ୍ତାକୁ ଲାଗି ହିନ୍ଦୋଳ ତହସିଲ ଅନ୍ତର୍ଗତ ଭଲ୍ଲପୁର ମୌଜାସ୍ଥିତ ଜଳସେଚନ ଓ Electricity ସୁବିଧା ଥାଇ ତାରବାଡ଼ଘେରା ୨ ଏକର ୩ ଡେସିମିଲ ଜାଗା ବିକ୍ରି ହେବ। ଯୋଗାଯୋଗ- 9937098987, 6370709044. D-75076

Kalinga stadium ସାମ୍ନା BDA Nico park ରାସ୍ତାର ସୁନାଦେଇ ମନ୍ଦିର ନିକଟରେ 5500 sqft. ର ଦୁଇ ମହଲା ଘର (125 Decimil) ବିକ୍ରି ହବ । ଯୋଗାଯୋଗ: 9937138533, 7978005735. D-0737


Healthcare

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly open Salon/Spa with expert therapist (Health Benefits). 9090400507. D-75126

Relax, Refresh your Body, Mind at Saikrupa Spa with best therapies. 8984068077. D-0725

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

I, Sabitarani Das alias Sobharani Das (58), W/o- Minaketan Das, Vill/ P.O.- Kaupur, P.S.- Bhadrak (Rural), Dist.- Bhadrak. I have an LIC Policy bearing No. 597929065, where in my name is Sabitarani Das. By this affidavit I declare that Sabitarani Das and Sobharani Das is same and one person. D-0740

I Padmabati Das alias Laxmipriya Das (41), W/o- Gopal Chandra-Das, Vill- Bishnupur, Ps- Simulia, Dist.- Balasore. I have a LIC Policy bearing No. 586567400, where in my name is Padmabati Das. I declare that Padmabati Das and Laxmipriya Das is same and one person. D-0735



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୨.୦୪.୧୯୬୩
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)

ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ। ଧ-୦୭୩୩

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୧.୧୦.୧୯୫୧
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)

ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ। ଧ-୦୭୪୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସଦାନନ୍ଦ ସାହୁ
(ପ୍ରୋ- M/s Siva Sankar Chuda and Rice Mill), Kanisi
କଦଳୀବାଡ଼ ଷ୍ଟ୍ରିଟ୍, ଗୋସାଣି ନୂଆଁଗା, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ତା୧୭।୦୪।୧୯୪୪
ତିରୋଧାନ: ତା୨୫।୦୬।୨୦୨୩
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିରଦିନ ପାଇଁ ମନେ ରହିବ। ମହାପ୍ରଭୁ ତୁମ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ, ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ। ଧ-୦୭୨୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବିଦ୍ୟାଧର ନାୟକ
ଅକରପଡ଼ା, ଦଶରଥପୁର, ଯାଜପୁର
ଜନ୍ମ: ୦୧।୦୩।୧୯୩୯
ମୃତ୍ୟୁ: ୨୫।୦୬।୨୦୨୩
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ମାଧବ ଚନ୍ଦ୍ର ନାୟକ (ଭାଇ), ରବୀନ୍ଦ୍ର କୁମାର ନାୟକ, ପ୍ରଫୁଲ୍ଲ କୁମାର ନାୟକ ଓ ଦୁର୍ଗା ପ୍ରସାଦ ନାୟକ (ପୁଅ), ଗୀତାରାଣୀ ନାୟକ, ସସ୍ମିତା ନାୟକ, ଶୁଚରିତା ନାୟକ, ସାଗରିକା ନାୟକ। ଧ-୦୭୪୧


# ଭାରତ ଚାମ୍ପିୟନ

**ସାଫ୍ ଫୁଟବଲ**

**ବେଙ୍ଗାଲୁରୁ, ୪।୭**

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ୧୪ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତ ପେନାଲ୍ଟି ଶୁଟ୍ ଆଉଟ ୫-୪ ଗୋଲରେ କୁଏଟ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। କୁଏଟ୍ ପକ୍ଷରୁ ଶବିବ ଅଲ୍ ଖାଲ୍‌ଦି ୧୪ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୩୮ତମ ମିନିଟରେ ଭାରତର ଲାଲିଆଞ୍ଜୁଆଲା ଚାଙ୍ଗଟେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଏହାପରେ ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟର ଖେଳରେ ଆଉ ଗୋଲ ହୋଇପାରି ନ ଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ୫ଟି ଗୋଲ ଦେଇଥିବାବେଳେ କୁଏଟ୍ ୪ଟି ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଏହାକୁ ମିଶାଇ ଭାରତ ୯ମ ଥରପାଇଁ ସାଫ୍ କପ୍ ବିଜେତା ହୋଇଛି। ପୂର୍ବରୁ ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫ ଓ ୨୦୨୧ରେ ଭାରତ ଚାମ୍ପିୟନ ହୋଇଥିଲା। ଏଥିସହ ଗତ ସଂସ୍କରଣର ଚାମ୍ପିୟନ ଭାରତ ଏଥର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି।

# ଚାଙ୍ଗ୍‌ଟେ, ମନୀଷା ପ୍ଲେୟର ଅଫ୍ ଦି ଇୟର

**ବେଙ୍ଗାଲୁରୁ, ୪।୭ (ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ମଙ୍ଗଳବାର ଭାରତ ଓ ମୁମ୍ବାଇ ସିଟି ଏଫ୍‌ସି ୱିଙ୍ଗର ଲାଲିଆନଜୁଆଲା ଚାଙ୍ଗ୍‌ଟେଙ୍କୁ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରାଯାଇଛି। ମହିଳା ବିଭାଗରେ ମନୀଷା କଲ୍ୟାଣ ଏହି ପୁରସ୍କାର ଜିତିଛନ୍ତି। ଚାଙ୍ଗ୍‌ଟେଙ୍କର ଜାତୀୟ ଦଳ ପାଇଁ ଏବଂ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ମିଜୋରାମର ଏହି ୨୬ ବର୍ଷୀୟ ଖେଳାଳି ୨୦୨୨-୨୩ ଅନ୍ତର୍ଜାତୀୟ ସିଜନରେ ଭାରତ ତରଫରୁ ୧୨ଟି ମ୍ୟାଚ ଖେଳି ବ୍ୟକ୍ତିଗତ ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଗୋଟିଏ ଗୋଲ୍‌ରେ ସାଥି ଖେଳାଳିଙ୍କୁ ସହଯୋଗ କରିଥିଲେ। ଏହି ପୁରସ୍କାର ଦୌଡ଼ରେ ସେ ତାଙ୍କ ଜାତୀୟ ଟିମ୍‌ମେଟ୍ ନନ୍ଦକୁମାର ସେକର ଓ ନାଓରେମ୍ ମହେଶ ସିଂଙ୍କୁ ପଛରେ ପକାଇ ଦେଇଥିଲେ। ଗତ ସିଜନରେ ମୁମ୍ବାଇ ସିଟି ଏଫ୍‌ସିର ଆଇଏସ୍‌ଏଲ୍ ୱିନର୍ସ' ଶିଲ୍ଡ ବିଜୟ ଅଭିଯାନରେ ସେ ୧୦ ଗୋଲ ସ୍କୋର କରିଥିବା ବେଳେ ୬ଟି ସହାୟତା କରିଥିଲେ। ସେ ଆହୁରି ମଧ୍ୟ ଗତ ସିଜନ ଡୁରାଣ୍ଡ କପ୍‌ରେ ୬ଟି ମ୍ୟାଚ ଖେଳି ୭ ଗୋଲ୍ ସ୍କୋର କରିଥିଲେ। ସୁପର କପ୍‌ରେ ମଧ୍ୟ ସେ ୩ଟି ଗେମ୍ ଖେଳି ଗୋଟିଏ ଗୋଲ ଦେଇଥିଲେ। ଏଠାରେ ମଙ୍ଗଳବାର ଏଆଇଏଫ୍‌ଏଫ୍ ବାର୍ଷିକ ସାଧାରଣ ବୈଠକ ବସିଥିଲା। ସେଥିରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ସାଇପ୍ରସରେ ପ୍ରଥମ ଡିଭିଜନ କ୍ଲବ ଆପୋଲନ ଲେଡିଜ ତରଫରୁ ଖେଳୁଥିବା ପଞ୍ଜାବର ୨୧ ବର୍ଷୀୟା ଫରୱାର୍ଡ ମନୀଷା ମହିଳା ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ଖେଳାଳି ଡାଲିମା ଛିବର ଓ ଏନ୍‌ଗାଙ୍ଗ୍‌ବାମ୍ ସ୍ୱିଟି ଦେବୀଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ପୂର୍ବତନ ଖେଳାଳି କ୍ଲିଫର୍ଡ ମିରାଣ୍ଡା ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ପୁରସ୍କାର ଜିତିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସୁପର କପ୍ ସଫଳତା ଏବଂ ଏଏଫ୍‌ସି କପ୍ କ୍ୱାଲିଫିକେଶନ ହାସଲ କରିଥିଲା। ପ୍ରିୟା ପରାଥି ଭାଲାପିଲ୍ ବର୍ଷର ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଛନ୍ତି।

# ଆଖୁ ଜମିରେ ଅଧିକ ପାଣି ଜମି ରହିଲେ

**ଆ**ଖୁଜମିରେ ଯଦି ଅଧିକ ପାଣି ଜମି ରହୁଛି ତେବେ ଏହାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳାବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରୋଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାରର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗକରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।



# ବର୍ଷାଦିନେ ଗୁହାଳର ଯତ୍ନ

**ବ**ର୍ଷାଦିନେ ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣା ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦେଇଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷାକରି କୃମିନାଶକ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ । ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ପାଣି ଜମାହେବା ପାଇଁ ଦିଅନ୍ତୁ ନାହିଁ ।



# ଡାଲିଜାତୀୟ ଫସଲରେ ଘାସମରା

**ଡା**ଲିଫସଲରେ ଘାସମରା ଔଷଧ ଲାଗି ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲ୍ଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩, ଆଇ.ପି.ଏମ୍. ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ ।





ଡା. ମାନସ ରଞ୍ଜନ ପଟ୍ଟନାୟକ

# ସମନ୍ୱିତ କୃଷି



**ଭା**ରତର ପ୍ରାୟ ୬୦-୭୦ ପ୍ରତିଶତ ଲୋକଙ୍କ ପ୍ରାଥମିକ ଜୀବିକା ହେଲା କୃଷି। ଏହା ଯୁଗ ଯୁଗରୁ ଚାଲି ଆସିଛି। କିନ୍ତୁ ବୁଦ୍ଧିମାନ ଲୋକମାନେ କୃଷି ବଦଳରେ ଅନ୍ୟ ବୃତ୍ତିକୁ ଗ୍ରହଣ କରିବାକୁ ଅଧିକ ଇଚ୍ଛା ପ୍ରକାଶ କରୁଛନ୍ତି। ଏହାର ଏକମାତ୍ର କାରଣ ହେଲା- କୃଷିରେ ଚାଷୀମାନେ ଯେତିକି ନିବେଶ କରୁଛନ୍ତି, ତା' ବଦଳରେ ସେମାନଙ୍କୁ ସେତିକି ମିଳୁନାହିଁ। କୃଷକମାନଙ୍କର ସ୍ଥିତି ଭାରତରେ ଏତେ ଉନ୍ନତ ଧରଣ ନୁହେଁ, କୃଷି ପାଇଁ ଋଣ ନେଇ ଶୁଝିବା ଏକ ବୋଝ ହୋଇଯାଏ। ପାରମ୍ପରିକ ଭାବରେ ପ୍ରାୟତଃ ଗୋଟିଏ ପ୍ରକାର ଫସଲ କରିବା ଦ୍ୱାରା ଅନେକ ସମୟରେ କୃଷକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପୋଜିଟ୍ ଫାର୍ମିଂ ବା ସମନ୍ୱିତ କୃଷିକୁ ଗୁରୁତ୍ୱ ଦେବା ଆରମ୍ଭ ହେଲାଣି । ଏହା ଏକ ନୂଆ ପଦ୍ଧତି। ଏହା ମାଧ୍ୟମରେ କୃଷକ ନିଜ ନିବେଶରେ ୧୦ଗୁଣ ଅଧିକ ଲାଭ ପାଇପାରିବ। ଏକ ସ୍ଥାନରେ ଏକା ସମୟରେ ଫସଲ ସହ ମାଛଚାଷ, ଗୋପାଳନ ,ଛେଳି,ମେଣ୍ଢା,କୁକୁଡ଼ା ଚାଷ ଇତ୍ୟାଦି ବହୁବିଧ କାର୍ଯ୍ୟକୁ କମ୍ପୋଜିଟ୍‌କୁ ଫାର୍ମିଙ୍ଗ କୁହାଯାଏ। ଯେଉଁ ସ୍ଥାନରେ ବର୍ଷକୁ ଗୋଟିଏ ଫସଲ ହୁଏ , ଯେଉଁଠି ଜଳସେଚନ ସୁବିଧା ନାହିଁ ଏବଂ ବର୍ଷା କମ୍ ହୁଏ, ସେ ସବୁସ୍ଥାନରେ କମ୍ପୋଜିଟ୍ ଫାର୍ମିଂ ହିଁ ଚାଷୀଙ୍କ ପାଇଁ ଲାଭଜନକ ହେବ। ଏହି ପଦ୍ଧତିରେ ଜଳ, ଜମି, ଫସଲ,ପ୍ରାଣୀ ଓ କୁକୁଡ଼ା ପାଳନ ତଥା ମାନବ ସମ୍ବଳର ଉତ୍ତମ ଉପଯୋଗ ହୋଇପାରେ। ଏହାଦ୍ୱାରା କମ୍ ସ୍ଥାନରୁ ଅଧିକ ଆୟ ମିଳିବ। ସାଧାରଣତଃ କମ୍ପୋଜିଟ୍ ଫାର୍ମିଂରେ ଏକ ଫାର୍ମିଂ କମ୍ପ୍ଲେକ୍ସ ମଧ୍ୟରେ ବିଭିନ୍ନ ପ୍ରକାର ଚାଷକରି କିପରି ଅଧିକ ଅମଳ ଓ ଅଧିକ ଲାଭ ଉଠେଇ ହେବ, ତା' ଉପରେ ପ୍ରାଧାନ୍ୟ ଦିଆଯାଏ। ଏହା ସାଧାରଣତଃ ଉତ୍ପାଦନ କ୍ଷମତା ଓ ନିବେଶ ଉପରେ ନିର୍ଭରଶୀଳ। ଏହାଦ୍ୱାରା ଜମିରେ ଉତ୍ପାଦନ କ୍ଷମତା ବୃଦ୍ଧିପାଏ। କମ୍ପୋଜିଟ୍ ମଡେଲ ପଦ୍ଧତି କୃଷକମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ଏହି ପଦ୍ଧତିରେ ରୋଗ ନିୟନ୍ତ୍ରଣ କରିବା ସହଜ । ଗେଣ୍ଡୁଗଛ କିମ୍ବା ଜଡ଼ାଗଛ ଜମି ହିଡ଼ରେ ଯଦି ଲଗାଇବା ଏହା ଧାନ ଫସଲକୁ କୀଟପତଙ୍ଗ ଦାଉରୁ ରକ୍ଷା କରିପାରିବ। ସାଧାରଣତଃ ଡାଲି ଜାତୀୟ ଫସଲ ମୃତ୍ତିକାରେ ଯବକ୍ଷାରଜାନ ପରିମାଣକୁ ନିୟନ୍ତ୍ରଣ ରଖିବାରେ ଏହା ସାହାଯ୍ୟ କରେ। ସେହିପରି ଧନିଆ,ଆକାଶିଆ ଇତ୍ୟାଦିକୁ ମୃତ୍ତିକାର ଉର୍ବରତା ବଢ଼ାଇବାରେ ବ୍ୟବହାର କରାଯାଇପାରିବ। ଏହି ସବୁକୁ ମୁଖ୍ୟ ଫସଲ ମଝିରେ ଲଗାଇଲେ ଉର୍ବରତା କମ୍ ହେବାକୁ ଦିଅନ୍ତି ନାହିଁ। ସେହିପରି ସୁବାବୁଲ ଗଛର ପତ୍ର ଓ ଚେର ମାଟିରେ ମିଶାଇଲେ ମାଟିର ଉର୍ବରତା ବଢ଼େ। ଉଦାହରଣ ସ୍ୱରୂପ ଧାନ ଚାଷ ସହ ଆମେ ମତ୍ସ୍ୟଚାଷକୁ ଏକା ସମୟରେ ଅଳ୍ପ ଖର୍ଚ୍ଚରେ କରିପାରିବା। ଧାନ ଜମିରେ ପାଣିକୁ ମତ୍ସ୍ୟ ଚାଷରେ ବିନିଯୋଗ କରିହେବ। ଧାନଚାଷ ପରେ ବିରି,ମୁଗ ଓ ବିଭିନ୍ନ ଡାଲିଜାତୀୟ ଫସଲ ଚାଷ କରିହେବ। ଏହାଦ୍ୱାରା ମୃତ୍ତିକାର ଉତ୍ପାଦନ କ୍ଷମତା ହ୍ରାସ ପାଇବନାହିଁ। ଅଧିକ ଲାଭ ପାଇବା ନିମନ୍ତେ ବିଭିନ୍ନ ପନିପରିବା ଚାଷ ମଧ୍ୟ କରିହେବ। ଜମିରେ ଗାଇ ,ମଇଁଷିଙ୍କ ଗୋବରକୁ ଖତ ହିସାବରେ ବ୍ୟବହାର କରିହେବ। ଧାନ ଉତ୍ପାଦନ ପରେ ଯାହା ବଳିଯାଏ,ତାକୁ ପାଳ ହିସାବରେ ଗୋଖାଦ୍ୟ ରୂପେ ବ୍ୟବହାର କରିହେବ। କମ୍ପୋଜିଟ୍ ମଡେଲ ମାଧ୍ୟମରେ ଥରେ ଜମି ପରିମାଣ ଓ ମୃତ୍ତିକା ଶ୍ରେଣୀ ବିଷୟରେ ଜଣାପଡ଼ିବା ପରେ ବୈଷୟିକ ଜ୍ଞାନ ବିନିଯୋଗରେ ଉତ୍ପାଦନ ବଢ଼ାଇ ହେବ। ଜଳସେଚନ ଓ ଜୈବିକ ପଦାର୍ଥର ଯେପରି ଅଭାବ ନ ହୁଏ। ଗୋଟିଏ ପୋଖରୀକୁ ମଧ୍ୟ ଗୋଟିଏ କମ୍ପୋଜିଟ୍ ମଡେଲ ମଧ୍ୟରେ ସାମିଲ କରିହେବ। ଏହାକୁ ମାଛଚାଷ ଓ ଚିଙ୍ଗୁଡ଼ିଚାଷ ସହ ବତକଙ୍କ ବାସସ୍ଥଳୀ ଭାବେ ବ୍ୟବହାର କରିହେବ। ଏଥିରେ ମୃତ୍ତିକାର ଉର୍ବରତା ବଢ଼େ। ତାଳଗଛ ଓ ନଡ଼ିଆଗଛର ଚେର ବହୁତ ମଜଭୁତ ଥାଏ। ଏହାଦ୍ୱାରା ମୃତ୍ତିକା କ୍ଷୟରୁ ରକ୍ଷାପାଇବା ସହ ମସଲାଜାତୀୟ ବୃକ୍ଷରୋପଣ କରାଯାଇପାରିବ। ସେହିଭଳି ଫଳଜାତୀୟ ଓ ରୋପଣ ଜାତୀୟ ଫସଲ ସାଧାରଣତଃ ଅଧିକ ଲାଭ ଦିଅନ୍ତି। ସେମାନେ ଗୋଟିଏ ବର୍ଷରେ ଥରକୁ ଅଧିକ ଥର ଉତ୍ପାଦନକ୍ଷମ ଅଟନ୍ତି। ଏହି ପ୍ରକାର ଚାଷରେ ବିନିଯୋଗ ଅପେକ୍ଷା ଲାଭ ଅଧିକ ହୋଇଥାଏ। କମ୍ପୋଜିଟ୍ ଫାର୍ମିଂରେ ସରକାରଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାର ବିଭିନ୍ନ ପ୍ରକାର ନୀତିନିୟମ ଅନୁସାରେ ପ୍ରଚାରକଲେ ଚାଷୀମାନେ ଉପକୃତ ହେବେ।



-ଅଧ୍ୟକ୍ଷ,ଆଗ୍ରୋ ପଲିଟେକ୍‌ନିକ୍ ସେଣ୍ଟର,ଓୟୁଏଟି, ରଙ୍ଗେଇଲୁଣ୍ଡା,ବ୍ରହ୍ମପୁର
ମୋ: ୯୪୩୯୬୩୮୦୦୪

# ଚିନାବାଦାମରେ ଜୀବାଣୁ ଉପଚାର

**ଚି**ନାବାଦାମ ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପି ନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ। ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।



# ବାଇଗଣର ଉନ୍ନତ କିସମ

**ବା**ଇଗଣର ଉନ୍ନତ କିସମ ଗୁଡ଼ିକ ହେଲା - ମୁକ୍ତାକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣି, ଅଖିତା, ସୁଙ୍ଗ୍ରୋ-୧୩୨, ସୁଙ୍ଗ୍ରୋ-୩୮, ଭି.ଏନ୍.ଆର୍.-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ ।

# ଫଳବଗିଚା: ଯତ୍ନ କିପରି ନେବେ

**ଆ**ମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ। ଫଳବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ। ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



# ପନିପରିବା ଫସଲରେ ହୁଡ଼ା ଟେକା

**କ**ଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରନ୍ତୁ। ଏଥିସହ ଏଥିରେ ପ୍ରଥମ କିସ୍ତି ସାର ଦେବା ପରେ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ । ମନେରଖନ୍ତୁ ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାଇବେ ନାହିଁ। ଭେଣ୍ଡି ଫସଲକୁ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ । ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ ।

# ତଳିଘରା କିପରି ପ୍ରସ୍ତୁତି କରିବେ...

**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ ପଟାଳି ମଝିରେ ୩୦ସେ.ମି. ଓସାର ନାଳ ଛାଡ଼ିବେ । କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨,୪-ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲହେବା ପୂର୍ବରୁ) ସିଧାସଳଖ ହଳ ଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ। ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟରଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।



# ନଳିତାରେ କୋଡ଼ାଖୁସା ସମ୍ପର୍କରେ...

**ନ**ଳିତା ବୁଣା କାର୍ଯ୍ୟ ସାଧାରଣତଃ ଜୁନ୍ ମାସରେ କରାଯାଏ। ଆଉ ଆପଣ ନଳିତା ଚାଷ କରିଥିଲେ, ଗଛ ୩ ସପ୍ତାହର ହୋଇଯାଇଥିଲେ ସେଥିରେ ଯଥାଶୀଘ୍ର କୋଡ଼ାଖୁସା କାର୍ଯ୍ୟ ଶେଷ କରନ୍ତୁ। ଏହାପରେ ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ । ଗଛ ଯଦି ଗହଳିଆ ହୋଇଥିବ ତେବେ ପତଳା କରନ୍ତୁ। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ବର୍ଷା ହୋଇଥିବା ସ୍ଥାନରେ ସଅଳ ନଳିତା ବୁଣିଥିଲେ ତାହା ଯଦି ୫ରୁ ୬ ସପ୍ତାହର ହୋଇ ଯାଇଥାଏ ତାହେଲେ କୋଡ଼ାଖୁସା କରିବା ସହ ଘାସ ବାଛି ଦିଅନ୍ତୁ। ଏକର ପିଛା ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୫/୨୦୨୩ Bhubaneswar, Wednesday, July 5/ 2023

# ଦ୍ୱିତୀୟ ରାଉଣ୍ଡରେ ଅଲକାରାଜ, ରିବାକିନା

ୱିମ୍ବଲଡନ୍, ୪।୭ (ପି.ଟି.)

ସର୍ବପୁରାତନ ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ୍‌ର ଦ୍ୱିତୀୟ ଦିନରେ ବର୍ଷା କାରଣରୁ ଏକାଧିକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ତେବେ ପୁରୁଷ ଟପ୍ ସିଡ୍ ଖେଳାଳି କାର୍ଲୋସ୍ ଅଲକାରାଜ ଗାର୍ଫିଆ, ଜାନିକ୍ ସିନର ଓ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଏଲିନା ରିବାକିନା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବର୍ଗରେ

**ୱିମ୍ବଲଡନ୍ ୨୦୨୩**

ମାତ୍ର ଦୁଇଟି ମ୍ୟାଚ୍ ଖେଳ ହେବା ସମ୍ଭବ ହୋଇଥିବା ବେଳେ ମହିଳା ବର୍ଗରେ ମଧ୍ୟ ମାତ୍ର ଗୋଟିଏ ମ୍ୟାଚ୍ ସମ୍ପୂର୍ଣ୍ଣ ହୋଇଥିଲା। ଟପ୍ ସିଡ୍ ରହିଥିବା ଅଲକାରାଜ ଫ୍ରାନ୍ସର ଜେରେମି ଚାର୍ଡିଙ୍କୁ ୬-୦, ୬-୨ ଓ ୭-୫ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌କୁ ୬-୦ରେ ଜିତିବା ପରେ ଦ୍ୱିତୀୟ ସେଟ୍‌କୁ ମଧ୍ୟ ଏକପାଖିଆ ଭାବେ ଜିତି ନେଇଥିଲେ ଅଲକାରାଜ। ନିର୍ଣ୍ଣାୟକ ସେଟ୍‌ରେ ଏକଦା ମ୍ୟାଚ୍ ୫-୫ ସ୍ଥିତିରେ ରହିଥିଲେ ମଧ୍ୟ ଅଲକାରାଜ ୭-୫ରେ ମ୍ୟାଚ୍‌କୁ ଜିତି ନେଇଥିଲେ। ୧ ଘଣ୍ଟା ୫୩ ମିନିଟ ସମୟ ନେଇ ସେ ଏହି ମ୍ୟାଚକୁ ଜିତି ନେବା ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ସମାପ୍ତ ହୋଇଥିବା ଅନ୍ୟ ମ୍ୟାଚ୍‌ଟିରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଅଷ୍ଟମ ସିଡ୍ ଜାନିକ୍ ସିନର। ଆର୍ଜେଣ୍ଟିନାର ଜୁଆନ୍ ମାନୁଏଲ ସେରୁଣ୍ଡୋଲୋଙ୍କୁ ସେ ୬-୨, ୬-୨ ଓ ୬-୨ର ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ଷ୍ଟିଫାନୋସ୍ ସିତ୍‌ସିପାସ ଓ ହୋଲ୍‌ଗର ରୁନଙ୍କ ପରି ସିଡେଡ ଖେଳାଳିଙ୍କ ବର୍ଷା କାରଣରୁ ବନ୍ଦ ରହିଛି।

ମହିଳା ସିଙ୍ଗଲ୍ସରେ ମାତ୍ର ଗୋଟିଏ ମ୍ୟାଚ୍ ସମ୍ପୂର୍ଣ୍ଣ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ୍ କାଜାଖସ୍ତାନର ଏଲିନା ରିବାକନା ଏହି ମ୍ୟାଚରେ ଆମେରିକାର ସେଲ୍‌ବି ରୋଜର୍ସଙ୍କୁ ୪-୬, ୬-୧ ଓ ୬-୨ ସେଟରେ ପରାସ୍ତ କରିଥିଲେ। ସେଲ୍‌ବି ପ୍ରଥମ ସେଟ୍‌ରେ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ରିବାକିନାଙ୍କୁ ପରାସ୍ତ କରିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ରିବାକିନା ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ। ସେଣ୍ଟର କୋର୍ଟରେ ଖେଳା ଯାଇଥିବା ଏହି ମ୍ୟାଚ୍ ଦେଖିବାକୁ ଟେନିସ୍ କିମ୍ବଦନ୍ତୀ ରୋଜର ଫେଡେରର ଓ ୱେଲ୍ସ ରାଜକୁମାରୀ ଉପସ୍ଥିତ ରହିଥିଲେ। ଫେଡେରରଙ୍କୁ ନିଜର ଆଦର୍ଶ ମାନୁଥିବା ରିବାକିନା ମ୍ୟାଚ୍ ପରେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ମୋର ଆଦର୍ଶ ଦର୍ଶକ ଷ୍ଟାଣ୍ଡରେ ବସି ମୋ ମ୍ୟାଚ ଦେଖିବା ମୋ ପାଇଁ ଗର୍ବର ବିଷୟ ବୋଲି କହିଥିଲେ ରିବାକିନା।



ରିଟର୍ନ ଶଟ୍ ଖେଳିବା ଅବସରରେ ଏଲିନା ରିବାକିନା।

# ଉପଅଧିନାୟିକା ରହିଲେ ଦୀପ୍‌ଗ୍ରେସ୍



ୟୁରୋପ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ୟୁରୋପ ଗସ୍ତ ପାଇଁ ଭାରତୀୟ ମହିଳା ହକି ଦଳ ଘୋଷିତ**

ନୂଆଦିଲ୍ଲୀ, ୪।୭ (ପି.ଟି.)

ୟୁରୋପ ଗସ୍ତ ପାଇଁ ୨୦ ଜଣିଆ ମହିଳା ହକି ଦଳ ଘୋଷଣା କରିଛି ହକି ଇଣ୍ଡିଆ। ଏହି ଦଳ ପ୍ରଥମେ ଜର୍ମାନୀରେ ମ୍ୟାଚ୍ ଖେଳିବା ସହିତ ସ୍ପେନ୍‌ରେ ଏକ ଚତୁଃରାଷ୍ଟ୍ରୀୟ ଟି୨୦ ଟୁର୍ଣ୍ଣାମେଣ୍ଟ ଖେଳିବ। ଉଭୟ ଇଭେଣ୍ଟ ହାଙ୍ଗଝୌ ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଶିବିର ରହିବ। ଆସନ୍ତା ସେପ୍ଟେମ୍ବରରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଦଳରେ ଗୋଲକିପର ସବିତା ପୁନିଆ ଅଧିନାୟିକା ରହିଥିବା ବେଳେ ଉପ ଅଧିନାୟିକା ପଦ ବଜାୟ ରଖିଛନ୍ତି ଓଡ଼ିଆ ଝିଅ ଦୀପ୍‌ଗ୍ରେସ୍ ଏକ୍କା। ଓଡ଼ିଶାର ଜ୍ୟୋତି ଛତ୍ରି ମଧ୍ୟ ଦଳର ଅନ୍ୟତମ ସଦସ୍ୟା ରହିଛନ୍ତି। ଜର୍ମାନୀରେ ଜୁଲାଇ ୧୬ରୁ ଭାରତୀୟ ଦଳ ୩ ମ୍ୟାଚର ଟେଷ୍ଟ ସିରିଜ୍ ଖେଳିବ। ପ୍ରଥମେ ଚାଇନା ବିପକ୍ଷରେ ଓ ପରବର୍ତ୍ତୀ ଦୁଇ ମ୍ୟାଚ୍ ଜର୍ମାନୀ ବିପକ୍ଷରେ ଖେଳିବେ ଭାରତୀୟ ମହିଳା। ଏହାପରେ ଜୁଲାଇ ୨୫ରୁ ୩୦ ମଧ୍ୟରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ସ୍ପେନ୍‌କୁ ନେଇ ଏକ ଚୁତଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ଭାରତ। ସ୍ପାନିଶ ହକି ଫେଡେରେଶନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ।

ଅଷ୍ଟ୍ରେଲିଆ ଗସ୍ତରୁ ବିଶ୍ରାମ ପାଇଥିବା ଭେଟେରାନ ଡିଫେଣ୍ଡର ସୁଶୀଳା ଚାନୁ ପୁଖରାମବାମ ଓ ଫରୱାର୍ଡ ଦୀପିକା ଦଳକୁ ଫେରିଛନ୍ତି। ସେହିପରି ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ପରେ ମିଡ୍‌ଫିଲ୍ଡର ବୈଷ୍ଣବୀ ବିଠଲ ଫାଲକେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତୀୟ ଦଳ ପାଇଁ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି, କୋଚ୍ ଜାନେକ୍ ଶପମାନ୍। ଶକ୍ତିଶାଳୀ ଦଳମାନଙ୍କ ବିପକ୍ଷରେ ଖେଳିବାର ଅଭିଜ୍ଞତା ଭାରତୀୟ ଦଳକୁ ମିଳିବ ବୋଲି ସେ କହିଛନ୍ତି।

**ଭାରତୀୟ ଦଳ: ଗୋଲକିପର:** ସବିତା (ଅଧିନାୟିକା), ବିଚୁ ଦେବୀ ଖରିବାମ। **ଡିଫେଣ୍ଡର:** ଦୀପ୍‌ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା, ସୁଶୀଳା ଚାନୁ ପୁଖରାମବାମ। **ମିଡ୍‌ଫିଲ୍ଡର:** ନିଶା, ମୋନିକା, ସଲିମା ଟେଟେ, ନେହା, ନବନୀତ କୌର, ସୋନିକା, ବଲଜିତ କୌର, ବୈଷ୍ଣବୀ ବିଠଲ ଫାଲ୍‌କେ, ଜ୍ୟୋତି ଛତ୍ରି। **ଫରୱାର୍ଡ:** ଲାଲରେମସିଆମି, ବନ୍ଦନା କଟାରିଆ, ସଙ୍ଗୀତା କୁମାରୀ, ଦୀପିକା।

# ରୋଜର ଫେଡେରରଙ୍କୁ ଷ୍ଟାଣ୍ଡିଂ ଓଭେଶନ

ୱିମ୍ବଲଡନ୍, ୪।୭(ପି.ଟି.)

ୱିମ୍ବଲଡନ୍ ଇତିହାସର ସଫଳତମ ଖେଳାଳି ରୋଜର ଫେଡେରରଙ୍କୁ ମିଳିଛି ଷ୍ଟାଣ୍ଡିଂ ଓଭେଶନ। ଅବସର ପରେ ପ୍ରଥମ ଥର ପାଇଁ ମ୍ୟାଚ୍ ଦେଖିବାକୁ ଅଲ ଇଂଲଣ୍ଡ ଟେନିସ୍ କ୍ଲବରେ ପହଞ୍ଚିଥିଲେ ଫେଡେରର। ସେ ପହଞ୍ଚିବା କ୍ଷଣି ସମସ୍ତ ଦର୍ଶକ ଛିଡା ହୋଇ ଦେଢ ମିନିଟ ଧରି କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ କ୍ରିମ୍ କଲର ସୁଟ୍‌ରେ ରହିଥିବା ଫେଡେରର ନିଜ ପତ୍ନୀ ମିର୍କା ଓ ୱେଲ୍ସର ରାଜକୁମାରୀ କେଟ୍ ମିଡିଲଟନ୍‌ଙ୍କ ମଝିରେ ଛିଡା ହୋଇଥିବା ନଜର ଆସିଥିଲେ। ଏହି ସମ୍ମାନପାଇଁ ଫେଡେରର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ୨୦୨୧ରେ ଶେଷଥର ପାଇଁ ୱିମ୍ବଲଡନ୍ ଖେଳିଥିବା ଫେଡେରର କ୍ୱାର୍ଟର ଫାଇନାଲରେ ହୁବର୍ଟ ହୁରକାଜଙ୍କଠାରୁ ହାରିଥିଲେ। ୨୦ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା ଫେଡେରର ୮ ଥର ୱିମ୍ବଲଡନ୍ ବିଜୟୀ ହୋଇଛନ୍ତି। ପୁରୁଷ ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ ହୋଇଥିବା ବେଳେ ମହିଳା ଖେଳାଙ୍କ ମଧ୍ୟରେ ମାର୍ଟିନା ନାଭ୍ରାତିଲୋଭା ୯ ଥର ବିଜୟୀ ହୋଇଛନ୍ତି।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଦେଖିବାପାଇଁ ମଙ୍ଗଳବାର ଦର୍ଶକ ଷ୍ଟାଣ୍ଡରେ ସ୍ତ୍ରୀ ମିର୍କାଙ୍କ ସହ ରୋଜର ଫେଡେରର।

## ଓଲି ପୋପ୍ ଆଶେସରୁ ବାହାର

**ଲିଡ୍ସ, ୪।୭ (ପି.ଟି.):** ଇଂଲଣ୍ଡ ଉପ ଅଧିନାୟକ ଓଲି ପୋପ୍ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଲର୍ଡ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଉଥିବା ବେଳେ ତାଙ୍କ ଡାହାଣ କାନ୍ଧ ଖସି ଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ତାଙ୍କର ଅସ୍ତ୍ରୋପଚାର ହେବ। ଗତ ସପ୍ତାହରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ଏହି ୨୫ ବର୍ଷୀୟ ବ୍ୟାଟର ଅଜବ ପ୍ରକାର ତଳେ ପଡ଼ିଯିବାରୁ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡକୁ ଜଣେ ବଦଳ ଫିଲ୍ଡର ନେବାକୁ ଅନୁମତି ନ ମିଳିବାରୁ ତାଙ୍କ ଇଞ୍ଜୁରି ସମସ୍ୟା ବୃଦ୍ଧି ପାଇଥିଲା। ସୋମବାର ତାଙ୍କର ସ୍କାନ କରାଯାଇଥିଲା। ତାଙ୍କର ଅସ୍ତ୍ରୋପଚାର ଜରୁରୀ ବୋଲି ଜଣାପଡ଼ିଥିଲା। ସିଜନର ଅବଶିଷ୍ଟ ସେ ଖେଳିପାରିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମଙ୍ଗଳବାର ପ୍ରକାଶ କରିଛି।

# ବିଡବ୍ଲ୍ୟୁଏଫ୍ ର୍ୟାଙ୍କିଙ୍ଗ: ସିନ୍ଧୁ ୧୫କୁ ଖସିଲେ

ନୂଆଦିଲ୍ଲୀ, ୪।୭(ପି.ଟି.)

ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ର୍ୟାଙ୍କିଙ୍ଗ ତାଲିକାରେ ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ୩ ସ୍ଥାନ ତଳକୁ ଖସି ୧୫ତମ ସ୍ଥାନରେ ରହିଛନ୍ତି। ସିନ୍ଧୁ ଚଳିତବର୍ଷ ଏପ୍ରିଲରେ ଏଲିଟ୍ ଟପ୍ ୧୦ରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ସେ ୧୩ଟି ଟୁର୍ଣ୍ଣାମେଣ୍ଟରୁ ୫୧,୦୭୦ ପଏଣ୍ଟ ଅର୍ଜନ କରିଛନ୍ତି। ଗତ ୫ ମାସ ଆଘାତଜନିତ ସମସ୍ୟାରେ ରହି ଫେରିଥିବା ୨୭ ବର୍ଷୀୟା ସିନ୍ଧୁ ଚଳିତ ସିଜନରେ ଭଲ ପ୍ରଦର୍ଶନ ଲକ୍ଷ୍ୟରେ ରହିଛନ୍ତି। ଏହି ସପ୍ତାହରେ ସେ କାନାଡା ଓପନ ସୁପର ୫୦୦ରେ ଭାଗ ନେବେ। ଏହି ସିଜନରେ ସେ ମାଡ୍ରିଡ୍ ସ୍ପେନ ମାଷ୍ଟର୍ସ ସୁପର ୩୦୦ ଫାଇନାଲରେ ପ୍ରବେଶ କରିଥିବା ବେଳେ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲକୁ ଉନ୍ନୀତ ହୋଇପାରିଥିଲେ। ବର୍ଷ ଆରମ୍ଭରେ କିନ୍ତୁ ତାଙ୍କୁ ବହୁ ପ୍ରତିଯୋଗିତାରେ ପ୍ରଥମରୁ ବିଦାୟ ନେବାକୁ ପଡ଼ିଛି। ଭାରତୀୟ ପୁରୁଷ ଡବଲ୍ସ ଶୀର୍ଷ ର୍ୟାଙ୍କିଙ୍ଗ ଖେଳାଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀଙ୍କୁ ବିଶ୍ୱର ୩ ନମ୍ବର ଯୋଡ଼ି ହୋଇଛନ୍ତି। ୮ମ ସ୍ଥାନ ଅଧିକାର କରିଥିବା ଏଚ୍.ଏସ୍. ପ୍ରଣୟ ହେଉଛନ୍ତି ପୁରୁଷ ସିଙ୍ଗଲ୍ସରେ ଶ୍ରେଷ୍ଠ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ଲକ୍ଷ୍ୟ ସେନ ଓ କିଡାମ୍ବି ଶ୍ରୀକାନ୍ତ ଯଥାକ୍ରମେ ୧୯ତମ ଓ ୨୦ତମ ସ୍ଥାନରେ ଅଛନ୍ତି। ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଗୋଟିଏ ସ୍ଥାନ ତଳକୁ ଖସି ୧୭ତମ ସ୍ଥାନରେ ଅଛନ୍ତି। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ପୁରୁଷ ଡବଲ୍ସ ଯୋଡ଼ି ଏମ୍‌ଆର୍ ଅର୍ଜୁନ ଓ ଧ୍ରୁବ କାପିଲା ୨୬ତମ ସ୍ଥାନରେ ରହିଥିବା ବେଳେ ରୋହଣ କାପୁର ଓ ଏନ୍. ସିକ୍କି ରେଡ୍ଡୀ ୩୩ତମ ସ୍ଥାନରେ ଅଛନ୍ତି।






# 'ଦକ୍ଷତାକୁ ପରଖି ପରିଶ୍ରମ କଲେ ସଫଳତା ମିଳିଥାଏ'

**"ବାପା କହୁଥିଲେ ମୁଁ କ୍ୟାଣ୍ଟିନ ଚଳାଇ ତୁମମାନଙ୍କୁ ପୋଷିବି। ତୁ ରାଜ୍ୟ ଓ ଦେଶ ପାଇଁ ଯେଉଁଦିନ ଖେଳିବୁ ସେ ଦିନ ମୋ ସ୍ୱପ୍ନ ପୂରଣ ହେବ। ବାପା ଦେଖିଥିବା ସ୍ୱପ୍ନକୁ ମୁଁ ସାକାର କରିଛି"।**

ରାଉରକେଲା,୪।୭

(ଦିନେଶ ମିଶ୍ର)

"ବାପା କହୁଥିଲେ ମୁଁ କ୍ୟାଣ୍ଟିନ ଚଳାଇ ତୁମମାନଙ୍କୁ ପୋଷିବି । ତୁ ରାଜ୍ୟ ଓ ଦେଶ ପାଇଁ ଯେଉଁ ଦିନ ଖେଳିବୁ ସେ ଦିନ ମୋ ସ୍ୱପ୍ନ ପୂରଣ ହେବ। ବାପା ଦେଖିଥିବା ସ୍ୱପ୍ନକୁ ମୁଁ ସାକାର କରିଛି" ବୋଲି କହିଛନ୍ତି ହରିୟାଣା ଦଳର ଫରୱାର୍ଡ ଖେଳାଳି ସାକ୍ଷୀ ରାଣା। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ହରିୟାଣା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି ସାକ୍ଷୀ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ୪-୨ ଗୋଲରେ ହରାଇ ହରିୟାଣା ସେମିଫାଇନାଲରେ ପ୍ରବେଶ କରିଛି। ସାକ୍ଷୀ ମଧ୍ୟ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ମୋଟ ୯ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ କରିଥିବା ଖେଳାଳିଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ରହିଛନ୍ତି।

ହରିୟାଣାର ସୋନେପତରେ ସାକ୍ଷୀଙ୍କ ଜନ୍ମ। ତାଙ୍କ ବାପା ସତ୍‌ପାଲ ସିଂ ସୋନେପତରେ ଏକ ଛୋଟିଆ କ୍ୟାଣ୍ଟିନ କରି ସେଥିରେ ପରିବାର ଭରଣପୋଷଣ କରନ୍ତି। ମା' ରାଜକୁମାରୀ ଜଣେ ଗୃହିଣୀ। ସାକ୍ଷୀ ୧୧ ବର୍ଷର ହୋଇଥିବାବେଳେ ବଡ ଭାଇ ରୋହିତ ସିଂଙ୍କ ସହ ଘର ପାଖ ପଡିଆକୁ ହକି ଖେଳିବାକୁ ଯାଉଥିଲେ। ଝିଅର ହକି ଖେଳିବାର ପ୍ରବଳ ଇଚ୍ଛାକୁ ଦେଖି ବାପା ସତ୍‌ପାଲ ପ୍ରୀତମ୍ ସିୱାଚ ହକି ସୋନେପତ ଏକାଡେମୀରେ ହକି ଖେଳିବାକୁ ଝିଅକୁ ଛାଡିଥିଲେ। ସେଠାରେ ସାକ୍ଷୀ କୋଚ୍ ପ୍ରୀତମ୍ ସିୱାଚଙ୍କ ପାଖରୁ ତାଲିମ ନେଇ ହକିର ବିଭିନ୍ନ କୌଶଳ ଶିଖିଥିଲେ। ଉକ୍ତ ଏକାଡେମୀରେ ଦୀର୍ଘ ୬ ବର୍ଷ ତାଲିମ ନେବା ପରେ ହରିୟାଣା ଜିଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସାକ୍ଷୀ ଚଳିତ ବର୍ଷ ରାଜ୍ୟ ଦଳରେ ଖେଳିବାକୁ ସୁଯୋଗ ପାଇଥିଲେ। କେବଳ ସେତିକି ନୁହେଁ ସୁଯୋଗର ଭରପୂର ସଦୁପଯୋଗ କରିଛନ୍ତି ସାକ୍ଷୀ। ହରିୟାଣାକୁ ସେମିଫାଇନାଲରେ ପହଞ୍ଚାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହାକୁ ସ୍ୱୀକାର କରିଛନ୍ତି ହରିୟାଣା କୋଚ୍ ଆଜାଦ ସିଂ ମଲିକ। ନିଜ ସମ୍ପର୍କରେ ସାକ୍ଷୀ କହିଛନ୍ତି ଯେ, "ମୁଁ ବର୍ତ୍ତମାନ ଲିଟିଲ ଆଞ୍ଜେଲ ସୋନେପତ ଲୋକାଲ ଏକାଡେମୀ ସ୍କୁଲରେ ଯୁକ୍ତ୨ର ଛାତ୍ରୀ। ପାଠପଢ଼ା ସଙ୍ଗେ ସଙ୍ଗେ ଯଦି ଜଣେ ବିଦ୍ୟାର୍ଥୀ ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠିନ ପରିଶ୍ରମ କରିବ ତେବେ ସୁନିଶ୍ଚିତ ସଫଳତା ପାଇବ। ଆମ ଦଳ ଜାତୀୟ ଜୁନିୟର ମହିଳା ହକିର ସେମିଫାଇନାଲରେ ପ୍ରବେଶ କରିଥିବାରୁ ମୁଁ ବହୁତ ଖୁସି । ଆଗାମୀ ଦିନରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ବିଶ୍ୱକପ ଜିତିବା ମୋର ଲକ୍ଷ୍ୟ। ଏଥିପାଇଁ ମୋର ସଂଘର୍ଷ ଜାରି ରହିବ"।



ସାକ୍ଷୀ ରାଣା

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ